ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଜାନୁଆରୀ ୧୭/୨୦୨୪ (୨୦ ପୃଷ୍ଠା)
Bhubaneswar, Wednesday, January 17/2024 Page 20 ₹ 7.00
୫୦ଶ ଭାଗ ୫୫ ସଂଖ୍ୟା
www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 55 ମୂଲ୍ୟ ₹୭/-





# ଅଯୋଧ୍ୟା

## ଏକ ନୂଆ ଇତିହାସର ରଚନା





ଉତ୍ତରପ୍ରଦେଶର ଡବଲ ଇଞ୍ଜିନ ସରକାର ଅଯୋଧ୍ୟାକୁ ବିଶ୍ୱ ମାନଚିତ୍ରରେ ଏକ ପ୍ରମୁଖ ଆଧ୍ୟାତ୍ମିକ ଓ ସାଂସ୍କୃତିକ କେନ୍ଦ୍ର ଭାବରେ ପ୍ରତିଷ୍ଠିତ କରିବା ପାଇଁ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରୁଛନ୍ତି । ବର୍ତ୍ତମାନ ସହରରେ ₹୩୧,୦୦୦ କୋଟି ବ୍ୟୟରେ ୧୭୮ଟି ପ୍ରକଳ୍ପ ପ୍ରଦାନ କରାଯାଇଛି । ଆଗାମୀ ୧୦ ବର୍ଷ ମଧ୍ୟରେ ମାଷ୍ଟରପ୍ଲାନ୍ ୨୦୩୧ ଅନ୍ତର୍ଗତ ₹୮୫୦୦୦ କୋଟିର ବିକାଶମୂଳକ ପ୍ରକଳ୍ପ ରହିଛି ଯାହାକି ପୁନଶ୍ଚ ଭିତ୍ତିଭୂମିକୁ ଦୃଢ଼ୀଭୂତ କରିବ । ଏହି ଆତ୍ମନିର୍ଭର ଭାରତର ଲକ୍ଷ୍ୟକୁ ଧ୍ୟାନରେ ରଖି ଆଗାମୀ ଦିନରେ ଅଯୋଧ୍ୟାରେ ₹୧.୫୪ କୋଟିର ନିବେଶ ସହିତ ପ୍ରାୟ ୧.୩ ଲକ୍ଷ ନିଯୁକ୍ତି ସୃଷ୍ଟି ହେବ । ଏଥିପାଇଁ ୟୁପିଜିଆଇଏସ୍ ସହିତ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି । ଅବଧପୁରୀ, ଯାହାକି ସପ୍ତପୁରୀ ମଧ୍ୟରେ ସର୍ବୋତ୍ତମ, ଏହା ବିକାଶର ଏକ ନୂତନ ମଡେଲ ଭାବରେ ସ୍ଥାପିତ ହେଉଛି ।

'ଧର୍ମନଗରୀ' ଅଯୋଧ୍ୟାର ସାମଗ୍ରିକ ବିକାଶ ହେଉଛି ସରକାରଙ୍କ ଏକ ପ୍ରମୁଖ ପଦକ୍ଷେପ ଯାହାକୁ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ଗ୍ରହଣ କରାଯାଉଛି । ସାରା ଦେଶବାସୀ ଓ ବିଶ୍ୱ ଏହି ଦିବ୍ୟ, ଭବ୍ୟ ଓ ନବ୍ୟ ଅଯୋଧ୍ୟାକୁ ଦେଖିବା ପାଇଁ ଚାହିଁ ରହିଛି । ଆମକୁ ଏହା ସୁନିଶ୍ଚିତ କରିବାକୁ ହେବ ଯେ ଅଯୋଧ୍ୟା ଆସୁଥିବା ପ୍ରତ୍ୟେକ ଯାତ୍ରୀ, ପର୍ଯ୍ୟଟକ ଯେପରି ଆନନ୍ଦ ଓ ସନ୍ତୋଷର ଭାବନା ନେଇ ଫେରିବେ ।

**ଯୋଗୀ ଆଦିତ୍ୟନାଥ**, ମୁଖ୍ୟମନ୍ତ୍ରୀ ଉତ୍ତରପ୍ରଦେଶ

ଅଯୋଧ୍ୟାର ଆମର ସର୍ବୋଚ୍ଚ ପରମ୍ପରା ଓ ବିକାଶମୂଳକ କାର୍ଯ୍ୟକୁ ସ୍ଥାପିତ କରାଯିବ । ଏଠାରେ ଆଧୁନିକ ଭିତ୍ତିଭୂମି ସହିତ ମାନବିକ ମୂଲ୍ୟବୋଧକୁ ସାମିଲ୍ କରାଯିବ ଯାହାକି ପର୍ଯ୍ୟଟକ, ତୀର୍ଥଯାତ୍ରୀ ସଭିଙ୍କ ପାଇଁ ଲାଭଦାୟକ ହେବ । ଆଗାମୀ ପିଢ଼ି ଜୀବନରେ ଅତି କମ୍‌ରେ ଥରେ ନିଶ୍ଚିତ ଭାବରେ ଅଯୋଧ୍ୟାକୁ ଆସିବା ପାଇଁ ଇଚ୍ଛା କରିବେ । ଆମେ ମିଳିତ ଭାବରେ ଅଯୋଧ୍ୟାର ସାଂସ୍କୃତିକ ଐତିହ୍ୟକୁ ବଜାୟ ରଖି ଏହାକୁ ଏକ ପ୍ରମୁଖ ସ୍ଥାନ ଭାବରେ ପରିଣତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ।

**ନରେନ୍ଦ୍ର ମୋଦି**, ପ୍ରଧାନମନ୍ତ୍ରୀ

## ଐତିହାସିକ ପଦକ୍ଷେପ

- ଅଯୋଧ୍ୟା ମ୍ୟୁନିସିପାଲ୍ କର୍ପୋରେସନର ଗଠନ
- ଅଯୋଧ୍ୟା ବାଇପାସରେ ବିଶାଳ ବସ୍ ଷ୍ଟେଶନର ନିର୍ମାଣ
- ରାଜର୍ଷି ଦଶରଥ ଅଟୋନୋମସ୍ ଷ୍ଟେଟ୍ ମେଡିକାଲ କଲେଜର ନିର୍ମାଣ
- ଭଜନ ସନ୍ଧ୍ୟା ସ୍ଥଳ, ମ୍ୟୁଜିୟମ, ଶ୍ରୀରାମ ପ୍ରତିମୂର୍ତ୍ତିର ନିର୍ମାଣ
- ଅଯୋଧ୍ୟାକୁ ସ୍ମାର୍ଟ ସିଟି ଭାବରେ ବିକାଶ
- ମହର୍ଷି ବାଲ୍ମୀକି ଅନ୍ତର୍ଜାତୀୟ ଏୟାରପୋର୍ଟ
- ଅଯୋଧ୍ୟା ଚାରିପାଖରେ ୪ ଲେନ୍‌ରେ ଅନେକ ରୋଡ୍‌ର ନିର୍ମାଣ ଓ ସୌନ୍ଦର୍ଯ୍ୟକରଣ
- ଶ୍ରୀରାମ ମନ୍ଦିର ମାର୍ଗର ପ୍ରଶସ୍ତିକରଣ ଓ ସୌନ୍ଦର୍ଯ୍ୟକରଣ
- ଧର୍ମପଥ ସହିତ ଅନ୍ୟ ମାର୍ଗର ସମ୍ପ୍ରସାରଣ
- ମହର୍ଷି ମହେଶ ଯୋଗୀ ରାମାୟଣ ୟୁନିଭର୍ସିଟିର ପ୍ରତିଷ୍ଠା
- ଉତ୍ତରପ୍ରଦେଶ ଶ୍ରୀ ଅଯୋଧ୍ୟା ଜୀ ତୀର୍ଥ ବିକାଶ ପରିଷଦ
- ଇଣ୍ଡିଆନ ଟେମ୍ପଲ୍ ଆର୍କିଟେକ୍‌ଚର ମ୍ୟୁଜିୟମର ପ୍ରତିଷ୍ଠା
- ଅନ୍ତର୍ଜାତୀୟ ରାମାୟଣ ଓ ବୈଦିକ ଗବେଷଣା ଅନୁଷ୍ଠାନ
- ମଡେଲ୍ ସୋଲାର୍ ସିଟିର ବିକାଶ
- ଅଯୋଧ୍ୟାରେ ଆୟୋଜିତ ସମସ୍ତ ମେଳାକୁ ରାଜ୍ୟ ମାନ୍ୟତା

### ଶୁଭାରମ୍ଭ ହୋଇସାରିଥିବା ପ୍ରକଳ୍ପ

- ₹୧୪୬୩ କୋଟି ବ୍ୟୟରେ ମହର୍ଷି ବାଲ୍ମୀକି ଅନ୍ତର୍ଜାତୀୟ ବିମାନବନ୍ଦର ଅଯୋଧ୍ୟାଧାମ
- ₹୧୯୧୯ କୋଟି ବ୍ୟୟରେ ଜଉନପୁର-ଅଯୋଧ୍ୟା-ବାରବାଙ୍କୀ ରେଳ ଲାଇନ୍ ଅନ୍ତର୍ଗତ ୪ଟି ସେକ୍ସନର ଦୋହରୀକରଣ
- ₹୮୪୫ କୋଟି ବ୍ୟୟରେ ରାମ ପଥ (ସାହାଦତଗଞ୍ଜରୁ ନୟା ଘାଟ)ର ନିର୍ମାଣ
- ₹୨୪୧ କୋଟି ବ୍ୟୟରେ ଅଯୋଧ୍ୟା ଧାମ ଜଙ୍କସନର ରେଲୱେ ଷ୍ଟେଶନର ଆଧୁନିକୀକରଣ
- ₹୧୬୭ କୋଟି ବ୍ୟୟରେ ଓଭରହେଡ୍ ପାୱାରଲାଇନ୍‌ର ଭୂତଳ କାର୍ଯ୍ୟ
- ₹୭୫ କୋଟି ବ୍ୟୟରେ ବଡ଼ି ବୁଆ ରେଲ୍‌ୱେ କ୍ରସିଂଠାରେ ରେଳ ଓଭରବ୍ରିଜ୍‌ର ନିର୍ମାଣ
- ₹୬୮ କୋଟି ବ୍ୟୟରେ ଭକ୍ତି ପଥ (ଅଯୋଧ୍ୟା ମେନ୍ ରୋଡ୍‌ରୁ ଶ୍ରୀରାମ ଜନ୍ମଭୂମି ଭାୟା ହନୁମାନ ଗଢ଼ି)ର ନିର୍ମାଣ
- ₹୬୭ କୋଟି ବ୍ୟୟରେ ମହର୍ଷି ଅରୁନ୍ଧତୀ ପାର୍କିଂ ଓ କମର୍ସିଆଲ୍ କମ୍ପ୍ଲେକ୍ସ (ପୂର୍ବ ଓ ପଶ୍ଚିମ)
- ₹୬୫ କୋଟି ବ୍ୟୟରେ ଧର୍ମ ପଥ (ଏନ୍‌ଏଚ୍-୨୭ରୁ ନୟା ଘାଟ ପୁରୁଣା ବ୍ରିଜ୍)ର ନିର୍ମାଣ
- ₹୪୫ କୋଟି ବ୍ୟୟରେ ଏନ୍‌ଏଚ୍-୨୭ ବାଇବାସ୍ ମହୋବ୍ରା ବଜାରଠାରୁ ଶ୍ରୀରାମ ଜନ୍ମଭୂମି ଭାୟା ଟେଢ଼ି ବଜାର ଦେଇ ୪ ଲେନ୍ ରାସ୍ତାର ନିର୍ମାଣ
- ₹୪୧ କୋଟି ବ୍ୟୟରେ ଶ୍ରୀରାମ ଜନ୍ମଭୂମି ପଥ (ସୁଗ୍ରୀବ ଫୋର୍ଟରୁ ଶ୍ରୀରାମ ଜନ୍ମଭୂମି)ର ନିର୍ମାଣ
- ₹୩୭ କୋଟି ବ୍ୟୟରେ କଲେକ୍ଟୋରେଟ୍ ପରିସରରେ ଲକ୍ଷ୍ମଣ କୁଞ୍ଜ ସ୍ମାର୍ଟ ଭେହିକଲ୍ ପାର୍କିଂର ନିର୍ମାଣ
- ₹୩୪ କୋଟି ବ୍ୟୟରେ ପୋଲିସ କର୍ମଚାରୀଙ୍କ ପାଇଁ ଟ୍ରାଞ୍ଜିଟ୍ ହଷ୍ଟେଲ୍
- ₹୨୦ କୋଟି ବ୍ୟୟରେ ଅଯୋଧ୍ୟା-ସୁଲତାନପୁର ଏନ୍‌ଏଚ୍-୩୩୦ରୁ ଏୟାରପୋର୍ଟ ପର୍ଯ୍ୟନ୍ତ ୪ ଲେନ୍ ରାସ୍ତାର ନିର୍ମାଣ
- ₹୧୭ କୋଟି ବ୍ୟୟରେ ସୋହାୱାଲ୍ ଏରିଆରେ ପିସୱାରାଉଲି ଗ୍ରାମସଭାଠାରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟର ନିର୍ମାଣ
- ₹୧୭ କୋଟି ବ୍ୟୟରେ ଅମନିଗଞ୍ଜଠାରେ ମଲ୍ଟି-ଲେଭଲ୍ ପାର୍କିଂ ଓ କମର୍ସିଆଲ୍ କମ୍ପ୍ଲେକ୍ସ

## ରୂପାନ୍ତରଣର ୮ଟି ଅବଧାରଣା





୮ଟି ପ୍ରମୁଖ ଅବଧାରଣାକୁ ଆଧାର କରି ସହରରେ ବିକାଶମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି, ଯାହାଦ୍ୱାରା ଏଠାରେ ଅତୁଳନୀୟ ସମୃଦ୍ଧି ହେବା ସହିତ ଏକ ଉଲ୍ଲେଖନୀୟ ସହରରେ ପରିଣତ ହେବ ।

### ସାଂସ୍କୃତିକ ଅଯୋଧ୍ୟା

ଏହାର ଉଦ୍ଦେଶ୍ୟ ହେଉଛି ଅଯୋଧ୍ୟାକୁ ଭାରତର ସାଂସ୍କୃତିକ ରାଜଧାନୀରେ ପରିଣତ କରିବା । ଏହି ପଦକ୍ଷେପଗୁଡ଼ିକ ମଧ୍ୟରେ ରହିଛି ଆକର୍ଷଣୀୟ ମନ୍ଦିର, ମୋନାଷ୍ଟେରିଜ୍ ଓ ଆଶ୍ରମର ନିର୍ମାଣ, ଗ୍ରାଣ୍ଡ ସିଟି ଗେଟ୍‌ର ନିର୍ମାଣ ଏବଂ ପ୍ରକଳ୍ପର କାର୍ଯ୍ୟକାରୀ ଯଥା ମନ୍ଦିର ମ୍ୟୁଜିୟମ ଯାହାକି କୌଶଳଗତ ପ୍ଲାନ ସହିତ ସମନ୍ୱିତ ହୋଇଛି ।

### ସକ୍ଷମ ଅଯୋଧ୍ୟା

ସକ୍ଷମ ଅଯୋଧ୍ୟା ବିଷୟ ଅନ୍ତର୍ଗତ, ଅଯୋଧ୍ୟାକୁ ଏକ ସମ୍ପୂର୍ଣ୍ଣ ନିର୍ଭରଶୀଳ ସହରରେ ବିକଶିତ କରିବା ପାଇଁ ଚେଷ୍ଟା କରାଯାଉଛି । ଏହାର ଉଦ୍ଦେଶ୍ୟ ହେଉଛି ବିଭିନ୍ନ ମାଧ୍ୟମରେ ଉଲ୍ଲେଖନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଯେଉଁଥିରେ ରହିଛି ଦୈନିକ ନିଯୁକ୍ତି, ପର୍ଯ୍ୟଟନ ତଥା ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟ ।



### ସୁରମ୍ୟ ଅଯୋଧ୍ୟା

ଏଥିରେ ଅନ୍ତର୍ଭୁକ୍ତ ରହିଛି ଅନେକ ଗୁଡିଏ ପୋଖରୀ, ହ୍ରଦ, ପୁରାତନ ଜଳାଶୟର ସୌନ୍ଦର୍ଯ୍ୟକରଣ, ପୁରୁଣା ବଗିଚାର ବିକାଶ, ନୂତନର ପ୍ରତିଷ୍ଠା ଓ ହେରିଟେଜ୍ ଲାଇଟିଂ ସିଷ୍ଟମ ମାଧ୍ୟମରେ ସହରର ସୌନ୍ଦର୍ଯ୍ୟ ବୃଦ୍ଧି ଯେଉଁଥିରେ ତାରର ସମସ୍ୟା ରହିବ ନାହିଁ । ସଡକର ଆଲୋକୀକରଣ ସହିତ ବାହ୍ୟ ଆଲୋକ ବ୍ୟବସ୍ଥା ସହିତ ଅଯୋଧ୍ୟାର ବିକାଶ କରାଯାଉଛି ।

### ଭାବନାତ୍ମକ ଅଯୋଧ୍ୟା

ଭାବନାତ୍ମକ ଅଯୋଧ୍ୟାର ବିବେଚନା କରି, ସନାତନୀ ସମ୍ପ୍ରଦାୟଙ୍କର ଅଯୋଧ୍ୟା ତଥା ପ୍ରଭୁ ଶ୍ରୀରାମଙ୍କ ସହିତ ଏକ ଆବେଗିକ ସମ୍ପର୍କ ରହିଛି । ଏହି ଉଦ୍ଦେଶ୍ୟ ସହିତ, ସାଂସ୍କୃତିକ ବିଷୟକୁ ସହରର କାନ୍ଥ, ରାସ୍ତା ପାର୍ଶ୍ୱ ଓ ଛକରେ ସ୍ଥାନିତ କରାଯାଉଛି ।

### ଆଧୁନିକ ଅଯୋଧ୍ୟା

ଆଧୁନିକ ଅଯୋଧ୍ୟା ସ୍ଥାପନ କରିବା ପାଇଁ ଏହି ପବିତ୍ର ସହରରେ ଆଧୁନିକୀକରଣ କାର୍ଯ୍ୟ କରାଯାଉଛି, ଏହା ସହିତ ଅନେକ ଗୁଡିଏ ବ୍ୟବସ୍ଥା କରାଯାଉଛି । ପଦକ୍ଷେପ ଯଥା ସ୍ମାର୍ଟ ସିଟି, ସେଫ୍ ସିଟି, ସୋଲାର ସିଟି ଓ ଗ୍ରୀନଫିଲ୍‌ଡ ଟାଉନ୍‌ସିପ୍‌କୁ ଅଯୋଧ୍ୟାରେ ଆଧୁନିକୀକରଣ ପ୍ରଚେଷ୍ଟା ସ୍ୱରୂପ କରାଯାଉଛି ।

### ସୁଗମ୍ୟ ଅଯୋଧ୍ୟା

ସୁଗମ୍ୟ ଅଯୋଧ୍ୟାର ଅନୁପାଳନ ସହିତ, ଅନ୍ତର୍ଜାତୀୟ ବିମାନ ବନ୍ଦର, ଅଯୋଧ୍ୟା ଧାମ ଜଙ୍କସନ ରେଲୱେ ଷ୍ଟେସନ, ସହର ମଧ୍ୟରେ ତଥା ନିକଟବର୍ତ୍ତୀ ଜିଲ୍ଲାକୁ ୪ ଲେନ୍ ରାସ୍ତାର ବିକାଶ, ସରଯୁ ଓ ଇନଲ୍ୟାଣ୍ଡ ଜଳମାର୍ଗର ସଂଯୋଗ, ସରକାର ଅଯୋଧ୍ୟାକୁ ଯୋଗାଯୋଗ କ୍ଷେତ୍ରରେ ଉନ୍ନତ କରିବା ପାଇଁ କ୍ରମାଗତ ଭାବରେ କାର୍ଯ୍ୟ କରୁଛନ୍ତି ।



### ସ୍ୱଚ୍ଛ ଅଯୋଧ୍ୟା

ନାମ ସୂଚାଉଥିବା ଭଳି, ସ୍ୱଚ୍ଛ ଅଯୋଧ୍ୟା ବ୍ୟାପକ ପ୍ରଚେଷ୍ଟା କାର୍ଯ୍ୟକାରୀ ହେଉଛି ଯେଉଁଥିରେ ସଫେଇ ପଦକ୍ଷେପକୁ ସାମିଲ୍ କରାଯାଇଛି ଓ ଏହା ସହିତ ସହରରେ ଡ୍ରେନେଜ୍ ଓ ସିୱର ସିଷ୍ଟମର ଉନ୍ନତୀକରଣ କରାଯାଉଛି । ମୁଖ୍ୟମନ୍ତ୍ରୀ ଅଯୋଧ୍ୟାକୁ ପର୍ଯ୍ୟଟନ ଓ ଧାର୍ମିକ ବିଶ୍ୱାସର ଏକ ପ୍ରମୁଖ କେନ୍ଦ୍ର ତଥା ଦେଶର ସ୍ୱଚ୍ଛ ସହର କରିବା ଦିଗରେ ପ୍ରତିଶ୍ରୁତିବଦ୍ଧ ।

### ଆୟୁଷ୍ମାନ ଅଯୋଧ୍ୟା

ଆୟୁଷ୍ମାନ ଅଯୋଧ୍ୟା ଅବଧାରଣା ଅନ୍ତର୍ଗତ, ଅଯୋଧ୍ୟାର ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ବ୍ୟାପକ ପରିବର୍ତ୍ତନ କରାଯାଇଛି ଓ ରୋଗୀଙ୍କୁ ଉଚ୍ଚମାନର ଓ ସୁବିଧାଜନକ ଡାକ୍ତରୀ ସୁବିଧା ପ୍ରଦାନ କରିବା ସୁନିଶ୍ଚିତ କରାଯାଉଛି । ରାଜର୍ଷି ଦଶରଥ ଅଟୋନୋମସ୍ ଷ୍ଟେଟ୍ ମେଡିକାଲ କଲେଜ୍ କେବଳ ଡାକ୍ତରୀ ସେବା ପ୍ରଦାନ କରେ ନାହିଁ ବରଂ ଏହା ସହିତ ଜରୁରୀକାଳୀନ ଡାକ୍ତରୀ ସେବା କ୍ଷେତ୍ରରେ ବ୍ୟାପକ ଗବେଷଣା କାର୍ଯ୍ୟ କରାଯାଉଛି ।

### ନିର୍ମାଣାଧୀନ ପ୍ରକଳ୍ପ

- ₹୨୧୮୨ କୋଟି ବ୍ୟୟରେ ଗ୍ରୀନ୍‌ଫିଲ୍ଡ ଟାଉନଶିପ୍ ପ୍ରକଳ୍ପ
- ₹୩୦୦ କୋଟି ବ୍ୟୟରେ ବଶିଷ୍ଠ କୁଞ୍ଜ ଆବାସିକ ପ୍ରକଳ୍ପ
- ₹୨୯୭ କୋଟି ବ୍ୟୟରେ ଏନ୍‌ଏଚ୍-୨୭ରେ ଲକ୍ଷ୍ନୌ-ଅଯୋଧ୍ୟା ସେକ୍ସନରେ ଇପିସି ମୋଡ୍‌ରେ ୮.୦୦୦ କିମିରୁ ୧୨୧.୬୦୦ କିମି ପର୍ଯ୍ୟନ୍ତ ପ୍ରଶସ୍ତୀକରଣ ଓ ଦୃଢ଼ୀକରଣ
- ₹୨୧୮ କୋଟି ବ୍ୟୟରେ ଏନ୍‌ଏଚ୍-୨୭ରେ ଅଯୋଧ୍ୟା ବାଇପାସ୍‌ରେ ଇପିସି ମୋଡ୍‌ରେ ୧୨୧.୬୦୦ କିମିରୁ ୧୪୪.୦୨୦ କିମି ପର୍ଯ୍ୟନ୍ତ ପ୍ରଶସ୍ତୀକରଣ ଓ ଦୃଢ଼ୀକରଣ
- ₹୧୨୦ କୋଟି ବ୍ୟୟରେ ଅଯୋଧ୍ୟା ମ୍ୟୁନିସିପାଲ କର୍ପୋରେଶନ୍ ଓ ଅଯୋଧ୍ୟା ଡେଭଲପମେଣ୍ଟ ଅଥୋରିଟି ଅଫିସ୍ ବିଲ୍‌ଡିଂର ବିକାଶ
- ₹୪୦ କୋଟି ବ୍ୟୟରେ ସେଣ୍ଟ୍ରାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପେଟ୍ରୋକେମିକାଲ୍ସ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ସିପେଟ)ର ନିର୍ମାଣ
- ₹୨୮ କୋଟି ବ୍ୟୟରେ ଉତ୍ରାଉଲା-ଫୈଜାବାଦ-ଆଲ୍ଲାହାବାଦ ରାସ୍ତାର ପ୍ରଶସ୍ତୀକରଣ ଓ ଦୃଢ଼ୀକରଣ
- ₹୨୭ କୋଟି ବ୍ୟୟରେ ଗୌନାହି-ଦେଓଧି ରାସ୍ତାର ପ୍ରଶସ୍ତୀକରଣ ଓ ଦୃଢ଼ୀକରଣ
- ₹୨୪ କୋଟି ବ୍ୟୟରେ ଗୁପ୍ତର ଘାଟ ଓ ରାଜ ଘାଟ ମଧ୍ୟରେ ନୂତନ କଂକ୍ରିଟ୍ ଘାଟ ଓ ପ୍ରି-ବିଲ୍ଟ ଘାଟର ଆଧୁନିକୀକରଣ
- ₹୨୩ କୋଟି ବ୍ୟୟରେ ନୟା ଘାଟରୁ ଲକ୍ଷ୍ମଣ ଘାଟ ପର୍ଯ୍ୟନ୍ତ ପର୍ଯ୍ୟଟନ ସୁବିଧାର ବିକାଶ ଓ ସୌନ୍ଦର୍ଯ୍ୟକରଣ
- ₹୨୩ କୋଟି ବ୍ୟୟରେ ରାମ କି ପୈଡି ଠାରେ ପରିଦର୍ଶକ ଗ୍ୟାଲେରିର ନିର୍ମାଣ ।
- ₹୨୩ କୋଟି ବ୍ୟୟରେ ରାମ କି ପୈଡିଠାରୁ ରାଜଘାଟ, ରାଜଘାଟଠାରୁ ଶ୍ରୀରାମ ଜନ୍ମଭୂମି ମନ୍ଦିର ପର୍ଯ୍ୟନ୍ତ ତୀର୍ଥଯାତ୍ରୀ ପଥର ଦୃଢ଼ୀକରଣ ଓ ନବୀକରଣ
- ₹୨୦ କୋଟି ବ୍ୟୟରେ ଅଯୋଧ୍ୟା ଧାମ ଜଙ୍କସନ୍ ରେଳ ଷ୍ଟେଶନରୁ ରାମ ପଥ ପର୍ଯ୍ୟନ୍ତ ସ୍ମାର୍ଟ ରୋଡ୍ (କ୍ଷୀର ସାଗର ପଥ)ର ନିର୍ମାଣ
- ₹୨୦ କୋଟି ବ୍ୟୟରେ ଅଯୋଧ୍ୟା-ଲକ୍ଷ୍ନୌ ରୋଡ୍‌ରେ ଗେଟ୍ କମ୍ପ୍ଲେକ୍ସର ନିର୍ମାଣ
- ₹୨୦ କୋଟି ବ୍ୟୟରେ ଅଯୋଧ୍ୟା-ଆମ୍ବେଦକରନଗର ରୋଡ୍‌ରେ ଗେଟ୍ କମ୍ପ୍ଲେକ୍ସର ନିର୍ମାଣ
- ₹୨୦ କୋଟି ବ୍ୟୟରେ ଅଯୋଧ୍ୟା-ରାଏବରେଲି ରୋଡ୍‌ରେ ଗେଟ୍ କମ୍ପ୍ଲେକ୍ସର ନିର୍ମାଣ
- ₹୧୮ କୋଟି ବ୍ୟୟରେ ନାକା ହାଇୱେରୁ ନାକା ଚୁଙ୍ଗି ପର୍ଯ୍ୟନ୍ତ ରାଏବରେଲି-ଅଯୋଧ୍ୟା ରୋଡ୍‌ର ୪ ଲେନ୍ ସହିତ ପ୍ରଶସ୍ତୀକରଣ ଓ ଦୃଢ଼ୀକରଣ
- ₹୧୭ କୋଟି ବ୍ୟୟରେ ଅୱଧ ଆଗମନ ପଥ (କ୍ଷୀର ସାଗର ପଥରୁ ରାମ ପଥ)ର ନିର୍ମାଣ
- ₹୧୭ କୋଟି ବ୍ୟୟରେ ଗୁପ୍ତର ଘାଟର ସୌନ୍ଦର୍ଯ୍ୟକରଣ (ତୃତୀୟ ପର୍ଯ୍ୟାୟ)
- ₹୧୫ କୋଟି ବ୍ୟୟରେ ୪ଟି ଐତିହାସିକ ପ୍ରବେଶ ପଥର ସଂରକ୍ଷଣ ଓ ସୌନ୍ଦର୍ଯ୍ୟକରଣ

# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୧୭/୨୦୨୪ | Bhubaneswar, Wednesday, January 17/2024 | ପୃଷ୍ଠା-୧







# ଆଜି ପରିକ୍ରମା ପ୍ରକଳ୍ପ ଲୋକାର୍ପଣ



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣର ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ଚଳଚଞ୍ଚଳ ଶ୍ରୀକ୍ଷେତ୍ର ।

**ଭୁବନେଶ୍ୱର/ପୁରୀ,୧୬ା୧ (ଅନିଲ ଦାସ/ ଅଜିତ୍ ମହାନ୍ତି)**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ବୁଧବାର ଅନୁଷ୍ଠିତ ହେବ। ଏଥିଲାଗି ଜଗନ୍ନାଥ ଧାମ ମନ୍ତ୍ରଧ୍ୱନିରେ ମୁଖରିତ ହେଉଛି। ବଡ଼ଦାଣ୍ଡର ଚୁତଃପାର୍ଶ୍ୱ ସଜେଇ ହେଉଛି। ମହାଯଜ୍ଞ ଚାଲିଛି, ନାମସଂକୀର୍ତ୍ତନ ସହ ଭାବଭକ୍ତିରେ ସମଗ୍ର ପରିବେଶରେ ଭରିଯାଇଛି। ପରିକ୍ରମା ପ୍ରକଳ୍ପ ପାଇଁ ଉତ୍ସବମୁଖର ହୋଇଉଠିଛି ପୁରୀ ସହର।

ଲୋକାର୍ପଣ ଉତ୍ସବ ଅବସରରେ ସୂର୍ଯ୍ୟପୂଜା, ଧରିତ୍ରୀପୂଜା, ଗୋପୂଜା, ପଞ୍ଚକର୍ମ, ବାସ୍ତୁ ଶୋଧନ, ଅଧିବାସ, ଫଳକ ପୂଜା କରାଯିବ। ଅପରାହ୍ନ ୧ଟା ୧୫ମିନିଟ୍‌ରୁ ୧ଟା ୩୦ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପରିକ୍ରମା ପ୍ରକଳ୍ପର ଫଳକ ଉନ୍ମୋଚନ କରିବା କାର୍ଯ୍ୟକ୍ରମ ରହିଛି। ଅପରାହ୍ନ ୧ଟା ୩୦ରୁ ୨ଟା ମଧ୍ୟରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଦ୍ୱାରା ଯଜ୍ଞ ପୂର୍ଣ୍ଣାହୁତି, ଆରତି ଓ ପୁଷ୍ପାଞ୍ଜଳି ପ୍ରଦାନ କରାଯିବ। ଅପରାହ୍ନ ୨ଟାରୁ ୨ଟା ୩୦ ମଧ୍ୟରେ ଅନ୍ତଃ ପ୍ରଦକ୍ଷିଣ ପଥରେ ନାମ ସଂକୀର୍ତ୍ତନ ସହ ଶୋଭାଯାତ୍ରା କରାଯିବ। ଅପରାହ୍ନ ୨ଟା ୩୦ରୁ ୩ଟା ପର୍ଯ୍ୟନ୍ତ ସଭାଗୃହରେ ସମ୍ବର୍ଦ୍ଧନା ☞ପୃଷ୍ଠା-୨

## ଘରେ ରହିବାକୁ ବାଧ କରିବାରୁ ପିଟି ମାରିଥିଲେ ବାନ୍ଧବୀ

**ହୋଟେଲ ବ୍ୟବସାୟୀଙ୍କ ହତ୍ୟା ଘଟଣା**

**ବାଲକାଟୀ,(ମନୋଜ ମଣ୍ଡଳ)/ ଭୁବନେଶ୍ୱର,୧୬ା୧ (ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଥାନା ବାଲକାଟୀ ସାଗୁଆ ଗ୍ରାମର ହୋଟେଲ ବ୍ୟବସାୟୀ ବିଶ୍ୱଜିତ୍ ନାୟକ ହତ୍ୟା ଘଟଣାର ୫ଦିନ ପରେ ମଙ୍ଗଳବାର କମିଶନରେଟ୍ ପୋଲିସ ରହସ୍ୟ ଉନ୍ମୋଚନ କରିଛି। ହତ୍ୟାକରି ଫେରାର ଥିବା ବାନ୍ଧବୀ ସୁଙ୍କି ରାଣା (୩୬)ଙ୍କୁ ପୋଲିସ ପୁରୀରୁ ଗିରଫ କରିଛି। ପୁରୀର ଏକ ଆଶ୍ରମରେ ରହୁଥିବା ସୁଙ୍କି କିଛିଦିନ ହେଲା ଏକାକୀ ରହୁଥିବା ବିଶ୍ୱଜିତ୍‌ଙ୍କ ପାଖକୁ ଆସିଥିଲେ। ହେଲେ ପୁଣି ସେହି ଆଶ୍ରମକୁ ଫେରିଯିବାକୁ ସୁଙ୍କି ଚାହୁଁଥିବାରୁ ବିଶ୍ୱଜିତ୍ ବାରଣ କରୁଥିଲେ। ଏଥିପାଇଁ ଶୁକ୍ରବାର ଉଭୟଙ୍କ ଭିତରେ ହୋଇଥିବା ଭୀଷଣ ଝଗଡ଼ା ବେଳେ ସୁଙ୍କି ଅତ୍ୟଧିକ ରାଗିଯାଇ ବିଶ୍ୱଜିତ୍‌ଙ୍କୁ କାଠ ଫାଳିଆରେ ପିଟି ହତ୍ୟା କରିଥିଲେ ବୋଲି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି। ପୋଲିସ ଟଙ୍କପାଣି ସେତୁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ଫାସ୍‌ଟାଗ୍ ପାଇଁ ପୁଣି ଦୌଡ଼

# ରାମଲାଲା: ଅନିଲ ମିଶ୍ର ମୁଖ୍ୟ କର୍ତ୍ତା





ଡ. ଅନିଲ ମିଶ୍ର

**ଅଯୋଧ୍ୟା,୧୬ା୧**

ଉତ୍ତର ପ୍ରଦେଶର ଅଯୋଧ୍ୟାସ୍ଥିତ ଅର୍ଦ୍ଧନିର୍ମିତ ରାମମନ୍ଦିରରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବରେ ହିନ୍ଦୁଧର୍ମର ୪ ଶଙ୍କରାଚାର୍ଯ୍ୟ ଯୋଗଦେବେ ନାହିଁ ବୋଲି ସ୍ପଷ୍ଟ କରିବା ପରେ ଏହି ପ୍ରସଙ୍ଗକୁ ନେଇ ବଡ଼ ବିତର୍କ ମୁଣ୍ଡ ଟେକିଛି। ଏପରି କି ଆସନ୍ତା ୨୨ରେ ହେବାକୁ ଥିବା ଉକ୍ତ ଆଧାତ୍ମିକ କାର୍ଯ୍ୟକ୍ରମର ରାଜନୀତୀକରଣ ଏବଂ ପ୍ରାଣପ୍ରତିଷ୍ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିକୁ ମଧ୍ୟ ଶଙ୍କରାଚାର୍ଯ୍ୟମାନେ ବିରୋଧ କରିଛନ୍ତି। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଏହାକୁ ନିର୍ବାଚନୀ ଲାଭ ପାଇଁ ଭାଜପାର ଏକ ରାଜନୈତିକ ଇଭେଣ୍ଟ ଦର୍ଶାଇ ଉତ୍ସବକୁ ବର୍ଜନ କରିଛନ୍ତି। ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀଙ୍କ ପରିବର୍ତ୍ତେ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ଜଣେ ସଦସ୍ୟ ଡ. ଅନିଲ ମିଶ୍ର ଓ ତାଙ୍କ ସ୍ତ୍ରୀ ଉଷା ମିଶ୍ରାଙ୍କୁ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଅନୁଷ୍ଠାନରେ ମୁଖ୍ୟ ଜଜମାନ (କର୍ତ୍ତା) କରାଯାଇଛି। ମୋଦି କେବଳ ପ୍ରତୀକାତ୍ମକ ଯଜମାନ ବା ନାମମାତ୍ର କର୍ତ୍ତା ଭୂମିକାରେ ରହିବେ ବୋଲି ରାମମନ୍ଦିର ମୁଖ୍ୟ ପୂଜକ ସତ୍ୟେନ୍ଦ୍ର ଦାସ ସୂଚନା ଦେଇଛନ୍ତି।

ଭାରତୀୟ ଜନତା ପାର୍ଟି (ଭାଜପା) ଆଗାମୀ ଲୋକ ସଭା ନିର୍ବାଚନ ପୂର୍ବରୁ ରାମମନ୍ଦିରକୁ ଏକ ବଡ଼ ପ୍ରସଙ୍ଗ କରିବାକୁ ଚାହୁଁଛି। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ସମ୍ମୁଖରେ ରଖି ପ୍ରଶଂସା ସାଉଁଟିବା ଲାଗି ଶାସକ ଦଳ ଅନେକ ଯୋଜନା କରିଥିଲା। ଯୋଜନା ମୁତାବକ ସବୁକିଛି ଚାଲିଥିବାବେଳେ ପ୍ରାୟ ୧୫ ଦିନ ତଳେ ପୁରୀ ଗୋବର୍ଦ୍ଧନ ପୀଠ ଶଙ୍କଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ତେବେ ୪ ଜଣ ଯାକ ଶଙ୍କରାଚାର୍ଯ୍ୟ ପ୍ରାଣପ୍ରତିଷ୍ଠାକୁ ଯିବେ ନାହିଁ ବୋଲି ଗତ ୧୧ ତାରିଖରେ ଜ୍ୟୋତିର୍ମଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ ଏକ ଭିଡିଓ ☞ପୃଷ୍ଠା-୨

# ଜଳବାୟୁ ପରିବର୍ତ୍ତନ: ପକ୍ଷୀ ଆଗମନ ପ୍ରଭାବିତ

**ପ୍ରଚୁର ପରିମାଣର ଖାଦ୍ୟ ସହ ଅନୁକୂଳ ପରିବେଶ ଯୋଗୁ ଚିଲିକା, ସାତକୋଶିଆ, ଭିତରକନିକା, ହୀରାକୁଦ, ଅଂଶୁପା, ଅରାଚଣ୍ଡୀ ଆଦି ଆର୍ଦ୍ରଭୂମି ଅଞ୍ଚଳରେ ଶୀତ ଋତୁରେ ବିଦେଶୀ ପକ୍ଷୀଙ୍କ ଅଧିକ ସମାଗମ ହୋଇଥାଏ। ତେବେ ଚଳିତ ଋତୁରେ ଅଧିକାଂଶ ସ୍ଥାନରେ ଏହି ଅତିଥି ପକ୍ଷୀଙ୍କ ସଂଖ୍ୟାରେ ହ୍ରାସ ଘଟିବା ପକ୍ଷୀପ୍ରେମୀ ଓ ପରିବେଶବିତ୍‌ଙ୍କୁ ଚିନ୍ତାରେ ପକାଇଥିବାବେଳେ ପର୍ଯ୍ୟଟକଙ୍କୁ ନିରାଶ କରିଛି। ଜଳବାୟୁ ପରିବର୍ତ୍ତନ ଜନିତ ଉତ୍ତାପ ବୃଦ୍ଧି, ଜଳାଶୟଗୁଡ଼ିକରେ ଜଳପତ୍ତନ ହ୍ରାସ ସହ ଖାଦ୍ୟାଭାବ ଆଦି ପ୍ରତିକୂଳ ପରିବେଶ ପରିବ୍ରାଜକ ପକ୍ଷୀଙ୍କ ଓଡ଼ିଶା ଆଗମନକୁ ପ୍ରଭାବିତ କରିଥାଇପାରେ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି।**



**ଭୁବନେଶ୍ୱର, ୧୬ା୧ (ଅସମାପିକା ସାହୁ)**

ଓଡ଼ିଶାରେ ଦେଖାଦେଉଥିବା ଅଧିକାଂଶ ପରିବ୍ରାଜକ ପକ୍ଷୀ ଏସିଆ ଓ ୟୁରୋପର ବିଭିନ୍ନ ଦେଶରୁ ଆସିଥାନ୍ତି। ଆଉ କିଛି ପକ୍ଷୀ ଅନ୍ୟ ମହାଦେଶରୁ ମଧ୍ୟ ଏଠାକୁ ଆସି ସାମୟିକ ରହଣି କରିଥାନ୍ତି। ନିଜ ଅଞ୍ଚଳରେ ଅସହ୍ୟ ଥଣ୍ଡାଜନିତ ପ୍ରତିକୂଳ ପରିବେଶ ତଥା ବରଫପାତ ଯୋଗୁ ଖାଦ୍ୟାଭାବ ସମସ୍ୟା ସେମାନଙ୍କୁ ଦେଶାନ୍ତରୀ ହେବାକୁ ବାଧ କରିଥାଏ। ତେବେ ସେମାନଙ୍କ ଉପସ୍ଥିତି ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ଉତ୍ସାହିତ କରୁଥିବାରୁ ବନ ବିଭାଗ ପକ୍ଷରୁ ଏମାନଙ୍କ ସୁରକ୍ଷା ସହ ଅନୁକୂଳ ପରିବେଶ ସୃଷ୍ଟି କରାଯାଉଛି। କିନ୍ତୁ ଚଳିତବର୍ଷ ଆର୍ଦ୍ରଭୂମି ଅଞ୍ଚଳଗୁଡ଼ିକରେ ହୋଇଥିବା ପକ୍ଷୀ ଗଣନା ରିପୋର୍ଟ ଦେଖିଲେ ☞ପୃଷ୍ଠା-୨




**ଆଜିର ମନ୍ତବ୍ୟ**

"ଅଯୋଧ୍ୟା ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବକୁ ଭାଜପା ଏବଂ ଆର୍‌ଏସ୍‌ଏସ୍ ସମ୍ପୂର୍ଣ୍ଣ ରାଜନୈତିକ ନରେନ୍ଦ୍ର ମୋଦି ଉତ୍ସବରେ ପରିଣତ କରିଛନ୍ତି। ସେଥିପାଇଁ କଂଗ୍ରେସ ଉକ୍ତ ଉତ୍ସବକୁ ବର୍ଜନ କରିଛି। –ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିତି ସରକାର ମାଇକରେ ଗାଏ**
**ବଜାର ମହଙ୍ଗା ଆପଣା ଛାଏଁ**
**ଧନୀ କି ପୋଷାଏ ତାହା**
**ଗରିବ ବାପୁଡ଼ା ମୁଣ୍ଡେ ହାତ ଦେଇ**
**କହେ ଆଉ ନାହିଁ ରାହା।**

ବଜାରର ଦରବୃଦ୍ଧି ଧନୀ ଲୋକମାନଙ୍କ ପାଇଁ ସେତେଟା ଚିନ୍ତାଜନକ ହୋଇ ନ ଥାଏ। କେବଳ ଗରିବ ତଥା ଅଭାବୀ ଲୋକମାନଙ୍କ ଲାଗି ଏହା ମୁଣ୍ଡ ବ୍ୟଥାର କାରଣ ପାଲଟିଥାଏ। ସରକାର ଏବଂ ବ୍ୟବସାୟୀ ସଙ୍ଘ କିପରି ପ୍ରଚାରଧର୍ମୀ ହୋଇ ସାଧାରଣ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି ତା'ର ଏକ ନିଚ୍ଛକ ଉଦାହରଣ ଏଠାରେ ବର୍ଣ୍ଣନା କରାଯାଇଛି।

**ନଈ କୂଳରେ ଘର କରି**
**କୁମ୍ଭୀର ସଙ୍ଗେ କିମ୍ପା କଳି।**

ବିପଦପୂର୍ଣ୍ଣ ସ୍ଥଳରେ ରହୁଥିବା ବ୍ୟକ୍ତି ସର୍ବଦା ସତର୍କ ରହିବା ଉଚିତ ହୋଇଥାଏ। ଏପରିସ୍ଥଳେ ବିପଦ ସହ ଟକ୍କର ବା ମୁକାବିଲା ନ କରି ସେଥିରେ ସାଲିସ କରିନେବା ହିଁ ବୁଦ୍ଧିମାନର କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଜଳବାୟୁ ପରିବର୍ତ୍ତନ ... ପ୍ରଥମ ପୃଷ୍ଠାରୁ...

ମିଶ୍ରିତ ଫଳ ନଜରକୁ ଆସୁଛି। କେଉଁଠି ପକ୍ଷୀ ସଂଖ୍ୟା କମିଛି ତ ଆଉ କେଉଁଠି ବଢ଼ିଛି। ହେଲେ ଅଧିକାଂଶ ସ୍ଥାନରେ ଏଥର ପରିବ୍ରାଜକ ବା ବିଦେଶୀ ପକ୍ଷୀ ଓଡ଼ିଶାକୁ କମ୍ ଆସିଥିବା ଜଣାପଡ଼ିଛି। ସାତକୋଶିଆରେ ଗତବର୍ଷ ୬୩ପ୍ରଜାତିର ୩,୮୭୮ଟି ପକ୍ଷୀ ଥିବାବେଳେ ଚଳିତବର୍ଷ ୮୧ ପ୍ରଜାତିର ୩,୩୩୦ଟି ପକ୍ଷୀ ଚିହ୍ନଟ ହୋଇଛନ୍ତି। ସେହିଭଳି ଅରାଚଣ୍ଡୀରେ ଗତବର୍ଷ ୧୧୧ ପ୍ରଜାତିର ୧୬,୧୦୭ଟି ପକ୍ଷୀ ଚିହ୍ନଟ ହୋଇଥିବା ବେଳେ ଏବର୍ଷ ୮୧ ପ୍ରଜାତିର ୧୧,୭୦୦ଟି ଚିହ୍ନଟ ହୋଇଛି। ଜଳବାୟୁ ପରିବର୍ତ୍ତନ ପକ୍ଷୀ ସଂଖ୍ୟା କମିବାର ଅନ୍ୟତମ ପ୍ରମୁଖ କାରଣ ବୋଲି ପକ୍ଷୀ ଗଣନାରେ ସାମିଲ ଥିବା ବହୁ ବିଶେଷଜ୍ଞ ମତ ରଖୁଛନ୍ତି। ପକ୍ଷୀ ବିଶାରଦ ପ୍ରଫେସର ଡ. ଶିବ ପ୍ରସାଦ ପରିଡ଼ା କହିଛନ୍ତି, ପକ୍ଷୀମାନେ ୪ଟି ମୁଖ୍ୟ ଉପାଦାନ ଖାଦ୍ୟ, ଜଳ, ଆଚ୍ଛାଦନ ଓ ସୁରକ୍ଷା ଥିବା ସ୍ଥାନକୁ ଶୀତ ଦିନେ ରହିବା ପାଇଁ ବାଛିଥାନ୍ତି। ସୁରକ୍ଷା ଯଦିଓ ମଣିଷ ବା ଅନ୍ୟ ପ୍ରାଣୀଙ୍କ ଦ୍ୱାରା ପ୍ରଭାବିତ ହୋଇପାରେ, କିନ୍ତୁ ପ୍ରଥମ ୩ଟି କାରଣ ସିଧାସଳଖ ଭାବରେ ଜଳବାୟୁ ପରିବର୍ତ୍ତନ ସହିତ ପରିବର୍ତ୍ତନଶୀଳ।

ଚିଲିକାର ମଙ୍ଗଳାଯୋଡ଼ିରେ ବିଦେଶୀ ପକ୍ଷୀଙ୍କ ସଂଖ୍ୟା ଚଳିତବର୍ଷ ଯଥେଷ୍ଟ କମିଯାଇଛି ବୋଲି ପର୍ଯ୍ୟଟକ ଅନୁଭବ କରୁଛନ୍ତି। ପର୍ଯ୍ୟଟକଙ୍କୁ ନେଇ ଯେଉଁସବୁ ଡଙ୍ଗା ମଙ୍ଗଳାଯୋଡ଼ିକୁ ଯାଉଛି, ପାଣି କମ୍ ଥିବାରୁ କାତ ମାରିବା କାଠିକର ପାଠ ହୋଇପଡୁଛି। ଏପରି କି ସେସବୁ ସ୍ଥାନରେ ବିଦେଶୀ ପକ୍ଷୀଙ୍କ ଉପସ୍ଥିତି ସେତେଟା ଦେଖିବାକୁ ମିଳୁନି। ଏନେଇ ବାର୍ଡ ଗାଇଡ୍ ମଧୁ ବେହେରା କହିଛନ୍ତି, ମଙ୍ଗଳାଯୋଡ଼ିରେ ଏଭଳି ଶୋଚନୀୟ ଅବସ୍ଥା ଦେଖାଯିବା ପ୍ରଥମ। ଗତବର୍ଷ ଖରାଦିନେ ତାପମାତ୍ରା ଅଧିକ ରହିଥିଲା। ବର୍ଷା ଦିନେ କିନ୍ତୁ ବର୍ଷାର ପରିମାଣ ଅନେକ ମାତ୍ରାରେ କମିଗଲା। ଫଳରେ ମଙ୍ଗଳାଯୋଡ଼ିରେ ଜଳପତ୍ତନ ହ୍ରାସ ପାଇଛି। ପାଣିର ସ୍ତର କମିବା ଦ୍ୱାରା ପକ୍ଷୀଙ୍କ ପାଇଁ ଖାଦ୍ୟ କମିଗଲା ବୋଲି ମଧୁ କହିଛନ୍ତି। ଚଳିତବର୍ଷର ବାତ୍ୟା 'ମିଗ୍‌ଜୋମ୍' ମଧ୍ୟ ବାର୍ଡ ମାଇଗ୍ରେଶନକୁ ପ୍ରଭାବିତ କରି ଥାଇପାରେ ବୋଲି ବନ୍ୟପ୍ରାଣୀ ଗାଇଡ୍ ଲଳିତ ମୋହନ ପଣ୍ଡା ଆଶଙ୍କା କରିଛନ୍ତି। ସେ କହିଛନ୍ତି, ଏଥର ସାତପଡ଼ାର ବଡ଼କୁଦ ଅଞ୍ଚଳରେ ଗଣନାରେ ଥିଲି। ଯେଉଁ ରୁଟ୍ ଆମକୁ ଦିଆଯାଇଥିଲା, ସେହି ରୁଟ୍‌ରେ ଜଳସ୍ତର କମିଥିବାରୁ ଆମର ଡଙ୍ଗା ଆଗକୁ ଯାଇ ପାରି ନ ଥିଲା। ଫେରିବା ପୂର୍ବରୁ ସେ ସ୍ଥାନରେ ଚଲାବୁଲା କରି ବାଇନାକୁଲାରରେ ଦେଖିବାବେଳକୁ ଖଣ୍ଡେ ଦୂରରେ ୧ଲକ୍ଷ ୨୬ ହଜାର ଚଢ଼େଇଙ୍କ ସମାଗମ ଦେଖିବାକୁ ପାଇଥିଲୁ। ସେହି ଅଞ୍ଚଳରେ ବିଦେଶୀ ପକ୍ଷୀ ଆଗରୁ କେବେ ଦେଖାଯାଇ ନ ଥିଲେ ବୋଲି ବନ କର୍ମଚାରୀମାନେ କହିଥିଲେ। ତେଣୁ ପକ୍ଷୀଙ୍କ ପାଇଁ ପ୍ରକୃଷ୍ଟ ସ୍ଥାନ ଓ ଖାଦ୍ୟ ନ ମିଳିଲେ ସଂଖ୍ୟା କମିବ ବୋଲି ଲଳିତ କହିଛନ୍ତି।

ପକ୍ଷୀପ୍ରେମୀ ତଥା ଆର୍କିଟେକ୍ଟ ଶକ୍ତି ନନ୍ଦ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଯୋଗୁ ଏଥର ଶୀତଋତୁ ପ୍ରାୟ ତିନି ସପ୍ତାହ ବିଳମ୍ବରେ ଆସିଲା। ଗ୍ରୀଷ୍ମ ଦିନେ ଅଧିକ ଉତ୍ତାପ ବୃଦ୍ଧି ହୋଇଥିଲା। ରାଜ୍ୟରେ ବର୍ଷାର ପରିମାଣ ମଧ୍ୟ କମ୍ ଥିଲା। ଏହାଛଡ଼ା ଅଦିନିଆ ବର୍ଷା ମଧ୍ୟ ହୋଇଥିଲା। ଶୀତ ଦିନରେ ଯେତିକି ବିଦେଶୀ ପକ୍ଷୀମାନେ ଆସିଥାନ୍ତି, ସେତିକିବେଳେ ଆର୍ଦ୍ରଭୂମିରେ ଯଦି ପାଣି ଓ ଖାଦ୍ୟ ନ ଥିବ, ପକ୍ଷୀମାନେ ବାଧ୍ୟ ହୋଇ ଅନ୍ୟ ସ୍ଥାନକୁ ଯିବେ। ଏଥର ଚିଲିକା ପକ୍ଷୀ ଗଣନାରେ ମୋ ଭାଗରେ ସାତପଡ଼ାର ଅରଖକୁଦ ଅଞ୍ଚଳ ପଡ଼ିଥିଲା। ଆଶ୍ଚର୍ଯ୍ୟଜନକ ଭାବେ ଆମେ ୪୨ହଜାର ପକ୍ଷୀ ଗଣନା କରିଥିଲୁ। ଆଗରୁ ସେ ଅଞ୍ଚଳରେ ବିଦେଶୀ ପକ୍ଷୀ କାଁ ଭାଁ ଯାଉଥିଲେ।

## ଆଜି ପରିକ୍ରମା ପ୍ରକଳ୍ପ ...

ଉତ୍ସବ ଅନୁଷ୍ଠିତ ହେବ। ଅପରାହ୍ନ ୩ଟା ପରେ ସର୍ବସାଧାରଣ ପରିକ୍ରମା ମାର୍ଗକୁ ଯାଇପାରିବେ। ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ପାଇଁ ଲାଇଟ୍ ଏବଂ ସାଉଣ୍ଡ ଶୋ ବ୍ୟବସ୍ଥା କରାଯାଇଛି । ପରିକ୍ରମା ପ୍ରକଳ୍ପରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ବିଶେଷ ବ୍ୟବସ୍ଥା କରାଯାଇଛି। ସ୍ୱତନ୍ତ୍ର ପ୍ରଦକ୍ଷିଣ ମାର୍ଗ ପ୍ରସ୍ତୁତ ହୋଇଥିବା ବେଳେ ସାଧାରଣ ଭକ୍ତଙ୍କ ପାଇଁ ରହିଛି ଚଲାପଥ। ମହାପ୍ରଭୁଙ୍କ କାର୍ଯ୍ୟ ମହାପ୍ରଭୁଙ୍କ କୃପାରୁ ଠିକ୍ ଭାବରେ ଚାଲିଛି। ସମସ୍ତ କାର୍ଯ୍ୟ ଭଲରେ ସରିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି। ବୁଧବାର ପରିକ୍ରମା ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିବେ। ନିମନ୍ତ୍ରିତ ହୋଇଥିବା ଅତିଥିମାନେ ମଧ୍ୟ ଉପସ୍ଥିତ ରହିବେ। ଅତିଥିମାନଙ୍କ ସମସ୍ତ ଦାୟିତ୍ୱ ପ୍ରଶାସନ ପକ୍ଷରୁ କରାଯାଉଛି। ଅଧିକାରୀମାନେ ନିୟୋଜିତ ରହିଛନ୍ତି। ପୁରୀବାସୀ ଘରର ଦ୍ୱାର ସମ୍ମୁଖରେ କଳସ ସ୍ଥାପନ କରିବା କରିବା ସହ ରଙ୍ଗୋଲି ପକାଇ ଅତିଥିମାନଙ୍କୁ ସ୍ୱାଗତ କରନ୍ତୁ। ଯାହାଦ୍ୱାର ପୁରୀକୁ ଆସିଥିବା ଅତିଥିମାନେ ଏକ ସୁଖଦ ଅନୁଭୂତି ନେଇଯିବେ ବୋଲି ଦାସ କହିଛନ୍ତି। ସେହିପରି ଭକ୍ତ ମାନଙ୍କ ଦର୍ଶନ କରିବାରେ କୌଣସି କଟକଣା ନାହିଁ। ବ୍ୟାରିକେଡ୍‌ରେ ଆସି ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ମହାପ୍ରଭୁଙ୍କ ଦର୍ଶନ କରି ଅନ୍ୟ ୩ ଦ୍ୱାର ଦେଇ ପ୍ରସ୍ଥାନ କରିବେ।




# ଫେବୃଆରୀ ୩ରୁ ଡଗ୍ ଶୋ'

**ଭୁବନେଶ୍ୱର, ୧୬।୧(ଅସମାପିକା ସାହୁ)**

ଓଡ଼ିଶା କେନେଲ କ୍ଲବ୍ ଏବଂ ଭେଟେରିନାରି କଲେଜର ମିଳିତ ଆନୁକୂଲ୍ୟରେ ବାର୍ଷିକ ଡଗ୍ ଶୋ' ଫେବୃଆରୀ ୩ ଓ ୪ ତାରିଖରେ ଅନୁଷ୍ଠିତ ହେବ। ଏନେଇ କେନେଲ କ୍ଲବ ନିଜ ଫେସ୍‌ବୁକ୍ ପେଜ୍‌ରେ ପୋଷ୍ଟ କରିଛି। ଏଥର ଦୁଇ ଦିନରେ ୬୩ତମ ଏବଂ ୬୪ତମ ଅଲ ବ୍ରିଡସ ଚାମ୍ପିୟନଶିପ୍ ଡଗ୍ ଶୋ' ଆୟୋଜନ ହେବ। ସମୟ ଅଭାବରୁ ଚଳିତ ବର୍ଷ କୌଣସି ସ୍ପେସିଆଲିଟି ଶୋ' ଆୟୋଜନ କରାଯିବନାହିଁ। ତେବେ ପ୍ରତିବର୍ଷ ଭଳି ଏଥର ମଧ୍ୟ ଲୋକପ୍ରିୟ ଓବିଡିଏନ୍ସ ଟ୍ରାଏଲସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୬୩ତମ ଅଲ ବ୍ରିଡସ ଶୋ'ରେ ବିଚାରପତି ଭାବେ ଡ. ମାରିୟା ୱେରବିଜକି ଯୋଗଦେବେ। ସେହିପରି ୬୪ତମ ଶୋ'ରେ ବିଚାରପତି ହେବେ ଆଲେକଜାଣ୍ଡାର ସୋରୋକୋ। ଉଭୟ ଆନ୍ତର୍ଜାତିକ ବିଚାରପତି ବେଲାରୁସ୍‌ର ବୋଲି ଜଣାପଡ଼ିଛି। ଓବିଡିଏନ୍ସ ଟ୍ରାଏଲ୍ସରେ ବିଚାରପତି ଭାବେ ହାଇଦ୍ରାବାଦର ଫିଲିପ ବଟ୍ ରହିବେ। ଦୁଇଦିନ ଧରି ହେବାକୁ ଥିବା ଏହି ଡଗ୍ ଶୋ' ଚଳିତ ବର୍ଷ ଓୟୁଏଟିସ୍ଥିତ ଭେଟେରିନାରି କଲେଜର ହକି ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ଓଡ଼ିଶା କେନେଲ କ୍ଲବ୍‌ର ସଭାପତି ସୁବ୍ରତ ପୃଷ୍ଟି କହିଛନ୍ତି।


ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପୂର୍ବରୁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ମଙ୍ଗଳବାର ସମୀକ୍ଷା କରୁଛନ୍ତି।

## ରାମଲାଲା: ଅନିଲ ମିଶ୍ରା ... ପ୍ରଥମ ପୃଷ୍ଠାରୁ...

ଜାରି କରି କହିଥିଲେ। ପରବର୍ତ୍ତୀ ସମୟରେ ଦ୍ୱାରକା ପୀଠର ସଦାନନ୍ଦ ସରସ୍ୱତୀ ଏବଂ ଶାରଦା ପୀଠର ସ୍ୱାମୀ ଭାରତୀ ଶ୍ରୀତୀର୍ଥ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଛନ୍ତି। ଫଳରେ ଉତ୍ସବରେ ଯୋଗଦେବାକୁ ପୂର୍ବରୁ ମନା କରିଥିବା କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକୁ ହିନ୍ଦୁତ୍ୱ ବିରୋଧୀ ଆଖ୍ୟା ଦେଇଥିବା ଭାଜପା ପାଇଁ ଅଡୁଆ ସ୍ଥିତି ଉପୁଜିଛି। ସମ୍ଭବତଃ ଏହି ପରିସ୍ଥିତିକୁ ଏଡ଼ାଇବା ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଅନୁଷ୍ଠାନରେ ପ୍ରତୀକାତ୍ମକ ଯଜମାନ କରାଯାଇଛି। ଏନେଇ ମୁଖ୍ୟ ପୂଜକ ସତ୍ୟେନ୍ଦ୍ର ଦାସ କହିଛନ୍ତି, ଅନୁଷ୍ଠାନ ଆରମ୍ଭ ହୋଇଯାଇଛି। ଏହା ଜାନୁୟାରୀ ୨୨ ପର୍ଯ୍ୟନ୍ତ ଚାଲିବ। ୧୧ ଜଣ ପୂଜକ ଦେବଦେବୀଙ୍କୁ ରୀତିନୀତି ଅନୁସାରେ ଆବାହନ କରୁଛନ୍ତି। ପ୍ରାଣପ୍ରତିଷ୍ଠା ୨୨ ତାରିଖ ମଧ୍ୟାହ୍ନ ୧୨ଟା ୨୦ରୁ ୪୦ ମିନିଟ୍ ଧରି ଚାଲିବ। ପ୍ରାଣପ୍ରତିଷ୍ଠା ବେଳେ ଟ୍ରଷ୍ଟ ସଦସ୍ୟ ଅନିଲ ମିଶ୍ରା ଓ ତାଙ୍କ ସ୍ତ୍ରୀ ଉଷା ମିଶ୍ରା ମୁଖ୍ୟ ଯଜମାନ ରହିବେ। ଜଜମାନ ହେଉଛନ୍ତି ପୂଜାର ମୁଖ୍ୟ କର୍ତ୍ତା, ଯାହାଙ୍କ ତରଫରୁ ସମ୍ପୂର୍ଣ୍ଣ ପୂଜାର୍ଚ୍ଚନା କରାଯାଇଥାଏ। ଅନିଲଙ୍କୁ ଅନୁଷ୍ଠାନ ଶେଷ ହେବା ପର୍ଯ୍ୟନ୍ତ ରୀତିନୀତିର ପାଳନ କରିବାକୁ ପଡ଼ିବ। କିନ୍ତୁ ପ୍ରଧାନମନ୍ତ୍ରୀ ପ୍ରତୀକାତ୍ମକ ଯଜମାନ ହୋଇଥିବାରୁ କେବଳ ୨୨ ତାରିଖରେ ଆସିବେ। ଶେଷ ଦିନରେ ପ୍ରାୟ ୮,୦୦୦ ଅତିଥି ଯୋଗଦେବେ। ସେମାନଙ୍କୁ ମୋଦି ସମ୍ବୋଧିତ କରିପାରନ୍ତି। ସେହିପରି ଲଗ୍ନ ବାହାର କରିଥିବା ଗଣେଶ୍ୱର ଶାସ୍ତ୍ରୀ ଦ୍ରାବିଡ, ପ୍ରାଣପ୍ରତିଷ୍ଠା ଦାୟିତ୍ୱରେ ଥିବା ପୁରୋହିତ ପଣ୍ଡିତ ଲକ୍ଷ୍ମୀକାନ୍ତ ଦୀକ୍ଷିତ ଏବଂ ରାମାନନ୍ଦ ସମ୍ପ୍ରଦାୟ ଶ୍ରୀମଠ ଟ୍ରଷ୍ଟର ମହାସଚିବ ସ୍ୱାମୀ ରାମବିନୟ ଦାସ ମଧ୍ୟ ଏକ ସାକ୍ଷାତ୍‌କାରରେ ଅନିଲ ମିଶ୍ରା ଯଜମାନ ହେବା ବିଷୟ ସ୍ପଷ୍ଟ କରିଛନ୍ତି। ସେମାନଙ୍କ ମତରେ ମିଶ୍ରା ଦମ୍ପତି ସଂକଳ୍ପଠାରୁ ନେଇ ପ୍ରାଣ ପ୍ରତିଷ୍ଠା ପୂର୍ଣ୍ଣାହୁତି ପର୍ଯ୍ୟନ୍ତ ୭ ଦିନ ଧରି ଚାଲିବାକୁ ଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଭୂମିକା ଗ୍ରହଣ କରିବେ। ଜଣେ ଗୃହସ୍ଥ ହିଁ ଧର୍ମାନୁଷ୍ଠାନରେ ମୁଖ୍ୟ କର୍ତ୍ତା ହୋଇପାରିବେ। ତେଣୁ ଏହି ଗୁରୁଦାୟିତ୍ୱ ତୁଲାଇବା ପାଇଁ ମୋଦିଙ୍କ ପରିବର୍ତ୍ତେ ଅନିଲ ମିଶ୍ରାଙ୍କୁ ଚୟନ କରାଯାଇଥିବା ସେମାନେ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

# ଘରେ ରହିବାକୁ ବାଧ୍ୟ କରିବାରୁ ପିଟି ମାରିଥିଲେ ବାନ୍ଧବୀ

ନିକଟରୁ ହତ୍ୟାରେ ବ୍ୟବହୃତ କାଠଫାଳିଆ, ରକ୍ତଭିଜା ଲୁଗା ଓ ମୋବାଇଲ ଫୋନ୍ ଜବତ କରିଛି। ସୁଙ୍କିଙ୍କ ଘର ଝାରସୁଗୁଡ଼ା ଜିଲା ସଦର ଥାନା ଅଞ୍ଚଳରେ। ଗିରଫ ପରେ ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହୋଇଯିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୁଙ୍କିଙ୍କୁ ରିମାଣ୍ଡରେ ଆଣି ଏହି ମାମଲାରେ ଅଧିକ ତଥ୍ୟ ହାସଲ କରିବାକୁ ପୋଲିସ ଯୋଜନା କରିଥିବା ସୂଚନା ମିଳିଛି।

### ଏମିତି ଗଢ଼ି ଉଠିଥିଲା ବିଶ୍ୱଜିତ-ସୁଙ୍କିଙ୍କ ଅବୈଧ ସମ୍ପର୍କ

ବିଶ୍ୱଜିତ୍‌ଙ୍କ ବାପା ବିପିନ ନାୟକ ଗାଁରେ ଅନ୍ୟ ଏକ ଘରେ ଦ୍ୱିତୀୟ ସ୍ତ୍ରୀ ଓ ୨ ପୁଅଙ୍କ ସହ ରୁହନ୍ତି। ବିଶ୍ୱଜିତ ଭୁବନେଶ୍ୱର ଭିଏସ୍‌ଏସ୍ ନଗରରେ ଏକ ହୋଟେଲ କରିଥିଲେ। ବିପିନଙ୍କ ପ୍ରଥମ ସ୍ତ୍ରୀ ଅର୍ଥାତ୍ ବିଶ୍ୱଜିତଙ୍କ ମା' ସରକାରୀ ଚାକିରିରୁ ଅବସର ପରେ ପୁରୀରେ ଏକ ଘର କିଣି ରହୁଛନ୍ତି। ବିଶ୍ୱଜିତଙ୍କ ସ୍ତ୍ରୀ ଅନ୍ୟ ଜଣେ ଯୁବକଙ୍କ ସହ ଚାଲିଯାଇଥିବା ବେଳେ ୧୪ ବର୍ଷର ପୁଅ ପୁରୀରେ ରହି ପାଠ ପଢୁଛନ୍ତି। ତେବେ ମା'ଙ୍କ ଦ୍ୱାରା ହିଁ ସୁଙ୍କିଙ୍କ ସହ ଅନୈତିକ ସମ୍ପର୍କରେ ଆସିଥିଲେ ବିଶ୍ୱଜିତ। ସୁଙ୍କି ରହୁଥିବା ପୁରୀର ଉକ୍ତ ଆଶ୍ରମକୁ ବିଶ୍ୱଜିତଙ୍କ ମା' ଯାଆନ୍ତି। ବିଶ୍ୱଜିତଙ୍କ ମା' ଓ ସୁଙ୍କିଙ୍କ ମଧ୍ୟରେ ଅଧିକ ମିଳାମିଶା ହୋଇଥିଲା। ପରେ ବିଶ୍ୱଜିତ ସେଠାକୁ ଯିବାରୁ ସୁଙ୍କିଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସ୍ତ୍ରୀ ବିନା ଏକା ଥିବା ବିଶ୍ୱଜିତ ସୁଙ୍କିଙ୍କ ସହ ଅଧିକ ଘନିଷ୍ଠ ହୋଇଥିଲେ।

### ଗାଁକୁ ଯିବା ଅନୁମତି ଆଣି ବିଶ୍ୱଜିତଙ୍କ ପାଖକୁ ଆସି ରହୁଥିଲେ

ସୁଙ୍କି ଓ ବିଶ୍ୱଜିତଙ୍କ ସମ୍ପର୍କକୁ ନେଇ ଆଶ୍ରମରେ ରହୁଥିବା ଅନ୍ୟମାନେ ଅଜ୍ଞ ଥିଲେ। ସୁଙ୍କି ବିଭିନ୍ନ ସମୟରେ ବିଶ୍ୱଜିତଙ୍କ ସହ ମୋବାଇଲରେ କଥା ହେଉଥିଲେ। ଏପରି କି ସୁଙ୍କି ତାଙ୍କ ପୈତୃକ ଗାଁକୁ ଯାଉଥିବା କଥା ମିଛରେ କହି ଆଶ୍ରମ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ଆଣୁଥିଲେ। ସୁଙ୍କି ଗାଁକୁ ନ ଯାଇ ବିଶ୍ୱଜିତଙ୍କ ବାଳକାଟୀସ୍ଥିତ ଘରେ ରହିଯାଉଥିଲେ।


ବିଶ୍ୱଜିତ୍ ନାୟକ


ସୁଙ୍କି ରାଣା

### ସେଦିନ ଏମିତି ଘଟିଥିଲା...

ପ୍ରତିଥର ପରି ସୁଙ୍କି ମଧ୍ୟ ଡିସେମ୍ବର ୩୦ରୁ ଆଶ୍ରମରୁ ଆସି ବିଶ୍ୱଜିତଙ୍କ ଘରେ ରହିଥିଲେ। ହେଲେ ଆଶ୍ରମ କର୍ତ୍ତୃପକ୍ଷ ନିୟମିତ କଲ୍ କରି ଆସିବାକୁ କହୁଥିବାରୁ ସୁଙ୍କି ଦୋଛକିରେ ପଡ଼ିଯାଇଥିଲେ। ଏପଟେ ସୁଙ୍କିଙ୍କୁ ବିଶ୍ୱଜିତ ତାଙ୍କ ପାଖରେ ରହିବାକୁ ବାଧ୍ୟ କରୁଥିଲେ। ୧୨ ତାରିଖ ଅପରାହ୍ନ ପ୍ରାୟ ୩ଟା ବେଳେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ସମୟରେ ସୁଙ୍କି ରାଗିଯାଇ ବିଶ୍ୱଜିତଙ୍କୁ ହତ୍ୟା କରିଥିଲେ। ଏହାପରେ ସୁଯୋଗ ଦେଖି ସନ୍ଧ୍ୟାରେ ସୁଙ୍କି ଉକ୍ତ କାଠଫାଳିଆକୁ ଲୁଗାରେ ଗୁଡ଼ାଇ ଏକ ଅଟୋରେ ପୁରୀସ୍ଥିତ ଆଶ୍ରମକୁ ଚାଲିଯାଇଥିଲେ। ସେ ସେହି କାଠଫାଳିଆକୁ ଟଙ୍କପାଣି ସେତୁ ନିକଟ ରାସ୍ତା ପାର୍ଶ୍ୱରେ ଫିଙ୍ଗିଦେଇଥିଲେ। ୧୩ ତାରିଖରେ ଏହି ଘଟଣା ଜଣାପଡ଼ିଥିଲା। ବିଶ୍ୱଜିତଙ୍କ ଭାଇ ପୂର୍ଣ୍ଣପ୍ରକାଶଙ୍କ ଏତଲା ଭିତ୍ତିରେ ପୋଲିସ ଏକ ହତ୍ୟା ମାମଲା (ନଂ.୨୯/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ଯା'ଙ୍କୁ ହତ୍ୟାକରି ୧୨ ବର୍ଷ ଜେଲରେ ରହିଥିଲେ ସୁଙ୍କି

ସୁଙ୍କି ଏହା ପୂର୍ବରୁ ନିଜ ଯା'ଙ୍କୁ ହତ୍ୟାକରି ୧୨ ବର୍ଷ ଜେଲରେ ରହିଥିଲେ ବୋଲି ପୋଲିସ ସୂଚନା ଦେଇଛି। ୨୦୦୫ରେ ସ୍ୱାମୀଙ୍କ ସହ ଯା'ଙ୍କ ଅନୈତିକ ସମ୍ପର୍କ ରହିଥିବା ସନ୍ଦେହ କରି ସୁଙ୍କି ଏହି ହତ୍ୟାକାଣ୍ଡ ଘଟାଇଥିଲେ। ସୁଙ୍କି ସର୍ତ୍ତମୂଳକ ଜାମିନରେ ଆସି ଜେଲର୍‌ଙ୍କ ସହାୟତାରେ ଉକ୍ତ ଆଶ୍ରମରେ ରହୁଥିଲେ ବୋଲି ପୋଲିସ କହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ କୃତ୍ତିକା ନକ୍ଷତ୍ର ସତକଥା କହି ବିବାଦୀୟ ହୋଇପାରନ୍ତି। ସତର୍କ ନ ହେଲେ ଠକାମିରେ ପଡିପାରନ୍ତି। ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡିପାରେ।

**ବୃଷ** ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ ଏବଂ ଆମୋଦ ପ୍ରମୋଦର ମଉକା ଜୁଟିବ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ସାଙ୍ଗଙ୍କୁ ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ। ଇଚ୍ଛା ବିରୋଧରେ କୌଣସି କାମ କରି ପଶ୍ଚାତ୍ତାପ କରିବାକୁ ପଡ଼ିପାରେ। ରୋହିଣୀ ନକ୍ଷତ୍ରର ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ।

**ମିଥୁନ** ଭୁଲ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପରିଜନଙ୍କ ସହିତ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ମୃଗଶିରା ନକ୍ଷତ୍ର ସକାଶେ ବିବାଦୀୟ ଘଟଣାର ଦିଗ ପରିବର୍ତ୍ତନ ହୋଇଯାଇପାରେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**କର୍କଟ** ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ। କଳା,ସାହିତ୍ୟରେ ଉନ୍ନତି କରିବା ସହ ଉଚ୍ଚଶିକ୍ଷା ପ୍ରତି ଆଗ୍ରହୀ ହୋଇପାରନ୍ତି। ଅଶ୍ଳେଷା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟ ଧରି କର୍ମ କଲେ ଉପକୃତ ହୋଇପାରିବେ।

**ସିଂହ** ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ ହେତୁ ଆନନ୍ଦ ଅନୁଭବ କରିବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ପୂର୍ବାଫାଲଗୁନୀ ନକ୍ଷତ୍ର ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ ଏବଂ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କନ୍ୟା** କର୍ମକ୍ଷେତ୍ରରେ ସହକର୍ମୀଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। ସରକାରୀ ସ୍ତରରୁ ହଠାତ୍ କୌଣସି ଖବର ପାଇ ଖୁସି ହେବେ। ହସ୍ତା ନକ୍ଷତ୍ରର ସତ୍‌ସଙ୍ଗ ଓ ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ରୁଚି ବଳିବ। ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟରୁ ରାଜନୀତି କ୍ଷେତ୍ରରେ ଲୋକସମ୍ପର୍କ ବଢ଼ିବାର ସମ୍ଭାବନା ରହିଛି।

**ତୁଳା** ଆଜିର ସଭାସମିତି କାର୍ଯ୍ୟରେ ସ୍ୱାତୀ ନକ୍ଷତ୍ର ସଫଳତା ହାସଲ କରିବେ। ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ। ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଆନୁଷ୍ଠାନିକ କାମରେ ଅତ୍ୟଧିକ ଦାୟିତ୍ୱ ନେବେ କିନ୍ତୁ ସତର୍କରେ ନ ଚଳିଲେ ବିବାଦ ଘେରରେ ପଡିବେ।

**ବିଛା** ଘରେ ବନ୍ଧୁ ମିଳନ ସହିତ ଖୁସିର ଆସର ଜମିପାରେ। ବିଶାଖା ନକ୍ଷତ୍ରର ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ବିଳମ୍ବ କରିବାର ଆଶଙ୍କା ରହିଛି। ବିଳମ୍ବ ହେଲେ ମଧ୍ୟ ହାତକୁ ନେଇଥିବା କାମଗୁଡିକ ଠିକ୍ ଭାବରେ ସମ୍ପନ୍ନ ହେବ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ।

**ଧନୁ** ବ୍ୟସ୍ତ ବିବ୍ରତ ହୋଇ ଅଯଥାଗୁଡାଏ ଅତୀତ କଥା ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହୋଇପଡିବ। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ପୂର୍ବାଷାଢ଼ା ନକ୍ଷତ୍ର ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ମକର** ନୂତନ କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ। ଶ୍ରବଣା ନକ୍ଷତ୍ରର ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ବିବାଦର ସମାଧାନପୂର୍ବକ ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଶତଭିଷା ନକ୍ଷତ୍ର ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହେବେ। ବନ୍ଧୁଙ୍କ ପରାମର୍ଶରେ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ।

**ମୀନ** କର୍ମକ୍ଷେତ୍ରରେ ବୃଥା ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଅପ୍ରିୟ ସତ୍ୟ କଥା ପ୍ରକାଶ କରିବାରୁ ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ସାମାଜିକ ସ୍ତରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ସଫଳହେବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି।

ଆଜି ଜାନୁଆରୀ ୧୭ ତାରିଖ, ପୌଷ ଶୁକ୍ଳ ସପ୍ତମୀ ବୁଧବାର, ଦଶମ ଶିଖ୍‌ଗୁରୁ ଗୋବିନ୍ଦସିଂହଙ୍କ ଜୟନ୍ତୀ, ରାଶିନକ୍ଷତ୍ର-ରେବତୀ/ମୀନ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ୨୭ ନକ୍ଷତ୍ରେ ବିବାହ ପାଣିଗ୍ରହଣ, ଗୃହାରମ୍ଭ, ଗୃହ ପ୍ରବେଶ, ଦେବତାଗଠନ ଓ ଜଳାଶୟାଦି ପ୍ରତିଷ୍ଠା ପାଇଁ ଶୁଭଦିନ। ସକାଳ ଘ.୦୬।୨୭ ଗତେ, ଘ.୦୭।୫୫ ମଧ୍ୟେ, ଘ.୧୦।୩୪ ଗତେ, ଘ.୧୧।୩୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧।୫୬ ଗତେ, ଘ.୦୧।୧୮ ମଧ୍ୟେ ରାହୁକାଳ।




# ବିଏସ୍‌କେୱାଇ ନବୀନ କାର୍ଡ ଆବେଦନ ୨୬କୁ ବୃଦ୍ଧି

**ଭୁବନେଶ୍ୱର, ୧୬।୧ (ଅସମାପିକା ସାହୁ)**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନବୀନ କାର୍ଡ ପାଇଁ ଆବେଦନ ସମୟ ବଢ଼ାଯାଇଛି। ଜନସାଧାରଣଙ୍କଠାରୁ ମିଳିଥିବା ମତାମତକୁ ବିଚାର କରି ରାଜ୍ୟ ସରକାର ମଙ୍ଗଳବାର ଅନ୍‌ଲାଇନ ଦରଖାସ୍ତ ପଞ୍ଜୀକରଣ ସମୟସୀମାକୁ ୨୬ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ଏକ ସ୍ୱତନ୍ତ୍ର ବିଭାଗୀୟ ବିଜ୍ଞପ୍ତି ଜାରି କରିଛନ୍ତି। ପୂର୍ବରୁ ଏହାର ସମୟସୀମା ୧୬ ତାରିଖ ପର୍ଯ୍ୟନ୍ତ ରହିଥିଲା। ବିଏସ୍‌କେୱାଇ ନବୀନ କାର୍ଡ ପାଇଁ ଯୋଗ୍ୟ ବିବେଚିତ ପରିବାରମାନେ ଚଳିତବର୍ଷ ମେ' ମାସ ଠାରୁ ତାଲିକାଭୁକ୍ତ ଘରୋଇ ହସ୍ପିଟାଲଗୁଡ଼ିକରେ ନିର୍ଦ୍ଧାରିତ ଗୁରୁତର ରୋଗଗୁଡ଼ିକର ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳା ସଦସ୍ୟମାନଙ୍କ ପାଇଁ ବାର୍ଷିକ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ସୁବିଧା ପାଇପାରିବେ।

ସେପଟେ ଏହି କାର୍ଡ ନେଇ ଆବେଦନ ବଢ଼ୁଛି। ଗ୍ରାମ ଓ ପଞ୍ଚାୟତ ସ୍ତରରେ ସଘନ ସଚେତନତା କାର୍ଯ୍ୟକ୍ରମ ଫଳରେ ଏହା ସମ୍ଭବ ହୋଇଛି। ୧୬ତାରିଖ ଅର୍ଥାତ୍ ମଙ୍ଗଳବାର ଅପରାହ୍ନ ୨ଟା ସୁଦ୍ଧା ମୋଟ ୩,୪୬,୨୯୪ଟି ପରିବାରଙ୍କର ଦରଖାସ୍ତ ଅନଲାଇନରେ ପଞ୍ଜୀକୃତ ହୋଇଛି। ଏହି ପଞ୍ଜୀକୃତ ଦରଖାସ୍ତରେ ୯.୭୦ ଲକ୍ଷରୁ ଊର୍ଦ୍ଧ୍ୱ ସଦସ୍ୟଙ୍କର ନାମ ରହିଛି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ଗଞ୍ଜାମ ଜିଲାରୁ ସର୍ବାଧିକ ୪୮,୫୦୦, ଖୋର୍ଦ୍ଧା ଜିଲାରୁ ୨୬,୮୨୫, କଟକରୁ ୨୮,୭୯୪, ଭଦ୍ରକରୁ ୨୩,୦୪୨ ଏବଂ ବାଲେଶ୍ୱର ଜିଲାରୁ ୨୨,୫୭୦ ଦରଖାସ୍ତ ମିଳିଛି। ପୁରୀ ଜିଲାରୁ ୨୦,୭୪୪ ଦରଖାସ୍ତ ମିଳିଥିବାବେଳେ କେନ୍ଦ୍ରାପଡ଼ାରୁ ୧୯,୫୭୮ ଓ ନୟାଗଡ଼ରୁ ୧୪,୯୪୭ ଦରଖାସ୍ତ ଅନ୍‌ଲାଇନରେ ପଞ୍ଜୀକୃତ ହୋଇଛି। ଜଗତ୍‌ସିଂହପୁରରୁ ୧୫,୨୪୮, ଯାଜପୁରରୁ ୧୪,୦୬୧, ବରଗଡ଼ରୁ ୧୪,୫୬୯, ସୁନ୍ଦରଗଡ଼ରୁ ୧୨,୩୪୯, ଅନୁଗୋଳରୁ ୧୨,୩୯୭ ଏବଂ ଢେଙ୍କାନାଳରୁ ୧୧,୮୮୦ ଦରଖାସ୍ତ ମିଳିଛି। ୩୦ଟି ଯାକ ଜିଲାରୁ ଜିଲା ପିଛା ହାରାହାରି ୧୧,୫୦୦ରୁ ଊର୍ଦ୍ଧ୍ୱ ଦରଖାସ୍ତ ପଞ୍ଜୀକୃତ ହୋଇଛି।

# ମୋବାଇଲ ପାଇଁ ମା'ବାପାଙ୍କୁ ପନିକି ଚୋଟ

**ସୋର, ୧୬।୧ (ଜନ୍ମେଜୟ ମିଶ୍ର)**

ମୋବାଇଲରେ କଥା ହେବାକୁ ବାରଣ କରିବାରୁ ଝିଅ ରାଗ ସମ୍ଭାଳି ନ ପାରି ମା' ବାପାଙ୍କୁ ପନିକିରେ ଆକ୍ରମଣ କରିଛନ୍ତି। ଏଥିରେ ମା' ବାପା ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସା ଲାଗି ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ସୋର ଥାନା ହାତୀଗଡିଆ ଗ୍ରାମରେ। ସୂଚନା ଅନୁଯାୟୀ, ସୋମବାର ରାତିରେ ଝିଅ କୁନି ସିଂ ମୋବାଇଲରେ ଦୀର୍ଘ ସମୟ ଧରି କଥା ହେଉଥିଲେ। ପ୍ରଥମେ ମା' ବୁଦ୍ଧୁନି ସିଂ ଏହାକୁ ବିରୋଧ କରିଥିଲେ। ଏଥିରେ ସେ ଉତ୍ତ୍ୟକ୍ତ ହୋଇ ପ୍ରଥମେ ମା'ଙ୍କୁ ପନିକିରେ ଆକ୍ରମଣ କରିଥିଲେ। ଏହାଦେଖି ବାପା ରଞ୍ଜିତ ରୋକିବାକୁ ଉଦ୍ୟମ କରିବାରୁ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ମା' ବାପାଙ୍କ ଚିତ୍କାର ଶୁଣି ପାଖ ପଡୋଶୀ ଦୌଡ଼ି ଆସିଥିଲେ। ବୁଦ୍ଧୁନି ଓ ରଞ୍ଜିତ୍ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ଉଭୟଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ରିପୋର୍ଟପ୍ରସ୍ତୁତିସୁଦ୍ଧା ଏ ନେଇ ସୋର ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

# ଲାଞ୍ଚ ମାମଲା: ଭିଜିଲାନ୍ସ କୋର୍ଟରେ ଡାକ୍ତର ଦଣ୍ଡିତ

**କଟକ, ୧୬।୧ (କାର୍ତ୍ତିକ ସାହୁ)**

ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ମେଡିକାଲ ଅଫିସର ଭାବେ କାର୍ଯ୍ୟରତ ଯାଜପୁର ଜିଲା ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୂର୍ବତନ ମେଡିକାଲ ଅଫିସର ଡା. କରୁଣାକର ରାଉତ କଟକ ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି। ଭିଜିଲାନ୍ସ ସ୍ପେଶାଲ ଜଜ୍ ମଙ୍ଗଳବାର ମାମଲାର ରାୟ ପ୍ରକାଶ କରି ଡା. ରାଉତଙ୍କୁ ୨ ବର୍ଷ ଜେଲଦଣ୍ଡ ସହ ୧୦,୦୦୦ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ଆଦେଶ ରହିଛି। ଡା. ରାଉତ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରୁଥିବାବେଳେ ଜଣେ ଠିକା ସ୍ୱାସ୍ଥ୍ୟକର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପାଇଁ ଲାଞ୍ଚ ଦାବି କରିବା ସହ ଗ୍ରହଣ କରିଥିଲେ। ଠିକା ସ୍ୱାସ୍ଥ୍ୟକର୍ମୀ ଜଣଙ୍କ ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମରେ ରାଜ୍ୟ ଟିମ୍‌ର ତଦାରଖବେଳେ ଅନୁପସ୍ଥିତ ଥିବାରୁ କାର୍ଯ୍ୟାନୁଷ୍ଠାନ ନେବାକୁ ମେଡିକାଲ ଅଫିସର ଡା. ରାଉତ କହିଥିଲେ। କଟକ ଡିଭିଜନ୍‌ର ପୂର୍ବତନ ଡିଏସ୍‌ପି ଭରତ ଚନ୍ଦ୍ର ସେଠୀ ମାମଲାର ତଦନ୍ତ କରିଥିଲେ। ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ସର୍ବେଶ୍ୱର ବାରିକ ଓ ଆଡିସିନାଲ ପବ୍ଲିକ ପ୍ରସିକ୍ୟୁଟର ଦୀପକ କୁମାର ସ୍ୱାଇଁ ମାମଲା ପରିଚାଳନା କରୁଥିଲେ। ଡା. ରାଉତ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡିତ ହୋଇଥିବାରୁ ତାଙ୍କୁ ଚାକିରିରୁ ବରଖାସ୍ତ କରିବା ନିମନ୍ତେ ଭିଜିଲାନ୍ସ ଉପଯୁକ୍ତ ଅଧିକାରୀଙ୍କ ନିକଟକୁ ଯିବ ବୋଲି ଭିଜିଲାନ୍ସ ପକ୍ଷରୁ ଜାରି ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

# ସ୍କୁଲରେ ବିଷ ପିଇଲେ ଛାତ୍ରୀ

**ଧରାକୋଟ, ୧୬।୧ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)**

ଗଞ୍ଜାମ ଜିଲା ବଡ଼ଗଡ ଥାନା ଅନ୍ତର୍ଗତ ବାହାଁରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ମଧ୍ୟାହ୍ନଭୋଜନ ବିରତି ସମୟରେ ୭ମ ଶ୍ରେଣୀର ଜଣେ ଛାତ୍ରୀ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା। ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡିଛି। ତେବେ ଛାତ୍ରୀ ଜଣଙ୍କ କାହିଁକି ବିଷ ପିଇଲେ ତାହାର ପ୍ରକୃତ କାରଣ ଜଣାପଡିନି।

ପ୍ରକାଶ ଯେ, ଛାତ୍ରୀ ଜଣଙ୍କ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ନ କରି ସବୁଦିନ ଭଳି ଘରେ ଖାଇବାକୁ ଯାଇଥିଲେ। ଘରୁ ଆସିବା ବେଳେ ଏଟିଏମ୍‌ରୁ ଟଙ୍କା ଆଣି ଦେବାକୁ ମା' କହିଥିଲେ। ମା'ଙ୍କୁ ଟଙ୍କା ଦେଇ ସେ ସ୍କୁଲକୁ ଆସିଥିଲେ। ମଧ୍ୟାହ୍ନଭୋଜନ ପରେ ପିଲାମାନେ ଖେଳୁଥିବା ବେଳେ ଛାତ୍ରୀ ଜଣଙ୍କ ବୋତଲରୁ କୌଣସି ତରଳ ପଦାର୍ଥ ପିଇ ଦେଇଥିଲେ। ତାଙ୍କର ଜଣେ ସହପାଠିନୀ ଏହା ଦେଖି ଜୋରରେ ପାଟି କରିଥିଲେ। ବିଷ ପିଇ ଛାତ୍ରୀ ବାନ୍ତି କରିବାରୁ ଶିକ୍ଷକମାନେ ତୁରନ୍ତ ଧରାକୋଟ ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଏ ନେଇ ପ୍ରଧାନ ଶିକ୍ଷକ ପଦ୍ମଚରଣ ପଣ୍ଡାଙ୍କୁ ପଚାରିବାରେ ବିଦ୍ୟାଳୟରେ ଛାତ୍ରୀଙ୍କର କୌଣସି ଅସୁବିଧା ନ ଥିଲା, କାହିଁକି ସେ ଏପରି କଲେ ଜଣାପଡିନି ବୋଲି କହିଛନ୍ତି।



"ସଂସାରରେ କର୍ମର ଗତି ବଡ ଗହନ। ଅବତାର ଶ୍ରୀରାମ ଯେତେବେଳେ ବାଳୀକୁ ହତ୍ୟାକଲେ ଏବଂ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଯେତେବେଳେ ତାଙ୍କ ଜାତିକୁ ମୁକ୍ତ କରିବା ଲାଗି ନିଜର ମାମୁଁ କଂସକୁ ବଧ କଲେ– କିଏ କହିବ– ସେମାନଙ୍କର ଏଇ କର୍ମ ପାପ ନା ପୁଣ୍ୟ ? କିନ୍ତୁ ତେବେ ବି, ଆମେ ଅନୁଭବ କରୁ ଯେ, ଭାଗବତ ଭାବରେ ଇ ଉଦ୍‌ବୁଦ୍ଧ ହୋଇ ସେମାନେ ଏ କାର୍ଯ୍ୟ କରିଥିଲେ। **–ଶ୍ରୀଅରବିନ୍ଦ**



# ଫାସ୍‌ଟାଗ୍ ପାଇଁ ପୁଣି ଦୌଡ଼

ଶୁଣାଯାଉଛି ଟୋଲ୍ ପ୍ଲାଜାରେ ଗାଡ଼ିଗୁଡ଼ିକର ସହଜ ଯାତାୟାତ ଲାଗି ଫାସ୍‌ଟାଗ୍ ବ୍ୟବସ୍ଥା ଲାଗୁ କରାଯାଇଛି। ଦୀର୍ଘ ସମୟ ଯାନଗୁଡ଼ିକ ଧାଡ଼ିରେ ନ ରହି ରେଡିଓ ଫ୍ରିକ୍ୱେନ୍ସି ଆଇଡେଣ୍ଟିଫିକେଶନ (ଆର୍‌ଏଫ୍‌ଆଇଡି) ପ୍ରଯୁକ୍ତି ମାଧ୍ୟମରେ ଏହା ଚଳାଚଳ କରିପାରିବ। ଗାଡ଼ି ମାଲିକମାନେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟକାରୀ ସଂସ୍ଥା ଭାରତର ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ନିୟମ ମାନି ଫାସ୍‌ଟାଗ୍ କଲେ। ଏବେ ପୁଣି ଏଥିରେ କେଁ ପୂରାଇ ଦିଆଯାଇ କୁହାଗଲାଣି, ବୈଧ ବାଲାନ୍ସ ଥାଇ ମଧ୍ୟ 'ତୁମ ଗ୍ରାହକଙ୍କୁ ଜାଣ' ବା କେୱାଇସି ସମ୍ପୂର୍ଣ୍ଣ ହୋଇ ନ ଥିଲେ ଜାନୁଆରୀ ୩୧ ପରେ ବ୍ୟାଙ୍କଗୁଡ଼ିକ ଫାସ୍‌ଟାଗ୍‌କୁ ଅକାମୀ କରିଦେବେ। 'ୱାନ୍ ଭେହିକିଲ୍ ୱାନ୍ ଫାସ୍‌ଟାଗ୍'କୁ ପ୍ରୋତ୍ସାହନ ଦେବା ଲାଗି ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଏଭଳି ଘୋଷଣା କରାଯାଇଛି, ଯାହା ଏବେ ଗାଡ଼ି ମାଲିକଙ୍କୁ ଅଧିକ ହଇରାଣ କରିବ।

ଦେଖିବାକୁ ଗଲେ ସରକାରଙ୍କ ଦ୍ୱାରା ନିର୍ମିତ ରାସ୍ତାରେ ଚଳପ୍ରଚଳ କରୁଥିବା ଯାନବାହନ ଅତ୍ୟଧିକ ମାତ୍ରାର ଅର୍ଥ ଦେଇ ପଞ୍ଜୀକରଣ କରାଇଥାଆନ୍ତି। ଏଥିରେ ରୋଡ୍ ଟ୍ୟାକ୍ସ ଭଳି ଟିକସ ମଧ୍ୟ ଅନ୍ତର୍ଭୁକ୍ତ। ତା'ଉପରେ ଲଦି ଦିଆଗଲା ଟୋଲ୍ ଟିକସ, ଯାହାଫଳରେ ବାହନ ମାଲିକଙ୍କୁ ଆହୁରି ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ଏଥିରେ ଜନସାଧାରଣ କୌଣସି ଆପତ୍ତି ଉଠାଇ ନ ଥିଲେ। ସମସ୍ତେ ମେଣ୍ଢାଙ୍କ ଭଳି ସ୍ୱୀକାର କରି ଟୋଲ୍ ଟିକସ ଦେଉଛନ୍ତି। ପଚାରିଲେ ସରକାରୀ ସୂତ୍ରରୁ ଯୁକ୍ତି ଦର୍ଶାଯାଉଛି ଯେ, ପୃଥିବୀର ସବୁ ଦେଶରେ ଟୋଲ୍ ଟିକସ ରହିଛି। ସେଥିପାଇଁ ଭାରତରେ ରାଜରାସ୍ତା ନିର୍ମାଣକୁ ସାହାଯ୍ୟ କରିବା ପାଇଁ ଏହି ଟିକସ ଦିଆଯିବା ଉଚିତ। ଏଭଳି ଯୁକ୍ତିକୁ କେହି ପ୍ରଶ୍ନ କରୁନାହାନ୍ତି। ବିଦେଶରେ ଯେଉଁସବୁ ରାସ୍ତାରେ ଟୋଲ୍ ଟିକସ ଦେବାକୁ ପଡ଼ିଥାଏ, ସେଥିରେ ଦୁର୍ଘଟଣା ଘଟିଲେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଡାକ୍ତର ସହିତ ଆମ୍ବୁଲାନ୍ସ ପହଞ୍ଚେ। ନିର୍ଦ୍ଧାରିତ ବ୍ୟବଧାନରେ ଟ୍ରମା କେନ୍ଦ୍ର ସ୍ଥାପନ କରାଯାଇଥାଏ। ପୋଲିସ କ୍ୟାମେରା ମାଧ୍ୟମରେ ଟ୍ରାଫିକ୍ ନିୟନ୍ତ୍ରଣ କରାଯାଉଥିବାରୁ ସେହି ଟିକସ ନିଆଯାଉଥିବା ରାସ୍ତାରେ ପ୍ରାୟତଃ ଭିଡ଼ରେ ଗାଡ଼ି ଅଟକିବାର ଦେଖାଯାଏ ନାହିଁ। ଗାଡ଼ି ଖରାପ ହେଲେ ମୁଖ୍ୟ ରାସ୍ତାରେ ରହିବାକୁ ଦିଆଯାଏ ନାହିଁ ଏବଂ ପ୍ରାୟ ସବୁ ଟୋଲ୍ ରାସ୍ତାରେ 'ଲେ–ବାଇ' ସୁବିଧା ସୃଷ୍ଟି କରାଯାଇଥାଏ, ଯେଉଁଥିରେ ସମସ୍ୟା ସମୟରେ କିମ୍ବା ଯାନ୍ତ୍ରିକ ତ୍ରୁଟି ଯୋଗୁ ମୋଟରଗାଡ଼ି ମୁଖ୍ୟ ରାସ୍ତାରୁ ଯାଇ 'ଲେ–ବାଇ'ରେ ପାର୍କ ହୋଇପାରିବ। ଟୋଲ୍ ରାସ୍ତାରେ ବିଜୁଳି ଆଲୋକ ଦେବା ସହିତ ସାମ୍ନାରୁ ଆସୁଥିବା ଗାଡ଼ିର ଅତ୍ୟଧିକ ହେଡ୍‌ଲାଇଟ୍ ଚାଳକର ଆଖିରେ ଯେମିତି ପଡ଼ିବ ନାହିଁ ସେଥିପାଇଁ ମଝି (ମିଡିଆନ୍)ରେ ବ୍ୟବସ୍ଥା କରାଯାଇଥାଏ। ଦେଖିବାକୁଗଲେ ଟୋଲ୍ ଟିକସ ପଡୁଥିବା ରାସ୍ତାରେ ଗାଡ଼ିଚାଳକ ଓ ଯାତ୍ରୀଙ୍କୁ ଅନେକ ସୁରକ୍ଷା ଓ ସୁବିଧା ଯୋଗାଇ ଦିଆଯାଏ, ଯାହାକି ଭାରତବର୍ଷରେ କୌଣସି ରାଜପଥରେ ଦେଖିବାକୁ ମିଳୁନାହିଁ। ଏପରିକି ଭାରତରେ ମହିଳାମାନଙ୍କ ପାଇଁ ରାଜପଥ କଡ଼ରେ ପରିଚ୍ଛନ୍ନ ଶୌଚାଳୟର ବ୍ୟବସ୍ଥା ଏପର୍ଯ୍ୟନ୍ତ କରାଯାଇ ନାହିଁ। ଅଧିକାଂଶ ପେଟ୍ରୋଲ୍ ପମ୍ପରେ ଥିବା ଶୌଚାଳୟ ବ୍ୟବହାରଯୋଗ୍ୟ ହୋଇପାରୁ ନାହିଁ। ତଥାପି ନାଗରିକଙ୍କ ତଥ୍ୟ ଜାଣିବା ପାଇଁ ଆମ ସରକାର ଗଛପତ୍ରରେ ପଡ଼ିଯାଉଛନ୍ତି।

**ଦେଖିବାକୁଗଲେ ଟୋଲ୍ ଟିକସ ପଡୁଥିବା ରାସ୍ତାରେ ଗାଡ଼ିଚାଳକ ଓ ଯାତ୍ରୀଙ୍କୁ ଅନେକ ସୁରକ୍ଷା ଓ ସୁବିଧା ଯୋଗାଇ ଦିଆଯାଏ, ଯାହାକି ଭାରତବର୍ଷରେ କୌଣସି ରାଜପଥରେ ଦେଖିବାକୁ ମିଳୁନାହିଁ। ଏପରିକି ଭାରତରେ ମହିଳାମାନଙ୍କ ପାଇଁ ରାଜପଥ କଡ଼ରେ ପରିଚ୍ଛନ୍ନ ଶୌଚାଳୟର ବ୍ୟବସ୍ଥା ଏପର୍ଯ୍ୟନ୍ତ କରାଯାଇ ନାହିଁ। ଅଧିକାଂଶ ପେଟ୍ରୋଲ୍‌ପମ୍ପରେ ଥିବା ଶୌଚାଳୟ ବ୍ୟବହାରଯୋଗ୍ୟ ହୋଇପାରୁ ନାହିଁ। ତଥାପି ନାଗରିକଙ୍କ ତଥ୍ୟ ଜାଣିବା ପାଇଁ ଆମ ସରକାର ଗଛପତ୍ରରେ ପଡ଼ିଯାଉଛନ୍ତି।**

# ବଜେଟ ପ୍ରକ୍ରିୟା ଫାର୍ସ ହୋଇଯାଉଛି



ସହଦେବ ସାହୁ

ଶୃଙ୍ଖଳିତ ଓ ହିସାବୀ ଜୀବନଯାପନ ପାଇଁ ପରିବାରଟିଏ ବଜେଟ କରିନିଏ। ସମାଜର ଶୃଙ୍ଖଳିତ ବିକାଶ ପାଇଁ ସରକାର ବଜେଟ କରନ୍ତି। ପ୍ରଥମଟି ପ୍ରାୟ ମାନସିକ, କିନ୍ତୁ ଦ୍ୱିତୀୟଟି ଲିଖିତ। ଗଣତାନ୍ତ୍ରିକ ସମାଜରେ ଜଣକର ହ୍ୱିମ୍ (ଝୁଙ୍କ୍) ଉପରେ ରାଜ୍ୟ ବା ଦେଶ ଚାଲେ ନାହିଁ, ସମ୍ବିଧାନ ଅନୁଯାୟୀ ଯେଉଁ ଶାସନ ଚାଲେ ତହିଁରେ ସରକାରର ୩ଟି ଶାଖା–ଲେଜିସ୍‌ଲେଚର୍, ଏକ୍‌ଜିକ୍ୟୁଟିଭ୍ ଓ ଜୁଡିସିଆରି– ଭିତରେ ଛକାପଞ୍ଝା (ଚେକ୍‌ସ ଆଣ୍ଡ ବାଲାନସେସ୍) ଜରିଆରେ ସୀମା ଭିତରେ ରହନ୍ତି। କିନ୍ତୁ ଆମେ ଯେଉଁ ବିଲାତୀ 'ସଂସଦୀୟ' ବ୍ୟବସ୍ଥା ଗ୍ରହଣ କରିଛୁ ତହିଁରେ ଲେଜିସ୍‌ଲେଚର୍‌ର ପ୍ରାଧାନ୍ୟ ବେଶି। ପ୍ରଶାସନ କିପରି ଚାଲିବ ତାହାର ଆଇନ ତିଆରି କରେ ଲେଜିସ୍‌ଲେଚର୍, ଯାହାକୁ କଣ୍ଟ୍ରୋଲ କରେ ଏକ୍‌ଜିକ୍ୟୁଟିଭ୍ ଶାଖାର ହେଡ୍ – ଅର୍ଥାତ୍ ମନ୍ତ୍ରିମଣ୍ଡଳ। ତେଣୁ ସାଧାରଣ ଲୋକଙ୍କ ଧାରଣା ଯେ ମନ୍ତ୍ରିମଣ୍ଡଳ ହିଁ ସରକାର, ତାଙ୍କ ଉପରେ ଅଙ୍କୁଶ ନାହିଁ। ଏହି ଧାରଣା ସରକାର–ବ୍ୟବସ୍ଥାକୁ 'ଗଣ'ତାନ୍ତ୍ରିକ ନ କରି 'ଦଳ'ତାନ୍ତ୍ରିକ (ଫାସିବାଦୀ) ହେବାରେ ସାହାଯ୍ୟ କରୁଛି। ଶାସକ ଦଳର ସଭ୍ୟମାନେ ସରକାରୀ (ଏକ୍‌ଜିକ୍ୟୁଟିଭ୍) ଅଫିସର ଭଳି କାମ କରିବା ଆରମ୍ଭ କଲେଣି, ସରକାରୀ ଦଳର ନେତା ନିଜକୁ ସମ୍ବିଧାନର ଊର୍ଦ୍ଧ୍ୱରେ ଭାବିବା ଆରମ୍ଭ କଲେଣି। ବଜେଟ କ୍ଷେତ୍ରରେ ତାହା ଜଳ ଜଳ ଦିଶୁଛି। ବଜେଟ କରିବା ଭାର ଲେଜିସ୍‌ଲେଚର୍‌ର। ସମ୍ବିଧାନରେ ବଜେଟକୁ 'ପ୍ରୋସିଡିଓର୍ ଇନ୍ ଫାଇନାନ୍ସିଆଲ୍ ମ୍ୟାଟର୍ସ' ନାମ ଦେଇ ଧାରା ୧୧୨ରୁ ୧୧୭ରେ ୟୁନିୟନ (କେନ୍ଦ୍ର ସରକାର) ଏବଂ ଧାରା ୨୦୩ରୁ ୨୦୭ରେ ଦି ଷ୍ଟେଟ୍‌ସ (ରାଜ୍ୟ ସରକାରମାନଙ୍କ) କ୍ଷେତ୍ରରେ ସମାନ ପ୍ରକାରର ନିୟମ ବାଢ଼ିଛି। ବଜେଟ ପାଇଁ ଆର୍ଥିକ ବର୍ଷ ଗଣାଯାଏ ଏପ୍ରିଲ ୧ରୁ ପର ବର୍ଷ ମାର୍ଚ୍ଚ ୩୧ ଯାଏ। ନିର୍ବାଚନରେ ଜିତିବା ପରେ ପରେ ଶାସକଦଳ କାମରେ ଲାଗିଯାଏ – କି କି କାମ କରିବ ତାହା ଏକ ପ୍ରସ୍ତାବ ଆକାରରେ ମନ୍ତ୍ରିମଣ୍ଡଳ ପେସ୍ କରେ। ମନ୍ତ୍ରିମଣ୍ଡଳର ପ୍ରସ୍ତାବ ଉପରେ ଅର୍ଥ ମନ୍ତ୍ରାଳୟ ବଜେଟ ତିଆରି କରେ। ଏହା ତିନିଟି ପର୍ଯ୍ୟାୟରେ ବିଭକ୍ତ। ମନ୍ତ୍ରିମଣ୍ଡଳ ଯେଉଁ ପ୍ରସ୍ତାବ ଆଣେ ତାହାକୁ ଅର୍ଥ ମନ୍ତ୍ରାଳୟ ଏକ ବାର୍ଷିକ ଆର୍ଥିକ ବିବରଣୀ (ଆନୁଆଲ୍ ଫାଇନାନ୍ସିଆଲ୍ ଷ୍ଟେଟ୍‌ମେଣ୍ଟ) ରୂପେ ତିଆରି କରେ ଓ ଅର୍ଥମନ୍ତ୍ରୀ ବିଧାନସଭାରେ ପେସ୍ କରନ୍ତି। ତାହା ପରେ କି କି କାମ ହେବ ପ୍ରତ୍ୟେକର ବିବରଣୀ ସହ ଖର୍ଚ୍ଚର ଅଟକଳ (ଏଷ୍ଟିମେଟ୍) ପେସ୍ କରନ୍ତି, ଏଥିରେ କେବଳ ସଂଖ୍ୟାଗୁଡ଼ିଏ ନ ଥାଏ, ବହୁତ ସୂଚନା ଥାଏ।



କେଉଁ କେଉଁ ଅଞ୍ଚଳରେ କି କି କାମ ହେବ, କେତେ ଆକାରର ବା ଆୟତନର, କେତେ ମୂଲ୍ୟରେ କାମ ସରିବ, କେତେ ଲାଭ ମିଳିବ, ଲୋକେ କେତେ କ୍ଷତିଗ୍ରସ୍ତ ହେବେ ଓ କେତେ ପରିମାଣରେ କ୍ଷତିପୂରଣ କରାହେବ, ତାହା ଥାଏ। ଏହା ଗୃହୀତ ହୋଇଗଲେ ଅର୍ଥବ୍ୟୟ ବିଲ୍ (ଆପ୍ରୋପ୍ରିଏସନ୍ ବିଲ୍) ଅର୍ଥମନ୍ତ୍ରୀ ଆଣନ୍ତି। ତାହା ଗୃହୀତ ହେଲା ପରେ ବିଲ୍ ରାଜ୍ୟପାଳଙ୍କ ଅନୁମୋଦନ ପାଇଁ ଯାଏ। ତା' ମିଳିଲା ପରେ ବଜେଟ ଆଇନରେ ପରିଣତ ହୁଏ। ସବୁ ପ୍ରକାରର ପ୍ରଚଳିତ ରୋଜଗାର ଏକତ୍ରିତ ହୋଇ ଗୋଟିଏ ପାଣ୍ଠିରେ ରହେ, ତା ନାଁ କନ୍‌ସୋଲିଡେଟେଡ୍ ଫଣ୍ଡ। ତହିଁରୁ ପଇସାଟିଏ ଆଣିବାକୁ ହେଲେ ତାହା ବିଧାନସଭା ଦ୍ୱାରା ଗୃହୀତ ଆପ୍ରୋପ୍ରିଏସନ୍ ବିଲ୍‌ରେ ଥିବା ଦରକାର; ତା' ମାନେ ବିଧାନସଭାର ମଞ୍ଜୁରୀ ବିନା ସରକାର ଖର୍ଚ୍ଚ କରିବା ଅସାମ୍ବିଧାନିକ। ଆପ୍ରୋପ୍ରିଏସନ୍ ବିଲ୍‌ରେ ଯେତେ ସାଙ୍କ୍‌ସନ୍ ହୋଇଛି ସେଥିଲାଗି କନ୍‌ସୋଲିଡେଟେଡ୍ ଫଣ୍ଡରେ ଯଥେଷ୍ଟ ଅର୍ଥ ଥାଇ ନ ପାରେ। ସେଥିଲାଗି ପୁରୁଣା ଟିକସ ବଢ଼ାଇ ଓ ନୂଆ ଟିକସ ଫି' ଆଦି ବସାଇ ରାଜସ୍ୱ ବଢ଼ାଯାଇଥାଏ। ବିଧାନସଭାର ବିନା ଅନୁମୋଦନରେ ପଇସାଟିଏ ବି ନାଗରିକମାନଙ୍କଠାରୁ ଆଦାୟ କରାଯାଇ ପାରିବ ନାହିଁ ବୋଲି ସମ୍ବିଧାନ କହେ। ତେଣୁ ସରକାର ବା ଏକ୍‌ଜିକ୍ୟୁଟିଭ୍ ଅର୍ଥମନ୍ତ୍ରୀଙ୍କ ଜରିଆରେ ଫାଇନାନ୍ସ ବିଲ୍ ଆଣେ। ଏ ବିଲ୍ ପାସ୍ ହୋଇଗଲା ପରେ ବଜେଟ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୁଏ। ବିଧାନସଭାର କାର୍ଯ୍ୟାବଳୀରୁ ଓ ମୁଦ୍ରିତ ବଜେଟ ପୁସ୍ତିକାରୁ ସାଧାରଣ ନାଗରିକ ବର୍ଷ ଯାକର ପ୍ରକଳ୍ପ ଓ ପ୍ରତି ପ୍ରକଳ୍ପର ଖର୍ଚ୍ଚ ଓ ଅବଧି ଜାଣେ। ଏବେ ତାହାର ବ୍ୟତିକ୍ରମ ଦେଖାଦେଉଛି। ବିଧାନସଭାର ଆପ୍ରୁଭାଲ୍ ନ ନେଇ ସରକାରୀ ତହବିଲ୍(କନ୍‌ସୋଲିଡେଟେଡ୍ ଫଣ୍ଡ)ରୁ ପଇସା କାଢ଼ିନେଇ ଖର୍ଚ୍ଚ କରିପକାଉଛନ୍ତି, ନଚେତ୍ କୌଣସି କାର୍ଯ୍ୟ ହାତକୁ ନେଇ ତା' ପାଇଁ ଅର୍ଥ ଘୋଷଣା କରିବା ଏବଂ କ୍ୟାବିନେଟରେ ତା' ପାଇଁ ଅର୍ଥ ମଞ୍ଜୁର ହୋଇଯିବା ସମ୍ଭବ ହୁଅନ୍ତାନି! ଏସବୁ ଅସାମ୍ବିଧାନିକ, ସିଧା କଥାରେ ବେଆଇନ। ଆଇନ ବିରୋଧରେ କାମ କରିବା, ବିଧାନସଭାର ବିନା ଅନୁମୋଦନରେ, କେବଳ ମନ୍ତ୍ରିମଣ୍ଡଳର ପ୍ରସ୍ତାବରେ ଖର୍ଚ୍ଚ କରିଦେବାର ଅର୍ଥ ରାଜକୋଷକୁ ନିଜର ବଟୁଆ ଭଳି ଭାବିବା – ଏ ଭଲ ଉଦାହରଣ ସୃଷ୍ଟି କରୁନାହିଁ।

ସରକାର ଓ ନାଗରିକ (ପ୍ରତିନିଧିମାନଙ୍କ) ମାନଙ୍କ ଭିତରେ ଆସ୍ଥାର ସେତୁ ହେଉଛି ବଜେଟ। ମଝିରେ ମଝିରେ ସରକାର ତାଙ୍କର କାର୍ଯ୍ୟାବଳୀର ସମୀକ୍ଷା କରି ଯଦି ରଣନୀତି (ଷ୍ଟ୍ରାଟେଜିକ୍ ପ୍ରାୟରିଟି, ନିଜ ଦଳକୁ ପୁଣି ଥରେ ଶାସନଗାଦିରେ ରଖିବାର ଇଚ୍ଛାରେ) ବଦଳାନ୍ତି, ତାହା ସପ୍ଲିମେଣ୍ଟାରି ବଜେଟ ରୂପେ ପେସ୍ ହୁଅନ୍ତା, ଶାସକ ଦଳର ମେଜେରିଟି ଥିବାରୁ ପ୍ରତିନିଧିସଭା ଦ୍ୱାରା ମଞ୍ଜୁର ହୋଇଯାନ୍ତା। ଆମ ରାଜ୍ୟରେ କେଉଁଠି କ'ଣ କରାଗଲେ ଭୋଟର ଖୁସି ହେବେ ସେଠି ତାହା ଘୋଷଣା କରି ଦିନକ ଭିତରେ ଅର୍ଥ ମଞ୍ଜୁର ଓ ଅଳ୍ପ ଦିନରେ କାମ ଆରମ୍ଭ କରାଯାଉଛି। ନାଗରିକମାନଙ୍କୁ ଖୁସିରେ ରଖିବା ସରକାରଙ୍କ କାମ ହେବା ଉଚିତ, କିନ୍ତୁ ସମ୍ବିଧାନର ଖିଲାପ କରି ନୁହେଁ!

ଆମ ରାଜ୍ୟରେ ମନ୍ତ୍ରିମଣ୍ଡଳରେ ନୂଆ ପ୍ରସ୍ତାବଟିଏ ଗୃହୀତ କରାଇନେଲେ ସତେଯେପରି ବିଧାନସଭାର ଆବଶ୍ୟକତା ନାହିଁ ବୋଲି ବିଚାର କରାଯାଉଛି। ବିଧାନସଭାରେ ଲୋକପ୍ରତିନିଧିମାନଙ୍କ ସଭାରେ ଆଲୋଚନା ହେଉନାହିଁ, ଆପ୍ରୋପ୍ରିଏସନ୍ ବିଲ୍ ପାସ୍ ନ ହୋଇ କନ୍‌ସୋଲିଡେଟେଡ୍ ଫଣ୍ଡରୁ ଆବଶ୍ୟକ ଅର୍ଥ କାଢ଼ି ନିଆଯାଉଛି, ତା'ର ମଞ୍ଜୁରୀ ପାଇଁ ସପ୍ଲିମେଣ୍ଟାରି ଗ୍ରାଣ୍ଟ ବିଲ୍ ଆସୁନାହିଁ। ସବୁ ସରିଗଲା ପରେ ଦିନେ ଦି' ଦିନ ବିଧାନସଭା ଡାକିଦିଆଯାଉଛି, କ୍ୟାବିନେଟରେ ଯାହା କିଛି ପ୍ରସ୍ତାବ ଆସୁଛି ତାହାର ସଂଖ୍ୟା ୧୦ରୁ ୨୦ ହୋଇଥିଲେ ବି ଏକ ଘଣ୍ଟା ଭିତରେ ସରିଯାଉଛି। ଯୋଜନାର ଉଦ୍ଦେଶ୍ୟ ବୁଝାଇବା ପାଇଁ ନାଁ ନ ଦେଇ ରାଜ୍ୟବାସୀଙ୍କ ଧର୍ମଭୀରୁତାର ସୁଯୋଗ ନେଇ ଧର୍ମସ୍ଥାନରେ ବ୍ୟବହାର ହେଉଥିବା ଶବ୍ଦକୁ ସଂକ୍ଷିପ୍ତୀକରଣରେ ବ୍ୟବହାର କରୁଛନ୍ତି– ଯଥା ପୁରୀର ବିକାଶ ଯୋଜନାର ନାମ ଅବଢ଼ା, କେତେକ ମନ୍ଦିରର ବିକାଶର ନାଁ ପ୍ରସାଦ, ଗ୍ରାମାଞ୍ଚଳରେ ବସ୍‌ସେବାକୁ ଲକ୍ଷ୍ମୀ କହିବା। କନ୍‌ସୋଲିଡେଟେଡ୍ ଫଣ୍ଡରେ ବହୁତ ପଇସା ମିଳିଛି ବୋଲି ଆମେ ସାମୟିକ ସୁଖରେ ପଇସା ଲଗାଇବା, ଯାହା ପରେ ପରେ ନଷ୍ଟ ହୋଇଯିବ! ଧର୍ମଭୀରୁ ଭୋଟରମାନଙ୍କୁ ଆକୃଷ୍ଟ କରିବା ଲାଗି ସରକାର ଯଦି ନିର୍ବାଚନ–ସର୍ବସ୍ୱ ହୁଅନ୍ତି, ଧର୍ମସଙ୍ଗତ ଶବ୍ଦଗୁଡ଼ିକୁ ଲଗାଇ ଖର୍ଚ୍ଚର ଅସଲ ଉଦ୍ଦେଶ୍ୟକୁ ଘୋଡ଼ାଇ ଜନଗ୍ରହଣଯୋଗ୍ୟ କରିପକାଇବେ ବୋଲି ମନ୍ତ୍ରିମଣ୍ଡଳ ଆଶା କରୁଥାନ୍ତି, ତାହା ରାଜ୍ୟର ସାମୂହିକ ବିକାଶର ପରିପନ୍ଥୀ ହେବ।

–sahadevas@yahoo.com

# ନାରୀ ସମାଜ ଓ ଅସମାନତା



ପ୍ରଣତି ଆଚାର୍ଯ୍ୟ ମିଶ୍ର

ଭାରତରେ ୨୦୨୧ ତୁଳନାରେ ମହିଳାଙ୍କ ବିରୋଧରେ ଆପରାଧିକ ମାମଲା ୪ ପ୍ରତିଶତ ବୃଦ୍ଧି ପାଇଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ମାମଲା (୩୧.୪ ପ୍ରତିଶତ) ସ୍ୱାମୀ କିମ୍ବା ସେମାନଙ୍କ ସମ୍ପର୍କୀୟଙ୍କ ଦ୍ୱାରା ନିର୍ଯାତନା ସହ ଜଡ଼ିତ। ଦିଲ୍ଲୀ ଏବେ ବି ମହିଳାଙ୍କ ପାଇଁ ସବୁଠାରୁ ଅସୁରକ୍ଷିତ ସହର, ଯେଉଁଠାରେ ପ୍ରତିଦିନ ହାରାହାରି ତିନୋଟି ବଳାତ୍କାର ମାମଲା ସାମ୍ନାକୁ ଆସୁଛି, ଯାହା ଦେଶର ୧୯ଟି ପ୍ରମୁଖ ସହରରେ ମହିଳାଙ୍କ ବିରୋଧରେ ହେଉଥିବା ଅପରାଧର ୨୯ ପ୍ରତିଶତ। ଏହା ନିକଟରେ ପ୍ରକାଶିତ ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି) ରିପୋର୍ଟର ତଥ୍ୟ। ଏହି ରିପୋର୍ଟରୁ ଜଣାପଡ଼ିଛି ଯେ ବହୁ ସଂଖ୍ୟକ ମହିଳା ଏବେ ବି ହିଂସାର ଶିକାର ହେଉଛନ୍ତି। ୨୦୧୫ରୁ ୨୦୧୮ ମଧ୍ୟରେ ହରିୟାଣାରେ ମହିଳାମାନେ ବିଭିନ୍ନ ଅପରାଧ ଅଭିଯୋଗ ଆଣିଥିବା ୪ ଲକ୍ଷ ଏଫ୍‌ଆଇଆର୍‌କୁ ବିଶ୍ଳେଷଣ କରି ନିକଟରେ କରାଯାଇଥିବା ଅନ୍ୟ ଏକ ଅଧ୍ୟୟନରୁ ଏହା ମଧ୍ୟ ଜଣାପଡ଼ିଛି ଯେ ଆମର ଆପରାଧିକ ନ୍ୟାୟ ବ୍ୟବସ୍ଥାରେ ବିଭିନ୍ନ ସ୍ତରରେ ଭେଦଭାବ ରହିଛି। ଏ ସମ୍ପର୍କରେ ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି, ତଦନ୍ତ ଓ ଶୁଣାଣି ସମୟରେ ସାଧାରଣତଃ ମହିଳା ଅଭିଯୋଗକାରୀଙ୍କୁ ଭଲ ବ୍ୟବହାର କରାଯାଏ ନାହିଁ, ପୋଲିସ ସେମାନଙ୍କୁ ଗମ୍ଭୀରତାର ସହ ନେଉନାହିଁ ଏବଂ ବେଳେବେଳେ କୋର୍ଟ କାର୍ଯ୍ୟରେ ଅବହେଳା ମଧ୍ୟ କରିଥାଏ। ୨୦୧୦ରେ ଏକ ମାମଲାରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ କହିଥିଲେ ଯେ ମହିଳାଙ୍କ ବିରୋଧରେ ଆକ୍ରମଣ ଓ ହିଂସାର ଅଧିକାଂଶ ମାମଲା କ୍ଷୁଦ୍ର ଅଭିଯୋଗ ଆଧାରରେ ଦାଏର କରିଛନ୍ତି। ବିଚାରକୁ ନିଅନ୍ତୁ, ଏନ୍‌ସିଆର୍‌ବି ରିପୋର୍ଟରେ କେବଳ ପଞ୍ଜୀକୃତ ମାମଲା ଉଲ୍ଲେଖ ରହିଛି, ଏହା ପ୍ରକୃତ ସଂଖ୍ୟା ନୁହେଁ, କୌଣସି ନା କୌଣସି କାରଣରୁ ଅନେକ ପଞ୍ଜୀକୃତ ହୋଇ ନ ଥିବା ମାମଲା ରହିଛି। ଅନ୍ତରଙ୍ଗ ସାଥୀଜନିତ ହିଂସା ଭାରତରେ ଏକ ସାଧାରଣ କଥା। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ, ୨୦୧୯–୨୧ ଅନୁସାରେ ପ୍ରାୟ ୩୧.୫ ପ୍ରତିଶତ ମହିଳା ୧୫ ବର୍ଷ ବୟସ ପରେ ଶାରୀରିକ କିମ୍ବା ଯୌନ ହିଂସାର ସମ୍ମୁଖୀନ ହୁଅନ୍ତି।

ଅନେକ ମହିଳା ଥାନାରେ ରିପୋର୍ଟ ଦାଖଲ କରନ୍ତି ନାହିଁ କିମ୍ବା ସାମାଜିକ ପ୍ରତିଶୋଧ, କଳଙ୍କ, ଥାନାରେ ଅନୁଚିତ ବ୍ୟବହାରର ସମ୍ମୁଖୀନ ହେବା ଏବଂ ନିର୍ଯାତିତ ନ୍ୟାୟିକ ବ୍ୟବସ୍ଥା ଭୟରେ ସେମାନଙ୍କୁ ରିପୋର୍ଟ ପ୍ରତ୍ୟାଖ୍ୟାନ କରିବାକୁ ଚାପ ପକାଯାଉଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ତଥ୍ୟ ଅନୁଯାୟୀ, ଶାରୀରିକ କିମ୍ବା ଯୌନ ହିଂସା ମାମଲାରେ ମାତ୍ର ୫.୨ ପ୍ରତିଶତ ପୀଡ଼ିତା ପୋଲିସର ସହାୟତା ଲୋଡିଥାନ୍ତି। ଏପରି କି ତାମିଲନାଡୁ ଏବଂ କର୍ଣ୍ଣାଟକ ଭଳି ଉଚ୍ଚ ସାକ୍ଷରତା ହାର ଥିବା ରାଜ୍ୟରେ ମଧ୍ୟ ମହିଳାଙ୍କ ବିରୋଧରେ ଅପରାଧ ରିପୋର୍ଟିଂ ହାର କମ୍, ଯାହା ଦର୍ଶାଉଛି ଯେ ସାକ୍ଷରତା ସହିତ ଏହାର କୌଣସି ସମ୍ପର୍କ ନାହିଁ। ସମଗ୍ର ବିଶ୍ୱରେ ୧୦ ପ୍ରତିଶତରୁ କମ୍ ମହିଳା ହିଂସା ବିରୋଧରେ ପୋଲିସର ସହାୟତା ଲୋଡ଼ିଥାନ୍ତି।




ଏହାର ପ୍ରଭାବ ଅତ୍ୟନ୍ତ ସୀମିତ ରହିଛି। ଅନେକ ଆଇନ ବିଶେଷଜ୍ଞ ବିଶ୍ୱାସ କରନ୍ତି ଯେ କାର୍ଯ୍ୟକାରିତା ପ୍ରକ୍ରିୟାରେ ଉନ୍ନତି ଆଣିବା ଆବଶ୍ୟକ ଏବଂ ଏହାକୁ ସ୍ୱଚ୍ଛ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏଥିପାଇଁ ଇଲେକ୍ଟ୍ରୋନିକ ପ୍ରମାଣର ବ୍ୟବହାର, ତଦନ୍ତ ପ୍ରକ୍ରିୟାର ଭିଡିଓଗ୍ରାଫି, ଠିକ୍ ସମୟରେ ଚାର୍ଜଶିଟ ଦାଖଲ କରିବା ସହ ପୀଡ଼ିତଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡିଛି , ପୀଡ଼ିତାଙ୍କୁ ଅଧିକ ସହାନୁଭୂତି ଏବଂ ସମ୍ବେଦନଶୀଳତାର ଆବଶ୍ୟକତା ରହିଛି କାରଣ ସେମାନେ ଦୀର୍ଘଦିନ ଧରି ଚାଲୁଥିବା ଅଦାଲତ ମାମଲାରେ ପ୍ରତିଦିନ ଅପମାନିତ ହୁଅନ୍ତି। ଏହା ଦ୍ୱାରା ସେମାନେ ବିଶ୍ୱାସ କରନ୍ତି ଯେ ବ୍ୟବସ୍ଥା ଅଭିଯୁକ୍ତଙ୍କ ପାଇଁ ଅନୁକୂଳ। ୨୦୨୨ ଶେଷ ସୁଦ୍ଧା ଦେଶର ବିଭିନ୍ନ ଅଦାଲତରେ ପାଖାପାଖି ୫ କୋଟି ମାମଲା ବିଚାରାଧୀନ ଥିଲା। ଅନେକ ମାମଲାରେ ତଦନ୍ତ ଓ ଶୁଣାଣି ସମୟରେ ସାକ୍ଷୀମାନେ ମୁହଁ ଫେରାଇ ନେଉଛନ୍ତି ବୋଲି ଜଣେ ଆଇନ ବିଶେଷଜ୍ଞ ଦୁଃଖପ୍ରକାଶ କରିଛନ୍ତି ଏବଂ ପୀଡିତା ବାଧ୍ୟ ହୋଇ କୋର୍ଟ ବାହାରେ ବସବାସ କରୁଛନ୍ତି। ଏହି କାରଣରୁ ଆମ ଦେଶରେ ଅପରାଧୀଙ୍କ ଦୋଷୀ ସାବ୍ୟସ୍ତ ହାର ବହୁତ କମ୍ ରହିଛି। ୨୦୨୧ରେ ଦୋଷୀ ସାବ୍ୟସ୍ତ ହାର ମାତ୍ର ୨୬.୫ ପ୍ରତିଶତ ଥିବା ବେଳେ ୨୦୨୦ରେ ଏହା ୨୯.୮ ପ୍ରତିଶତ ଥିଲା। ୧୯୯୩ରେ ଜାତିସଂଘ ମହିଳାଙ୍କ ବିରୋଧରେ ହିଂସା ଉଚ୍ଛେଦ ସଂକ୍ରାନ୍ତ ଘୋଷଣାନାମାରେ ଘୋଷଣା କରିଥିଲା ଯେ ପାରମ୍ପରିକ ଭାବେ ଲିଙ୍ଗଗତ ଅସନ୍ତୁଳନ ଥିବା ସମାଜରେ ଏଭଳି ଅପରାଧ ଘଟୁଛି।

ଡ୍ରଗ୍ସ ଏବଂ ଅପରାଧ ଉପରେ ଜାତିସଂଘ କାର୍ଯ୍ୟାଳୟ ଅନୁଯାୟୀ, ପୁରୁଷମାନଙ୍କ ପାଇଁ ପୁରୁଷଙ୍କ ଦ୍ୱାରା ପରିକଳ୍ପିତ ଆପରାଧିକ ନ୍ୟାୟ ବ୍ୟବସ୍ଥାରେ ମହିଳାମାନଙ୍କ ପ୍ରତିନିଧିତ୍ୱ କମ୍ କିନ୍ତୁ ପୀଡ଼ିତା ଭାବରେ ସେମାନଙ୍କ ଅଂଶଗ୍ରହଣ ଅତ୍ୟଧିକ। ସମଗ୍ର ବିଶ୍ୱରେ ପ୍ରାୟ ୩୦ ପ୍ରତିଶତ ମହିଳା କହିଛନ୍ତି ଯେ ସେମାନେ ଜୀବନରେ ଅତିକମ୍‌ରେ ଥରେ ଅନ୍ତରଙ୍ଗ ସାଥୀ କିମ୍ବା ଅଣସାଥୀଙ୍କ ଦ୍ୱାରା ଶାରୀରିକ କିମ୍ବା ଯୌନ ହିଂସାର ସମ୍ମୁଖୀନ ହୋଇଛନ୍ତି। ଦେଶ ଓ ବିଦେଶରେ ଘରୋଇ ହିଂସା ଏକ ନୂତନ ଅଧ୍ୟୟନ ଅନୁଯାୟୀ, ଯୁକ୍ତରାଷ୍ଟ୍ର ଆମେରିକାରେ କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ବିରୋଧରେ ଆଇନ ପାରିତ ହୋଇଥିଲେ ମଧ୍ୟ ମହିଳା ଓ ବାଳିକାଙ୍କ ବିରୋଧରେ ହେଉଥିବା ଅପରାଧ ସମାଜ ଓ ଅର୍ଥନୀତିରେ ସେମାନଙ୍କ ଅଂଶଗ୍ରହଣ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ଏହି କାରଣରୁ ବିଶ୍ୱ ପ୍ରତିବର୍ଷ ୧.୫ ଟ୍ରିଲିୟନ ଡଲାର କ୍ଷତି ସହୁଛି।

ଅନେକ ଦେଶ ସେମାନଙ୍କ ଜିଡିପିର ୧.୨ରୁ ୩.୭ ପ୍ରତିଶତ ପର୍ଯ୍ୟନ୍ତ ଆର୍ଥିକ କ୍ଷତି ସହିଥାନ୍ତି। ଗବେଷଣାରୁ ଜଣାପଡିଛି ଯେ ଭାରତରେ ଜଣେ ଅନ୍ତରଙ୍ଗ ସାଥୀଙ୍କ ହିଂସାତ୍ମକ ଘଟଣା ଜଣେ ମହିଳାଙ୍କୁ ହାରାହାରି ପାଞ୍ଚ ଦିନ ପାଇଁ କାମକୁ ଯିବାକୁ ବାରଣ କରିଥାଏ। ଯେହେତୁ ଭାରତ ଦ୍ରୁତ ଗତିରେ ବିକାଶ କରୁଛି, ଶ୍ରମ ବଜାରରେ ମହିଳାଙ୍କ ଅଂଶଗ୍ରହଣ ଏବଂ ସେମାନଙ୍କ ମଧ୍ୟରେ ଦକ୍ଷତା ବିକାଶକୁ ପ୍ରୋତ୍ସାହିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନିଶ୍ଚିତ ଭାବେ କେବଳ ଆଇନ ପ୍ରଣୟନ କରିବା ଯଥେଷ୍ଟ ନୁହେଁ, ସଚ୍ଚୋଟତାର ସହ ଏହାକୁ ପାଳନ କରିବା ମଧ୍ୟ ଜରୁରୀ।

**ନୟାଗଡ଼, ମୋ: ୯୪୩୭୬୪୨୯୪୭**

## ଏଇ ଭାରତରେ

ଅଧାରୁ ଏମବିଏ ଛାଡ଼ି ଛତୁଚାଷରେ ଲାଗିଗଲେ ଶଙ୍କର ମିନା। ଏବେ ଛତୁମଞ୍ଜିରୁ ସେ ମାସକୁ ୧୩ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଶଙ୍କର ୮୦ ଟନ୍ ଛତୁମଞ୍ଜି ଉତ୍ପାଦନ କରି କେଜି ୮୦ରୁ ୧୧୫ ଟଙ୍କା ମୂଲ୍ୟରେ ବିକ୍ରି କରୁଛନ୍ତି। ପ୍ରଥମେ ଛତୁଚାଷ ତାଙ୍କ ଗ୍ୟାରେଜରେ ଆରମ୍ଭ କରିଥିଲେ। ଏବେ 'ଜୀବନ ମସ୍‌ରୁମ୍' ନାମକ ଏକ ଛତୁମଞ୍ଜି ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି। ଶଙ୍କରଙ୍କ ଜନ୍ମ ରାଜସ୍ଥାନର ଏକ ଗାଁରେ। ତାଙ୍କ ପିତା ଜଣେ କୃଷକ। ବହୁ ସମୟରେ ଚାଷରେ କ୍ଷତିହେବାରୁ ତାଙ୍କ ପରିବାରର ଆୟରେ ଅସ୍ଥିରତା ଦେଖାଯାଉଥିଲା ଓ ସେମାନେ ଚଳିବାରେ ଅସୁବିଧା ହେଉଥିଲା। ତେବେ ଏକ କୃଷିଭିତ୍ତିକ ସ୍ଥାୟୀ ରୋଜଗାର ପାଇଁ ସେ ଚିନ୍ତାକରି ଛତୁମଞ୍ଜି ଉତ୍ପାଦନକୁ ବାଛିଥିଲେ। ତାଙ୍କ ଦ୍ୱାରା ପ୍ରସ୍ତୁତ ଛତୁମଞ୍ଜି ଭାରତର ବିଭିନ୍ନ ରାଜ୍ୟ ସମେତ ଭୁଟାନ, ନେପାଳ, ୟୁଏଇକୁ ରପ୍ତାନି କରାଯାଉଛି। ସୋଲାନ୍ ସ୍ଥିତ ଆଇସିଏଆର୍ ଡାଇରେକ୍ଟୋରେଟ ଅଫ୍ ମସ୍‌ରୁମ୍ ରିସର୍ଚ୍ଚରୁ ପ୍ରଶିକ୍ଷଣ ନେଇ ସେ ମଞ୍ଜି ଉତ୍ପାଦନ ସମ୍ପର୍କରେ ଜ୍ଞାନ ହାସଲ କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୧୭ ଜାନୁଆରୀ ୧୯୭୫

- ଭାରତରେ କୃଷି ଉତ୍ପାଦନ ବୃଦ୍ଧି କରିବା ପାଇଁ ବିଶ୍ୱବ୍ୟାଙ୍କ ପକ୍ଷରୁ ଏକ ନୂତନ ଯୋଜନା ପ୍ରସ୍ତୁତ।
- ଗଙ୍ଗାସାଗରରେ ମକର ସଂକ୍ରାନ୍ତି ବୁଡ଼ ପକାଇବାକୁ ଯାଇଥିବା ଯାତ୍ରୀମାନଙ୍କ ମଧ୍ୟରୁ ୧୪ ଜଣଙ୍କ ମୃତ୍ୟୁ।

## ଚିରନ୍ତନୀ

ବଦନେ ଲୁଚେ ତବ ନିଶାର ଅନ୍ଧକାରେ
ଅନ୍ତର କାନ୍ଦେ ମୋର ନିରାଟ ହାହାକାରେ।
ଯାଏଁ ମୁଁ ଅପସରି
ଡାକିବି କାନି ଧରି
ନିଶାର ଅନ୍ଧକାରେ
ନିରାଟ ହାହାକାରେ!
–(ଆଶ୍ୱାସନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | 2 | | | | |
| | | 2 | 3 | | | 4 | | |
| | 4 | | | 9 | | | | 5 |
| | 7 | 3 | | | | 8 | | |
| 2 | 5 | | | | | | | |
| | | | 1 | | 9 | | | 7 |
| | | 1 | | | | | 3 | |
| | | | | 6 | | | | 2 |
| 3 | | 7 | 8 | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 7 | 5 | 4 | 3 | 8 | 2 | 9 |
| 3 | 4 | 8 | 6 | 9 | 2 | 5 | 1 | 7 |
| 5 | 9 | 2 | 7 | 8 | 1 | 6 | 4 | 3 |
| 6 | 3 | 9 | 2 | 1 | 5 | 7 | 8 | 4 |
| 4 | 8 | 5 | 9 | 3 | 7 | 2 | 6 | 1 |
| 2 | 7 | 1 | 8 | 6 | 4 | 3 | 9 | 5 |
| 7 | 1 | 3 | 4 | 2 | 6 | 9 | 5 | 8 |
| 8 | 5 | 6 | 1 | 7 | 9 | 4 | 3 | 2 |
| 9 | 2 | 4 | 3 | 5 | 8 | 1 | 7 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ହିତାଧିକାରୀଙ୍କୁ ମିଳୁନି ସୁବିଧା

ମହାଶୟ,

ବିଭିନ୍ନ ନିର୍ମାଣ କାର୍ଯ୍ୟର ମୂଳବିନ୍ଦୁ ନିର୍ମାଣ ଶ୍ରମିକ। ରାଜଧାନୀକୁ ଆସି କାମ କରୁଥିବା ଶ୍ରମିକମାନଙ୍କ ମଧ୍ୟରେ ଅନେକଙ୍କ ନିକଟରେ ଆଜି ପର୍ଯ୍ୟନ୍ତ ପରିଚୟପତ୍ର ନାହିଁ। ଆଉ ଯେଉଁମାନେ ପରିଚୟପତ୍ର ପାଇଥିଲେ ସେମାନେ ନବୀକରଣ କରି ନ ପାରିବାରୁ କାର୍ଡ କଟିଯାଇଛି। ଫଳରେ ଉପଲବ୍ଧ ଥିବା ସୁବିଧା ସୁଯୋଗରୁ ସେମାନେ ବଞ୍ଚିତ ହେଉଛନ୍ତି। ସାରା ରାଜ୍ୟରେ ୪୦ ଲକ୍ଷ ପଞ୍ଜୀକୃତ ଶ୍ରମିକ ଥିବାବେଳେ ରାଜଧାନୀରେ ଦେଢ଼ଲକ୍ଷ ଶ୍ରମିକ ରହିଥିବା ସୂଚନା ମିଳିଛି। ଯଦି ରାଜଧାନୀରେ ସେମାନଙ୍କ ସଂଖ୍ୟା ଏତିକି ତାହାହେଲେ କଟକଠାରୁ ଆଉ ସବୁ ବଡ଼ ସହର ଓ ଛୋଟ ସହରର କଥା ଚିନ୍ତା କରନ୍ତୁ। ତେବେ ଏହି ଲେବର କାର୍ଡର ଯଦି ଉପଯୁକ୍ତ ଯାଞ୍ଚ କରାଯିବ ଏଥିରୁ କାର୍ଡ ପାଇଥିବା ଅନେକ ଲୋକ ବାହୁଡ଼ିଯିବେ। ସୂଚନାଯୋଗ୍ୟ ରାଜ୍ୟ ସରକାର ନିର୍ମାଣ ଶ୍ରମିକଙ୍କୁ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଲେ ୪ଲକ୍ଷ ଟଙ୍କା, ସ୍ୱାଭାବିକ ମୃତ୍ୟୁ ଘଟିଲେ ୨ଲକ୍ଷ ଟଙ୍କା, ମୃତଦେହ ଦାହ ଲାଗି ୧୦ ହଜାର, ଘର ତିଆରି କରିବାକୁ ଦେଢ଼ଲକ୍ଷ ଟଙ୍କା, ପ୍ରସୂତିକାଳୀନ ସହାୟତା ୧୦ ହଜାର, ଡାକ୍ତରୀ ଚିକିତ୍ସା ପାଇଁ ୩ ଲକ୍ଷ ଟଙ୍କାର ବୀମା ସୁବିଧା କରିଛନ୍ତି। ସେହିପରି ଶ୍ରମିକଙ୍କୁ ୬୦ ବର୍ଷ ହୋଇଗଲେ ୫୦୦ଟଙ୍କା ଭତ୍ତା, ଷଷ୍ଠ, ସପ୍ତମ ବାଳିକାଙ୍କ ପାଇଁ ବାର୍ଷିକ ୨ହଜାର, ଅଷ୍ଟମ ଓ ଦଶମ ଶ୍ରେଣୀ ପାଇଁ ୮ ହଜାର, ଉଚ୍ଚଶିକ୍ଷା ଲାଗି ୪୦ ହଜାର ଟଙ୍କା, ଝିଅ ବାହାଘର ପାଇଁ ୫୦ ହଜାର ଟଙ୍କା ସହାୟତା ଦିଆଯାଉଥିବା କୁହାଯାଉଛି। ମାତ୍ର ଅଧିକାଂଶ ଶ୍ରମିକ ଏହିସବୁ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। କାରଣ ଅନେକ ଲୋକଙ୍କ କାର୍ଡ ନଥିବାବେଳେ ଆଉ କେତେକ ଅନ୍‌ଲାଇନ ସମସ୍ୟା କାରଣରୁ କାର୍ଡ ନବୀକରଣ କରିପାରୁନାହାନ୍ତି। ତେଣୁ ସରକାର ଲେବର କାର୍ଡର ସାମଗ୍ରିକ ସୁବିଧା ପ୍ରଦାନ କରନ୍ତୁ।

**–ଯୁଧିଷ୍ଠିର ମହାରଣା, ଆଇନଜୀବୀ ଓ ସାଧାରଣ ସମ୍ପାଦକ, କନ୍‌ଷ୍ଟ୍ରକ୍ସନ ମଜଦୁର ସଂଘ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

Ministry of Ports, Shipping & Waterways
Government of India
SAGARMALA

# ଭାରତକୁ ପରିଣତ କରୁଛୁ ଏକ ମ୍ୟାରିଟାଇମ୍ ହବ୍‌ରେ

**ଦକ୍ଷିଣ ଏସିଆର ସବୁଠାରୁ ବଡ଼ ଜାହାଜ ନିର୍ମାଣ ଓ ଜାହାଜ ମରାମତି ସୁବିଧା ସହିତ**




## ₹୪,୦୦୦ କୋଟି

ମୂଲ୍ୟର ପ୍ରକଳ୍ପଗୁଡ଼ିକର ଶୁଭାରମ୍ଭ

ପ୍ରଧାନମନ୍ତ୍ରୀ

## ନରେନ୍ଦ୍ର ମୋଦିଙ୍କ

ଦ୍ୱାରା

**କୋଚିନ୍ ଶିପ୍‌ୟାର୍ଡ ଲିମିଟେଡ୍**

ଆଇଏସ୍‌ଆର୍‌ଏଫ୍, ୱିଲିଂଡନ୍ ଦ୍ୱୀପ, କୋଚି

୧୭ ଜାନୁଆରୀ, ୨୦୨୪ । ମଧ୍ୟାହ୍ନ ୧୨ ଘଟିକା

"ମେକ୍ ଇନ୍ ଇଣ୍ଡିଆ ଏବଂ ଆତ୍ମନିର୍ଭର ଭାରତର ପ୍ରତିଧ୍ୱନି ଏବେ ସବୁଆଡ଼େ ଶୁଭୁଛି । ଭାରତ ଏକ ବିନିର୍ମାଣ ହବ୍ ଭାବେ ଉଭା ହେଉଛି, ଏହି ଧାରଣା ବିଶ୍ୱମାନସକୁ ଆଶ୍ୱସ୍ତ କରୁଛି ।"

- ନରେନ୍ଦ୍ର ମୋଦି

## ପ୍ରକଳ୍ପଗୁଡ଼ିକର ଲାଭ

### ଅନ୍ତର୍ଜାତୀୟ ଜାହାଜ ମରାମତି ସୁବିଧା (ଆଇଏସ୍‌ଆର୍‌ଏଫ୍)



- କୋଚି ଭାରତର ମ୍ୟାରିଟାଇମ୍ ହବ୍‌ରେ ପରିଣତ ହେବ
- ଆଇଏସ୍‌ଆର୍‌ଏଫ୍ କଲମ୍ବୋ, ଦୁବାଇ, ସିଙ୍ଗାପୁର ଓ ବାହରେନ୍ ସମକକ୍ଷ ପ୍ରଭାବଶାଳୀ ଜାହାଜ ମରାମତି କେନ୍ଦ୍ର ଭାବେ ଉଭା ହେବ
- ଆନୁଷଙ୍ଗିକ ଉଦ୍ୟୋଗଗୁଡ଼ିକର ବିକାଶ ପ୍ରୋତ୍ସାହିତ ହେବ
- ୨,୦୦୦ରୁ ଅଧିକ ଲୋକଙ୍କୁ କର୍ମନିଯୁକ୍ତି ଯୋଗାଇବ
- ଅନ୍ତର୍ଜାତୀୟ ଜାହାଜ ମରାମତି ଅର୍ଡର ହାସଲ ହେବ ଏବଂ ବୈଦେଶିକ ରାଜସ୍ୱ ଆୟ ବୃଦ୍ଧି ପାଇବ
- ସମଗ୍ର ଅଞ୍ଚଳର ଅର୍ଥନୈତିକ ଅଗ୍ରଗତିକୁ ସୁନିଶ୍ଚିତ କରିବ

### ଇଣ୍ଡିଆନ୍ ଅଏଲ୍‌ର ଏଲ୍‌ପିଜି ଇମ୍ପୋର୍ଟ ଟର୍ମିନାଲ୍



- କେରଳ ଓ ତାମିଲନାଡୁରେ ବଟଲିଂ ପ୍ଲାଣ୍ଟଗୁଡ଼ିକ ପାଇଁ ଏଲ୍‌ପିଜି ବିତରଣ ସୁନିଶ୍ଚିତ ହେବ
- ୧୫,୪୦୦ ଏମ୍‌ଟିର ଏଲ୍‌ପିଜି ଭଣ୍ଡାର କ୍ଷମତା
- ବର୍ଷକୁ କର୍ମନିଯୁକ୍ତିର ୧୯,୮୦୦ ଲୋକ-ଦିବସ ସୃଷ୍ଟି କରିବ
- ବାର୍ଷିକ ୧୫୦ କୋଟି ଟଙ୍କାର ଲଜିଷ୍ଟିକ୍ସ ସଞ୍ଚୟ
- ବାର୍ଷିକ ୧୮,୦୦୦ ଟନ୍ $CO^2$ ନିର୍ଗମନ ହ୍ରାସିତ ହେବ

### ପୃଥିବୀର ପ୍ରଥମ ଷ୍ଟେପ୍‌ଡ ଡ୍ରାଏ ଡକ୍



- ସବୁ ପ୍ରକାର ଜାହାଜର ମରାମତି ଆବଶ୍ୟକତା ପାଇଁ କୋଚି ୱାନ୍ ଷ୍ଟପ୍ କେନ୍ଦ୍ରରେ ପରିଣତ ହେବ
- ଏୟାରକ୍ରାଫ୍ଟ କ୍ୟାରିୟର୍, ସୁଏଜ୍ ମ୍ୟାକ୍ସ ଜାହାଜ, ଏଲଏନ୍‌ଜି କ୍ୟାରିୟର୍, ବୃହଦାକାୟ ଡ୍ରେଜର୍ ଆଦି ଭଳି ବିରାଟ ଜାହାଜକୁ ସମ୍ଭାଳିପାରିବ
- ଜାହାଜ ନିର୍ମାଣ ଏବଂ ଆନୁଷଙ୍ଗିକ ଉଦ୍ୟୋଗରେ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି ହେବ
- ବିଶ୍ୱସ୍ତରୀୟ ଟେକ୍ନୋଲୋଜିକୁ ଅନୁସରଣ କରି ଜାହାଜ ନିର୍ମାଣରେ ଦକ୍ଷତାକୁ ପ୍ରୋତ୍ସାହିତ କରିବ

## ଗରିମାମୟ ଉପସ୍ଥିତି

**ଆରିଫ୍ ମହମ୍ମଦ ଖାନ୍**
କେରଳ ରାଜ୍ୟପାଳ

**ପିନାରାଇ ବିଜୟନ୍**
କେରଳ ମୁଖ୍ୟମନ୍ତ୍ରୀ

**ସର୍ବାନନ୍ଦ ସୋନୋୱାଲ**
କେନ୍ଦ୍ରମନ୍ତ୍ରୀ, ବନ୍ଦର, ଜାହାଜ ଚଳାଚଳ
ଏବଂ ଜଳମାର୍ଗ ତଥା ଆୟୁଷ ମନ୍ତ୍ରଣାଳୟ

**ଶ୍ରୀପଦ ୟେସ୍ସୋ ନାଏକ**
ବନ୍ଦର, ଜାହାଜ ଚଳାଚଳ
ଏବଂ ଜଳମାର୍ଗ ତଥା ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ

**ଭି. ମୁରଲୀଧରନ**
କେନ୍ଦ୍ର ବୈଦେଶିକ ବ୍ୟାପାର ଏବଂ
ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ

**ଶାନ୍ତନୁ ଠାକୁର**
ବନ୍ଦର, ଜାହାଜ ଚଳାଚଳ
ଏବଂ ଜଳମାର୍ଗ ରାଷ୍ଟ୍ରମନ୍ତ୍ରୀ

CBC 37201/13/0021/2324

ShipminIndia | Shipmin_India | Shipmin_India | Sagarmala Project | Sagarmala.gov.in / shipmin.gov.in

LIVE STREAM ଡିଡି ନ୍ୟୁଜ୍‌ରେ ସିଧା ପ୍ରସାରଣ ଦେଖନ୍ତୁ

**ଧରାବୀ ବାସିନ୍ଦାଙ୍କୁ ଫ୍ଲାଟ୍ ଯୋଗାଇବ ଆଦାନୀ ଗ୍ରୁପ୍**

ଏସିଆର ସର୍ବବୃହତ୍ ବସ୍ତି ମୁମ୍ବାଇର ଧରାବୀ ରୂପ ସମ୍ପୂର୍ଣ୍ଣ ବଦଳିବାକୁ ଯାଉଛି। ସେଠାରେ ଆଉ ଟିଣ ଛାତ, ପ୍ଲାଷ୍ଟର ହୋଇ ନ ଥିବା କାନ୍ଥ ଥିବା ଛୋଟ ଘର ଦେଖିବାକୁ ମିଳିବ ନାହିଁ। ଆଦାନୀ ଗ୍ରୁପ୍ ବସ୍ତିର ପ୍ରତ୍ୟେକ ଯୋଗ୍ୟ ବାସିନ୍ଦାଙ୍କୁ ୩୫୦ ବର୍ଗଫୁଟ୍ ଘର ଯୋଗାଇଦେବ ବୋଲି ଘୋଷଣା କରିଛି।

## ସଂକ୍ଷେପରେ

### ବିମାନବନ୍ଦରରେ ଖୋଲିବ ୱାର୍ ରୁମ୍

**ନୂଆଦିଲ୍ଲୀ,୧୬।୧(ପି.ଟି.):** ଘନ କୁହୁଡ଼ି ଯୋଗୁ ବିମାନ ଚଳାଚଳରେ ବାରମ୍ବାର ବାଧା ସୃଷ୍ଟି ହେଉଥିବାରୁ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ କେତେକ ପଦକ୍ଷେପ ନେଇଛି। କୁହୁଡ଼ି ସମସ୍ୟା ସମ୍ପର୍କରେ ଦିଲ୍ଲୀ, ମୁମ୍ବାଇ ସମେତ ୬ଟି ମେଟ୍ରୋ ଏୟାରପୋର୍ଟରେ ଦିନକୁ ୩ ଥର ରିପୋର୍ଟ କରାଯିବ। ଯାତ୍ରୀଙ୍କ ସମସ୍ୟା ସମାଧାନ ଲାଗି ଉକ୍ତ ବିମାନବନ୍ଦର ଏବଂ ଏୟାରଲାଇନ୍ସଗୁଡ଼ିକ 'ୱାର୍ ରୁମ୍' ସ୍ଥାପନ କରିବେ। ଏୟାରପୋର୍ଟଗୁଡ଼ିକରେ ପର୍ଯ୍ୟାପ୍ତ ସିଆଇଏସ୍ଏଫ୍ ଯବାନ ୨୪ ଘଣ୍ଟା ମୁତୟନ ରହିବେ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ମଙ୍ଗଳବାର କହିଛନ୍ତି।

### ୨୨ରେ ମମତାଙ୍କ ସଦ୍‌ଭାବନା ରାଲି

**ନୂଆଦିଲ୍ଲୀ,୧୬।୧:** ଆସନ୍ତା ୨୨ ତାରିଖରେ ଅଯୋଧ୍ୟାରେ ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋଲକାତାରେ ସବୁଧର୍ମର ଲୋକଙ୍କୁ ନେଇ ଏକ ସଦ୍‌ଭାବନା ରାଲି କରିବେ ବୋଲି ମଙ୍ଗଳବାର ଘୋଷଣା କରିଛନ୍ତି। ପ୍ରାଣପ୍ରତିଷ୍ଠା ଉତ୍ସବ ଭାଜପାର ଏକ ପ୍ରାକ୍ ନିର୍ବାଚନୀ ନାଟକବାଜ କହି ମମତା ଉକ୍ତ ଉତ୍ସବକୁ ଯିବେ ନାହିଁ ବୋଲି ପୂର୍ବରୁ କହିଥିଲେ। ୨୨ ତାରିଖରେ ଟିଏମ୍‌ସି ନେତ୍ରୀ କାଳୀଘାଟ ମନ୍ଦିରରେ ପୂଜା ପରେ ସବୁ ଧର୍ମର ଲୋକଙ୍କ ସହ ସଦ୍‌ଭାବନା ରାଲିରେ ଯୋଗଦେବେ। ହାଜ୍‌ରା ଛକରୁ ଶୋଭାଯାତ୍ରା ଆରମ୍ଭ ହୋଇ ମନ୍ଦିର, ମସ୍‌ଜିଦ, ଗୀର୍ଜା, ଗୁରୁଦ୍ୱାରା ଆଦି ସ୍ଥଳକୁ ସ୍ପର୍ଶ କରି ପାର୍କ ସର୍କସ ମଇଦାନରେ ଶେଷ ହେବ।

### ଜାପାନ ଏୟାରପୋର୍ଟରେ ଦୁଇ ବିମାନ ମଧ୍ୟରେ ଧକ୍କା

**ଟୋକିଓ,୧୬।୧:** ଜାପାନର ହୋକାଇଡୋ ଦ୍ୱୀପରେ ଥିବା ନ୍ୟୁ ଚିଟୋସ୍ ଏୟାରପୋର୍ଟରେ ମଙ୍ଗଳବାର କୋରିଆ ଏୟାରଲାଇନ୍ସର ଏକ ବିମାନ କାଥେ ପାସିଫିକ୍ ଏୟାରୱେଜ୍ ବିମାନକୁ ଧକ୍କା ଦେଇଛି। ଏଥିରେ କେହି ଆହତ ହୋଇନାହାନ୍ତି। କାଥେ ପାସିଫିକ୍ ଏୟାରୱେଜ୍‌ର ବିମାନଟି ଏୟାରପୋର୍ଟରେ ଛିଡ଼ା ହୋଇଥିବାବେଳେ କୋରିଆ ଏୟାରଲାଇନ୍ସର ଏ୩୩୦ ବିମାନ ଏହାକୁ ପିଟିଥିଲା। କୋରିଆ ବିମାନରେ ୨୮୯ ଯାତ୍ରୀ ଥିଲେ। ସୂଚନାଯୋଗ୍ୟ, ୨ ସପ୍ତାହ ପୂର୍ବରୁ ଟୋକିଓର ହାନେଡା ଏୟାରପୋର୍ଟ ରନ୍‌ୱେରେ ଜାପାନ ଏୟାରଲାଇନ୍ସର ଏକ ବିମାନ ସେଠାରେ ଥିବା ତଟରକ୍ଷୀ ବିମାନକୁ ଧକ୍କା ଦେଇଥିଲା।

### ଚାଇନାରେ ହିମସ୍ଖଳନ: ଫସିଛନ୍ତି ୧,୦୦୦ ପର୍ଯ୍ୟଟକ

**ବେଜିଂ,୧୬।୧:** ଚାଇନାର ଉତ୍ତର ପଶ୍ଚିମାଞ୍ଚଳରେ ତୁଷାରପାତ ଯୋଗୁ ହିମସ୍ଖଳନ ଘଟିଛି। ଫଳରେ ହଜାରେରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ବିଭିନ୍ନ ସ୍ଥାନରେ ଫସି ରହିଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ହିମସ୍ଖଳନ ଯୋଗୁ ରାସ୍ତା ଅବରୋଧ ହୋଇଥିବାରୁ ଜିନ୍‌ଜିଆଙ୍ଗ ଅଞ୍ଚଳର ଆଲଟେସ୍ଥିତ ଏକ ଗ୍ରାମର ଅଧିବାସୀ ଓ ପର୍ଯ୍ୟଟକମାନେ ଅଟକି ରହିଛନ୍ତି। ମଙ୍ଗୋଲିଆ, ରୁଷିଆ ଏବଂ କାଜାଖସ୍ତାନକୁ ଲାଗିଥିବା ଚାଇନା ସୀମାରେ ଏହି ହିମସ୍ଖଳନ ହୋଇଛି। ମିଲିଟାରୀ ହେଲିକପ୍ଟର ସହାୟତାରେ ଆହତଙ୍କୁ ହସ୍ପିଟାଲ ନିଆଯାଇଛି।

**ନାଇଜେରିଆରେ ବୋଟ୍ ଦୁର୍ଘଟଣା**

### ୮ ମୃତ, ଶତାଧିକ ନିଖୋଜ

**ଆବୁଜା,୧୬।୧:** ନାଇଜେରିଆରେ ଏକ ବୋଟ୍ ବୁଡ଼ିଯିବାରୁ ୮ ଜଣଙ୍କ ମୃତ୍ୟୁ ଘଟିବା ସହ ଶତାଧିକ ନିଖୋଜ ହୋଇଯାଇଛନ୍ତି। ଯାତ୍ରୀମାନେ ସୋମବାର ନାଇଜର ରାଜ୍ୟର ବୋର୍ଗୁ ଜିଲାରୁ କେବି ରାଜ୍ୟର ଏକ ମାର୍କେଟକୁ ଯାଉଥିବାବେଳେ ନାଇଜର ନଦୀରେ ବୋଟ୍ ଓଲଟିପଡ଼ି ବୁଡ଼ିଯାଇଥିଲା। କ୍ଷମତାଠାରୁ ବହୁ ଅଧିକ ଯାତ୍ରୀ ଥିବାରୁ ବୋଟ୍‌ଟି ପବନ ମାଡ଼ରେ ଓଲଟି ପଡ଼ିଥିବା କୁହାଯାଉଛି। ସ୍ଥାନୀୟ ବୁଡ଼ାଳି ଓ ଗାଁ ଲୋକମାନେ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି। ନାଇଜେରିଆରେ ବୋଟ ବିପର୍ଯ୍ୟୟ ଅନେକ ସମୟରେ ଘଟୁଥିଲେ ମଧ୍ୟ ଏହାକୁ ରୋକିବା ଦିଗରେ ପ୍ରଶାସନିକ ସ୍ତରରେ ପଦକ୍ଷେପ ନିଆଯାଉ ନାହିଁ।

# ଟ୍ରମ୍ପଙ୍କ ଆଶା ଉଜ୍ଜ୍ୱଳ




## ଆମେରିକା ରାଷ୍ଟ୍ରପତି ପ୍ରାର୍ଥୀ ଦୌଡ଼ରୁ ଓହରିଲେ ରାମସ୍ୱାମୀ

**ୱାଶିଂଟନ୍,୧୬।୧**

ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ୍ ପାର୍ଟିର ପ୍ରାର୍ଥୀ ଦୌଡ଼ରୁ ଭାରତୀୟ ବଂଶୋଦ୍ଭବ ଏଣ୍ଟରପ୍ରିନ୍ୟୁର ବିବେକ ରାମସ୍ୱାମୀ ଓହରିଯାଇଛନ୍ତି। ଆଇଓ୍ୱା ରିପବ୍ଲିକାନ୍ କକସ୍‌ରେ ଦୁର୍ବଳ ପ୍ରଦର୍ଶନ ପରେ ରାମସ୍ୱାମୀ ପ୍ରାର୍ଥୀ ହେବା ପ୍ରତିଦ୍ୱନ୍ଦ୍ୱିତାରୁ ପଛଘୁଞ୍ଚା ଦେଇ ୭୭ ବର୍ଷୀୟ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସମର୍ଥନ ଘୋଷଣା କରିଛନ୍ତି। ଆଇଓ୍ୱା ହେଉଛି ପ୍ରଥମ ରାଜ୍ୟ, ଯେଉଁଠି ରିପବ୍ଲିକାନ୍ ପାର୍ଟି ଭୋଟରମାନେ ଆସନ୍ତା ନଭେମ୍ବର ୫ରେ ହେବାକୁ ଥିବା ହ୍ୱାଇଟ୍ ହାଉସ୍ ଦୌଡ଼ରେ ଡେମୋକ୍ରାଟ୍ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ଟକ୍କର ଦେବା ଭଳି ଜଣେ ରିପବ୍ଲିକାନ୍‌ଙ୍କୁ ପ୍ରାର୍ଥୀ ରୂପେ ବାଛିଛନ୍ତି।

ଅହିଓ ବାସିନ୍ଦା ରାମସ୍ୱାମୀଙ୍କ ମା'ବାପା କେରଳ ପ୍ରବାସୀ। ୨୦୨୩ ଫେବୃଆରୀରେ ରାମସ୍ୱାମୀ ବିରୋଧୀ ରିପବ୍ଲିକାନ୍ ପାର୍ଟିରୁ ରାଷ୍ଟ୍ରପତି ପ୍ରାର୍ଥୀ ହେବା ନେଇ ଘୋଷଣା କରିଥିଲେ। ଅପ୍ରବାସନ ଓ ଆମେରିକା ଫାଷ୍ଟ ଭଳି ପ୍ରସଙ୍ଗରେ ନିଜ ଦୃଢ଼ ମତ ରଖି ସେ ଦଳୀୟ ଭୋଟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ ଟ୍ରମ୍ପ ନିଜ ସାମାଜିକ ଗଣମାଧ୍ୟମ ମଞ୍ଚ ଟ୍ରୁଥ୍ ସୋସିଆଲରେ ତାଙ୍କୁ ଜଣେ 'ଠକ' ଭାବେ ଅଭିହିତ କରିଥିଲେ। ଏଥିସହ ରାମସ୍ୱାମୀଙ୍କୁ ଭୋଟ ଦେଲେ ତାହା ଶାସକ ଡେମୋକ୍ରାଟିକ୍ ପାର୍ଟିକୁ ସହଯୋଗ କରିବା ସଦୃଶ ବୋଲି ସମାଲୋଚନା କରିଥିଲେ। ଉଭୟ ସ୍ୱର ଓ ନୀତି କ୍ଷେତ୍ରରେ ଟ୍ରମ୍ପଙ୍କ ସହ ତାଙ୍କ ଆଭିମୁଖ୍ୟର ଅନେକ ସାମଞ୍ଜସ୍ୟ ଦେଖାଯାଇଥିଲା। ଟ୍ରମ୍ପ ତାଙ୍କୁ ପଛରେ ପକାଇ ରିପବ୍ଲିକାନ୍ ପାର୍ଟିରୁ ପ୍ରାର୍ଥୀ ହେବା ନେଇ ନିଜ ଦାବିଦାରିକୁ ଆହୁରି ମଜଭୁତ କରିବାରେ ସକ୍ଷମ ହୋଇଛନ୍ତି। ଏହି କ୍ଷେତ୍ରରେ ଟ୍ରମ୍ପଙ୍କୁ ୪୦ ପ୍ରତିନିଧିଙ୍କ ମଧ୍ୟରୁ ୨୦ ଜଣ (୫୧%) ସମର୍ଥନ ମିଳିଥିବାବେଳେ ଫ୍ଲୋରିଡା ଗଭର୍ନର ରୋନ୍ ଡିସାଣ୍ଟିସ୍‌ଙ୍କୁ ୯ ଓ ଜାତିସଂଘରେ ଆମେରିକାର ପୂର୍ବତନ ପ୍ରତିନିଧି ନିକ୍କି ହାଲିଙ୍କୁ ୮ ପ୍ରତିନିଧି ସମର୍ଥନ କରିଥିଲେ। ମାତ୍ର ୭.୭% ଅର୍ଥାତ୍ ୩ ଜଣ ପ୍ରତିନିଧିଙ୍କ ଭୋଟ ପାଇ ରାମସ୍ୱାମୀ ସବା ତଳେ ରହିଯାଇଥିଲେ। ଅନେକ ଆଇନଗତ ଚ୍ୟାଲେଞ୍ଜକୁ ସାମ୍ନା କରୁଥିବା ଟ୍ରମ୍ପ ବିଜୟୀ ହୋଇ ଇତିହାସ ରଚିଛନ୍ତି। ଏହି ଅବସରରେ ଟ୍ରମ୍ପ ଆଇଓ୍ୱାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆମେ ସମସ୍ତେ ଏକାଠି ହେଲେ ବିଶ୍ୱର ସମସ୍ୟାଗୁଡ଼ିକର ସମାଧାନ କରିପାରିବା ବୋଲି ଟ୍ରମ୍ପ କହିଛନ୍ତି।

ପ୍ରକାଶ ଯେ, ପ୍ରାଇମେରି ସିଜନ୍‌ରେ ବିଜୟୀ ହେବାକୁ ହେଲେ ଜଣେ ରିପବ୍ଲିକାନ୍ ଆଶାୟୀଙ୍କୁ ମୋଟ ୨,୪୨୯ ପ୍ରତିନିଧିଙ୍କ ମଧ୍ୟରୁ ୧,୨୧୫ ଜଣଙ୍କ ସମର୍ଥନ ଆବଶ୍ୟକ। ଆଗକୁ ଡିସାଣ୍ଟିସ୍ ଏବଂ ଭାରତୀୟ ବଂଶୋଦ୍ଭବ ତଥା ସାଉଥ୍ କ୍ୟାରୋଲିନାର ପୂର୍ବତନ ଗଭର୍ନର ନିକ୍କି ହାଲି ଟ୍ରମ୍ପଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ।


ବିବେକ ରାମସ୍ୱାମୀ

## ବିନା ସିମ୍‌ରେ ଉପଲବ୍ଧ ହେବ ଭିଡିଓ

**ନୂଆଦିଲ୍ଲୀ,୧୬।୧**

ଡାଇରେକ୍ଟ-ଟୁ-ମୋବାଇଲ୍ ବ୍ରଡ୍‌କାଷ୍ଟିଂ ନିକଟ ଭବିଷ୍ୟତରେ ବାସ୍ତବ ରୂପ ନେବାକୁ ଯାଉଛି। ଖୁବ୍‌ଶୀଘ୍ର ବିନା ସିମ୍‌କାର୍ଡ କିମ୍ବା ବିନା ଇଣ୍ଟରନେଟ୍ ସଂଯୋଗରେ ମୋବାଇଲ ବ୍ୟବହାରକାରୀଙ୍କ ନିକଟରେ ଭିଡିଓ ପହଞ୍ଚିପାରିବ। ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଡାଇରେକ୍ଟ-ଟୁ-ମୋବାଇଲ୍ (ଡି୨ଏମ୍) ଟେକ୍ନୋଲୋଜି ଉପରେ ୧୯ଟି ସହରରେ ଖୁବ୍‌ଶୀଘ୍ର ପରୀକ୍ଷାମୂଳକ ବ୍ୟବହାର ଆରମ୍ଭ ହେବ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ଅପୂର୍ବ ଚନ୍ଦ୍ରା ବ୍ରଡକାଷ୍ଟିଂ ସମିଟ୍‌ରେ କହିଛନ୍ତି। ଏହି ପ୍ରଯୁକ୍ତି ଲାଗି ୪୭୦ରୁ ୫୮୨ ମେଗାହର୍ଜ ସ୍ପେକ୍ଟ୍ରମ୍ ଯୋଗାଇଦିଆଯିବ। ଭିଡିଓ ଟ୍ରାଫିକ୍‌ର ୨୫ରୁ ୩୦ ପ୍ରତିଶତ ଡି୨ଏମ୍‌କୁ ସ୍ଥାନାନ୍ତର କରାଯିବା ଦ୍ୱାରା ୫ଜି ନେଟୱାର୍କ ଜାମ୍ ହ୍ରାସ ପାଇବ, ଯାହା ଦେଶର ଡିଜିଟାଲ ବିବର୍ତ୍ତନକୁ ତ୍ୱରାନ୍ୱିତ କରିବା ସହ କଣ୍ଟେଣ୍ଟ ପ୍ରଦାନକୁ ଅଧିକ ସ୍ୱାଧୀନତା ଦେବ।

## ଶର୍ମିଳା ଆନ୍ଧ୍ର ପିସିସି ସଭାପତି

**ନୂଆଦିଲ୍ଲୀ,୧୬।୧**



ୱାଇ.ଏସ୍. ଶର୍ମିଳା ରେଡ୍ଡୀ ଆନ୍ଧ୍ରପ୍ରଦେଶ କଂଗ୍ରେସ କମିଟି ସଭାପତି ନିଯୁକ୍ତ ହୋଇଛନ୍ତି। ପୂର୍ବତନ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ରାଜଶେଖର ରେଡ୍ଡୀଙ୍କ ଝିଅ ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗତମୋହନ ରେଡ୍ଡୀ ଗତ ୪ ତାରିଖରେ ତାଙ୍କ ଦଳ ୱାଇଏସ୍‌ଆର୍ ତେଲଙ୍ଗାନା ପାର୍ଟିକୁ କଂଗ୍ରେସରେ ବିଲୀନ କରାଇଥିଲେ। ସୋମବାର ଆନ୍ଧ୍ର ପିସିସି ସଭାପତି ପଦରୁ ଇସ୍ତଫା ଦେଇଥିବା ଗିଡିଗୁ ରୁଦ୍ର ରାଜୁଙ୍କୁ କଂଗ୍ରେସ କାର୍ଯ୍ୟକାରୀ କମିଟିରେ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ କରାଯାଇଛି। ଆନ୍ଧ୍ର ବିଧାନସଭା ନିର୍ବାଚନ ଆଗାମୀ ଲୋକ ସଭା ନିର୍ବାଚନ ସହ ଏକସଙ୍ଗେ ଅନୁଷ୍ଠିତ ହେବ। ତେଲଙ୍ଗାନାରେ ସଦ୍ୟ ସମାପ୍ତ ବିଧାନସଭା ନିର୍ବାଚନରେ କଂଗ୍ରେସର ବିଜୟ ପରେ ଦଳ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରେ ରାଜନୈତିକ ଫାଇଦା ଉଠାଇବା ଲକ୍ଷ୍ୟରେ ରହିଛି।

# ମାନ୍‌ଙ୍କୁ ହତ୍ୟା ଧମକ, ମୋଦିଙ୍କୁ ଚ୍ୟାଲେଞ୍ଜ

## ଏସ୍‌ଏଫ୍‌ଜେରେ ସାମିଲ ପାଇଁ ଗ୍ୟାଙ୍ଗଷ୍ଟରଙ୍କୁ ଡାକିଲେ ପନ୍ନୁନ

**ଚଣ୍ଡିଗଡ଼,୧୬।୧**

ସାଧାରଣତନ୍ତ୍ର ଦିବସରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଏବଂ ପୋଲିସ ମହାନିର୍ଦ୍ଦେଶକ ଗୌରବ ଯାଦବଙ୍କୁ ହତ୍ୟା କରିବା ପାଇଁ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ନେତା ଗୁରପତ୍‌ୱନ୍ତ ସିଂ ପନ୍ନୁନ ମଙ୍ଗଳବାର ଧମକ ଦେଇଛନ୍ତି। ବେଆଇନ ସଂଗଠନ ଶିଖ୍ ଫର୍ ଜଷ୍ଟିସ୍ (ଏସ୍‌ଏଫ୍‌ଜେ)ର ପ୍ରତିଷ୍ଠାତା ପନ୍ନୁନ ଏକ ଭିଡିଓ ବାର୍ତ୍ତାରେ ଉପରୋକ୍ତ ଧମକ ଦେଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚ୍ୟାଲେଞ୍ଜ କରିଛନ୍ତି। ମୋଦି ଲୋକପ୍ରିୟ ନେତା ହୋଇଥିଲେ, ସାଧାରଣତନ୍ତ୍ର ଦିବସରେ ବିନା ସୁରକ୍ଷାରେ ସାଧାରଣତନ୍ତ୍ର ଦିବସ ଉତ୍ସବରେ ଯୋଗଦେବାକୁ ସେ କହିଛନ୍ତି। ଏସ୍‌ଏଫ୍‌ଜେ ଖଲିସ୍ତାନୀ ପତାକା ଉଡ଼ାଇବା ସହ ଶହୀଦ ନିଜ୍ଜର ହତ୍ୟାର ପ୍ରତିଶୋଧ ନେବ ବୋଲି ସେ ଭିଡିଓ ବାର୍ତ୍ତାରେ କହିଛନ୍ତି। ଗତବର୍ଷ ଜୁନ୍‌ରେ କାନାଡ଼ାର ସୁରୀ ସହରର ଏକ ଗୁରୁଦ୍ୱାରାରେ ଖଲିସ୍ତାନୀ ନେତା ହରଦୀପ୍ ସିଂ ନିଜ୍ଜରଙ୍କୁ ହତ୍ୟା କରାଯାଇଥିଲା।


ଗୁରପତ୍‌ୱନ୍ତ ସିଂ ପନ୍ନୁନ

ପଞ୍ଜାବର ଗାଙ୍ଗଷ୍ଟରମାନେ ଏସ୍‌ଏଫ୍‌ଜେରେ ସାମିଲ ହେବା ଏବଂ ରାଜନୈତିକ ନେତାମାନଙ୍କୁ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଯୋଗଦେବାକୁ ନ ଦେବା ପାଇଁ ପନ୍ନୁନ କହିଛନ୍ତି। ସେ ପଞ୍ଜାବ ମୁଖ୍ୟମନ୍ତ୍ରୀ ମାନ୍‌ଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଅନ୍ତ ସିଂଙ୍କ ସହ ତୁଳନା କରିଛନ୍ତି, ଯାହାଙ୍କୁ ୧୯୯୫ ଅଗଷ୍ଟ ୩୧ ବିସ୍ଫୋରଣରେ ହତ୍ୟା କରାଯାଇଥିଲା। ଏହି ବିସ୍ଫୋରଣରେ ଅନ୍ୟ ୧୭ ଜଣଙ୍କ ଜୀବନ ଯାଇଥିଲା। ବେଆଇନ ଘୋଷିତ ବାବର ଖାଲ୍‌ସା ଇଣ୍ଟରନ୍ୟାଶନାଲ ଏହି ବିସ୍ଫୋରଣ ଘଟାଇଥିଲା। ସେହିପରି ୧୯୯୦ ବିସ୍ଫୋରଣରେ ତତ୍କାଳୀନ ପୋଲିସ ଅଫିସର ଗୋବିନ୍ଦ ରାମଙ୍କୁ ହତ୍ୟା କରାଯିବା ଭଳି ପଞ୍ଜାବ ପୋଲିସ ଡିଜିଙ୍କୁ ହତ୍ୟା କରାଯିବ ବୋଲି ପନ୍ନୁନ କହିଛନ୍ତି। ଅତୀତରେ ମଧ୍ୟ ପନ୍ନୁନ ଓ ତାଙ୍କ ସଂଗଠନ ଧମକ ଦେଇଥିଲେ। ରାଜ୍ୟର ଭିଆଇପିମାନଙ୍କ ସୁରକ୍ଷା ପାଇଁ ସମସ୍ତ ଆବଶ୍ୟକ ସତର୍କତା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ପଞ୍ଜାବ ପୋଲିସର କେତେଜଣ ଅଫିସର କହିଛନ୍ତି।


ଅଯୋଧ୍ୟା ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବାକୁ ଥିବାବେଳେ ମଙ୍ଗଳବାରଠାରୁ ଏଥିପାଇଁ ରୀତିନୀତି ଆରମ୍ଭ ହୋଇଛି। ପ୍ରାଣପ୍ରତିଷ୍ଠା ଉତ୍ସବ ପାଇଁ ଗୁଜରାଟର ବଡ଼ୋଦରାରୁ ଆସିଥିବା ୧୦୮ ଫୁଟ୍ ଲମ୍ବର ଧୂପକାଠିକୁ ମହନ୍ତ ନୃତ୍ୟଗୋପାଳ ଦାସ ଲଗାଉଥିବାବେଳେ ପାଖରେ ସାଧୁସନ୍ଥ ଓ ଭକ୍ତମାନେ ଉପସ୍ଥିତ ଅଛନ୍ତି। ଏହି ଧର୍ମୀୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ସାଧୁସନ୍ଥ, ସେଲିବ୍ରିଟି ଓ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ। ଏଥିପାଇଁ ୭,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଆମନ୍ତ୍ରଣ କରାଯାଇଛି।

## ଇରାକ୍, ସିରିଆରେ ଇରାନ୍‌ର ମିଶାଇଲ ମାଡ଼

**ତେହରାନ୍,୧୬।୧**

ଇରାନର ଶକ୍ତିଶାଳୀ ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ପକ୍ଷରୁ ଇରାକର କୁର୍ଦ୍ଦିଶ ଅଞ୍ଚଳରେ ମିଶାଇଲ ମାଡ଼ କରାଯାଇଛି। ଇରାନ ଏହି ଟାର୍ଗେଟ ସ୍ଥଳକୁ ଇସ୍ରାଏଲର 'ଗୁପ୍ତଚର ମୁଖ୍ୟାଳୟ' ବୋଲି ଅଭିହିତ କରିଛି। ସେହିପରି ସିରିଆର ଉତ୍ତର ଭାଗରେ ଥିବା ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ର କେତେକ ସ୍ଥାନରେ ମଧ୍ୟ ତେହରାନ୍ କ୍ଷେପଣାସ୍ତ୍ର ଆକ୍ରମଣ କରିଛି। ଇରାକ୍‌ର ଏର୍ବିଲ୍‌ରେ ଅନ୍ୟୂନ ୮ଟି ବିସ୍ଫୋରଣ ଶୁଣାଯାଇଥିଲା। ଏହି ଆକ୍ରମଣରେ ୪ ଜଣ ନିହତ ହୋଇଛନ୍ତି। ଇରାକ୍ ଏହାକୁ ଏର୍ବିଲ୍ ନାଗରିକଙ୍କ ବିରୋଧରେ ଇରାନ୍‌ର ଅପରାଧ ବୋଲି ଅଭିହିତ କରିଛି। ଗାଜା ଉପରେ ଇସ୍ରାଏଲ୍ ପକ୍ଷରୁ ରକେଟ୍ ଓ କ୍ଷେପଣାସ୍ତ୍ର ମାଡ଼ ଜାରି ରହିଥିବାବେଳେ ଇରାନ୍‌ର ସଦ୍ୟ ଆକ୍ରମଣ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧିର କାରଣ ହୋଇଛି।

## 'ଇଣ୍ଡିଆ' ଜିତିବ ଲୋକ ସଭା ନିର୍ବାଚନ


ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଅବସରରେ ନାଗାଲାଣ୍ଡର କୋହିମାଠାରେ ସମର୍ଥକମାନଙ୍କୁ ଅଭିନନ୍ଦନ ଜଣାଉଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ।

**ଚିଫୋବୋଜୋଉ(ନାଗାଲାଣ୍ଡ),୧୬।୧**

ଇଣ୍ଡିଆନ ନ୍ୟାଶନାଲ ଡେଭେଲପମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲିଆନ୍ସ (ଇଣ୍ଡିଆ) ବ୍ଲକ୍‌ର ଦଳଗୁଡ଼ିକ ମଧ୍ୟରେ ଆସନ ଭାଗବଣ୍ଟା ପ୍ରସଙ୍ଗର ଶୀଘ୍ର ସମାଧାନ ହୋଇଯିବ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଆଗାମୀ ଲୋକ ସଭା ନିର୍ବାଚନରେ ଭାଜପା ବିରୋଧରେ ବିରୋଧୀ ଦଳଗୁଡ଼ିକର ଏହି ମେଣ୍ଟ ବିଜୟ ହାସଲ କରିବ ବୋଲି ରାହୁଲ ଦାବି କରିଛନ୍ତି। ଇଣ୍ଡିଆ ବ୍ଲକ୍ ଏକ ଆଦର୍ଶଗତ ମେଣ୍ଟ ଏବଂ ଏହାର ନେତାମାନଙ୍କ ମଧ୍ୟରେ ପାରସ୍ପରିକ ସମ୍ମାନ ଓ ଶ୍ରଦ୍ଧା ରହିଛି, ଯାହାକି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଏବଂ ଭାଜପାର ନୀତି ଠାରୁ ଭିନ୍ନ। ଇଣ୍ଡିଆ ବ୍ଲକ୍‌ର ସ୍ଥିତି ଭଲ ରହିଥିବା ରାହୁଲ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଅବସରରେ ନାଗାଲାଣ୍ଡରେ ଏକ ଖବରଦାତା ସମ୍ମିଳନୀକୁ କହିଛନ୍ତି। ଆସନ ଭାଗବଣ୍ଟା ନେଇ ସହଯୋଗୀ ଦଳଗୁଡ଼ିକ ସହ ଆଲୋଚନା ବେଶ୍ ଭଲ ଚାଲିଛି। ଆଲୋଚନାରେ କୌଣସ ଜଟିଳତା ନ ଥିବାରୁ ଖୁବ୍‌ଶୀଘ୍ର ଆସନ ଭାଗବଣ୍ଟା ନିଷ୍ପତ୍ତି ହୋଇଯିବ ବୋଲି ରାହୁଲ ନିଶ୍ଚିତ ଥିବା କହିଛନ୍ତି।

## କୁନୋ ପାର୍କରେ ୧୦ମ ଚିତାର ମୃତ୍ୟୁ

**ଭୋପାଳ,୧୬।୧**

ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ମଙ୍ଗଳବାର ଅପରାହ୍ନ ୩ଟା ୧୭ରେ ଆଉ ଏକ ଆଫ୍ରିକୀୟ ଚିତା 'ଶୌର୍ଯ୍ୟ'ର ମୃତ୍ୟୁ ଘଟିଛି। ଏହା ହେଉଛି ୨୦୨୨ରେ ନାମିବିଆରୁ ଅଣାଯାଇଥିବା ୧୦ମ ଚିତାର ମୃତ୍ୟୁ। ମୃତ ଚିତାଙ୍କ ମଧ୍ୟରେ ୭ ବୟସ୍କ ଓ ୩ ଶାବକ ରହିଛନ୍ତି। ଏହା ପୂର୍ବରୁ ଗତବର୍ଷ ଅଗଷ୍ଟ ୨ରେ ନବମ ଚିତାର ମୃତ୍ୟୁ ଘଟିଥିଲା। ଏହି ନାମିବିଆ ଚିତାମାନଙ୍କ ମୃତ୍ୟୁ ପାଇଁ ସଂକ୍ରମଣକୁ ଦାୟୀ କରାଯାଇଥିବାବେଳେ ଶୌର୍ଯ୍ୟର ମୃତ୍ୟୁର କାରଣ ମୃତଦେହ ବ୍ୟବଚ୍ଛେଦ ପରେ ଜଣାପଡ଼ିବ ବୋଲି ପାର୍କ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ପ୍ରକାଶ ଯେ, ୧୯୫୨ରେ ଭାରତରେ ଚିତାବଂଶ ଲୋପ ପାଇଥିବା ଘୋଷଣା କରାଯାଇଥିଲା। ୨୦୨୨ ଓ ୨୦୨୩ରେ ଦୁଇଟି ପର୍ଯ୍ୟାୟରେ ୨୦ ଆଫ୍ରିକୀୟ ଚିତାଙ୍କୁ କୁନୋ ନ୍ୟାଶନାଲ ପାର୍କକୁ ଅଣାଯାଇଥିଲା।

## ଶାହି ଇଦ୍‌ଗା ମସ୍‌ଜିଦ ସର୍ଭେ ପାଇଁ କମିଶନର ନିଯୁକ୍ତି ସ୍ଥଗିତ

**ମଥୁରା କୃଷ୍ଣ ଜନ୍ମଭୂମି ବିବାଦ**

**ନୂଆଦିଲ୍ଲୀ,୧୬।୧**

ମଥୁରାର ଶ୍ରୀକୃଷ୍ଣ ଜନ୍ମଭୂମି ବିବାଦ ସହ ସମ୍ପୃକ୍ତ ଶାହି ଇଦ୍‌ଗା ମସ୍‌ଜିଦ ଅନୁଧ୍ୟାନ ଲାଗି ଏକ କମିଶନ ନିଯୁକ୍ତ କରିବାକୁ ଆଲ୍ଲାହାବାଦ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ଉପରେ ସୁପ୍ରିମକୋର୍ଟ ମଙ୍ଗଳବାର ସ୍ଥଗିତାଦେଶ ଲଗାଇଛନ୍ତି। ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତଙ୍କ ଖଣ୍ଡପୀଠ ହିନ୍ଦୁ ପକ୍ଷର ଆଇନଜୀବୀ ଶ୍ୟାମ ଦିବାନଙ୍କୁ ଏହା ଜଣାଇଦେଇଛନ୍ତି। ମସ୍‌ଜିଦ ସର୍ଭେ ଲାଗି କମିଶନ ଗଢ଼ିବାରେ ଆଇନଗତ ସମସ୍ୟା ରହିଥିବା ଖଣ୍ଡପୀଠ କହିବା ସହ କମିଶନର ନିଯୁକ୍ତି ନିମନ୍ତେ ହାଇକୋର୍ଟରେ ଅସ୍ପଷ୍ଟ ଆବେଦନକୁ ନେଇ ପ୍ରଶ୍ନ ଉଠାଇଛନ୍ତି। କୋର୍ଟ କମିଶନର ନିଯୁକ୍ତି ଲାଗି ଏଭଳି ଅସ୍ପଷ୍ଟ ଆବେଦନ କରାଯାଇପାରିବ ନାହିଁ। ଏହା ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଆଧାରିତ ହେବା ଆବଶ୍ୟକ। ସବୁକିଛି ଅଦାଲତଙ୍କ ଅନୁଧ୍ୟାନ ଉପରେ ଛାଡ଼ିଦିଆଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

କୃଷ୍ଣ ଜନ୍ମଭୂମି ବିବାଦକୁ ନେଇ ୧୮ଟି ମକଦ୍ଦମା ଅନ୍ୟ ଅଦାଲତକୁ ସ୍ଥାନାନ୍ତର ପ୍ରସଙ୍ଗ ରହିଛି। ସେଗୁଡ଼ିକର ପ୍ରୋସିଡିଂ ହାଇକୋର୍ଟରେ ଜାରି ରଖିବାକୁ ସୁପ୍ରିମକୋର୍ଟ ଅନୁମତି ଦେଇଥିବାବେଳେ ବର୍ତ୍ତମାନ କମିଶନ କାର୍ଯ୍ୟକାରୀ ହୋଇପାରିବ ନାହିଁ ବୋଲି କହିଛନ୍ତି।

## ଭାରତ ଚତୁର୍ଥ ସାମରିକ ଶକ୍ତି

**ରୁଷିଆ ୨ୟ, ଚାଇନା ୩ୟ**

**ନୂଆଦିଲ୍ଲୀ,୧୬।୧**

ଚଳିତବର୍ଷ ୧୪୫ ଦେଶର ସାମରିକ ସାମର୍ଥ୍ୟକୁ ନେଇ ର୍‍ୟାଙ୍କିଙ୍ଗ୍ ପ୍ରସ୍ତୁତ କରାଯାଇଛି। ଏହି ତାଲିକା ଅନୁଯାୟୀ ଆମେରିକା ବିଶ୍ୱର ସବୁଠୁ ଶକ୍ତିଶାଳୀ ସାମରିକ ଶକ୍ତି ହୋଇଥିବାବେଳେ ଏହା ପଛକୁ ରୁଷିଆ ଏବଂ ଚାଇନା ଅଛନ୍ତି। ଭାରତ ଏହି ତାଲିକାର ଚତୁର୍ଥ ସ୍ଥାନରେ ରହିଥିବା ଗ୍ଲୋବାଲ ଫାୟାରପାୱାର ୱେବ୍‌ସାଇଟ୍‌ରେ ଦର୍ଶାଯାଇଛି। ସୈନ୍ୟ ସଂଖ୍ୟା, ସାମରିକ ଉପକରଣ, ଆର୍ଥିକ ସ୍ଥିରତା, ଭୌଗୋଳିକ ଉପସ୍ଥିତି ଏବଂ ଉପଲବ୍ଧ ସମ୍ବଳ ଆଦି ୬୦ରୁ ଊର୍ଦ୍ଧ୍ୱ ବିଷୟକୁ ଏକାଠି ବିଚାରକୁ ନିଆଯାଇ ଶକ୍ତି ସୂଚକାଙ୍କ ସ୍କୋର ନିର୍ଦ୍ଧାରଣ କରାଯାଇଥିଲା। ତାଲିକାର ପ୍ରଥମ ୧୦ଟି ସ୍ଥାନରେ ଆମେରିକା, ରୁଷିଆ, ଚାଇନା, ଭାରତ, ଦକ୍ଷିଣ କୋରିଆ, ବ୍ରିଟେନ, ଜାପାନ, ତୁର୍କୀ, ପାକିସ୍ତାନ ଏବଂ ଇଟାଲୀ ରହିଥିବାବେଳେ ନିମ୍ନ ଆଡୁ ୧୦ଟି ସ୍ଥାନରେ ଭୁଟାନ, ମୋଲଡୋଭା, ସୁରିନାମ୍, ସୋମାଲିଆ, ବେନିନ୍, ଲାଇବେରିଆ, ବେଲିଜ୍, ସିଏରା ଲିଓନ୍, ସେଣ୍ଟ୍ରାଲ ଆଫ୍ରିକାନ୍ ରିପବ୍ଲିକ୍ ଏବଂ ଆୟର୍ଲାଣ୍ଡ ରହିଛି। ସାମରିକ ସାମର୍ଥ୍ୟ କ୍ଷେତ୍ରରେ ଭୁଟାନ ସବୁଠୁ ଦୁର୍ବଳ ବୋଲି ତାଲିକାରେ ଦର୍ଶାଯାଇଛି।

## ୧୪.୫ ନିୟୁତଙ୍କ ଜୀବନ ପ୍ରତି ବିପଦ

**ଡାଭୋସ୍‌ରେ ଜଳବାୟୁ ପରିବର୍ତ୍ତନ ଚିନ୍ତା**

**ଡାଭୋସ୍,୧୬।୧**

ବିଶ୍ୱ ସମୁଦାୟ ଆଗରେ ସବୁଠୁ ବଡ଼ ଆହ୍ୱାନ ରୂପେ ଛିଡ଼ା ହୋଇଛି ଜଳବାୟୁ ପରିବର୍ତ୍ତନ। ଜଳବାୟୁ ସଙ୍କଟ ପ୍ରଭାବରୁ ସୃଷ୍ଟି ହେଉଥିବା ବିପର୍ଯ୍ୟୟ ଯୋଗୁ ୨୦୫୦ ସୁଦ୍ଧା ବିଶ୍ୱବ୍ୟାପୀ ୧୪.୫ ନିୟୁତ ଜଣଙ୍କ ମୃତ୍ୟୁ ଘଟିପାରେ। ଏଥିସହ ୧୨.୫ ଟ୍ରିଲିୟନ୍ ଆମେରିକୀୟ ଡଲାରର କ୍ଷତି ହୋଇପାରେ ବୋଲି ମଙ୍ଗଳବାର ସୁଇଜରଲାଣ୍ଡର ଡାଭୋସ୍‌ରେ ଚାଲିଥିବା ବିଶ୍ୱ ଅର୍ଥନୈତିକ ମଞ୍ଚ (ଡବ୍ଲ୍ୟୁଇଏଫ୍) ପକ୍ଷରୁ ଏକ ବିଶ୍ଳେଷଣରେ ସତର୍କ କରାଯାଇଛି। ତେବେ ବିଶ୍ୱର ସମସ୍ତ ପକ୍ଷ ନିର୍ଣ୍ଣାୟକ ଓ ରଣନୈତିକ ପଦକ୍ଷେପ ନେଲେ ଏହାର ମୁକାବିଲା ସମ୍ଭବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। 'କ୍ୱାଣ୍ଟିଫାଇଙ୍ଗ୍ ଦି ଇମ୍ପାକ୍ଟ ଅଫ୍ କ୍ଲାଇମେଟ୍ ଚେଞ୍ଜ ଅନ୍ ହ୍ୟୁମାନ୍ ହେଲ୍‌ଥ' ଶୀର୍ଷକ ରିପୋର୍ଟ ୱାର୍ଲ୍ଡ ଇକୋନୋମିକ୍ ଫୋରମ୍‌ର ବାର୍ଷିକ ବୈଠକ ୨୦୨୪ରେ ଉନ୍ମୋଚିତ ହୋଇଛି। ଏଥିରେ ଜଳବାୟୁ ପରିବର୍ତ୍ତନକୁ ଏକ ନୂଆ ଦୃଷ୍ଟିରୁ ଅନୁଶୀଳନ କରାଯାଇଛି। କ୍ଲାଇମେଟ୍ ଚେଞ୍ଜ ଯୋଗୁ ମଣିଷର ସ୍ୱାସ୍ଥ୍ୟ, ବୈଶ୍ୱିକ ଅର୍ଥନୀତି ଏବଂ ବିଶ୍ୱର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ପଡ଼ିବାକୁ ଥିବା ପରୋକ୍ଷ ପ୍ରଭାବ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି।

ପ୍ରକୃତି ଓ ବିଶ୍ୱ ଅର୍ଥନୀତିକୁ ଜଳବାୟୁ ପରିବର୍ତ୍ତନ ପ୍ରଭାବିତ କରିବା ଉପରେ ଅଧିକ ଆଲୋଚନା ହେଉଥିବାବେଳେ ବିଶ୍ୱର ତାପମାତ୍ରା ବୃଦ୍ଧି କାରଣରୁ ମଣିଷଙ୍କ ସ୍ୱାସ୍ଥ୍ୟ ଏବଂ ବୈଶ୍ୱିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ଏହାର ନକାରାତ୍ମକ ପ୍ରଭାବକୁ ଅଣଦେଖା କରାଯାଇ ପାରିବ ନାହିଁ ବୋଲି ଡବ୍ଲ୍ୟୁଇଏଫ୍ ଏକ୍‌ଜିକ୍ୟୁଟିଭ୍ କମିଟି ସଦସ୍ୟ ତଥା ସେଣ୍ଟର୍ ଫର୍ ହେଲ୍‌ଥ ଆଣ୍ଡ୍ ହେଲ୍‌ଥକେୟାର ମୁଖ୍ୟ ଶ୍ୟାମ ବିଶେନ୍ ମତ ରଖିଛନ୍ତି। ସେ କହିଛନ୍ତି, ଅଙ୍ଗାରକାମ୍ଳ ଉତ୍ସର୍ଜନକୁ ହ୍ରାସ କରା ନ ଗଲେ ଏବଂ ମୁକାବିଲା ପାଇଁ ବୈଶ୍ୱିକ ସ୍ତରରେ ଉନ୍ନତ ଉପାୟ ଓ ଉପକରଣ ବ୍ୟବସ୍ଥା କରା ନ ଗଲେ ସଦ୍ୟ ପ୍ରଗତିକୁ ଆମେ ହରାଇବସିବା। ବିଶେଷକରି ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଜଳବାୟୁ ସହିଷ୍ଣୁ ରୂପେ ଗଢ଼ି ତୋଳିବାକୁ ପଡ଼ିବ ବୋଲି ଶ୍ୟାମ କହିଛନ୍ତି। ପୃଥିବୀର ହାରାହାରି ତାପମାତ୍ରା ବୃଦ୍ଧିକୁ ୨.୫ ଡିଗ୍ରୀରୁ ୨.୯ ଡିଗ୍ରୀ ସେଲସିୟସ୍ ମଧ୍ୟରେ ସୀମିତ ରଖିବା ପାଇଁ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଆନ୍ତଃ ସରକାରୀ ପ୍ୟାନେଲ (ଆଇପିସିସି) ଧାର୍ଯ୍ୟ କରିଥିବାବେଳେ ଏହି ଉଦ୍‌ବେଗଜନକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ବନ୍ୟା, ମରୁଡ଼ି, ଗ୍ରୀଷ୍ମ ପ୍ରବାହ, କ୍ରାନ୍ତୀମଣ୍ଡଳୀୟ ଝଡ଼, ବନାଗ୍ନି ଓ ସାମୁଦ୍ରିକ ପତ୍ତନ ବୃଦ୍ଧିକୁ ନକାରାତ୍ମକ ପ୍ରଭାବ ପାଇଁ ମୁଖ୍ୟତଃ ଦାୟୀ କରାଯାଇଛି। ୨୦୫୦ ସୁଦ୍ଧା ଖାଦ୍ୟ ଅଭାବରୁ ୮.୫ ନିୟୁତ ଓ ମରୁଡ଼ିରେ ୩.୨ ନିୟୁତ ଲୋକ ମୃତ୍ୟୁମୁଖରେ ପଡ଼ିବେ ବୋଲି ସତର୍କ କରାଯାଇଛି। ସେହିପରି ଗ୍ରୀଷ୍ମ ପ୍ରବାହର ପ୍ରଭାବରେ ୭.୧ ଟ୍ରିଲିୟନ୍ ଡଲାର କ୍ଷତି ହେବ। ଏଥିରେ ଆଫ୍ରିକା ଓ ଦକ୍ଷିଣ ଏସୀୟ ଅଞ୍ଚଳ ସର୍ବାଧିକ ପ୍ରଭାବିତ ହେବା ଆଶଙ୍କା କରାଯାଇଛି।

## ସଂକ୍ଷେପରେ

### ମାଞ୍ଜାସୂତାରେ ଯୁବକଙ୍କ ଗଳା କଟିଲା

କଟକ,୧୬।୧ (କାର୍ତ୍ତିକ ସାହୁ)

ବାଦାମବାଡ଼ି ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ ଗୁଡ଼ିରେ ବ୍ୟବହୃତ ମାଞ୍ଜାସୂତା ଲାଗି ଜଣେ ଯୁବକଙ୍କ ଗଳା କଟିଯାଇଛି। ସେ ହେଲେ ୪୨ ମୌଜା ଥାନା ଅଧୀନ ନହରପଦା ଗ୍ରାମର ଶିବ ପ୍ରସାଦ ପଣ୍ଡା। ସେ ବାଦାମବାଡି ଅଞ୍ଚଳରେ ଯାଉଥିବାବେଳେ ହଠାତ୍ ଗୁଡିସୂତା ତାଙ୍କ ବେକରେ ଲାଗିଯାଇଥିଲା। ଏହାଦ୍ୱାରା ତାଙ୍କ ଗଳାରେ କ୍ଷତ ସୃଷ୍ଟି ହୋଇଛି। ଚିକିତ୍ସା ଲାଗି ତାଙ୍କୁ ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି।

### କାର୍‌କୁ ପଛପଟୁ ଧକ୍କା ଦେଲା ମୋ ବସ୍, ୫ ଆହତ

ବାରଙ୍ଗ,୧୬।୧ (ଲିଙ୍ଗରାଜ ରାଉତ):

ବାରଙ୍ଗ ମେଡିକାଲ ଛକରେ ମୋ ବସ୍ ପଛପଟରୁ ଏକ କାର୍‌କୁ ଧକ୍କା ଦେଇଛି। ଦୁର୍ଘଟଣା ଫଳରେ କାର୍‌ରେ ଥିବା ଚାଳକଙ୍କ ସମେତ ୫ଜଣ ଆହତ ହୋଇଛନ୍ତି। ଏହାକୁ ନେଇ କିଛି ସମୟ ପାଇଁ ମଧ୍ୟ ଉତ୍ତେଜନା ଦେଖାଦେଇଥିଲା। ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ଥାନାକୁ ଆଣି ପଚାରଉଚରା କରିଥିଲା। ପରେ ଷ୍ଟେଶନ ଡାଏରୀ କରି ଉଭୟ ଗାଡ଼ିକୁ ଛାଡ଼ିଥିଲା। ପ୍ରକାଶ ଯେ, ମଙ୍ଗଳବାର ସକାଳେ କଟକ- ଭୁବନେଶ୍ୱର ଅଭିମୁଖେ ଯାଉଥିବା ମୋବସ୍ (ଓଡି୩୩ଭି୩୫୧୬) କାର୍‌କୁ ପଛରୁ ଧକ୍କା ଦେଇଥିଲା। ଫଳରେ କାର୍‌ଟି ଭାଙ୍ଗି ଯାଇଥିବାବେଳେ କାର୍‌ରେ ଥିବା ଲୋକେ ଆହତ ହୋଇଥିଲେ।

### ପାନ ଦୋକାନରେ ଗଞ୍ଜେଇ ବେପାର

ଅଭିଯୁକ୍ତ ଗିରଫ, ବିପୁଳ ପରିମାଣର ଗଞ୍ଜେଇ ସିଗାରେଟ୍ ଜବତ



ଭୁବନେଶ୍ୱର,୧୬।୧ (ସତ୍ୟଜିତ୍ ରାଉତ):

ରାଜଧାନୀରେ ଏକ ପାନ ଦୋକାନରେ ଗଞ୍ଜେଇ ବେପାର ଚାଲିଥିଲା। ସ୍ୱତନ୍ତ୍ର ଭାବେ ଗଞ୍ଜେଇ ସିଗାରେଟ୍ ପ୍ରସ୍ତୁତ କରାଯାଇ ଯୁବକମାନଙ୍କୁ ବିକ୍ରି କରାଯାଉଥିଲା। ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ଏକ ଘରୋଇ କଲେଜ୍ ନିକଟରେ ଥିବା ଏହି ଦୋକାନ ଉପରେ ମଙ୍ଗଳବାର ଭୁବନେଶ୍ୱର ଅବକାରୀ ଟିମ୍ ଚଢ଼ାଉ କରିଛି। ଅବକାରୀ ଟିମ୍ ଉକ୍ତ ଦୋକାନରୁ ୩୬ ହଜାର ୮୪୦ ଟଙ୍କା, ୮ କେଜି ୨୦୦ ଗ୍ରାମ ଗଞ୍ଜେଇ ଏବଂ ବିପୁଳ ପରିମାଣର ଗଞ୍ଜେଇ ସିଗାରେଟ୍ ଜବତ କରିଛି। ଅଭିଯୁକ୍ତ ଦୋକାନୀ ସୁକାନ୍ତ ଦାସଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ସୁକାନ୍ତ ଅନେକ ଦିନ ହେବ ଗଞ୍ଜେଇ ସିଗାରେଟ୍ ଯୁବକମାନଙ୍କୁ ବିକ୍ରି କରୁଥିଲେ। ଏଥିସହ ଛୋଟ ଦୋକାନଗୁଡ଼ିକୁ ମଧ୍ୟ ଗଞ୍ଜେଇ ଚାଲାଣ କରୁଥିଲେ। ଏନେଇ ଅବକାରୀ ଟିମ୍ ସୂଚନା ପାଇବା ପରେ ମଙ୍ଗଳବାର ଉକ୍ତ କ୍ୟାବିନ୍‌ରେ ଚଢ଼ାଉ କରି ସୁକାନ୍ତଙ୍କୁ କାବୁ କରିଥିଲା। ତେବେ କେଉଁଠୁ ଏବଂ କାହା ପାଖରୁ ସୁକାନ୍ତ ଗଞ୍ଜେଇ ଆଣୁଥିଲେ, ତାହା ଜାଣିବାକୁ ତଦନ୍ତ କରାଯାଉଥିବା ଅବକାରୀ ଇନ୍ସପେକ୍ଟର ବିକାଶ ନାୟକ କହିଛନ୍ତି।

### ୨ ବ୍ରାଉନ୍‌ସୁଗାର ବେପାରୀ ଗିରଫ

ଅସ୍ତରଙ୍ଗ,୧୬।୧ (ମମତା ଜେନା/ପ୍ରଦୀପ୍ତ ଦୀକ୍ଷିତ):

ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ଅସ୍ତରଙ୍ଗ ପୋଲିସ ୨ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଓସ୍ତପୁର ଗ୍ରାମର ନିରଞ୍ଜନ ସେନାପତି(୪୯) ଓ ଓଳଙ୍ଗର ଗ୍ରାମର ବିଦ୍ୟାଧର ସ୍ୱାଇଁ(୩୯)। ସେମାନଙ୍କ ପାଖରୁ ଏକ ବାଇକ୍, ଏକ ପିସ୍ତଲ, ନଗଦ ୮ ହଜାର ଟଙ୍କା, ୨ଟି କି ପ୍ୟାଡ ମୋବାଇଲ, ୮ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏନେଇ ପୋଲିସ ଏନ୍‌ଡିପିଏସ ଆକ୍ଟରେ ୧୭/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ୨ ଅଭିଯୁକ୍ତ ଏକ ଜରି ପ୍ୟାକେଟରେ ବ୍ରାଉନସୁଗାର ଆଣି ବେପାର ଉଦ୍ଦେଶ୍ୟରେ ଗ୍ରାହକ ଖୋଜୁଥିଲେ। ପୋଲିସ ଖବର ପାଇ ଦୁହିଁଙ୍କୁ କାବୁ କରିଥିଲା। ଏଥିରେ ସବ୍ ଇନ୍ସପେକ୍ଟର ସଂଗ୍ରାମ ସ୍ୱାଇଁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ସାମିଲ ଥିଲେ।

# ଯୁବକଙ୍କୁ ହତ୍ୟା ପରେ ବିଲରେ ଫିଙ୍ଗିଦେଲେ

ଖୋର୍ଦ୍ଧା,୧୬।୧ (ପ୍ରଭାତ ପାଣିଗ୍ରାହୀ):

ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ୫୭ ନମ୍ବର ଜାତୀୟ ରାଜପଥର ଜାଗୁଳିପାଟଣା ନିକଟ ରାସ୍ତାପାର୍ଶ୍ୱ ବିଲରୁ ମଙ୍ଗଳବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ପୁରୁସାହି ଗ୍ରାମର ସୁଶାନ୍ତ ପଟ୍ଟନାୟକ। ଅନ୍ୟପଟେ ହତ୍ୟା ପରେ ସୁଶାନ୍ତଙ୍କୁ ବିଲରେ ଫିଙ୍ଗି ଦେଇଛନ୍ତି ବୋଲି ବଡ଼ଭାଇ ସତ୍ୟମୋହନ ପଟ୍ଟନାୟକ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ହତ୍ୟା ମାମଲା(ନଂ.୩୧/୨୪) ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ସଦର ଏସ୍‌ଡିପିଓ ଦିଲୀପ ଦାସ, ଥାନା ଅଧିକାରୀ ସଞ୍ଜୟ



ଏସ୍‌ପି ସିଦ୍ଧାର୍ଥ କଟାରିଆ ଘଟଣାସ୍ଥଳ ଅନୁଧ୍ୟାନ କରୁଛନ୍ତି ।

ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ପରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲା।

ଅଭିଯୋଗ ମୁତାବକ, ସୋମବାର ଜଣେ ଯୁବକଙ୍କ ସହ ସୁଶାନ୍ତ ଏକ ଢାବାକୁ ଯାଇଥିଲେ। ପରବର୍ତ୍ତୀ ସମୟରେ ରାତି

**ପୋଲିସ, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ**

୧୦ଟା ୩୦ରେ ସୁଶାନ୍ତ ଘରୁ ବାହାରକୁ ଯାଇଥିବା ବେଳେ ଆଉ ଫେରି ନ ଥିଲେ। ଏପରିକି ବିଳମ୍ବିତ ରାତିରେ ଦୁଇଜଣ ଯୁବକ ତାଙ୍କ ଘର ଆଗରେ ଆସି ପାଟିତୁଣ୍ଡ କରିଥିଲେ। ଉକ୍ତ ୩ ଯୁବକ ମିଶି ସୁଶାନ୍ତଙ୍କୁ ହତ୍ୟା କରି ବିଲରେ ଫିଙ୍ଗିଦେଇଛନ୍ତି ବୋଲି ସତ୍ୟମୋହନ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ତାଙ୍କ ମୃତଦେହ ଜାଗୁଳିପାଟଣା ନିକଟ ବିଲରେ ପଡିଥିବା ମଙ୍ଗଳବାର ଖବରପାଇ ପରିବାର ଲୋକେ, ଗ୍ରାମବାସୀ ଓ ପୋଲିସ ପହଞ୍ଚିଥିଲା। ଟାଉନ ଥାନାଧିକାରୀ ସଞ୍ଜୟ ନାୟକ ଏହାର ତଦନ୍ତ ଅଧିକାରୀ ରହିଛନ୍ତି। ଘଟଣାର ତଦନ୍ତ ଜାରି ରହିଛି ବୋଲି ଏସ୍‌ଡିପିଓ ଦାସ ସୂଚନା ଦେଇଛନ୍ତି।



କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ପରିସରରେ ଆୟୋଜିତ ତାଲିମ ଶିବିରରେ ନିର୍ଦ୍ଦେଶକ ଏବଂ ଅନ୍ୟମାନେ ।

## 'ପାର୍ବତ୍ୟାଞ୍ଚଳରେ ବୃଦ୍ଧି ପାଇବ ଧାନ ଉତ୍ପାଦନ'

କଟକ,୧୬।୧ (କାର୍ତ୍ତିକ ସାହୁ)

**ଏନ୍‌ଆର୍‌ଆର୍‌ଆଇରେ ୫ ଦିନିଆ ତାଲିମ ଶିବିର**

ପାର୍ବତ୍ୟାଞ୍ଚଳରେ ଧାନ ଉତ୍ପାଦନ ବୃଦ୍ଧି ପାଇବ। ବୈଷୟିକ ଜ୍ଞାନକୌଶଳ ଉପଯୋଗରେ କୃଷିବିଜ୍ଞାନୀମାନେ ଏଥିପାଇଁ ଉପାୟ ବାହାର କରୁଛନ୍ତି। ବିଶେଷକରି ଭାରତର ଉତ୍ତର-ପୂର୍ବ ପାର୍ବତ୍ୟାଞ୍ଚଳରେ ଜୈବ ବିବିଧତା ଓ ଭିନ୍ନ ଭିନ୍ନ କୃଷି ଜଳବାୟୁ ପରିସ୍ଥିତିକୁ ଅନୁଧ୍ୟାନ କରି ତଦନୁଯାୟୀ ପଦକ୍ଷେପ ନିଆଯାଇପାରିବ ବୋଲି କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ(ଏନ୍‌ଆର୍‌ଆର୍‌ଆଇ) ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ ମତବ୍ୟକ୍ତ କରିଛନ୍ତି। ଏନ୍‌ଆର୍‌ଆର୍‌ଆଇ ପରିସରରେ କୃଷିବିଜ୍ଞାନ କେନ୍ଦ୍ରର ଅଧିକାରୀମାନଙ୍କ ନିମନ୍ତେ ୫ ଦିନିଆ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ନିର୍ଦ୍ଦେଶକ ନାୟକ ଉଦ୍‌ଘାଟନ କରି କହିଛନ୍ତି, ଧାନ ଏକ ମୁଖ୍ୟ ଫସଲ ଭାବେ ଲକ୍ଷାଧିକ ଲୋକଙ୍କ ଜୀବିକା ନିର୍ବାହରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଧାନର ଉତ୍ପାଦନ ବୃଦ୍ଧି, ଖାଦ୍ୟର ପର୍ଯ୍ୟାପ୍ତତା ସୁନିଶ୍ଚିତ କରିବା ସହ ଆମ କୃଷକଙ୍କ ସାମାଜିକ, ଅର୍ଥନୈତିକ ସ୍ଥିତିରେ ଉନ୍ନତି ପାଇଁ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଜରୁରୀ। ଦେଶର ଖାଦ୍ୟ ନିରାପତ୍ତାକୁ ସୁରକ୍ଷିତ ରଖିବା ଦିଗରେ ଅନୁଷ୍ଠାନର ସଫଳତା ଉଲ୍ଲେଖନୀୟ। ଦେଶରେ ଧାନ ଶିଳ୍ପର ଉନ୍ନତି ପାଇଁ ଏକ ସମନ୍ୱିତ ସହଯୋଗ ହିଁ କେବଳ ସହାୟକ ହୋଇପାରିବ। ତାଲିମ ଶିବିରରେ ଯୋଗଦେଇଥିବା ଅଧିକାରୀମାନଙ୍କୁ ଗୁଣାତ୍ମକ ବିହନ ଉତ୍ପାଦନ, ପ୍ରକାର ଚୟନ, ବିହନ ସ୍ୱାସ୍ଥ୍ୟ ପରିଚାଳନା, ଫସଲ କୀଟ-ପୋକ ପରିଚାଳନା, ଫସଲ ରୋଗ ପରିଚାଳନା, ବିହନ ସଂରକ୍ଷଣ, ଧାନରେ ଅମଳ ପ୍ରକ୍ରିୟାକରଣ ଏବଂ ମୂଲ୍ୟ ଯୋଗ ଆଦି ଉପରେ ଆବଶ୍ୟକ ଜ୍ଞାନକୌଶଳ ପ୍ରଦାନ କରାଯିବା ସହ ଅନୁଷ୍ଠାନର ଫାର୍ମ, ଲାବୋରେଟୋରି ଓ ସଂଗ୍ରହାଳୟ ପରିଦର୍ଶନ କରି ଜ୍ଞାନ ଆହରଣ କରିବେ ବୋଲି ନିର୍ଦ୍ଦେଶକ ନାୟକ ସୂଚନା ଦେଇଛନ୍ତି।

ସାମାଜିକ ବିଜ୍ଞାନ ବିଭାଗ ଅଧକ୍ଷ ଡ. ଜି.ଏ.କେ. କୁମାର ସ୍ୱାଗତ ଭାଷଣ ଦେଇ ଉପଯୁକ୍ତ ଜ୍ଞାନକୌଶଳର ଉତ୍ତର-ପୂର୍ବ ହିମାଳୟ ଅଞ୍ଚଳର ସାମଗ୍ରିକ ସମୃଦ୍ଧିରେ ସହାୟକ ହେବ ବୋଲି କହିଥିଲେ। ଡ. ବିଶ୍ୱଜିତ୍ ମଣ୍ଡଳ, ଡ. ଏନ୍.ଏନ୍. ଜମ୍ବୁଲକର ଏବଂ ଡ. ସୁଦୀପ୍ତ ପାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ଦେଶର ୨୦ଟି କୃଷି ବିଜ୍ଞାନ କେନ୍ଦ୍ରର କୃଷି ଅଧିକାରୀ ଯୋଗଦେଇଛନ୍ତି।

## 'ଆବେଦନକାରୀ ଆୟର ଉତ୍ସ ସଂକ୍ରାନ୍ତରେ ସତ୍ୟପାଠ ଦାଖଲ କରନ୍ତୁ'

କଟକ,୧୬।୧ (କାର୍ତ୍ତିକ ସାହୁ)

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିରୋଧରେ ମାମଲା**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିରୋଧରେ ଦାଏର ମାମଲାରେ ଆବେଦନକାରୀଙ୍କୁ ଆୟର ଉତ୍ସ ସଂକ୍ରାନ୍ତରେ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆସନ୍ତା ୨ ସପ୍ତାହ ମଧ୍ୟରେ ଏହି ସତ୍ୟପାଠ ଦାଖଲ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମାମଲାର ଶୁଣାଣିକୁ ୨ ସପ୍ତାହ ଯାଏ ସ୍ଥଗିତ ରଖିଥିବା ଜଣାପଡିଛି। ଆବେଦନକାରୀ ଭାରତୀୟ ବିକାଶ ପରିଷଦ ଓ ଜଗନ୍ନାଥ ସେନା ସେମାନଙ୍କ ଆୟର ଉତ୍ସ ସଂକ୍ରାନ୍ତରେ ସତ୍ୟପାଠ ଦାଖଲ ନ କଲେ ଆବେଦନକୁ ଖାରଜ କରିଦେବା ନିମନ୍ତେ ହାଇକୋର୍ଟ ଚେତାବନୀ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନାମରେ କେବଳ ୪ଟି ଶୌଚାଳୟ ଓ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ରାସ୍ତା ନିର୍ମାଣ କରାଯାଇଛି। ଏହାର ଉଦ୍‌ଘାଟନ ପାଇଁ ୧୫୫.୮୮ କୋଟି ଟଙ୍କା ରାଜକୋଷରୁ ବଦ୍ଧଖର୍ଚ୍ଚ ସହିତ ୩୧୮୫ ବସ୍‌ରେ ଲକ୍ଷାଧିକ ବିଜେଡି କର୍ମୀ ଓ ନେତାଙ୍କୁ ଏକତ୍ରିତ କରି ପୁରୀରେ ସମାବେଶ କରାଯାଉଛି। ଏତେ ସଂଖ୍ୟକ ଲୋକଙ୍କ ସମାବେଶ ଦ୍ୱାରା ଓଡ଼ିଶାରେ କରୋନା ବ୍ୟାପିବା ଆଶଙ୍କା ଥିବାରୁ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ରୋକିବା ପାଇଁ ହାଇକୋର୍ଟଙ୍କୁ ପ୍ରାର୍ଥନା କରାଯାଇଛି। ଏହି ମାମଲାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବ, ଅର୍ଥ ବିଭାଗ ସଚିବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲାପାଳ, ଏସ୍‌ପି ଓ ସିଂହଦ୍ୱାର ଥାନା ଆଇଆଇସିଙ୍କୁ ପକ୍ଷଭୁକ୍ତ କରାଯାଇଛି।

## ଖଣି ଅଧିକାରୀଙ୍କୁ ଆକ୍ରମଣ ଘଟଣା, ୨ ଗିରଫ

ଖୋର୍ଦ୍ଧା,୧୬।୧ (ପ୍ରଭାତ ପାଣିଗ୍ରାହୀ):

ଖୋର୍ଦ୍ଧା ଆଦର୍ଶ ଥାନା ଅଧୀନ ଶରଧାପୁର ନିକଟ ଜକରା ଗୁଡୁମଠାରେ ଥିବା ପଥର ଖଣିରେ ଚଢ଼ାଉ ବେଳେ ମାଇନିଂ(ଖଣି) ଅଧିକାରୀ ଜଗନ ବେହେରାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ପୋଲିସ ମଙ୍ଗଳବାର ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗଡ଼ଗୁଡୁମ ଗ୍ରାମର ପ୍ରହ୍ଲାଦ ପ୍ରଧାନ(୪୦) ଏବଂ ଶରଧାପୁର ଗ୍ରାମର ସବିର ଅଲ୍ଲୀ(୨୬)। ଜାମିନ ନାମଞ୍ଜୁର ପରେ ଏମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ଗତ ୧୪ ତାରିଖ(ରବିବାର) ବିଳମ୍ବିତ ରାତିରେ ଉକ୍ତ ସ୍ଥାନରେ ବେଆଇନଭାବେ ପଥର ଉତ୍ତୋଳନ ହେଉଥିବା ନେଇ ଖଣି ଅଧିକାରୀ ଜଗନ ବେହେରା ଖବର ପାଇଥିଲେ। ଏନେଇ ସେ ପୋଲିସକୁ ମଧ୍ୟ ଜଣାଇଥିଲେ। ପୋଲିସ ଆସିବାରେ ବିଳମ୍ବ ହେବାରୁ ସେ ଉକ୍ତ ଖଣିରେ ଚଢ଼ାଉ କରିଥିଲେ। ବେଆଇନଭାବେ ପଥର ଉତ୍ତୋଳନ ହେଉଥିବା ଦେଖି ରୋକିବା ସହ କେତେକ ଗାଡ଼ିକୁ ମଧ୍ୟ ଅଟକାଇଥିଲେ। ଏହି ସମୟରେ କେତେଜଣ ଦୁର୍ବୃତ୍ତ ତାଙ୍କୁ ହଠାତ୍ ଆକ୍ରମଣ କରିଥିଲେ। ଏପରିକି ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଦୁର୍ବୃତ୍ତମାନେ ମାଡ଼ ମାରିବା ସହ ତାଙ୍କ କାରକୁ ଭାଙ୍ଗି ଚୂର୍‌ମାର କରିଦେଇଥିଲେ। ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଦୁର୍ବୃତ୍ତମାନେ ଫୋପାଡ଼ିଦେଇ ଫେରାର ହୋଇଯାଇଥିଲେ। ଏଥିସହିତ ଜଗନଙ୍କ ସାଥିରେ ଯାଇଥିବା ଅନ୍ୟ ଖଣିର ଲିଜ୍‌ଧାରୀ କେତେଜଣ ଯୁବକଙ୍କୁ ମାଫିଆମାନେ ଆକ୍ରମଣ କରିବା ସହ ସେମାନଙ୍କ ବାଇକ୍‌କୁ ମଧ୍ୟ ଭାଙ୍ଗି ଦେଇଥିଲେ। ମାଫିଆଙ୍କ ଆକ୍ରମଣରେ ସେମାନେ ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଖବରପାଇ ପୋଲିସ ପହଞ୍ଚି ଜଗନଙ୍କୁ ଉଦ୍ଧାରକରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଜଗନଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା(ନଂ.୨୯/୨୪) ରୁଜୁ ହୋଇଛି। ଏନେଇ ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁ କହିଛନ୍ତି, ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଘଟଣାର ତଦନ୍ତ ଜାରି ରହିଛି।



ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜ୍ୟୋତ୍ସ୍ନା



@ ମନୋରଞ୍ଜନ



@ ରାଜାଦାସ୍ତିରଞ୍ଜନ



@ ସୁଚିତ୍ରା



@ ସ୍ୱସ୍ତିପ୍ରିୟା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଅହିଂସା ଖଣ୍ଡୁଆ ପାଟ ସୂତାରେ ବୁଣାଯାଇଛି ଅଙ୍ଗବସ୍ତ୍ର

ତିଗିରିଆ,୧୬।୧ (ଜାଫର ଖାଁ)

**ଅଯୋଧ୍ୟାର ରାମଲାଲାଙ୍କ ପାଇଁ ଅଙ୍ଗବସ୍ତ୍ର, ଉତ୍ତରୀୟ ନିର୍ମାଣ ଶେଷ**

ଉତ୍ତରପ୍ରଦେଶର ଅଯୋଧ୍ୟାଠାରେ ଚଳିତ ମାସ ୨୨ରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ହେବ। ଏହା ପରଦିନ କଟକ ଜିଲା ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାର ଖଣ୍ଡୁଆ ପାଟବସ୍ତ୍ରକୁ ସେ ପରିଧାନ କରିବେ। ଏନେଇ ବୁଣାକାରମାନେ ଅହିଂସା ଖଣ୍ଡୁଆ ପାଟ ସୂତାରେ ପ୍ରସ୍ତୁତ ଅଙ୍ଗବସ୍ତ୍ର ଓ ଉତ୍ତରୀୟ ବୁଣା ଶେଷ କରିଛନ୍ତି। ବୁଧବାର ଉକ୍ତ ବସ୍ତ୍ର ନେଇ ଅଯୋଧ୍ୟା ଯିବାର କାର୍ଯ୍ୟକ୍ରମ ରହିଛି। ନୂଆପାଟଣାସ୍ଥିତ ନଂ. ୧ ବୁଣାକାର ତନ୍ତୁବାୟ ସମିତିର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବାନ୍ଧକଳା କାରିଗର ଅର୍ଜୁନ ପାଳଙ୍କ ଟିମ୍ ପକ୍ଷରୁ ବାଳକ ରାମଲାଲାଙ୍କ ପାଇଁ ୫ ହାତ ଲମ୍ବର ଅଙ୍ଗବସ୍ତ୍ର ଓ ୩ ହାତ ଲମ୍ବର ଉତ୍ତରୀୟ ବୁଣାଯାଇଛି।

ଅଯୋଧ୍ୟା ରାମ ମନ୍ଦିର ଟ୍ରଷ୍ଟ ସହ ନୂଆପାଟଣା ନଂ.୧ ବୁଣାକାର ସମିତିର ଯୋଗାଯୋଗ ପରେ ଉକ୍ତ ବସ୍ତ୍ର ନିର୍ମାଣ ଆରମ୍ଭ ହୋଇଥିଲା। ବାନ୍ଧ କାରିଗର ଅର୍ଜୁନ ପାଳଙ୍କ ସହ ରମାକାନ୍ତ ତୋଷ, ମନୋରଞ୍ଜନ ତୋଷ, ଶରତ କୁମାର ବେହେରା, ସବ୍ୟସାଚୀ ପାତ୍ର, ପ୍ରସନ୍ନ ନନ୍ଦୀ, ହେମନ୍ତ କୁମାର କୁଣ୍ଡୁ, ନରେଶ ତୋଷ, ପରିକ୍ଷିତ ବେହେରା ଓ ଶୁଭେନ୍ଦୁ ପାତ୍ର ଏହି ବସ୍ତ୍ର ତିଆରି କରିଛନ୍ତି। ବୁଧବାର ଉକ୍ତ ବସ୍ତ୍ରକୁ ନୂଆପାଟଣାସ୍ଥିତ ରାମ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ପରେ ଗ୍ରାମ ପରିକ୍ରମା କରି ଅଯୋଧ୍ୟା ଅଭିମୁଖେ ନିଆଯିବ। ବୁଣାକାର ପରିକ୍ଷିତ ବେହେରା ଉକ୍ତ ବସ୍ତ୍ର ନେଇ ଅଯୋଧ୍ୟା ଯିବେ ବୋଲି ବୁଣାକାର କେଶବ ପାତ୍ର କହିଛନ୍ତି। ଉକ୍ତ ବସ୍ତ୍ର ୧୯ ତାରିଖରେ ଅଯୋଧ୍ୟାର ରାମ ମନ୍ଦିର ଟ୍ରଷ୍ଟ କମିଟି ନିକଟରେ ପହଞ୍ଚିବ। ୨୩ ତାରିଖରେ ରାମଲାଲା ଏହାକୁ ପରିଧାନ କରିବେ ।



## ବୃଦ୍ଧ ଦମ୍ପତିଙ୍କ ଏତଲା ରଖିଲାନି ପୋଲିସ

ଗୋପ, ୧୬।୧ (ଭାରତୀ ଭୂଷଣ ଉପାଧ୍ୟାୟ):

ସରକାର ବରିଷ୍ଠ ନାଗରିକଙ୍କୁ ସର୍ବଦା ସୁବିଧା ସୁଯୋଗ ଯୋଗାଇଦେବାକୁ ଡିଣ୍ଡିମ ପିଟୁଛନ୍ତି। ଏପରିକି କୌଣସି ବ୍ୟକ୍ତି ଥାନାକୁ ଏତଲା ଦେବାକୁ ଗଲେ ପୋଲିସ ତାଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ସହ ଅଭିଯୋଗପତ୍ର ରଖିବାକୁ ୫-ଟି ବ୍ୟବସ୍ଥାରେ ନିର୍ଦ୍ଦେଶ ରହିଛି। ହେଲେ ଗୋପ ଥାନାରେ ଏହାର ବ୍ୟତିକ୍ରମ ଘଟିଛି। ଏକ ବୃଦ୍ଧ ଦମ୍ପତି ୧୦ କି.ମି. ଚାଲି ଚାଲି ଥାନାକୁ ଅଭିଯୋଗ ଜଣାଇବାକୁ ଯାଇ ନିରାଶରେ ଫେରିଛନ୍ତି। ପୋଲିସ ତାଙ୍କ ଅଭିଯୋଗପତ୍ର ନ ରଖି '୩ ଦିନ ପରେ ଆସ' କହି ଫେରାଇ ଦେଇଛି। ଏହି ଘଟଣା ରାଜ୍ୟ ସରକାରଙ୍କ ବ୍ୟବସ୍ଥା ଓ ପୋଲିସର କାର୍ଯ୍ୟ ପ୍ରତି ଅଙ୍ଗୁଳି ଉଠାଇଛି।




**■ ୧୦ କି.ମି. ଚାଲି ଚାଲି ଥାନାକୁ ଯାଇଥିଲେ**

**■ ପୁଅବୋହୂଙ୍କ ବିରୋଧରେ ଆଣିଲେ ଅଭିଯୋଗ**

ସୂଚନା ଅନୁଯାୟୀ, ଗୋପ ଥାନା ଡଭାର ପଞ୍ଚାୟତ ଅଧୀନ ଡଭାର ଗାଁର ୮୨ ବର୍ଷୀୟ ଜଟ ମହାରଣା ଓ ତାଙ୍କର ୭୨ ବର୍ଷୀୟ ସ୍ତ୍ରୀ ଏବେ ବୃଦ୍ଧାବସ୍ଥାରେ ହଇରାଣ ହୋଇ ଚଳୁଛନ୍ତି। ଏହି ଦମ୍ପତିଙ୍କର ୪ ପୁଅ, ବୋହୂ ଥିଲେ ବି ସେମାନେ ଖାଇବାକୁ ଦେଉ ନ ଥିବା ଜଟ ଅଭିଯୋଗ ଆଣିଛନ୍ତି। ପୁଅ, ବୋହୂମାନେ ଉଭୟଙ୍କୁ ପଚାରୁନାହାନ୍ତି, ଫଳରେ ଦୁହେଁ ବାରଦୁଆର ହେଉଛନ୍ତି। ସରକାରଙ୍କ ପକ୍ଷରୁ ମିଳୁଥିବା ଭତ୍ତା ଟଙ୍କା ସହ ରାଶନ କାର୍ଡରେ ପାଉଥିବା ଚାଉଳ ଉଭୟଙ୍କ ଜୀବନ ବଞ୍ଚାଉଥିବାବେଳେ ଏବେ ତାହାକୁ ବି ପୁଅବୋହୂ ନେଇଯାଉଛନ୍ତି। ତେଣୁ ଭୋକ ଉପାସରେ ରହି କେବଳ ମୃତ୍ୟୁକୁ ଅପେକ୍ଷା କରିବା ଛଡ଼ା ଆଉ କିଛି ଉପାୟ ନାହିଁ ବୋଲି ଜଟ ଓ ତାଙ୍କ ସ୍ତ୍ରୀ କୋହଭରା କଣ୍ଠରେ କହିଛନ୍ତି। ନ୍ୟାୟ ଆଶାରେ ଥାନାକୁ ଆସିଥିଲେ ମଧ୍ୟ ପୋଲିସ ଅଭିଯୋଗପତ୍ର ନ ରଖିବାରୁ ନିରାଶରେ ଫେରିବାକୁ ପଡୁଛି ବୋଲି ଜଟ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଗୋପ ଥାନା ଏସ୍‌ଆଇ ଭାସ୍କର ମାଣିଆଙ୍କୁ ପଚାରିବାରେ କହିଛନ୍ତି, ଅଭିଯୋଗ ନେଇ ସମ୍ପୃକ୍ତ ବୃଦ୍ଧ ଦମ୍ପତିଙ୍କ ପୁଅମାନଙ୍କୁ ଥାନାକୁ ଡକାଯାଇଛି। ପୂର୍ବରୁ ବାରମ୍ବାର ଥାନାରେ ଆପୋଷ ସମାଧାନ ହୋଇଛି। କିନ୍ତୁ ଏଥର ଏହି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅବସରରେ ବିଏମ୍‌ସି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ଉତ୍କଳ ମଣ୍ଡପ, ପୂର୍ବାହ୍ନ ୧୦ଟା।
- ବର୍ଷୀୟାନ ନେତା, ସାମାଜିକ କର୍ମୀ କୃଷ୍ଣ ସିଂଙ୍କ ୮୬ତମ ଜନ୍ମୋତ୍ସବ, ଗୀତଗୋବିନ୍ଦ ସଦନ, ଅପରାହ୍ନ ୪ଟା।
- ଅଯୋଧ୍ୟା ଯାତ୍ରାର ଶୁଭାରମ୍ଭ, ଭୁବନେଶ୍ୱର ଶ୍ରୀରାମ ମନ୍ଦିର ପରିସରରୁ, ଅପରାହ୍ନ ୫ଟା।
- ମୁକ୍ତେଶ୍ୱର ନୃତ୍ୟ ଉତ୍ସବ, ମୁକ୍ତେଶ୍ୱର ମନ୍ଦିର ପରିସର, ସନ୍ଧ୍ୟା ୬ଟା ୩୦।

# ଜବରଦଖଲ ରୋକିବ ସ୍ୱତନ୍ତ୍ର ଟାସ୍କଫୋର୍ସ

**ସାମପୁର ମୌଜାରେ ଜମି ଜବରଦଖଲ ମାମଲା**

■ ନିର୍ଦ୍ଦେଶନାମା ଜାରିକଲା ବିଡିଏ



ଭୁବନେଶ୍ୱର, ୧୬।୧ (ବନ୍ଦନା ସେଠୀ): ଆଫୋର୍ଡେବଲ ହାଉସିଂ ପ୍ରୋଜେକ୍ଟ ପାଇଁ ସାମପୁରଠାରେ ବିଡିଏକୁ ସାଧାରଣ ପ୍ରଶାସନ(ଜିଏ) ବିଭାଗ ଦେଇଥିବା ଜମିରେ ଜମିମାଫିଆଙ୍କ ରାଜ୍ ଚାଲିଛି। ପ୍ରାୟ ୬୮ ଏକର ଜମି ମଧ୍ୟରୁ ୧୦ ଏକର ଜମି ଉପରେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ହାଇକୋର୍ଟରୁ ଷ୍ଟେ' ଅର୍ଡର ଆଣି କାମ କରୁଛନ୍ତି। ଫଳରେ ଉକ୍ତ ଜମି ଉପରେ ହେଉଥିବା ଅବୈଧ ନିର୍ମାଣକୁ ବିଡିଏ ରୋକିପାରୁ ନାହିଁ। ତେବେ ଏହି ଅଞ୍ଚଳରେ ୨୫/୩୦ଟି ବେଆଇନ୍ ନିର୍ମାଣ ହେଉଥିବା ପୂର୍ବରୁ ସୂଚନା ରହିଥିବାବେଳେ ତାହା ଏବେ ୯୫ରୁ ଊର୍ଦ୍ଧ୍ୱକୁ ଡେଇଁଥିବା ଜଣାପଡ଼ିଛି। ମଙ୍ଗଳବାର ବିଡିଏ ଏନ୍‌ଫୋର୍ସମେଣ୍ଟ ଟିମ୍ ସାମପୁର ଗସ୍ତରେ ଯାଇଥିବାବେଳେ ଏହା ଜାଣିବାକୁ ପାଇଛି। ଦିନକୁ ଦିନ ନିର୍ମାଣ ବଢୁଥିବା ଟିମ୍ ଜାଣିବାକୁ ପାଇବା ପରେ ଏବେ କିପରି ଚାଲୁ ରହିଥିବା ନିର୍ମାଣକୁ ରୋକାଯିବ ଏବଂ ନୂଆ ନିର୍ମାଣ ନ ହେବ ସେ ଦିଗରେ ଦୃଷ୍ଟି ଦେବାକୁ ନିଷ୍ପତ୍ତି ନିଆଯାଇଛି। ଫଳରେ ସମ୍ପୃକ୍ତ ଜମିରେ ବିଡିଏ ସାଇନବୋର୍ଡ ଲଗାଇବା ସହ ସୁରକ୍ଷାକର୍ମୀ ନିୟୋଜିତ କରିବ ବୋଲି ନିର୍ଦ୍ଦେଶନାମା ଜାରି କରିଛି। ବିଡିଏ ସଚିବଙ୍କ ନିର୍ଦ୍ଦେଶକ୍ରମେ ଏହି ନିର୍ଦ୍ଦେଶନାମା ଜାରି ହୋଇଥିବାବେଳେ ଏହାକୁ ଆପାତକାଳୀନ ଭାବେ ଲାଗୁ କରିବାକୁ ଉଲ୍ଲେଖ ରହିଛି। ସେହିପରି ହାଇକୋର୍ଟଙ୍କ ଷ୍ଟେ' ଅର୍ଡରକୁ ନେଇ ବିଡିଏ ହାଇକୋର୍ଟରେ ଅପିଲ କରିବ। ଏହାପରେ ପୂରା ଜମିକୁ ପାଚେରି ଘୁଲାଇ ଆବଦ୍ଧ କରାଯିବ ଏବଂ ସାଇନ୍‌ବୋର୍ଡ ଲଗାଇ ଲୋକଙ୍କୁ ସତର୍କ କରାଯିବ। ଏଥିସହ ବିଡିଏ ପକ୍ଷରୁ ଏକ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରାଯାଇ ଉକ୍ତ ଜମିକୁ ସୁରକ୍ଷିତ ରଖାଯିବ ବୋଲି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ସାମପୁର ମୌଜାରେ ବିଡିଏ ଜମି ବେଆଇନ୍ ଭାବେ ବିକ୍ରି ହେଉଥିବା ନେଇ ଅଭିଯୋଗ ମିଳିଥିଲା। ଡିସେମ୍ବର ୨୧ରେ ବିଡିଏ ଯୁଗ୍ମ କମିଶନର ରଞ୍ଜନ କୁମାର ଜେନାଙ୍କ ନେତୃତ୍ୱରେ ୨ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଘଟଣାସ୍ଥଳକୁ ଯାଇ ସ୍ଥିତି ଯାଞ୍ଚ କରିଥିଲେ। ବିଡିଏ ଟିମ୍ ଗସ୍ତ ପୂର୍ବରୁ ଉକ୍ତ ସ୍ଥାନରେ ଜମି ବିବାଦ ନେଇ ପୋଲିସ ୧୪୪ ଧାରା ଜାରି କରିଛି। ଏଥିସହ ଡିସେମ୍ବର ୨୭ରେ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ରେ ବିଡିଏ ଅତିରିକ୍ତ ଜମି ଅଧିକାରୀ ଦେବରାଜ ସେଠୀ ଏତଲା ଦେଇଛନ୍ତି। ତେବେ ଏତେ ସବୁ ପରେ ମଧ୍ୟ ସେଠାରେ ନିର୍ମାଣ କାର୍ଯ୍ୟ ଜାରି ରହିଛି।

# 'ବାଘିତୋଟା ବର' ପାଠକାର୍ପିତ




ଅତିଥିମାନେ 'ବାଘିତୋଟା ବର'ପାଠକାର୍ପଣ କରୁଛନ୍ତି।

ଭୁବନେଶ୍ୱର,୧୬।୧(ଶର୍ମିଷ୍ଠା ପାଣିଗ୍ରାହୀ): ଭାରତର ପ୍ରଥମ ସ୍ୱାଧୀନତା ଆନ୍ଦୋଳନର କର୍ଣ୍ଣଧାର ଏବଂ ରାଜା ମୁକୁନ୍ଦ ଦେବଙ୍କ ପରାମର୍ଶଦାତା ଶହୀଦ ଜୟୀ ରାଜଗୁରୁଙ୍କ ଜୀବନୀ ଉପରେ ପର୍ଯ୍ୟବସିତ ନାଟକ 'ବାଘିତୋଟା ବର' ମଙ୍ଗଳବାର ମକର ସଂକ୍ରାନ୍ତି ଅବସରରେ ନୂଆଦିଲ୍ଲୀ ହାଉଜଖାସସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପାଠକାର୍ପିତ ହୋଇଯାଇଛି। ଡା. ଅଭୟ କୁମାର ଦାଶଙ୍କ ଦ୍ୱାରା ରଚିତ ଏବଂ ପଲ୍ଲୀବାଣୀ ପ୍ରକାଶନୀ ଦ୍ୱାରା ପ୍ରକାଶିତ ଏହି ପୁସ୍ତକକୁ ମୁଖ୍ୟ ଅତିଥି ଭାବେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଅନଙ୍ଗ କୁମାର ପଟ୍ଟନାୟକ ଯୋଗଦେଇ ପାଠକାର୍ପିତ କରିଥିଲେ। ସେ କହିଥିଲେ, ଭାରତ ଇତିହାସରେ ଜୟୀ ରାଜଗୁରୁଙ୍କ ପରି ସଂଗ୍ରାମୀ ବିରଳ ଏବଂ ତାଙ୍କ ବିଷୟରେ ଅଧିକ ତଥ୍ୟ ଲୋକଲୋଚନକୁ ନ ଆସିବା ଦୁଃଖର କଥା। ପ୍ରକାଶକ ରାମଚନ୍ଦ୍ର ନାଥ ସ୍ୱାଗତ ଭାଷଣ ଦେଇଥିବାବେଳେ ଲେଖକ ଅଭୟ ଦାଶ ପୁସ୍ତକ ସମ୍ପର୍କରେ କହିଥିଲେ। ଏହାର ପ୍ରଚ୍ଛଦପଟ୍ଟ ଶିଳ୍ପୀ ଦିଲ୍ଲୀପ କୁମାର ତ୍ରିପାଠୀ ପୁସ୍ତକ ସମ୍ପର୍କରେ ସମ୍ୟକ ମତ ରଖିଥିଲେ। ମନ୍ଦାକିନୀ ଦାଶ ଧନ୍ୟବାଦ ଦେଇଥିଲେ।

# ୩ ମାସ ପରେ ୨ ଅଭିଯୁକ୍ତ ଗିରଫ

## ବନ୍ଧୁକ, ଛୁରି ଦେଖାଇ ଲୁଟ୍

ଭୁବନେଶ୍ୱର,୧୬।୧(ସତ୍ୟଜିତ୍ ରାଉତ): ବନ୍ଧୁକ ଓ ଛୁରି ଦେଖାଇ ସୁନାଚେନ୍, ଲକେଟ୍ ଲୁଟ୍ ଘଟଣାରେ ଶ୍ରୀଲିଙ୍ଗରାଜ ଥାନା ପୋଲିସ ୩ ମାସ ପରେ ମଙ୍ଗଳବାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ପୁନମା ଗେଟ୍ କେଳାସାହି ବସ୍ତିରେ ରହୁଥିବା ପୁନିଆ ନାୟକ (୨୩) ଓ ଗଞ୍ଜାମ ଭଞ୍ଜନଗର ଅଞ୍ଚଳର ନରହରି ନାୟକ ଓରଫ ପିଣ୍ଟୁ (୨୪)। ସେମାନଙ୍କଠାରୁ ଛୁରି, ବନ୍ଧୁକ ଜବତ ହୋଇଛି। ଗତ ଅକ୍ଟୋବର ୯ରେ ଅଭିଯୁକ୍ତଦ୍ୱୟ ଅପରାଧ ଘଟାଇଥିଲେ। ବିବେକାନନ୍ଦ ମାର୍ଗରେ ଥିବା ଦୋକାନରେ ଶତ୍ରୁଘ୍ନ ସୁବୁଦ୍ଧି ଓ ତାଙ୍କ ଭାଇ ବସିଥିବା ବେଳେ ଅଭିଯୁକ୍ତଦ୍ୱୟ ବନ୍ଧୁକ ଓ ଛୁରି ଦେଖାଇ ଦୁଇଟି ସୁନାଚେନ୍ ସହ ଗୋଟିଏ ଲକେଟ୍ ନେଇଯାଇଥିଲେ। ଏତଲା ପରେ ପୋଲିସ ଏକ ମାମଲା (ନଂ.୨୮୩/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# 'ଜୀବନ, ସାହିତ୍ୟ ସୃଷ୍ଟି ମଧ୍ୟରେ ଈଶ୍ୱରୀୟ ଶକ୍ତି ରହିଛି'

**କେନ୍ଦ୍ର ସାହିତ୍ୟ ଏକାଡେମୀର କଥାସନ୍ଧି କାର୍ଯ୍ୟକ୍ରମ**



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଭୁବନେଶ୍ୱର,୧୬।୧ (ଶର୍ମିଷ୍ଠା ପାଣିଗ୍ରାହୀ)

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ରୋଟାରଉ ଭବନ ପ୍ରେକ୍ଷାଳୟରେ ମଙ୍ଗଳବାର କଥାସନ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ କଥାକାର ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ ଯୋଗଦେଇ ନିଜ ସୃଜନ ଯାତ୍ରା ସମ୍ପର୍କରେ ଅଭିବ୍ୟକ୍ତି ପ୍ରଦାନ ସହ ଗଳ୍ପପାଠ କରିଥିଲେ। ତାଙ୍କ ଗଳ୍ପ 'କ୍ୟାସେଟ' ଉପସ୍ଥିତ ଶ୍ରୋତାଙ୍କୁ ବାନ୍ଧି ରଖିଥିଲା। ଷଡ଼ଙ୍ଗୀ ତାଙ୍କ ବକ୍ତବ୍ୟରେ କହିଥିଲେ, ୫୭ ବର୍ଷ ବୟସରେ ସେ ଗଳ୍ପ ଲେଖିବା ଆରମ୍ଭ କରିଥିଲେ। ଏକ ମନ୍ତ୍ରମୁଗ୍ଧ ଅବସ୍ଥାରେ ଥିଲାବେଳେ ସ୍ୱତଃ ଗଳ୍ପ ଲେଖେଇ ନିଅନ୍ତି ଦେବୀ ସରସ୍ୱତୀ। ସାହିତ୍ୟ ତାଙ୍କୁ ନିର୍ମଳ ଆନନ୍ଦ ଓ ଆତ୍ମସନ୍ତୋଷ ପ୍ରଦାନ କରିଥାଏ। ଜୀବନ ଓ ସାହିତ୍ୟ ସୃଷ୍ଟି ମଧ୍ୟରେ ଈଶ୍ୱରୀୟ ଶକ୍ତି ରହିଛି ବୋଲି ସେ ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ସାହିତ୍ୟ ଏକାଡେମୀର ସଚିବ ଡ. କେ. ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ଗୌରହରି ଦାସ ସଭାପତିତ୍ୱ କରିଥିଲେ। ସାହିତ୍ୟ ଏକାଡେମୀ କୋଲକାତା କାର୍ଯ୍ୟାଳୟର ସହକାରୀ ସମ୍ପାଦକ କ୍ଷେତ୍ରବାସୀ ନାଏକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ପବିତ୍ର ମୋହନ କର ଧନ୍ୟବାଦ ଦେଇଥିଲେ।

# ଅଶ୍ଳୀଳ ଭିଡିଓ ଭାଇରାଲ କରି ପ୍ରେମିକ ଗିରଫ

ବାଲୁଗାଁ,୧୬।୧(ସଂଗ୍ରାମ ପାଇକରାୟ)

ପ୍ରେମିକାଙ୍କ ଅଶ୍ଳୀଳ ଫଟୋ ଏବଂ ଭିଡିଓ ଭାଇରାଲ କରିବା ଅଭିଯୋଗରେ ବାଲୁଗାଁ ଥାନା ପୋଲିସ ସମ୍ପୃକ୍ତ ପ୍ରେମିକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ବାଲେଶ୍ୱର ଜିଲା ଖଣ୍ଟାପଡ଼ା ଥାନା ଅଞ୍ଚଳର ବିକାଶ ଦାସ(୨୬)। ପୋଲିସ ସୂଚନା ମୁତାବକ, ବାଲୁଗାଁ ଅଞ୍ଚଳର ଜଣେ ଯୁବତୀଙ୍କ ସହ ବିକାଶଙ୍କର ଏକବର୍ଷ ପୂର୍ବେ ଫେସ୍‌ବୁକ୍‌ରେ ବନ୍ଧୁତା ସ୍ଥାପନ ହୋଇଥିଲା। ଉଭୟଙ୍କ ମଧ୍ୟରେ ବନ୍ଧୁତା ନିବିଡ଼ ହେବାପରେ ତାହା ପ୍ରେମ ସମ୍ପର୍କରେ ପରିଣତ ହୋଇଥିଲା। ତେବେ ବିକାଶଙ୍କ ମନରେ ପ୍ରତାରଣା ଥିବା ଯୁବତୀ ଜଣକ ଜାଣିପାରି ନ ଥିଲେ। ମୋବାଇଲ ଫୋନ୍‌ରେ ଭିଡିଓ କଲ୍ କରି ଯୁବତୀଙ୍କ ଅଶ୍ଳୀଳ ଫଟୋ ଏବଂ ଭିଡିଓ କରିଥିଲେ। ଏହାପରେ ବିକାଶ ଯୁବତୀଙ୍କୁ ଅନୈତିକ ସମ୍ପର୍କ ରଖିବା ପାଇଁ ବାଧ୍ୟ କରିଥିଲେ। ଯୁବତୀ ଜଣକ ଅରାଜି ହେବାରୁ ବିକାଶ ଅଶ୍ଳୀଳ ଭିଡିଓ ଏବଂ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିଦେଇଥିଲେ। ଫଳରେ ଯୁବତୀ ଜଣକ ସମସ୍ତ ଘଟଣା ପରିବାର ଲୋକଙ୍କୁ ଜଣାଇଥିଲେ। ଏନେଇ ଯୁବତୀଙ୍କ ପରିବାର ୨୦୨୩ ଜୁନ୍ ୨୧ରେ ବାଲୁଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୩୭/୨୩) ରୁଜୁକରି ସାଇବର କ୍ରାଇମ୍ ତଦନ୍ତ ସହାୟତା ଲୋଡ଼ିଥିଲା। ମହାରାଷ୍ଟ୍ରର ପୁନେରେ ବିକାଶ ଆତ୍ମଗୋପନ କରିଥିବା ଖବରପାଇ ବାଲୁଗାଁ ଆଇଆଇସି ଜୟପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ୍ ସେଠାକୁ ଯାଇ ଚଢ଼ାଉ କରିବା ବେଳେ କୌଶଳକ୍ରମେ ବିକାଶ ସେଠାରୁ ଖସି ପଳାଇଥିଲେ। ତେବେ ସୋମବାର ବିକାଶ ଭୁବନେଶ୍ୱରରେ ଥିବା ଖବର ମିଳିବା ପରେ ଆଇଆଇସି ପରିଡ଼ା ସଦଳବଳ ଚଢ଼ାଉ କରି ବିକାଶଙ୍କୁ ଗିରଫ କରିଥିଲେ।

# ଫେବୃଆରୀ ୩ରୁ ଏକାମ୍ର ଉତ୍ସବ

**ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସାଙ୍ଗକୁ ଜମିବ ପାରମ୍ପରିକ ଖାଦ୍ୟ ସମ୍ଭାର**

ଭୁବନେଶ୍ୱର, ୧୬।୧ (ବନ୍ଦନା ସେଠୀ)

ଆସନ୍ତା ଫେବୃଆରୀ ୩ରୁ ୮ତାରିଖ ପର୍ଯ୍ୟନ୍ତ ୬ଦିନ ଧରି ଭୁବନେଶ୍ୱରରେ 'ଏକାମ୍ର ଉତ୍ସବ' ଆୟୋଜନ ହେବ। ଓଡ଼ିଶାର ଭାଷା, ସଂସ୍କୃତିକୁ ସମ୍ମାନ ଜଣାଇ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ଅନ୍ତର୍ଗତ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଏହି ଉତ୍ସବ ଆୟୋଜନ କରାଯିବ। ଉତ୍ସବକୁ ୩ଟି ପର୍ଯ୍ୟାୟ ଯଥା ଭୁବନ-ଇ-ସ୍ୱର (ମୁଖ୍ୟ କାର୍ଯ୍ୟକ୍ରମ), ସିଟି କାର୍ନିଭାଲ 'ଲୋକ ଉତ୍ସବ' ଏବଂ ଖାଦ୍ୟ ମହୋତ୍ସବ 'ଆମ ବ୍ୟଞ୍ଜନ'ରେ ଭାଗ କରାଯାଇଛି। ଭୁବନ-ଇ-ସ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ହେବାକୁ ଥିବାବେଳେ ଓଲିଉଡ୍ ଓ ବଲିଉଡ୍‌ର ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା କାର୍ଯ୍ୟକ୍ରମ ଏହାର ମୁଖ୍ୟ ଆକର୍ଷଣ ରହିବ। ସେହିପରି ଲାଇଭ ମ୍ୟୁଜିକ୍ ଏବଂ ବ୍ୟାଣ୍ଡ୍ ମଧ୍ୟ ପରିବେଷଣ କରାଯିବ। କାର୍ଯ୍ୟକ୍ରମରେ ଭାରତୀୟ ସିନେମା ଓ ସଙ୍ଗୀତ ଜଗତର ପ୍ରଖ୍ୟାତ କଳାକାରମାନେ ଅଂଶଗ୍ରହଣ କରିବେ। ସିଟି କାର୍ନିଭାଲ-'ଲୋକ ଉତ୍ସବ' ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତିକୁ ନେଇ ପାଳନ କରାଯିବ। ବିଭିନ୍ନ ପ୍ରକାର ଥିମ୍ ଆଧାରିତ ଏହି କାର୍ନିଭାଲ ଭୁବନେଶ୍ୱରର ପ୍ରମୁଖ ରାସ୍ତାରେ ପାଳନ ହେବ। ସେହିପରି ଓଡ଼ିଶାର ହାତ ତିଆରି ଆଞ୍ଚଳିକ ଖାଦ୍ୟର ପ୍ରଚାର ପ୍ରସାର କରିବା ପାଇଁ ଖାଦ୍ୟ ମହୋତ୍ସବ- 'ଆମ ବ୍ୟଞ୍ଜନ' ଆୟୋଜନ ହେବ। ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ହେଉଛି ଓଡ଼ିଆ ଘରର ପାରମ୍ପରିକ ଖାଦ୍ୟକୁ ଆହୁରି ଆଗକୁ ନେବା। ରାଜଧାନୀବାସୀ ଖାଦ୍ୟ ମହୋତ୍ସବରେ ରାଜ୍ୟର ପ୍ରତ୍ୟେକ ଜିଲାର ପାରମ୍ପରିକ ଖାଦ୍ୟର ମଜା ନେଇପାରିବେ ବୋଲି ବିଡିଏ ପକ୍ଷରୁ ସୂଚନା ଦିଆଯାଇଛି।

# ସ୍ୱାମୀ ଆୟାପ୍ପା ମନ୍ଦିରରେ ମକର ଭିଲ୍ଲାକୁ ଉତ୍ସବ



ଭୁବନେଶ୍ୱର,୧୬।୧(ଅନୁରାଧା ମହାରଣା) ଜିଜିପି କଲୋନୀସ୍ଥିତ ସ୍ୱାମୀ ଆୟାପ୍ପା ମନ୍ଦିରରେ ମଣ୍ଡଳ-ମକର-ଭିଲ୍ଲାକୁ ଉତ୍ସବ ପାଳନ କରାଯାଉଛି। ନଭେମ୍ବର ୧୭ରୁ ଡିସେମ୍ବର ୨୭ ତାରିଖ ପର୍ଯ୍ୟନ୍ତ ମଣ୍ଡଳ କଲାମ ପାଳନ କରାଯାଇଥିବାବେଳେ ଜାନୁଆରୀ ୧୨ ତାରିଖରୁ ମକର-ଭିଲ୍ଲାକୁ ତଥା ୩୨ତମ ପ୍ରତିଷ୍ଠା ଦିବସ ପାଳନ କରାଯାଉଛି। ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଅନେକ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଉଥିବାବେଳେ ଭଜନ ସଂକୀର୍ତ୍ତନ ସହ ସମୂହ ଭୋଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ମକର ସଂକ୍ରାନ୍ତି ଅବସରରେ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ୧୯୯୨ରେ ସ୍ୱର୍ଗତ ବ୍ରହ୍ମଶ୍ରୀ କୋଚ୍ଚୁର କେଶବନ ନମ୍ବୁତିରୀଙ୍କ ଦ୍ୱାରା ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ପରବର୍ତ୍ତୀ ସମୟରେ ଆୟାପ୍ପା ସେବା ସମିତି ଗଠନ କରାଯାଇଥିବାବେଳେ ବିଧି ମୁତାବକ ସମସ୍ତ ପୂଜା ଆୟୋଜନ କରାଯାଉଛି।

# ବିଦ୍ୟୁତ୍ ଆଘାତରେ ଅସ୍ଥାୟୀ କର୍ମଚାରୀ ମୃତ, ଉତ୍ତେଜନା

**ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବି**

ଫୁଲନଖରା,୧୬।୧(ସତ୍ୟରଞ୍ଜନ ଦାସମହାପାତ୍ର)

ବିଦ୍ୟୁତ୍ ଆଘାତରେ ଜଳ ସମ୍ପଦ ବିଭାଗରେ କାର୍ଯ୍ୟ କରୁଥିବା ଜଣେ ଅସ୍ଥାୟୀ କର୍ମଚାରୀଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ସେ ହେଲେ କଟକ ସଦର ଥାନା ଅନ୍ତର୍ଗତ ଅରିଲୋ ଗ୍ରାମର ଦାମୋଦର ମହାନ୍ତି। ତାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ପ୍ରତାପ ନଗରୀ ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟରେ ଦାମୋଦର ଅସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ଉକ୍ତ କାର୍ଯ୍ୟାଳୟ ଅଧୀନରେ ଥିବା ମହୀଧରପଡା ସେକ୍ସନ କାର୍ଯ୍ୟାଳୟର ଓଲଟପୁର ମାଇନର କେନାଲ କୋଠପାଟଣାଠାରେ ଦାମୋଦର ଏକ ଲମ୍ବା ଧାତବ ସ୍କେଲ ଧରି ମାପଚୁପ କରୁଥିଲେ। ଏହି ସମୟରେ ସ୍କେଲ୍‌ଟି ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଦାମୋଦର ତଳେ ପଡିଯାଇଥିଲେ। ଚିକିତ୍ସା ଲାଗି ତାଙ୍କୁ ମହୀଧରପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦାମୋଦରଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ସ୍ଥାନୀୟ ଲୋକେ ଦାବି କରିଥିଲେ।

ଖବରପାଇ କଟକ ସଦର ଥାନାଧିକାରୀ ରଶ୍ମିରଞ୍ଜନ ମହାପାତ୍ର ଓ ପ୍ରତାପ ନଗରୀ ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟର ଏସ୍‌ଡିଓ ଅଜୟ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ଦାମୋଦରଙ୍କ ପରିବାରକୁ ଏସ୍‌ଡିଓ ବେହେରା କ୍ଷତିପୂରଣ ଦେବା ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ହ୍ରାସ ପାଇଥିଲା। ପରେ ନିଆଳି ବିଧାୟକ ପ୍ରମୋଦ କୁମାର ମଲ୍ଲିକ ମୃତକଙ୍କ ପରିବାରକୁ ୨୫ ହଜାର ଟଙ୍କା ସହାୟତା ରାଶି ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କା କ୍ଷତି ପୂରଣ ବାବଦକୁ ସୁପାରିଶ କରିଥିଲେ। ଏଥିସହ ବିଧାୟକ ଭୁବନେଶ୍ୱର ପ୍ରାଚୀ ଡିଭିଜନର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି ଦାମୋଦରଙ୍କ ପରିବାରକୁ ସହାୟତା ରାଶି ତୁରନ୍ତ ଦେବା ପାଇଁ ଆଲୋଚନା କରିଥିଲେ। ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ଜେସିବି ଧକ୍କାରେ ଭାଙ୍ଗିଲା ରେଳ ଫାଟକ



ବାରଙ୍ଗ,୧୬।୧(ଲିଙ୍ଗରାଜ ରାଉତ): ବାରଙ୍ଗ ରେଳ ଷ୍ଟେଶନ ଏବଂ ଭୁବନେଶ୍ୱର ନିୟୁ ରେଳଷ୍ଟେଶନ ମଝି ପଦାସାହି ଗ୍ରାମ ନିକଟରେ ଥିବା ରେଳ ଫାଟକକୁ ମଙ୍ଗଳବାର ରାତିରେ ଏକ ଜେସିବି ଧକ୍କା ଦେଇ ଫେରାର ହୋଇଯାଇଛି। ଧକ୍କା ଫଳରେ ରେଳ ଫାଟକ ମଝିରୁ ଭାଙ୍ଗି ଯାଇଥିବାରୁ ସାଧାରଣ ଲୋକଙ୍କ ଯାତାୟାତରେ ବାଧକ ସାଜିଥିଲା। ରେଳ ଫାଟକ ପକାଉଥିବାବେଳେ ଜେସିବିଟି ହଠାତ୍ ପଶି ଆସି ଗୋଟିଏ ପାର୍ଶ୍ୱରେ ଫାଟକକୁ ଭାଙ୍ଗି ଦ୍ରୁତ ଗତିରେ ପଳାଇ ଯାଇଥିଲା। ଖବରପାଇ ରେଳବାଇ ପୋଲିସ ଓ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଫାଟକଟିର ମରାମତି କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ଗାଡ଼ି ଧକ୍କାରେ ଯୁବକ ମୃତ

ବାଲୁଗାଁ,୧୬।୧(ସଂଗ୍ରାମ ପାଇକରାୟ) ୧୬ନମ୍ବର ଜାତୀୟ ରାଜପଥର ନାଚୁଣୀ ନିକଟ କୋଟିଲା ଛକଠାରେ ମଙ୍ଗଳବାର ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲୁଗାଁ ଅଞ୍ଚଳର ସରଳାପଦର ଗ୍ରାମର ରାମ ସାହୁ। ସୂଚନା ମୁତାବକ, ରାମ ମଙ୍ଗଳବାର ଅପରାହ୍ନରେ କୌଣସି କାର୍ଯ୍ୟରେ ରାମ ସମ୍ପର୍କୀୟ ମଉସା ଘର କୋଟିଲା ଗ୍ରାମକୁ ଯାଇଥିଲେ। ସନ୍ଧ୍ୟା ପ୍ରାୟ ୭ଟାରେ ରାମ ବାଲୁଗାଁ ଆସିବା ପାଇଁ କୋଟିଲା ଛକଠାରେ ରାମ ଗାଡ଼ିକୁ ଅପେକ୍ଷା କରିଥିଲେ। ଏହି ସମୟରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ରଶ୍ମି ମିଶ୍ରଙ୍କ ପୁସ୍ତକ 'ଯୁଭିକା' ଉନ୍ମୋଚିତ

ଭୁବନେଶ୍ୱର,୧୬।୧(ଶର୍ମିଷ୍ଠା ପାଣିଗ୍ରାହୀ): ପ୍ରଫେସର ରଶ୍ମି ମିଶ୍ରଙ୍କ ଦ୍ୱାରା ସଙ୍କଳିତ କବିତା ପୁସ୍ତକ 'ଯୁଭିକା' ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଲୋକାର୍ପିତ ହୋଇଯାଇଛି। ରୋଟାରିଆନ୍ ଜୟଶ୍ରୀ ମହାନ୍ତି ଏହାକୁ ଲୋକାର୍ପଣ କରିଥିଲେ। ଡ. ଲିତା ମହାପାତ୍ର ଓ ପ୍ରଫେସର ମିଶ୍ର ଏହି ପୁସ୍ତକ ସମ୍ପର୍କରେ ବର୍ଣ୍ଣନା କରି ନାରୀର ଅନ୍ଧକାରରୁ ପରମ ମୁକ୍ତିର ଦିଗ ଏବଂ ଶାରୀରିକ ବନ୍ଧନରୁ ମାନସିକ ମୁକ୍ତିର ଦିଗ ବିଷୟରେ ସାରଗର୍ଭକ ମତାମତ ଦେଇଥିଲେ। ଉକ୍ତ ପୁସ୍ତକରେ ଥିବା କବିତା ଗୁଡ଼ିକ ପ୍ରତ୍ୟେକ ମହିଳାଙ୍କୁ ଏକ ବହୁମୁଖୀ ଚରିତ୍ରରେ ଚିତ୍ରିତ କରିଛି, ଯେଉଁମାନେ ଧୈର୍ଯ୍ୟ ଓ ଭାବନା ସହ ଆସୁଥିବା ବାଧାବିଘ୍ନଗୁଡିକୁ ଅତିକ୍ରମ କରିଥାଆନ୍ତି ବୋଲି କାର୍ଯ୍ୟକ୍ରମରେ ଅତିଥିମାନେ କହିଥିଲେ। ଡ. ମଞ୍ଜୁଶ୍ରୀ ପଟ୍ଟନାୟକ, ଚିନ୍ମୟ ଜେନା, ପ୍ରଫେସର ଗୋପରଞ୍ଜନ ମିଶ୍ର ଏବଂ ଡ. ଦୀପା ପାଢୀ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଚାଷୀ

**ବୋଲଗଡ଼ ବ୍ଲକକୁ ମରୁଡ଼ି ଘୋଷଣା ଦାବି**

ଖୋର୍ଦ୍ଧା,୧୬।୧(ପ୍ରଭାତ ପାଣିଗ୍ରାହୀ)



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଷୀମାନେ ଧାରଣାରେ ବସିଛନ୍ତି।

ବୋଲଗଡ଼ ବ୍ଲକକୁ ମରୁଡ଼ି ଘୋଷଣା ଓ ଉପଯୁକ୍ତ କ୍ଷତିପୂରଣ ଦାବିରେ ମଙ୍ଗଳବାର ଶତାଧିକ ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଧାରଣା ଦେଇଥିଲେ। ଏଥିସହ ଚାଷୀମାନେ ଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ଧାରଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଚାଷୀଙ୍କ ଅଭିଯୋଗ ମୁତାବକ, ବୋଲଗଡ଼ ବ୍ଲକ ଅଞ୍ଚଳରେ ଜଳସେଚନର କୌଣସି ସୁବିଧା ନାହିଁ। ଦୀର୍ଘ ବର୍ଷ ଧରି କେନାଲ ଶୁଖିଲା ପଡିଛି। ବର୍ଷାଜଳ ଉପରେ ଚାଷୀ ନିର୍ଭରଶୀଳ। ଚଳିତ ବର୍ଷ ବିଳମ୍ବିତ ମୌସୁମୀ ପ୍ରବେଶ ଯୋଗୁ ବହୁ ବିଳମ୍ବରେ ଚାଷୀ କାମ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଅନାବୃଷ୍ଟି, ସ୍ୱଳ୍ପ ବୃଷ୍ଟି ଯୋଗୁ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବ୍ୟାଙ୍କ, ମହାଜନଠାରୁ ଧାରକରଜ କରି ଚାଷୀ ଚାଷ କରିଥିଲେ। ତେବେ ଗତବର୍ଷ ପରି ଚଳିତ ବର୍ଷ ମଧ୍ୟ ଚାଷୀଙ୍କୁ କ୍ଷତି ସହିବାକୁ ପଡିଛି। ପର୍ଯ୍ୟାପ୍ତ ଜଳସେଚନ ଅଭାବରୁ ଏହି ବ୍ଲକରେ ଗଜା ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ଶତାଧିକ ଚାଷୀଙ୍କ ବିଲ ଫାଟି ଆଁ କରିଥିବା ବେଳେ ଧାନ ଫସଲ ପ୍ରାୟ ଉଜୁଡି ଯାଇଛି। ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟ, ବନ୍ୟଜନ୍ତୁ, ହାତୀ ବିଲରେ ପଶି ଫସଲ ନଷ୍ଟ କରୁଛନ୍ତି। ଏପଟେ ବିଲରେ ପାଣି ମଡାଇବାକୁ କୌଣସି ବ୍ୟବସ୍ଥା ନାହିଁ। ଚଳିତ ବର୍ଷା ଗଜା ମରୁଡି ସମସ୍ୟା ନେଇ ପୂର୍ବରୁ ସ୍ଥାନୀୟ ପ୍ରଶାସନ, କୃଷି ବିଭାଗ ଅଧିକାରୀ, ଏପରିକି ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏକାଧିକ ଚାଷୀ ଗଜା ହୋଇଥିବା ଧାନ କେଣ୍ଡା ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ମଧ୍ୟ କରିଥିଲେ। ଏହା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ ବୋଲି ଚାଷୀ ନେତା ପ୍ରକାଶ ଚନ୍ଦ୍ର ରାଉତରାୟ କହିଛନ୍ତି।

## ସଂକ୍ଷେପରେ

### ଇଣ୍ଡିଆ ବୁକ ଅଫ୍ ରେକର୍ଡ୍ସରେ ଉମେ କୁଲସୁମ

ବେଗୁନିଆ,୧୬।୧(ହର ପ୍ରସନ୍ନ ପଣ୍ଡା)



ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲା ଗ୍ରାମର ଉମେ କୁଲସୁମ। ବୟସ ୪ବର୍ଷ। ସେ ବିଭିନ୍ନ ଭାଷାରେ ନିଜର ଦକ୍ଷତା ଦେଖାଇ ଇଣ୍ଡିଆ ବୁକ ଅଫ୍ ରେକର୍ଡ୍ସରେ ସ୍ଥାନ ଅଧିକାର କରିଛନ୍ତି। ଏନେଇ ତାଙ୍କୁ ବିଭିନ୍ନ ମହଲରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରକାଶ ଯେ, କୁଲସୁମ ସ୍ଥାନୀୟ ଇଂରାଜୀ ମିଡିୟମ ସ୍କୁଲରେ ନର୍ସରୀରେ ପାଠ ପଢୁଛନ୍ତି। ସେ ଇଂରାଜୀ, ହିନ୍ଦୀ ଏବଂ ଉର୍ଦ୍ଦୁ ଭାଷାକୁ ବର୍ଣ୍ଣନା କରିପାରୁଛନ୍ତି। ନିଜ ସ୍କୁଲ, ବ୍ଲକ, ଜିଲା ସହିତ ରାଜ୍ୟରେ ଦକ୍ଷତା ହାସଲ ପରେ ଇଣ୍ଡିଆ ବୁକ ଅଫ ରେକର୍ଡ୍ସକୁ ମନୋନୀତ ହୋଇଥିଲେ। ୧୨ପ୍ରକାରର ଫଳ ଓ ପରିବା ଏବଂ ମଣିଷ ଶରୀରରେ ଥିବା ୧୫ ପ୍ରକାରର ଅଙ୍ଗପ୍ରତ୍ୟଙ୍ଗର ନାମକୁ ବିଭିନ୍ନ ଭାଷାରେ ବୁଝାଇ ଥିଲେ। ସେହିପରି ୫ଟି ଇଂରାଜୀ ଏବଂ ୩ଟି ହିନ୍ଦୀ ଭାଷାରେ ଗୀତ ରଚନା ଓ ଆବୃତ୍ତି କରିଥିଲେ। ଉର୍ଦ୍ଦୁ ଭାଷାରେ ନିର୍ଭୁଲ ଲେଖିବା ଓ ପଢିବାରେ ପାରଙ୍ଗମ ଦେଖାଇ ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ଅଧିକାର କରିଛନ୍ତି।

### ଗାଡ଼ି ଧକ୍କାରେ ଯୁବକ ମୃତ

ବାଲୁଗାଁ,୧୬।୧(ସଂଗ୍ରାମ ପାଇକରାୟ)

୧୬ନମ୍ବର ଜାତୀୟ ରାଜପଥର ନାଚୁଣୀ ନିକଟ କୋଚିଲା ଛକଠାରେ ମଙ୍ଗଳବାର ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲୁଗାଁ ଅଞ୍ଚଳର ସରଳାପଦର ଗ୍ରାମର ରାମ ସାହୁ। ସୂଚନା ମୁତାବକ, ରାମ ମଙ୍ଗଳବାର ଅପରାହ୍ନରେ କୌଣସି କାର୍ଯ୍ୟରେ ରାମ ସମ୍ପର୍କୀୟ ମଉସା ଘର କୋଚିଲା ଗ୍ରାମକୁ ଯାଇଥିଲେ। ସନ୍ଧ୍ୟା ପ୍ରାୟ ୭ଟାରେ ରାମ ବାଲୁଗାଁ ଆସିବା ପାଇଁ କୋଚିଲା ଛକଠାରେ ରାମ ଗାଡ଼ିକୁ ଅପେକ୍ଷା କରିଥିଲେ। ଏହି ସମୟରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ପୋଖରୀରେ ବୁଡ଼ି ବୃଦ୍ଧା ମୃତ

ବୋଲଗଡ଼,୧୬।୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ କଳାଙ୍ଗ ପଞ୍ଚାୟତ ଅନ୍ତର୍ଗତ କମଳଲୋଚନପୁର ଗ୍ରାମରେ ମଙ୍ଗଳବାର ଏକ ଦୁଃଖଦ ଘଟଣା ଘଟିଛି। ପୋଖରୀରେ ବୁଡ଼ିଯିବାରୁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ନୁଆସାହିର ବୈଦେହୀ ପ୍ରଧାନ(୬୫)। ସୂଚନା ମୁତାବକ, ବାରିପଟ ଶାଗ କିଆରିରେ ବୈଦେହୀ ପାଣିଦେବାକୁ ଯାଇଥିବା ବେଳେ ତାଙ୍କ ଗୋଡ଼ ଖସିଯିବାରୁ ପୋଖରୀରେ ବୁଡ଼ିଯାଇଥିଲେ। ବହୁ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାର ଓ ପଡୋଶୀଲୋକେ ଖୋଜାଖୋଜି କରିଥିଲେ। ପୋଖରୀରେ ପ୍ଲାଷ୍ଟିକ ବାଲ୍ଟି ଭାସୁଥିବା ଦେଖି ସନ୍ଦେହ କରି ବୋଲଗଡ଼ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ପୋଖରୀରୁ ବୈଦେହୀଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ୧୮ରୁ ସାମୂହିକ ଛୁଟିରେ ଯିବେ ପ୍ରାଣୀ ଚିକିତ୍ସକ

ବାଲୁଗାଁ,୧୬।୧(ସଂଗ୍ରାମ ପାଇକରାୟ)

୪ ଦଫା ଦାବିରେ ଆସନ୍ତା ୧୮ ତାରିଖରୁ ସମସ୍ତ ପ୍ରାଣୀ ଚିକିତ୍ସକ ସାମୂହିକ ଛୁଟିରେ ଯିବେ ବୋଲି ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏନେଇ ବାଲୁଗାଁ ପ୍ରାଣୀ ଚିକିତ୍ସକ ଦେବାଶିଷ ଦାଶ ସୂଚନା ଦେଇଛନ୍ତି। ପ୍ରାଣୀ ଚିକିତ୍ସା ସେବା ବ୍ୟବସ୍ଥାରେ ବ୍ୟାପକ ରୂପାନ୍ତରଣ ୨୪ଘଣ୍ଟା ସେବା ବ୍ୟବସ୍ଥା, ଜଟିଳ ରୋଗାକ୍ରାନ୍ତ ପ୍ରାଣୀଙ୍କ ସ୍ଥାନାନ୍ତରଣ ସୁବିଧା, କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକଙ୍କ ସହ ସମାନ ପଦୋନ୍ନତି ସୁବିଧା, ଆବଶ୍ୟକ ଡାକ୍ତର ପଦବୀ ସୃଷ୍ଟି ଓ ନିଯୁକ୍ତି ଏବଂ କ୍ୟାଡର ପୁନର୍ଗଠନ ନେଇ ଦୀର୍ଘ ବହୁ ବର୍ଷ ହେଲା ଦାବିହୋଇଆସୁଅଛି। ଏନେଇ ଧର୍ମଘଟ କରାଯାଇଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି, ଯାହାକୁ ନେଇ ପ୍ରାଣୀ ଚିକିତ୍ସକଙ୍କ ମହଲରେ ଆନ୍ଦୋଳନର ମୁଣ୍ଡ ଟେକିଛି। ଅନ୍ୟପକ୍ଷରେ ସାମୂହିକ ଛୁଟିରେ ଗଲେ ପ୍ରାଣୀସେବା ବ୍ୟାହତ ହେବ। ଏଥିପ୍ରତି ସରକାର ଦୃଷ୍ଟିଦେବାକୁ ଦାବି ହେଉଛି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଚାଷୀ

## ବୋଲଗଡ଼ ବ୍ଲକକୁ ମରୁଡ଼ି ଘୋଷଣା ଦାବି

ଖୋର୍ଦ୍ଧା,୧୬।୧(ପ୍ରଭାତ ପାଣିଗ୍ରାହୀ)



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଷୀମାନେ ଧାରଣାରେ ବସିଛନ୍ତି।

ବୋଲଗଡ଼ ବ୍ଲକକୁ ମରୁଡ଼ି ଘୋଷଣା ଓ ଉପଯୁକ୍ତ କ୍ଷତିପୂରଣ ଦାବିରେ ମଙ୍ଗଳବାର ଶତାଧିକ ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଧାରଣା ଦେଇଥିଲେ। ଏଥିସହ ଚାଷୀମାନେ ଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ଧାରଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଚାଷୀଙ୍କ ଅଭିଯୋଗ ମୁତାବକ, ବୋଲଗଡ଼ ବ୍ଲକ ଅଞ୍ଚଳରେ ଜଳସେଚନର କୌଣସି ସୁବିଧା ନାହିଁ। ଦୀର୍ଘ ବର୍ଷ ଧରି କେନାଲ ଶୁଖିଲା ପଡିଛି। ବର୍ଷାଜଳ ଉପରେ ଚାଷୀ ନିର୍ଭରଶୀଳ। ଚଳିତ ବର୍ଷ ବିଳମ୍ବିତ ମୌସୁମୀ ପ୍ରବେଶ ଯୋଗୁ ବହୁ ବିଳମ୍ବରେ ଚାଷୀ କାମ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଅନାବୃଷ୍ଟି, ସ୍ୱଳ୍ପ ବୃଷ୍ଟି ଯୋଗୁ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବ୍ୟାଙ୍କ, ମହାଜନଠାରୁ ଧାରକରଜ କରି ଚାଷୀ ଚାଷ କରିଥିଲେ। ତେବେ ଗତବର୍ଷ ପରି ଚଳିତ ବର୍ଷ ମଧ ଚାଷୀଙ୍କୁ କ୍ଷତି ସହିବାକୁ ପଡିଛି। ପର୍ଯ୍ୟାପ୍ତ ଜଳସେଚନ ଅଭାବରୁ ଏହି ବ୍ଲକରେ ଗଜା ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ଶତାଧିକ ଚାଷୀଙ୍କ ବିଲ ଫାଟି ଆଁ କରିଥିବା ବେଳେ ଧାନ ଫସଲ ପ୍ରାୟ ଉଜୁଡି ଯାଇଛି। ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟ, ବନ୍ୟଜନ୍ତୁ, ହାତୀ ବିଲରେ ପଶି ଫସଲ ନଷ୍ଟ କରୁଛନ୍ତି। ଏପଟେ ବିଲରେ ପାଣି ମଡାଇବାକୁ କୌଣସି ବ୍ୟବସ୍ଥା ନାହିଁ। ଚଳିତ ବର୍ଷା ଗଜା ମରୁଡି ସମସ୍ୟା ନେଇ ପୂର୍ବରୁ ସ୍ଥାନୀୟ ପ୍ରଶାସନ, କୃଷି ବିଭାଗ ଅଧିକାରୀ, ଏପରିକି ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏକାଧିକ ଚାଷୀ ଗଜା ହୋଇଥିବା ଧାନ କେଣ୍ଡା ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ମଧ କରିଥିଲେ। ଏହା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ ବୋଲି ଚାଷୀ ନେତା ପ୍ରକାଶ ଚନ୍ଦ୍ର ରାଉତରାୟ କହିଛନ୍ତି। ସେହିପରି ଚାଷୀ ନେତା କାହ୍ନୁ ଚରଣ ବେହେରା ଓ ପ୍ରଫୁଲ୍ଲ ମହାପାତ୍ର କହିଛନ୍ତି, ଜଳସେଚନ ଅଭାବରୁ ଚାଷୀ ପ୍ରତିବର୍ଷ ହଇରାଣ ହେଉଥିବା ବେଳେ ବାରମ୍ବାର ଗୁହାରି ସତ୍ତ୍ୱେ ପ୍ରଶାସନ ପଦକ୍ଷେପ ନେଉନାହିଁ। କେବଳ ପ୍ରତିଶ୍ରୁତି ବ୍ୟତୀତ ଏହାର ସ୍ଥାୟୀ ସମାଧାନ କରାଯାଉ ନାହିଁ ବୋଲି ଗଣମାଧ୍ୟମ ଆଗରେ କହିଛନ୍ତି।

# ଅଶ୍ଳୀଳ ଭିଡିଓ ଭାଇରାଲ କରି ପ୍ରେମିକ ଗିରଫ

ବାଲୁଗାଁ,୧୬।୧(ସଂଗ୍ରାମ ପାଇକରାୟ)

ପ୍ରେମିକାଙ୍କ ଅଶ୍ଳୀଳ ଫଟୋ ଏବଂ ଭିଡିଓ ଭାଇରାଲ କରିବା ଅଭିଯୋଗରେ ବାଲୁଗାଁ ଥାନା ପୋଲିସ ସମ୍ପୃକ୍ତ ପ୍ରେମିକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ବାଲେଶ୍ୱର ଜିଲା ଖଣ୍ଟାପଡ଼ା ଥାନା ଅଞ୍ଚଳର ବିକାଶ ଦାସ(୨୬)। ପୋଲିସ ସୂଚନା ମୁତାବକ, ବାଲୁଗାଁ ଅଞ୍ଚଳର ଜଣେ ଯୁବତୀଙ୍କ ସହ ବିକାଶଙ୍କର ଏକବର୍ଷ ପୂର୍ବେ ଫେସ୍‌ବୁକ୍‌ରେ ବନ୍ଧୁତା ସ୍ଥାପନ ହୋଇଥିଲା। ଉଭୟଙ୍କ ମଧ୍ୟରେ ବନ୍ଧୁତା ନିବିଡ଼ ହେବାପରେ ତାହା ପ୍ରେମ ସମ୍ପର୍କରେ ପରିଣତ ହୋଇଥିଲା। ତେବେ ବିକାଶଙ୍କ ମନରେ ପ୍ରତାରଣା ଥିବା ଯୁବତୀ ଜଣକ ଜାଣିପାରି ନ ଥିଲେ। ମୋବାଇଲ ଫୋନ୍‌ରେ ଭିଡିଓ କଲ୍ କରି ଯୁବତୀଙ୍କ ଅଶ୍ଳୀଳ ଫଟୋ ଏବଂ ଭିଡିଓ କରିଥିଲେ। ଏହାପରେ ବିକାଶ ଯୁବତୀଙ୍କୁ ଅନୈତିକ ସମ୍ପର୍କ ରଖିବା ପାଇଁ ବାଧ କରିଥିଲେ। ଯୁବତୀ ଜଣକ ଅରାଜି ହେବାରୁ ବିକାଶ ଅଶ୍ଳୀଳ ଭିଡିଓ ଏବଂ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିଦେଇଥିଲେ। ଫଳରେ ଯୁବତୀ ଜଣକ ସମସ୍ତ ଘଟଣା ପରିବାର ଲୋକଙ୍କୁ ଜଣାଇଥିଲେ। ଏନେଇ ଯୁବତୀଙ୍କ ପରିବାର ୨୦୨୩ ଜୁନ୍ ୨୧ରେ ବାଲୁଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୩୭/୨୩) ରୁଜୁକରି ସାଇବର କ୍ରାଇମ୍ ତଦନ୍ତ ସହାୟତା ଲୋଡ଼ିଥିଲା। ମହାରାଷ୍ଟ୍ରର ପୁନେରେ ବିକାଶ ଆତ୍ମଗୋପନ କରିଥିବା ଖବରପାଇ ବାଲୁଗାଁ ଆଇଆଇସି ଜୟପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ୍ ସେଠାକୁ ଯାଇ ଚଢ଼ାଉ କରିବା ବେଳେ କୌଶଳକ୍ରମେ ବିକାଶ ସେଠାରୁ ଖସି ପଳାଇଥିଲେ। ତେବେ ସୋମବାର ବିକାଶ ଭୁବନେଶ୍ୱରରେ ଥିବା ଖବର ମିଳିବା ପରେ ଆଇଆଇସି ପରିଡ଼ା ସଦଳବଳ ଚଢ଼ାଉ କରି ବିକାଶଙ୍କୁ ଗିରଫ କରିଥିଲେ।

# ଜନଶୁଣାଣି ଶିବିରରେ ୧୦୫ ଅଭିଯୋଗ



ଜନଶୁଣାଣି ଶିବିରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ଅଧିକାରୀ।

ବୋଲଗଡ଼,୧୬।୧(ଦେବବ୍ରତ ହୋତା)

ବୋଲଗଡ ବ୍ଲକ ସଭାଗୃହରେ ମଙ୍ଗଳବାର ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ତହସିଲଦାର ନିବେଦିତା ପରିଡା, ବିଡିଓ ଶରତ କୁମାର ମଲିକ ପ୍ରମୁଖ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବିରରେ ମୋଟ୍ ୧୦୫ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ତନ୍ମଧ୍ୟରୁ ସାମୂହିକ ୧୨ଟି, ରାଜସ୍ୱ ବିଭାଗ ୧୯, ରାଶନକାର୍ଡ ସମ୍ପର୍କିତ ୧୫, ଆବାସ ଯୋଜନାରେ ୨୮ ଏବଂ ଅନ୍ୟାନ୍ୟ ୩୧ଟି ଅଭିଯୋଗର ସମାଧାନ ପାଇଁ ଆବେଦନ ହୋଇଥିଲା। ସେହିପରି ଅର୍ପଣ ରଥ ପରିକ୍ରମା ପାଇଁ ଦିଆଯାଉଥିବା ୨ଲକ୍ଷ ଟଙ୍କା କେତେଜଣ ସରପଞ୍ଚ ପାଇ ନ ଥିବା ନେଇ ଅଭିଯୋଗ ହୋଇଥିଲା। ଶ୍ରୀଚନ୍ଦନପୁର ସେବା ସମବାୟ ସମିତିରେ ମଣ୍ଡିରେ ଧାନ ଉଠୁନାହିଁ ବୋଲି ମଧ ଅଭିଯୋଗ ହୋଇଥିବା ବେଳେ ଠଣାପଲୀ ଗ୍ରାମରେ ଜବରଦଖଲ ଉଚ୍ଛେଦ ଓ ଉପୁଜିଥିବା ସମସ୍ୟା ସମାଧାନ ପାଇଁ ତହସିଲଦାରଙ୍କୁ ନିବେଦନ କରାଯାଇଛି। ଏହି ଶିବିରରେ ଜିଲା ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।





ପଞ୍ଚ ପାଇକ ପୀଠ ନିକଟରୁ ଶ୍ମଶାନ ସ୍ଥାନାନ୍ତର ଦାବିରେ ମଙ୍ଗଳବାର ଖୋର୍ଦ୍ଧା ବିକାଶ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ପଞ୍ଚ ପାଇକ ପୀଠ ନିକଟରୁ ଶ୍ମଶାନ ସ୍ଥାନାନ୍ତର ଦାବି

ଖୋର୍ଦ୍ଧା,୧୬।୧(ପ୍ରଭାତ ପାଣିଗ୍ରାହୀ

୧୬ ନମ୍ବର ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ଛକ ନିକଟ ପଞ୍ଚ ପାଇକ ପୀଠକୁ ଲାଗି ରହିଥିବା ଶ୍ମଶାନକୁ ଅନ୍ୟତ୍ର ସ୍ଥାନାନ୍ତର ଲାଗି ଖୋର୍ଦ୍ଧା ବିକାଶ ମଞ୍ଚ ଦାବି କରିଛି। ଏହାର ପ୍ରତିବାଦରେ ମଞ୍ଚର ଆବାହକ ନରେନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ଏକାଧିକ କର୍ମୀ ପାଇକ ଆଖଡ଼ା କଳା ପ୍ରଦର୍ଶନ ସହ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ। ଆସନ୍ତା ୨୪ ତାରିଖରେ ବକ୍ସିଙ୍କ ଶ୍ରାଦ୍ଧଦିବସ ପାଳନ ପୂର୍ବରୁ ଏଥିପ୍ରତି ଦୃଷ୍ଟିଦେବା ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ନଚେତ ମଞ୍ଚ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ପାଇକ ବିଦ୍ରୋହର ସ୍ମୃତିଚିହ୍ନ ସ୍ୱରୂପ ଗଡ଼ଖୋର୍ଦ୍ଧା ନିକଟରେ ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ୧୬ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଏହାକୁ ଗଡ଼ଖୋର୍ଦ୍ଧା ଛକ ଅନତି ଦୂରରେ ଅବସ୍ଥାପିତ କରାଯାଇଛି। ତେବେ ପ୍ରତିମୂର୍ତ୍ତି ସ୍ଥାପନ ସମୟରେ ନିକଟରେ ଥିବା ଶ୍ମଶାନକୁ ଅନ୍ୟତ୍ର ସ୍ଥାନାନ୍ତର ଲାଗି ପ୍ରଶାସନିକସ୍ତରରେ ପ୍ରତିଶ୍ରୁତି ସତ୍ତ୍ୱେ ତାହା କାର୍ଯ୍ୟକାରୀ କରାଯାଇନାହିଁ। ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ମଞ୍ଚର ଏହି ଦାବିକୁ ସମର୍ଥନ ଜଣାଇ ବିଧାୟକ ସୁରେଶ ରାଉତରାୟ କହିଥିଲେ, ପାଇକ ବିଦ୍ରୋହର ପଞ୍ଚରତ୍ନ ଭାବେ ପରିଚିତ ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ, ତାପଙ୍ଗ ଦଳବେହେରା, ପିଣ୍ଡିକି ବାହୁବଳେନ୍ଦ୍ର ଓ କୃପାସିନ୍ଧୁ ପାଟଶାଣୀ। ଏମାନେ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ। ପଞ୍ଚ ପାଇକଙ୍କ ପୀଠ ପ୍ରତି ଅବହେଳା କରାଯାଉଛି। ପୂଜ୍ୟପୂଜା ପ୍ରତି ଅସମ୍ମାନକୁ ବରଦାସ୍ତ କରାଯିବ ନାହିଁ। ପଞ୍ଚ ପାଇକ ପୀଠ ପ୍ରତି ଅପମାନ ଓଡ଼ିଆ ଜାତିକୁ ଅସମ୍ମାନ ସହ ସମାନ ବୋଲି ବିଧାୟକ ରାଉତରାୟ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ହେମନ୍ତ ପାତ୍ର, ନଗେନ୍ଦ୍ର ଚମ୍ପତି, ସୁବାସ ସାମନ୍ତରାୟ, ଡ. ବୃନ୍ଦାବନ ପଣ୍ଡା, ବାଲାଜୀ ପାତ୍ର, ରାମ ନାରାୟଣ ଦାଶ, ବେନୁ ନାୟକ, ରବି ନାୟକଙ୍କ ସମେତ ଗଡ଼ଦ୍ୱାରା ସାହିର ଏକାଧିକ ବାସିନ୍ଦା ସାମିଲ ହୋଇଥିଲେ। ଖୋର୍ଦ୍ଧାର ମା' ବରୁଣେଇ ପାଇକ ଆଖଡ଼ା ସଂଘ ଓ ଗୋଲବାଇର ମା'ଭଗବତୀ ପାଇକ ଆଖଡ଼ା ସଂଘ ସେମାନଙ୍କ କଳାକୌଶଳ ପ୍ରଦର୍ଶନ କରିଥିଲେ।

### ବନଦୁର୍ଗା ବୁଢ଼ୀ ଭୂଇଁଆଣୀ ପୀଠରେ ମକରମେଳା

ବୋଲଗଡ଼,୧୬।୧(ଦେବବ୍ରତ ହୋତା)

ବୋଲଗଡ଼ ସଦର ନିକଟ ପାହାଡ଼ ପାଦଦେଶରେ ବନଦୁର୍ଗା ବୁଢ଼ୀ ଭୂଇଁଆଣୀଙ୍କ ପଞ୍ଚମ ବାର୍ଷିକ ମକରମେଳା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୋମବାର ପ୍ରତ୍ୟୁଷରୁ ମା'ଙ୍କୁ ଶୁଦ୍ଧସ୍ନାନ ଓ ପରେ ନୂତନ ବସ୍ତ୍ର ପରିଧାନ କରାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ଉତ୍ସବ ଦେଖିବାକୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ନାମ ସଂକୀର୍ତ୍ତନ ପରିବେଷଣ ହୋଇଥିଲା। ଏହି ଉତ୍ସବରେ ସ୍ଥାନୀୟ ଗଡ଼ ଭିତର ସାହିର ଗୌରାଙ୍ଗ ଚମ୍ପତି, ବଳରାମ ମାର୍ଥା, ରଘୁନାଥ ଦଳବେହେରା, ଶଙ୍କର ସିଂ, ଅଶୋକ ଦଳବେହେରା, ଦେବ ବଳିୟାରସିଂ, ଜୟକୃଷ୍ଣ ବାହୁବଳେନ୍ଦ୍ର, ମନମୋହନ ଦାସ, ଜଗନ୍ନାଥ ସିଂହ, ଭରତ ବାହୁବଳେନ୍ଦ୍ରଙ୍କ ସମେତ ସ୍ଥାନୀୟ ଯୁବକ ସହଯୋଗ କରିଥିଲେ।

### କାଳିଜାଈ ପୀଠରେ ଭଜନ ସମାରୋହ

କୃଷ୍ଣପ୍ରସାଦ,୧୬।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପାରିକୁଦର ଇଷ୍ଟଦେବୀ ମା'କାଳିଜାଈଙ୍କ ମନ୍ଦିର ପ୍ରାଙ୍ଗଣରେ ମକର ମେଳା ମହୋତ୍ସବ ପାରିକୁଦ ରାଜାସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅହୋରାତ୍ର ଭଜନ ସମାରୋହ ହୋଇଥିଲା। ସମାରୋହକୁ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ଉଦ୍‌ଘାଟନ କରିଥିଲେ। କନ୍ଦାଖାଇ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ନୀଳକଣ୍ଠ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ପୁରୀ ସମେତ ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ଼ ଜିଲାର କଳାକାରମାନେ ଅଂଶଗ୍ରହଣ କରିଥିଲେ। ଏଥିସହିତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅମ୍ଳାନ ନାୟକ, ଖୋର୍ଦ୍ଧା ଜିଲାର ପୋଲିସ ଅଫିସର ସଞ୍ଜୟ ପଟ୍ଟନାୟକ, ଚିଲିକା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ରଶ୍ମିତା ଜେନା ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଫାଇନାଲରେ ମହାବୀର ସ୍ପୋର୍ଟିଂ କ୍ଲବ



ଅତିଥିଙ୍କ ଗହଣରେ ଖେଳାଳି ଏବଂ ଅନ୍ୟମାନେ।

ଗମ୍ଭାରୀମୁଣ୍ଡା,୧୬।୧(ଦିଲୀପ ସ୍ୱାଇଁ)

କ୍ରୀଡ଼ାବିତ୍ ସ୍ୱର୍ଗତ ପ୍ରଶାନ୍ତ କୁମାର ସାହୁଙ୍କ ସ୍ମୃତିରେ ନାଚୁଣୀର ୟଙ୍ଗଷ୍ଟାର କ୍ଲବ ଆନୁକୂଲ୍ୟରେ ଗୋଦାବରୀଶ ସରକାରୀ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ହାଟବରଡ଼ିହର ସତ୍ୟ ନାରାୟଣ କ୍ଲବ ଓ କୁହୁଡିର ମହାବୀର ସ୍ପୋର୍ଟିଂ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ଉଭୟ ଟିମ୍ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ୩-୨ ଗୋଲରେ ମହାବୀର ସ୍ପୋର୍ଟିଂ କ୍ଲବ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଧ୍ରୁବ ଚରଣ ଘଡ଼େଇ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲାଇନ୍ସରେ ବିପିନ ସାମନ୍ତରାୟ ଓ ଅନିଲ ସାମନ୍ତରାୟ ସହଯୋଗ କରିଥିଲେ। ଅତିଥିଭାବେ ଚିଲିକା ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ଉତ୍ପଳ କୁମାର ପାଇକରାୟ ଏବଂ ଖୋର୍ଦ୍ଧା ଜିଲା ବିଜେଡିର ସମ୍ପାଦକ ମନୋଜ କୁମାର ପ୍ରଧାନ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ୟଙ୍ଗଷ୍ଟାର କ୍ଲବର ସମସ୍ତ ସଭ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ନୋତର, ମାଣିକାଗୋଡ଼ା ବିଜୟୀ

## ଜୟକୃଷ୍ଣ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

ବୋଲଗଡ଼,୧୬।୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅଧୀନ ମଣିକାଗୋଡ଼ା ଗ୍ରାମର ଦିବଂଗତ ସେନା କର୍ମଚାରୀ ଜୟକୃଷ୍ଣ ଦଳାଇଙ୍କ ସ୍ମୃତିରେ ହିରାଧର ଖେଳପଡ଼ିଆରେ ଚାଲିଥିବା ପ୍ରଥମ ବାର୍ଷିକ ଜୟକୃଷ୍ଣ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଦିତୀୟ ଦିବସରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ ନୋତର କ୍ରିକେଟ କ୍ଲବ ଓ ବନମାଳିପୁର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ନୋତର କ୍ଲବ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ମାଣିକାଗୋଡା କ୍ରିକେଟ କ୍ଲବ ଓ ଖଇଁରିଆ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ମାଣିକାଗୋଡା କ୍ଲବ ବିଜୟୀ ହୋଇଥିଲା। ଜୟ ପ୍ରକାଶ ମହାପାତ୍ର, ପୁଷ୍ପ ରଞ୍ଜନ ବିଶ୍ୱାଳ ଓ ଅଜିତ୍ କୁମାର ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ଅଭିମନ୍ୟୁ ଦଳାଇ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ହାଟସାହିର ବେଲବାୟାଣୀ କ୍ରିକେଟ କ୍ଲବ ଆୟୋଜନରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟ ପରିଚାଳନାରେ କ୍ଲବ ସଦସ୍ୟ, ଚଗ ପଟ୍ଟନାୟକ, ପ୍ରକାଶ ମହାପାତ୍ର ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ଥଇଥାନ ପରେ ଉଚ୍ଛେଦ କରାଯାଉ

## ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ



ଖୋର୍ଦ୍ଧା,୧୬।୧ (ପ୍ରଭାତ ପାଣିଗ୍ରାହୀ)

ଜଟଣୀ ବ୍ଲକ ମଦନପୁର ଅଞ୍ଚଳରେ ଦୀର୍ଘ ବର୍ଷ ଧରି ରହି ଆସୁଥିବା ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ପରିବାରଙ୍କୁ ଉଚ୍ଛେଦ କରାଯାଇ ୨୭ ଏକର ପରିମିତ ଜମିକୁ ଇଡକୋ ହାତକୁ ଟେକି ଦିଆଯାଇଛି। ସେଠାରେ ରହୁଥିବା ବାସିନ୍ଦା ଏହାର ବିରୋଧ କରିଛନ୍ତି। ସେମାନଙ୍କୁ ଉପଯୁକ୍ତ ଥଇଥାନ ଦାବିରେ ବିଧାୟକ ସୁରେଶ ରାଉତରାୟଙ୍କ ନେତୃତ୍ୱରେ ଶତାଧିକ ବାସିନ୍ଦା ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଦୀର୍ଘବର୍ଷ ଧରି ଉପରୋକ୍ତ ପରିବାର ସେଠାରେ ରହୁ ଆସୁଛନ୍ତି। ମୂଲ୍ୟବାନ ଜମିକୁ ସରକାର ଇଡକୋ ହାତକୁ ଟେକି ଦେବା ସହ ଶିଳ୍ପସଂସ୍ଥାକୁ ଶାଗମାଛ ଦରରେ ଦେଉଛନ୍ତି ବୋଲି ବିଧାୟକ ରାଉତରାୟ କହିଛନ୍ତି। ଏ ସମ୍ପର୍କରେ ବିଧାୟକ ରାଉତରାୟ କହିଛନ୍ତି, ଏ ସମ୍ପର୍କରେ ଜିଲା ପ୍ରଶାସନ ସହ ଆଲୋଚନା କରାଯାଇଛି। ତୁରନ୍ତ ଏ ଦିଗରେ ଦୃଷ୍ଟି ନ ଦେଲେ, ଆଗାମୀ ଦିନରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

### ବିଜେଡି ନେତ୍ରୀଙ୍କ ସାଙ୍ଗଠନିକ ବୈଠକ

ଖୋର୍ଦ୍ଧା,୧୬।୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳର ସଙ୍ଗଠନକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ପାଇଁ ପ୍ରତି ପଞ୍ଚାୟତ ଭଳି ଜଙ୍କିଆ ପଞ୍ଚାୟତର ପ୍ରତ୍ୟେକ ୱାର୍ଡରୁ ପ୍ରାୟ ଶହେରୁ ଉର୍ଦ୍ଧ୍ୱ ବରିଷ୍ଠ, ଯୁବ ଛାତ୍ରଙ୍କୁ ନେଇ ଏକ ବନ୍ଧୁମିଳନ ଓ ସାଙ୍ଗଠନିକ ବୈଠକ ମା'ବଘେଇଙ୍କ ପୀଠ ରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ରାଜ୍ୟ ବିଜୁ ମହିଳା ଜନତା ଦଳ ଉପସଭାପତି ବାସନ୍ତୀ ମହାପାତ୍ର ଯୋଗଦେଇ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାର ବାର୍ତ୍ତା ଘରେ ଘରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ, ରୋଗରେ ପୀଡିତ ରୋଗୀ, ଅସହାୟ ବ୍ୟକ୍ତିଙ୍କୁ ନିଜସ୍ୱ ପାଣ୍ଠିରୁ ସାହାର୍ଯ୍ୟର ହାତ ବଢ଼ାଇ ସେମାନଙ୍କ ସୁଖଦୁଃଖରେ ସାମିଲ ହେଉଥିବା ମହାପାତ୍ରଙ୍କ ନେତୃତ୍ୱ ପଛରେ ସମସ୍ତେ ସଙ୍ଗଠିତ ହେବା ପାଇଁ ଶପଥ ନେଇଥିଲେ। କର୍ମୀ କୁଞ୍ଜ ଉଦୟସିଂହ, ସୁବାସ ଚମ୍ପତି, ସଞ୍ଜୟ ଉଦୟସିଂହ, ଲକି ସାମନ୍ତରାୟ, ପ୍ରମୋଦ ପାଲଟାସିଂହ, କୁନା ଜେନାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜିଲାରେ ଗଡ଼ିଲା ପାଣି ପଞ୍ଚାୟତ ରଥ

ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ),୧୬।୧





ରାଜ୍ୟ ଜଳସମ୍ପଦ ବିଭାଗ ଆନୁକୂଲ୍ୟରେ ପାଣି ପଞ୍ଚାୟତ ପକ୍ଷ(ଜାନୁଆରୀ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ) ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଖୋର୍ଦ୍ଧା ଜିଲା ଜଳସମ୍ପଦ ବିଭାଗ ପକ୍ଷରୁ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଅତିରିକ୍ତ ଜିଲାପାଳ ସାଫଲ୍ୟମଣ୍ଡିତ ପ୍ରଧାନ ସବୁଜ ପତାକା ଦେଖାଇ ଏହି ରଥକୁ ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲାର ବିଭିନ୍ନ ପଞ୍ଚାୟତ, ଗ୍ରାମାଞ୍ଚଳରେ ବୁଲି ଚାଷୀଙ୍କୁ ସଚେତନ କରିବ। ୨୪ ତାରିଖରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପାଣି ପଞ୍ଚାୟତ ସମ୍ପର୍କିତ ସୂଚନା, ଶିକ୍ଷା, ଯୋଗାଯୋଗ, ଜଳର ସାମାଜିକ ବ୍ୟବହାରିକ ପରିବର୍ତ୍ତନ ଆଦି ସମ୍ପର୍କିତ କାର୍ଯ୍ୟକ୍ରମକୁ ନେଇ ପ୍ରଦର୍ଶନୀ କାର୍ଯ୍ୟକ୍ରମ ରହିଛି। ରାଜ୍ୟରେ ଓଡ଼ିଶା ପାଣି ପଞ୍ଚାୟତ ଆଇନ ୨୦୦୨ କୁ ସଂଶୋଧନ କରାଯାଇ ଅଧିକରୁ ଅଧିକ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇପାରିବ, ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ସେଗୁଡ଼ିକ ମଧ୍ୟରେ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଅଧୀନରେ ପାଣି ପଞ୍ଚାୟତ ଗଠନ କରାଯାଇଛି। ଏଥିରେ ମହିଳାଙ୍କ ପ୍ରତିନିଧିତ୍ୱକୁ ପ୍ରାଥମିକତା ଦିଆଯାଉଛି। ଇ-ସିଏଡି ଆପ୍ଲିକେଶନ ଅନ୍ତର୍ଗତ ପାଣି ପଞ୍ଚାୟତ ଏବଂ ଇନ୍‌ଫ୍ରା ମୋଡ୍ୟୁଲ କାର୍ଯ୍ୟକାରୀ କରାଯାଇ ଜଳ ପରିଚାଳନାକୁ ସହଜ ବ୍ୟବସ୍ଥାରେ ଉନ୍ନତି ଆଣିଛି। ଜଳବାୟୁ ସହନଶୀଳ କୃଷି ପାଇଁ ଓଡ଼ିଶା ସମନ୍ୱିତ ପ୍ରକଳ୍ପ ଜରିଆରେ ଫସଲ ଉତ୍ପାଦନ, ଜ୍ଞାନକୌଶଳ ଉପଯୋଗ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ପ୍ରିୟବ୍ରତ ବେହେରା, ଏଇଇ ଅନିଲ ପାଢ଼ୀ, ସହକାରୀ ଯନ୍ତ୍ରୀ ପ୍ରହ୍ଲାଦ ଚନ୍ଦ୍ର ପଟ୍ଟନାୟକଙ୍କ ସମେତ ବିଭାଗୀୟ ଅଧିକାରୀ, କର୍ମଚାରୀ, ଏକାଧିକ ଚାଷୀ ଉପସ୍ଥିତ ଥିଲେ।

# ଟେକ୍ନୋଲୋଜି କ୍ଷେତ୍ରରେ ଓଡ଼ିଶା ଶ୍ରେଷ୍ଠ ସ୍ଥାନରେ

ନିମାପଡ଼ା,୧୬।୧
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ଆମ ରାଜ୍ୟ ଟେକ୍ନୋଲୋଜି କ୍ଷେତ୍ରରେ ସମଗ୍ର ଦେଶରେ ଶ୍ରେଷ୍ଠ ସ୍ଥାନରେ ରହିଛି। କୃଷି ଓ କୃଷକଙ୍କ ବିକାଶ ପାଇଁ ଆମ ସରକାର ଦୃଢ ସଂକଳ୍ପବଦ୍ଧ ଓ ସଦାଚେଷ୍ଟିତ। ନିମାପଡ଼ା ଜଳ ସମ୍ପଦ ବିଭାଗ ପକ୍ଷରୁ ଜଳ ସମ୍ପଦ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଏହା କହିଥିଲେ। ମୁଖ୍ୟବକ୍ତା ଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ କୃଷି ଓ କୃଷକଙ୍କ ବିକାଶ ହେଲେ ଦେଶ ଓ ରାଜ୍ୟର ବିକାଶ ହେବ ବୋଲି କହିଥିଲେ। ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ସରକାରୀ କର୍ମଚାରୀ ଯତ୍ନବାନ ହୋଇ ନିଷ୍ଠାର ସହ କାର୍ଯ୍ୟ କରିବାକୁ ବିଧାୟକ ଦାଶ ପରାମର୍ଶ ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଏନ୍ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବୈକୁଣ୍ଠନାଥ ଦଳେଇ, ନିମାପଡ଼ା ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ରାକେଶ ସାହୁ, ଗୋପ ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମକେଶରୀ ମହାନ୍ତି, ସରକାରୀ ଯନ୍ତ୍ରୀ ହେମାମାଳିନୀ ପତି, ଉମାକାନ୍ତ ବେହେରା, ବ୍ଲକ କୃଷି ଅଧିକାରୀ ପ୍ରିୟବ୍ରତ ପୃଷ୍ଟି, ଉଦ୍ୟାନ ବିଭାଗ ଅଧିକାରୀ ବିଭୁବନ ବଡ଼ଜେନା ପ୍ରମୁଖ ଯୋଗଦେଇଥିଲେ। ପାଣି ପଞ୍ଚାୟତ ପକ୍ଷପାଳନ ଲକ୍ଷ୍ୟ, ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି ପାଣି ପଞ୍ଚାୟତ ଶୀର୍ଷକ ନାଗବସ୍ତ ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ର ଶ୍ରୀକାନ୍ତ ଜେନାଙ୍କ ପ୍ରକଳ୍ପ ଅତିଥି, ଚାଷୀ, ଦର୍ଶକଙ୍କୁ ବେଶ ଆକର୍ଷିତ କରିଥିଲା। ଏହି ଅବସରରେ ପାଣି ପଞ୍ଚାୟତ ଶୀର୍ଷକ ବକ୍ତୃତା, ଚିତ୍ରାଙ୍କନ, ରଚନା, କୁଇଜ୍ ଆଦି ପ୍ରତିଯୋଗିତାର ୧୩ କୃତୀ ପ୍ରତିଯୋଗୀଙ୍କୁ ବିଭାଗ ପକ୍ଷରୁ ମଞ୍ଚାସୀନ ଅତିଥିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ୨ଶହରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ।



ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬।୧।୨୦୨୪

| | |
|---|---|
| ୫,୮୩,୧୪୪ ଟଙ୍କା | |
| ସୁନା | ୨.୨୦୦ ଗ୍ରାମ୍ |
| ରୁପା | ୫୩.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ବାଳିକାଙ୍କ ଆତ୍ମରକ୍ଷା ଶିବିର ଉଦ୍‌ଘାଟିତ

କଣାସ,୧୬।୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଧୀନ ଗ୍ରାମ ପଞ୍ଚାୟତରେ ପ୍ରତିଷ୍ଠିତ କଣାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ୨ ପ୍ରଥମ ବର୍ଷର ଛାତ୍ରୀଙ୍କୁ ନେଇ ମଙ୍ଗଳବାର ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଆସନ୍ତା ୨୭ତାରିଖ ପର୍ଯ୍ୟନ୍ତ ଏହି ଶିବିର ଚାଲିବ। ଉତ୍ସବରେ ବିଦ୍ୟାଳୟ ଅଧ୍ୟକ୍ଷ ବନବିହାରୀ ସାହୁ, ଅଧ୍ୟାପକ ଗଦାଧର ଶତପଥୀ, ପ୍ରମୋଦ ହୋତା, ବୃନ୍ଦାବନ ପାତ୍ର, ଅଧ୍ୟାପିକା ସଞ୍ଜୁ ପଟ୍ଟନାୟକ, ସନ୍ମିତା ହାତୀ, ଅବସରପ୍ରାପ୍ତ ଅଧ୍ୟାପକ ପ୍ରଫୁଲ୍ଲ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦ୍ୱାରା କିଭଳି ନିଜକୁ ସୁରକ୍ଷିତ ରଖିପାରିବେ, ସେ ସମ୍ପର୍କରେ ଅତିଥିମାନେ ସୂଚନା ଦେଇଥିଲେ। ଅଧ୍ୟାପକ ଗଙ୍ଗାଧର ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ପ୍ରଶିକ୍ଷିକା ଭାବେ ପୂଜା ଘଡେଇ, ଲିପ୍ସା ପରିଡ଼ା ଉପସ୍ଥିତ ଥିଲେ।

### ଛାତ୍ର ଜୀବନର ଅନୁଭୂତି ବଖାଣିଲେ

ପିପିଲି,୧୬।୧(ପ୍ରଭାତ ମହାପାତ୍ର)

ପିପିଲି ବ୍ଲକ ଅଧୀନ ଗୋବିନ୍ଦପୁର ହାଇସ୍କୁଲର ୧୯୭୮ ବ୍ୟାଚ ୩ୟ ବାର୍ଷିକ ବନ୍ଧୁମିଳନ ଉତ୍ସବ ଗୋବିନ୍ଦପୁର ଗ୍ରାମପଞ୍ଚାୟତର ସ୍ୱର୍ଗତ ଜୟକୃଷ୍ଣ ନାୟକଙ୍କ ଝାଉଁ ବଣିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୮ଜଣ ପୂର୍ବତନ ଛାତ୍ର ଯୋଗଦେଇଥିଲେ। ପ୍ରଥମେ ଦିବଂଗତ ୭ ଜଣ ଛାତ୍ରୀଛାତ୍ରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶୋକବ୍ୟକ୍ତ କରାଯାଇଥିଲା। ପରେ ପରସ୍ପର ମଧ୍ୟରେ ଛାତ୍ର ଜୀବନର ଅନୁଭୂତି ବର୍ଣ୍ଣନା କରି ଆତ୍ମବିଭୋର ହୋଇପଡ଼ିଥିଲେ। ତ୍ରିନାଥ ପରିଡ଼ା ଏବଂ ସୋମନାଥ ନାୟକଙ୍କ ଉଦ୍ୟମରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ବେଣୁଧର, ଲକ୍ଷ୍ମୀଧର, ସୁବାସ, ଆର୍ତ୍ତ, ବେଣୁଧର, ଜୟନ୍ତ, ବାଉରୀବନ୍ଧୁ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରଧାନଶିକ୍ଷକଙ୍କ ବିୟୋଗ

ଅସ୍ତରଙ୍ଗ,୧୬।୧(ମମତା ଜେନା)

ଅସ୍ତରଙ୍ଗ ବ୍ଲକ ଅଧୀନ ଉଦୟପୁର ଗ୍ରାମ ତଥା ସୋରଭା ହାଇସ୍କୁଲର ପ୍ରଧାନଶିକ୍ଷକ ହେମନ୍ତ ରାଉତ(୫୯)ଙ୍କ ହୃଦ୍‌ଘାତରେ ମଙ୍ଗଳବାର ପରଲୋକ ଘଟିଛି। ତାଙ୍କ



ମୃତ୍ୟୁରେ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଶୋକ ବ୍ୟକ୍ତ କରିଛନ୍ତି। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ସ୍ନେହୀ ତଥା ଆଦର୍ଶ ଶିକ୍ଷକ ଭାବେ ସାରା ଅଞ୍ଚଳରେ ବେଶ ପରିଚିତ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ପ୍ରଭାସିନୀ, ପୁଅ ସୌରଭ, ବନ୍ଧୁବର୍ଗ, ପରିବାର, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କର ଅନ୍ତିମ ସଂସ୍କାର ଉଦୟପୁର ଗ୍ରାମରେ ହୋଇଥିଲା। ପୁଅ ସୌରଭ ମୁଖାଗ୍ନି ଦେଇଥିଲେ।

### ଧାନ ମଣ୍ଡି ଉଦ୍‌ଘାଟିତ

ବଳଙ୍ଗା,୧୬।୧(କେଦାରେଶ୍ୱର ନନ୍ଦ)

ବଳଙ୍ଗା ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ସରକାରୀ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଆର୍ଏମ୍ସି ସମ୍ପାଦକ ସୁଶାନ୍ତ କୁମାର ରାଉତ ଓ ସ୍ଥାନୀୟ ସରପଞ୍ଚ ଅଞ୍ଜଳି ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରି ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ଚଳିତ ବର୍ଷ ଧାନ ବିକ୍ରି ନିମନ୍ତେ ୬୪୬ ଜଣ ଚାଷୀ ପଞ୍ଜୀକୃତ କରିଥିବା ବେଳେ ପ୍ରଥମ ଦିନ ୨୦ ଜଣ ଚାଷୀଙ୍କଠାରୁ ୫୫୦ କ୍ୱିଣ୍ଟାଲ ଧାନ କ୍ରୟ ହୋଇଥିବା ସମିତିର ସମ୍ପାଦିକା ସୌଦାମିନୀ ପ୍ରଧାନ ସୂଚନା ଦେଇଛନ୍ତି।

# ସ୍ୱାମୀ, ଦେଢ଼ଶୁର, ଯାଆଙ୍କୁ ୧ ବର୍ଷ ଜେଲ

ନିମାପଡ଼ା,୧୬।୧(ବିଚିତ୍ରାନନ୍ଦ ସାହୁ)

## ବଧୂ ନିର୍ଯାତନା ମାମଲା

ନିମାପଡ଼ା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମ୍ଏଫ୍‌ସି) ବ୍ରଜେଶ ମିଶ୍ର ଏକ ବଧୂ ନିର୍ଯାତନା ମାମଲାର ବିଚାର କରି ସ୍ୱାମୀ, ଦେଢଶୁର, ଯାଆ ପ୍ରମୁଖଙ୍କୁ ୧ ବର୍ଷ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା, ଜରିମାନା ଅନାଦାୟ ଅଧିକ ୩ ମାସ ସଶ୍ରମ କାରା ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଅସ୍ତରଙ୍ଗ ଥାନା କେସ୍ ନଂ. ୧୦/୨୦୧୦, କୋର୍ଟର ଜିଆର୍ କେସ୍ ନଂ. ୧୧୨/୧୨ର ବିଚାର କରି ଜେଏମ୍ଏଫ୍‌ସି ମିଶ୍ର ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି।

ସୂଚନା ମୁତାବକ, ନିମାପଡ଼ା ଥାନା ଅଧୀନ ଅଂଶାଲୋ ଗ୍ରାମର ବୋହୂ ସରୋଜିନୀ ସାହୁଙ୍କ ସ୍ୱାମୀ ସନ୍ତୋଷ ସାହୁ, ଦେଢଶୁର ସରୋଜ ସାହୁ, ଯାଆ ସୁଷମା ସାହୁ ପ୍ରମୁଖଙ୍କୁ ଦଣ୍ଡାଦେଶ ହୋଇଛି। ଖବରରୁ ଜଣାପଡ଼ିଛି, ସରୋଜିନୀ ସନ୍ତୋଷଙ୍କୁ ବିବାହ ସମୟରେ ଶାଶୁଘରର ଦାବି ମୁତାବକ, ବାପଘର ପକ୍ଷରୁ ବିଭିନ୍ନ ଯୌତୁକ ଦିଆଯାଇଥିଲା। ବିବାହର ୩ ମାସ ପରେ ବାପଘରୁ ଅଧିକ ୨୦ ହଜାର ଟଙ୍କା ଯୌତୁକ ଆଣିବା ଦାବିରେ ଶାଶୁଘର ଲୋକେ ସରୋଜିନୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ। ଏଥିସହ ୨୦୦୯ରେ ମାଡ଼ ମାରି ଘରୁ ବାହାର କରିଦେଇଥିଲେ। ସରୋଜିନୀ ଏନେଇ ନିଜ ବାପଘରେ ରହି ୨୦୧୦ ଫେବୃଆରୀ ୧୯ରେ ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ୧୦/୧୦ରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ବିଚାରପତି ସରୋଜିନୀଙ୍କ ସ୍ୱାମୀ, ଦେଢଶୁର, ଯାଆଙ୍କ ବିରୋଧରେ ଦଣ୍ଡାଦେଶ ପ୍ରଦାନ କରିଥିବାବେଳେ ବୟସାଧିକ କାରଣରୁ ଶାଶୁ ବୈଜୟନ୍ତୀ ସାହୁ (୯୧)ଙ୍କୁ ପିଓ ଆକ୍ଟରେ ଛାଡ଼ିଦେଇଥିବା ଜଣାପଡ଼ିଛି। ସରକାରଙ୍କ ପକ୍ଷରୁ ଆଇନଜୀବୀ ଶୈଳେନ୍ଦ୍ର ନାରାୟଣ ସାହୁ ମାମଲା ପରିଚାଳନା କରୁଥିଲେ।

# ୧୭ ଚାଷୀ ବିକିଲେ ୬୭୫ .୮୦ କୁଇଣ୍ଟାଲ ଧାନ



ଧାନମଣ୍ଡି ଉଦ୍‌ଘାଟନ କରାଯାଉଛି।

କଣାସ,୧୬।୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ଦୀର୍ଘଦିନ ହେଲା ଧାନମଣ୍ଡି ଖୋଲି ନ ଥିବାରୁ ଚାଷୀ ଶାଗମାଛ ଦରରେ ଆନ୍ଧ୍ର ବେପାରୀମାନଙ୍କୁ ଧାନବିକି ବିଭିନ୍ନ ବ୍ୟାଙ୍କ ଓ ଗାଁ ମହାଜନଠାରୁ ଆଣି ଥିବା ଋଣ ଶୁଝୁଥିଲେ। ତେବେ ମଙ୍ଗଳବାର ବ୍ଲକର ରକ୍ତପଟା ଗ୍ରାମରେ ପ୍ରତିଷ୍ଠିତ ମନ୍ଦାକିନୀ ସେବା ସମବାୟ ସମିତି ଲିମିଟେଡ୍ ପକ୍ଷରୁ ପ୍ରଥମ ସରକାରୀ ଧାନମଣ୍ଡି ଖୋଲାଯାଇଛି। ସମିତି ସଭାପତି ଉମାକାନ୍ତ ସାମନ୍ତରାୟ ପୂଜାର୍ଚ୍ଚନା କରି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ସମୟରେ ସମ୍ପାଦକ ବିଚିନ ପଟ୍ଟନାୟକ, ଏରିଆ ଅଫିସର ସତ୍ୟଶଙ୍କର ମହାନ୍ତି, ସମିତି ବୋର୍ଡସଭ୍ୟ ଜଳନ୍ଧର ସାମନ୍ତସିଂହାର, ରାଜେଶ ହରିଚନ୍ଦନ, ସବିତା ରାଉତରାୟ, ପୂର୍ଣ୍ଣଚନ୍ଦ୍ର ଭଞ୍ଜ, ଚାଷୀ କମିଟି ପକ୍ଷରୁ ପ୍ରଭାସଚନ୍ଦ୍ର ସୁନ୍ଦରାୟ, କେଲୁଚରଣ ମାନସିଂ, ଓଗାଳେଶ୍ୱର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଆର୍ଏମ୍ସି କର୍ମଚାରୀ ଏବଂ ବ୍ରହ୍ମଗିରି ମା' ମଙ୍ଗଳା ରାଇସ୍‌ମିଲ କର୍ମଚାରୀ ଉପସ୍ଥିତ ରହି ଧାନକଣ୍ଟା କରିଥିଲେ। ମା' ମଙ୍ଗଳା ରାଇସ୍ ମିଲ କର୍ମଚାରୀ କୁଇଣ୍ଟାଲ ପିଛା ୨୧୩୩ ଟଙ୍କାରେ ଧାନକ୍ରୟ କରିଥିଲେ। ୨୫୩ ଜଣ ଚାଷୀ ଅନ୍‌ଲାଇନ୍‌ରେ ଧାନବିକ୍ରି ପାଇଁ ପଞ୍ଜୀକୃତ କରିଥିଲେ। ମଙ୍ଗଳବାର ୧୭ଜଣ ଚାଷୀ ୬୭୫.୮୦ କୁଇଣ୍ଟାଲ ଧାନ ବିକିଥିବା ଜଣାପଡ଼ିଛି। ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୫୦୩୬ କୁଇଣ୍ଟାଲ ଧାନକ୍ରୟ କରିବାକୁ ଉକ୍ତ ସମବାୟ ସମିତିକୁ ଟାର୍ଗେଟ୍ ଦେଇଛନ୍ତି।

# ରାମ ମନ୍ଦିର ପ୍ରତିଷ୍ଠାର ସିଧାପ୍ରସାରଣ ହେବ

ପିପିଲି, ୧୬।୧(ଦୁର୍ଗାମାଧବ ମିଶ୍ର)

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରାମ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ

ବରିଷ୍ଠ ନାଗରିକ ମଞ୍ଚ, ପିପିଲି ଏବଂ ବାବା ବାଲୁଙ୍କେଶ୍ୱର ଦେବ ପୂଜା କମିଟି ସଭ୍ୟଙ୍କ ଏକ ମିଳିତ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଫୁଲ୍ଲଚନ୍ଦ୍ର ପଣ୍ଡାଙ୍କ ଆବାହକତ୍ୱରେ ଏହି ବୈଠକ ଆୟୋଜିତ ହୋଇଥିଲା। ଆଗାମୀ ୨୨ ତାରିଖରେ ପ୍ରଭୁ ରାମଚନ୍ଦ୍ରଙ୍କ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ଏକ ଐତିହାସିକ ଏବଂ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଭାବେ ବିବେଚନା କରାଯାଇ ଅଞ୍ଚଳର ଶ୍ରଦ୍ଧାଳୁ ଭକ୍ତଙ୍କ ମଧ୍ୟରେ ଭକ୍ତି ଭାବନା ସୃଷ୍ଟି ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସେଦିନ ବାଲୁଙ୍କେଶ୍ୱର ମନ୍ଦିର ସଂଲଗ୍ନ ରାସ୍ତା ପାର୍ଶ୍ୱରେ ମହାପ୍ରଭୁଙ୍କ ଫଟୋଚିତ୍ରରେ ଧୂପ, ଚନ୍ଦନ ସମର୍ପଣ କରାଯାଇ ଯଥାବିଧି ପୂଜାର୍ଚ୍ଚନା ସହ ହୋମ, ନାମ ସଂକୀର୍ତ୍ତନ ଇତ୍ୟାଦି କରାଯିବ। ଏଥିସହ ଅଯୋଧ୍ୟାରେ ଅନୁଷ୍ଠିତ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମର ସିଧାପ୍ରସାରଣ ଏଲ୍ଇଡି ମାଧ୍ୟମରେ କରାଯିବ। ଭକ୍ତମାନେ ଏହି ପ୍ରସାରଣ ଦେଖିବାର ସୁଯୋଗ ନେବା ସହ ଭକ୍ତି ନୈବେଦ୍ୟ ଅର୍ପଣ କରିବେ। ପରବର୍ତ୍ତୀ ସମୟରେ ମଞ୍ଚର ସରକାରୀ ରେଜିଷ୍ଟ୍ରେଶନ, ମନ୍ଦିର ସଫେଇ, ପରିଭ୍ରମଣ ଇତ୍ୟାଦି କାର୍ଯ୍ୟକ୍ରମ ହାତକୁ ନିଆଯିବାକୁ ନିଷ୍ପତ୍ତି ହୋଇଛି। ଆଲୋଚନାରେ ଅର୍ଜୁନ ଘଡ଼େଇ, ରଘୁନାଥ ଜେନା, ସୁରେଶ ମହାରଣା, ଲିଟୁ ମିଶ୍ର, ସମୀର ଦାଶ, ଗଙ୍ଗାଧର ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଜନସାଧାରଣ ଶ୍ରଦ୍ଧାଳୁ ଭକ୍ତ ଯୋଗ ଦେବାକୁ ନିବେଦନ କରାଯାଇଛି।



ବୈଠକରେ ଉପସ୍ଥିତ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା।

# ମହିଳା ବ୍ୟାଙ୍କମିତ୍ରଙ୍କୁ ଲାପଟପ ବାଣ୍ଟିଲେ ବିଧାୟକ

ନିମାପଡ଼ା,୧୬।୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ମହିଳା ମିଶନଶକ୍ତି ପକ୍ଷରୁ ଏକ ଲାପଟପ୍ ବଣ୍ଟନ ସମାରୋହ ପଞ୍ଚାୟତ ସମିତି ସଭା କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ବ୍ଲକରେ କାର୍ଯ୍ୟରତ ୧୨ଜଣ ବ୍ୟାଙ୍କ ମିତ୍ରଙ୍କୁ ଲାପଟପ ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବ୍ଲକ ମହିଳା ସୁରକ୍ଷା ପ୍ରକଳ୍ପସ୍ତରୀୟ ମହିଳା ମହାସଂଘ ସଭାନେତ୍ରୀ ସୌଦାମିନୀ ବେହେରା, ସମ୍ପାଦିକା ମମତାରାଣୀ ପାଇକରାୟ, ମହିଳା ମିଶନ ଶକ୍ତିର ବ୍ଲକ ପ୍ରୋଜେକ୍ଟ ସଂଯୋଜକ ଦେବଦତ୍ତ ବିଶ୍ୱାଳ, ଓଡ଼ିଶା ଜୀବିକା ମିଶନ କର୍ମଚାରୀମାନେ ଯୋଗଦେଇଥିଲେ। ମହିଳା ମିଶନଶକ୍ତିର ମହିଳା ବ୍ୟାଙ୍କମିତ୍ରଙ୍କ ପାଇଁ ଏହା ଏକ ଅଭିନବ ପ୍ରୟାସ ବୋଲି ମିଶନଶକ୍ତି ଅଧିକାରୀ କହିଛନ୍ତି।

# ସିଆରପିଏଫ୍ ଯବାନଙ୍କୁ ଆକ୍ରମଣ କରି ଜଣେ ଗିରଫ

ଡେଲାଙ୍ଗ,୧୬।୧(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଅଞ୍ଚଳର ଜଣେ ସିଆରପିଏଫ୍ ଯବାନଙ୍କୁ ଟ୍ରେନରେ ୩ ଜଣ ଯୁବକ ଆକ୍ରମଣ କରିଥିବା ଘଟଣାରେ ପୁରୀ ରେଳବାଇ ପୋଲିସ ମଙ୍ଗଳବାର ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କୁ ପୁରୀ ଜିଆର୍‌ପି ପୋଲିସ ଥାନାକୁ ନିଆଯାଇଛି।

ସୂଚନା ମୁତାବକ, ଡେଲାଙ୍ଗ ଥାନା ରେଞ୍ଚ ଗ୍ରାମର ସିଆର୍‌ପିଏଫ୍ ଯବାନ ଦୀପକ ମହାରଣା(୨୯) ଗାଁରୁ ଛୁଟି ସାରି ପୁରୀ ତପସ୍ୱିନୀ ଏକ୍ସପ୍ରେସ୍‌ରେ ଗୟା ଯାଉଥିଲେ। ଟ୍ରେନ୍ ସିଟ୍‌ରେ ବସିବାକୁ ନେଇ ରାଉରକେଲା ଅଞ୍ଚଳର ୩ ଯୁବକ ତାଙ୍କ ସହିତ ପାଟିତୁଣ୍ଡ କରିବା ସହ ଗୋଷ୍ଠୀବଦ୍ଧ ଆକ୍ରମଣ କରିଥିଲେ। ଏନେଇ ଡେଲାଙ୍ଗ ରେଳ ଷ୍ଟେଶନରେ ଗାଡ଼ିଟି ଅଟକିବା ପରେ ରେଞ୍ଚ ଗ୍ରାମର କିଛି ଯୁବକ ଓ ଉପସ୍ଥିତ ଜଣେ ରେଳବାଇ ପୋଲିସ ୩ ଜଣ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣକୁ କାବୁ କରିଥିଲେ। ହେଲେ ଅନ୍ୟ ୨ଜଣ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏହି ମାର୍‌ପିଟ୍‌ରେ ଯବାନଙ୍କ ମୁଣ୍ଡ ଓ ନାକ ଫାଟିଯିବା ସହିତ ହାତ ଓ ପିଠିରେ ଆଘାତ ଲାଗିଥିବା ଜଣାପଡ଼ିଛି।

# 'ନୂଆ- ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ନିମାପଡା,୧୬।୧(ରଞ୍ଜନ ପଟ୍ଟନାୟକ)

ସାହିତ୍ୟ ହିଁ ମନୁଷ୍ୟକୁ ଜିଇବା ଶିଖାଏ। ସାହିତ୍ୟ ବିନା କୌଣସି ଜାତିର ଅସ୍ତିତ୍ୱ ନ ଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ 'ନୂଆ -ଓ' ସାହିତ୍ୟ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ପୁଷ୍ପିତା ରାଜଗୁରୁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ଜଗତପ୍ରସାଦ ସାବୁତ ଯୋଗଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବର୍ଷିଆନ କବି ତଥା ପୂର୍ବତନ ପ୍ରିନ୍ସିପାଲ ଡ. ବଇଁଶୀଧର ଷଡ଼ଙ୍ଗୀ, କଲେଜ ଡିନ୍ ରମାକାନ୍ତ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାଧ୍ୟାପକ ଡ. ରବୀନ୍ଦ୍ରନାଥ ପାଢ଼ୀ, ପ୍ରଦୀପ ଦାଶ, ବିଷ୍ଣୁ ପ୍ରସାଦ ସାହୁ, ସ୍ୱପ୍ନାରାଣୀ ମିଶ୍ର ଓ ପ୍ରଣିତା ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡ଼ିଆ ବିଭାଗୀୟ ମୁଖ୍ୟ ପ୍ରଭାକର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଏହି ପ୍ରତିଯୋଗିତା ୫ ଦିନ ଧରି ଚାଲିବ। ପ୍ରତିଯୋଗିତାରେ କ୍ଷୁଦ୍ର ଗଳ୍ପ, କବିତା ଓ ସଂକୀର୍ତ୍ତନ ଭଳି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି।

# ୧୯୭ ବୁଥ୍‌ରେ ବୁଲିବ ଇଭିଏମ୍ ସଚେତନତା ରଥ

ନିମାପଡ଼ା,୧୬।୧(ବିଚିତ୍ରାନନ୍ଦ ସାହୁ)

ଆଗାମୀ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ସରଳ କରିବାକୁ ମୁଖ୍ୟ ନିର୍ବାଚନ ଆୟୋଗ ଓ ଓଡ଼ିଶାଙ୍କ ନିର୍ଦ୍ଦେଶକ୍ରମେ ଗାଁଗାଁରେ ବୁଲିବ ଇଭିଏମ୍ ସଚେତନତା ରଥ। ଏହି ରଥ ଭୋଟରଙ୍କୁ ସଚେତନ କରିବାକୁ ନିମାପଡ଼ା ନିର୍ବାଚନ ମଣ୍ଡଳୀ ଅଧୀନ ନିମାପା ବ୍ଲକର ୧୯୭ଟି ବୁଥ୍ ପରିକ୍ରମା କରିବ ବୋଲି ବିଡିଓ ଭୁବନାନନ୍ଦ ପଟ୍ଟନାୟକ, ଜିପିଓ ଗୁଣନିଧି ମିଶ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ ସୂଚନା ଦେଇଛନ୍ତି। ଗତ ୧୦ ତାରିଖରୁ ବ୍ଲକରେ ଶୁଭାରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଓ ସଚେତନତା ରଥ ବ୍ଲକ ବୁଥ୍ ପରିକ୍ରମା କରିବା ସହ ଭୋଟରମାନେ କିଭଳି ଭୋଟ ଦେବେ ଓ ଇଭିଏମ୍ ମେଶିନ ଓ ଭିଭି ପ୍ୟାଡ୍‌ର ବ୍ୟବହାର କରିବେ ଏ ସମ୍ପର୍କରେ ଡେମୋ ଦେଖାଇ ସଚେତନ କରିଚାଲିଛନ୍ତି। ଏହି ରଥ ଶନିବାର ସୁଦ୍ଧା ୨୦ଟି ବୁଥ୍ ପରିକ୍ରମା କରିଥିବା ଜଣାପଡ଼ିଛି। ସଚେତନତା ପାଇଁ ତାଲିମପ୍ରାପ୍ତ ସମ୍ପ୍ରସାରଣ ଅଧିକାରୀ, ବ୍ଲକ ପଦସ୍ଥ ଅଧିକାରୀ ନିୟୋଜିତ ଅଛନ୍ତି। ବ୍ଲକ କାର୍ଯ୍ୟାଳୟଠାରେ ରବିବାର ଏହି ରଥର ଶୁଭାରମ୍ଭ ସମାରୋହରେ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୋଇ, ଜିପିଓ ମିଶ୍ର, ବିଡିଓ ପଟ୍ଟନାୟକ, ଅତିରିକ୍ତ ବିଡିଓ ପ୍ରିୟଦର୍ଶନୀ ବରାଳ, ସହକର୍ମୀ ଗୁଣନିଧି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଧାନ ବିକ୍ରି ପାଇଁ ୨୦୫ ଚାଷୀ ପଞ୍ଜୀକୃତ



ଧାନମଣ୍ଡି ଉଦ୍‌ଘାଟନବେଳେ ଉପସ୍ଥିତ ବିଧାୟକ ଓ ଅନ୍ୟ ଅତିଥି।

ଡେଲାଙ୍ଗ,୧୬।୧(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ-କୋଠବାଡ଼ ସମବାୟ ସମିତିରେ ମଙ୍ଗଳବାର ଧାନମଣ୍ଡିର ଶୁଭାରମ୍ଭ ହୋଇଯାଇଛି। ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ ନଡିଆ ବାଡ଼େଇ ଧାନମଣ୍ଡିର ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଡେଲାଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ଜିଲାପରିଷଦ ତଥା କୋଠବାଡ଼ ସମବାୟ ସମିତି ସଭାପତି ପ୍ରସନ୍ନ ସାହୁ, ବିଜେଡି ବ୍ଲକ ସଭାପତି ବୈରାଗୀ ଜେନା, ସମ୍ପାଦକ ବନ୍ଦିତା ବେହେରା, ପୂର୍ବତନ ସରପଞ୍ଚ ନବଘନ ପ୍ରଧାନ, ବିପିନ ବିହାରୀ ନରେନ୍ଦ୍ର, ଦୁର୍ଯ୍ୟୋଧନ ସାହୁ, ଆତ୍ମାର ପୂର୍ବତନ ଅଧ୍ୟକ୍ଷ ବସନ୍ତ ବେହେରା, ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଚିତ୍ରସେନ ନିଶଙ୍କ, ଛାତ୍ରନେତା ସୁଦୀପ୍ତ ନାୟକ, ସ୍ଥାନୀୟ ଚାଷୀ ନିର୍ମଳ ପରିଡ଼ା, ସୂର୍ଯ୍ୟ ନାରାୟଣ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଧାନକିଣା ସମୟରେ କଟ୍‌ନିଛଟ୍‌ନି ନ କରିବାକୁ ଚାଷୀ ଦାବି କରିଛନ୍ତି। ଏହି ସମବାୟ ସମିତିରେ ୨୦୫ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଥିବା ସମ୍ପାଦକ ସୁଶ୍ରୀ ବେହେରା ସୂଚନା ଦେଇଛନ୍ତି।

# ଲୁଣାନଦୀରେ ପାଣି ଛାଡ଼ିବାକୁ ତହସିଲଦାରଙ୍କୁ ଦାବିପତ୍ର

ଡେଲାଙ୍ଗ,୧୬।୧(ରଶ୍ମିରଞ୍ଜନ ପ୍ରଧାନ)

## ପାନୀୟ ଜଳ, ରବି ଧାନ ପାଇଁ ଚାଷୀ ହନ୍ତସନ୍ତ

ଡେଲାଙ୍ଗ ବ୍ଲକ ଦେଇ ପ୍ରବାହିତ ଲୁଣାନଦୀ ଏବେ ଶୁଖିଲା ପଡ଼ିଛି। ଜଳ ଅଭାବ ଦେଖାଦେବା ହେତୁ ସ୍ଥାନୀୟ ଚାଷୀ ଏବେ ରବିଧାନ ଶଙ୍କଟ ଚିନ୍ତାରେ। ଲୁଣାନଦୀ ଅବବାହିକାରେ ଥିବା ଜନସାଧାରଣ ପିଇବାଠାରୁ ଆରମ୍ଭ କରି ଗାଧୋଇବା ଓ ଚାଷଜମିରେ ଜଳସେଚନ ପାଇଁ ଏହି ନଦୀ ଉପରେ ଭରସା କରନ୍ତି। ତେବେ ଏଥିରେ ପାଣିର ଅଭାବ ସ୍ଥାନୀୟ ଲୋକଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏହି ସମସ୍ୟା ସମାଧାନ ପାଇଁ ଅଖିଳ ଭାରତ କୃଷକ ମହାସଭା ରାଜ୍ୟ ସମ୍ପାଦକ ଅଶୋକ ପ୍ରଧାନ, କିଶାନ ପଟ୍ଟନାୟକ, ବିନୋଦ ପରିଡ଼ା, ରାମଚନ୍ଦ୍ର ମହାରଣା ପ୍ରମୁଖ ପୁରୀ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଡେଲାଙ୍ଗ ତହସିଲଦାର ସନ୍ତୋଷିନୀ ଦାସଙ୍କୁ ପ୍ରଦାନ କରିଛନ୍ତି। ଡେଲାଙ୍ଗ ଓ କଣାସ ବ୍ଲକର ଚାଷୀ ଲୁଣାନଦୀର ଦୁଇ ପାର୍ଶ୍ୱରେ ହଜାର ହଜାର ହେକ୍ଟର ରବିଧାନ ଫସଲ କରିଥିବାବେଳେ ପାଣି ଅଭାବରୁ ଧାନକ୍ଷେତ ଫାଟି ନଷ୍ଟ ହେବାକୁ ବସିଲାଣି। ନଦୀ ଶୁଖିଲା ପଡ଼ିଥିବାରୁ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକ ଏକରକମ ଅକାମୀ ହୋଇପଡ଼ିଛି। ପିପିଲି ବଜାର ପାର୍ଶ୍ୱରେ ଥିବା କେନାଲରେ ପାଣି ଛଡ଼ାଗଲେ ଲୁଣାନଦୀରେ ପାଣି ପହଞ୍ଚିବ। ଏହାଦ୍ୱାରା କେତେକାଂଶରେ ଲୋକେ ଉପକୃତ ହୋଇପାରିବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଅନ୍ୟପଟେ ଲୁଣାନଦୀରୁ ପାଣି କମିଲେ ନଦୀର ତଳମୁଣ୍ଡ ତଥା ଚିଲିକା ପଚ୍ଛୁଆ ପାଣି ନଦୀକୁ ପ୍ରବେଶ କରିଥାଏ। ହେଲେ କଣାସ ବ୍ଲକ କରମଳା ସେତୁଠାରୁ ବେହେରା ସାହି ପର୍ଯ୍ୟନ୍ତ ୧କି.ମି. ନଦୀ ପର୍ଯ୍ୟନ୍ତ ଦଳ ଭର୍ତ୍ତି ହୋଇ ପୋତି ହୋଇଯିବାରୁ ପଚ୍ଛୁଆ ପାଣିର ପଥ ଅବରୋଧ ହେଉଛି। ଫଳରେ ସେତୁର ଚିଲିକା ପାର୍ଶ୍ୱରେ ଗଭୀର ଜଳ ଦେଖିବାକୁ ମିଳୁଥିଲେ ମଧ୍ୟ ନଦୀର ଡେଲାଙ୍ଗ ପାର୍ଶ୍ୱ ସମ୍ପୂର୍ଣ୍ଣ ଶୁଖିଲା ହୋଇ ପଡ଼ି ରହିଛି। ତେଣୁ ଦଳଗୁଡ଼ିକୁ ତୁରନ୍ତ ସଫା କରାଗଲେ ପଚ୍ଛୁଆ ପାଣି ଚାଷୀଙ୍କ ସମସ୍ୟା ଦୂର କରିପାରିବ ବୋଲି କୃଷକ ନେତା ପ୍ରଧାନ କହିଛନ୍ତି। ଅନ୍ୟପଟେ ନଦୀରେ ପାଣି ନ ଥିବା ଯୋଗୁ ପାନୀୟ ଜଳ ପ୍ରକଳ୍ପଗୁଡ଼ିକ ଅକାମୀ ହୋଇ ପଡ଼ିରହିଛି। ଫଳରେ ନଇକୂଳପାଟଣା ଓ ଜଂଘାର ସେତୁ ନିକଟରେ ଥିବା ପାନୀୟ ଜଳ ପ୍ରକଳ୍ପ ଉପରେ ନିର୍ଭର କରୁଥିବା ଧାନକେରା, ନଇକୂଳପାଟଣା, ହଳଦୀଗୋରଡ଼ା, ନଳୀବସନ୍ତ ପ୍ରମୁଖ ଗ୍ରାମପୁଞ୍ଜର ଲୋକେ ୭ଦିନ ହେବ ପାନୀୟ ଜଳ ପାଇବାରୁ ବଞ୍ଚିତ ରହିଥିବା ଅଭିଯୋଗ ହୋଇଛି।



ଅଖିଳ ଭାରତ କୃଷକ ମହାସଭା ପକ୍ଷରୁ ତହସିଲ୍‌ଦାରଙ୍କୁ ଦାବିପତ୍ର ଦିଆଯାଉଛି।

**ଅଗ୍ନି ନିରାପତ୍ତା ମକଡ୍ରିଲ**

କଟକ,(ଶିଳ୍ପା ପ୍ରିୟଦର୍ଶିନୀ): ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ ପ୍ରକଳ୍ପ ପରିସରରେ ଅଗ୍ନି ନିରାପତ୍ତା ସମ୍ପର୍କିତ ମକଡ୍ରିଲ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଠିକା ସଂସ୍ଥାର କର୍ମଚାରୀମାନଙ୍କୁ ଅଗ୍ନିଶମ କର୍ମଚାରୀମାନେ ଅଗ୍ନି ନିରାପତ୍ତା କୌଶଳ ଶିଖାଇଥିଲେ। ସହକାରୀ ଅଗ୍ନିଶମ ଅଧିକାରୀ ସଞ୍ଜୀବ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରୋଜେକ୍ଟ ମୁଖ୍ୟ ଏମ୍. ଅରୁଣଗିରି, ଦେବପ୍ରସାଦ ମିଶ୍ର, ବି.ବି ରାୟ, ମାନସ ରଞ୍ଜନ ଦାସ, ସୁରେଶ ଥୋମାସ, ମନୋଜ ଭଦ୍ର, ଅଭିମନ୍ୟୁ ପଣ୍ଡା ଓ ନୟନାନନ୍ଦା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**କଟକ**
- ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟର ରୌପ୍ୟ ଜୟନ୍ତୀ ଉତ୍ସବ, ଅନୁଷ୍ଠାନ ପରିସର, ପୂର୍ବାହ୍ନ ୧୦ଟା ୩୦।

**ତିଗିରିଆ**
- ରାମଲାଲାଙ୍କ ଅହିଂସା ଖଣ୍ଡୁଆ ପାଟବସ୍ତ୍ର ଅଯୋଧ୍ୟା ପ୍ରେରଣ ପୂର୍ବରୁ ପରିକ୍ରମା, ନୂଆପାଟଣା ରାମ ମନ୍ଦିର, ଅପରାହ୍ନ ୧ଟା।

# ବିଦ୍ୟୁତ୍ ଆଘାତରେ ଅସ୍ଥାୟୀ କର୍ମଚାରୀ ମୃତ, ଉତ୍ତେଜନା

ଫୁଲନଖରା,୧୬।୧ (ସତ୍ୟରଞ୍ଜନ ଦାସମହାପାତ୍ର)

ବିଦ୍ୟୁତ୍ ଆଘାତରେ ଜଳ ସମ୍ପଦ ବିଭାଗରେ କାର୍ଯ୍ୟ କରୁଥିବା ଜଣେ ଅସ୍ଥାୟୀ କର୍ମଚାରୀଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ସେ ହେଲେ କଟକ ସଦର ଥାନା ଅନ୍ତର୍ଗତ ଅରିଲୋ ଗ୍ରାମର ଦାମୋଦର ମହାନ୍ତି। ତାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ପ୍ରତାପ ନଗରୀ ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟରେ ଦାମୋଦର ଅସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ଉକ୍ତ କାର୍ଯ୍ୟାଳୟ ଅଧୀନରେ ଥିବା ମହୀଧରପଡା ସେକ୍ସନ କାର୍ଯ୍ୟାଳୟର ଓଲଟପୁର ମାଇନର କେନାଲ କୋଠପାଟଣାଠାରେ ଦାମୋଦର ଏକ ଲମ୍ବା ଧାତବ ସ୍କେଲ ଧରି ମାପଚୁପ କରୁଥିଲେ। ଏହି ସମୟରେ ସ୍କେଲଟି ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଦାମୋଦର ତଳେ ପଡିଯାଇଥିଲେ। ଚିକିତ୍ସା ଲାଗି ତାଙ୍କୁ ମହୀଧରପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦାମୋଦରଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ସ୍ଥାନୀୟ ଲୋକେ ଦାବି କରିଥିଲେ। ଖବରପାଇ କଟକ ସଦର ଥାନାଧିକାରୀ ରଶ୍ମିରଞ୍ଜନ ମହାପାତ୍ର ଓ ପ୍ରତାପ ନଗରୀ ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟର ଏସ୍‌ଡିଓ ଅଜୟ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ ଲୋକଙ୍କ ସହ ଆଲୋଚନା କରିଥିଲେ। ଦାମୋଦରଙ୍କ ପରିବାରକୁ ଏସ୍‌ଡିଓ ବେହେରା କ୍ଷତିପୂରଣ ଦେବା ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ହ୍ରାସ ପାଇଥିଲା। ପରେ ନିଆଳି ବିଧାୟକ ପ୍ରମୋଦ କୁମାର ମଲ୍ଲିକ ମୃତକଙ୍କ ପରିବାରକୁ ୨୫ ହଜାର ଟଙ୍କା ସହାୟତା ରାଶି ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କା କ୍ଷତି ପୂରଣ ବାବଦକୁ ସୁପାରିଶ କରିଥିଲେ। ଏଥିସହ ବିଧାୟକ ଭୁବନେଶ୍ୱର ପ୍ରାଚୀ ଡିଭିଜନର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି ଦାମୋଦରଙ୍କ ପରିବାରକୁ ସହାୟତା ରାଶି ତୁରନ୍ତ ଦେବା ପାଇଁ ଆଲୋଚନା କରିଥିଲେ। ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ପ୍ରାଣୀ ଚିକିତ୍ସାଳୟରେ ଅବ୍ୟବସ୍ଥା



ପ୍ରାଣୀ ଚିକିତ୍ସାଳୟର ଅବ୍ୟବସ୍ଥାକୁ ନେଇ ହିନ୍ଦୁସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

କଟକ,୧୬।୧ (ଶିଳ୍ପା ପ୍ରିୟଦର୍ଶିନୀ)

କଟକ ବକ୍ସି ବଜାରସ୍ଥିତ ସରକାରୀ ପ୍ରାଣୀ ଚିକିତ୍ସାଳୟରେ ଅବ୍ୟବସ୍ଥାକୁ ନେଇ ହିନ୍ଦୁସେନା ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଉକ୍ତ ଚିକିତ୍ସାଳୟରେ ଡାକ୍ତର ବେସରକାରୀ ଔଷଧ ଦୋକାନର ପ୍ୟାଡ୍‌ରେ ଔଷଧ ଲେଖୁଥିବା ଅଭିଯୋଗ ହୋଇଛି। ଏପରି କି ଉକ୍ତ ଦୋକାନରୁ ସବୁ ଔଷଧ କିଣିବାକୁ ଲୋକଙ୍କୁ ବାଧ କରାଯିବା ସହ ପ୍ରେସ୍କ୍ରିପ୍‌ସନ୍‌ରେ ଡାକ୍ତରଙ୍କ ଫୋନ୍ ନମ୍ବର ଦେଇ ଫୋନ୍ ପେ ମାଧ୍ୟମରେ ଟଙ୍କା ଦାବି କରାଯାଉଥିବା ହିନ୍ଦୁସେନା କର୍ମୀମାନେ ଅଭିଯୋଗ କରିଛନ୍ତି। ସରକାରୀ ପ୍ରାଣୀ ଚିକିତ୍ସାଳୟରେ ସିରିଞ୍ଜି, ଔଷଧ ନ ଥିବା ଅଭିଯୋଗ ହୋଇଛି। ଔଷଧ ନ ଥିବା ଆଳରେ ପ୍ରେସ୍କ୍ରିପ୍‌ସନ୍‌ରେ ଲେଖାଥିବା ଔଷଧ ଉକ୍ତ ଦୋକାନରୁ ଆଣିବାକୁ ଡାକ୍ତରଖାନା ପକ୍ଷରୁ କୁହାଯାଉଛି। ଔଷଧ ପାଇଁ ଯେତେ ଟିଠା ଉକ୍ତ ଦୋକାନକୁ ଯାଉଛି ସେହି ଅନୁସାରେ କମିଶନ ଡାକ୍ତର ଓ କମ୍ପାଉଣ୍ଡରଙ୍କ ବ୍ୟାଙ୍କ ଖାତାକୁ ଯାଉଥିବା ସଙ୍ଗଠନ ଅଭିଯୋଗ କରିଛି। ତୁରନ୍ତ ଏହି ବେଆଇନ କାର୍ଯ୍ୟ ବନ୍ଦ କରିବା ପାଇଁ ଏକ ଦାବିପତ୍ର ସରକାରୀ ପ୍ରାଣୀ ଚିକିତ୍ସାଳୟର ଡାକ୍ତରଙ୍କୁ ପ୍ରଦାନ କରାଯାଇଛି। ଏ ନେଇ ହିନ୍ଦୁସେନାର ରାଜ୍ୟ ସଭାପତି ଦେବାଶିଷ ରାଉତ କହିଛନ୍ତି, ଡାକ୍ତରଖାନାର ପ୍ରେସ୍କ୍ରିପ୍‌ସନ୍‌ରେ ସରକାରୀ ଷ୍ଟାମ୍ପ ରହିଛି। ହେଲେ ଡାକ୍ତରଖାନା ସମ୍ମୁଖରେ ଥିବା ଔଷଧ ଦୋକାନର ପ୍ୟାଡ୍‌ରେ ଔଷଧ ଲେଖାଯାଉଛି। ଅପରପକ୍ଷରେ ପ୍ରାଣୀ ଚିକିତ୍ସାଳୟ ଡା. ବିକାଶ ବେହେରା କହିଛନ୍ତି, ଦେଢ଼ ବର୍ଷ ହେବ ଡାକ୍ତରଖାନାରେ ପ୍ରେସ୍କ୍ରିପ୍‌ସନ୍ ପ୍ୟାଡ୍ ନାହିଁ। ସେଥିପାଇଁ ଉକ୍ତ ଦୋକାନ ଏହି ପ୍ୟାଡ୍ ଯୋଗାଉଛି। ଚିକିତ୍ସାଳୟକୁ ଆସୁଥିବା ଲୋକଙ୍କୁ ଟଙ୍କା ମଗାଯିବା ଅଭିଯୋଗ ଭିତ୍ତିହୀନ। ସଙ୍ଗଠନର ଦାବିପତ୍ର ଗ୍ରହଣ କରିଛି। ଏଭଳି କାର୍ଯ୍ୟ ଡାକ୍ତରଖାନା ପକ୍ଷରୁ କରାଯିବ ନାହିଁ ବୋଲି ସେ କହିଛନ୍ତି।

# ଚୌଦ୍ୱାର ନଗର ବିଜେଡି ସଭାପତିଙ୍କ ଇସ୍ତଫା

ଚୌଦ୍ୱାର,୧୬।୧ (ଆଶୁତୋଷ ଦାସ)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ଚୌଦ୍ୱାର ରାଜନୀତି ଦିନକୁ ଦିନ ସରଗରମ ହେଉଛି। ଏଭଳି ସ୍ଥିତିରେ ଚୌଦ୍ୱାର ନଗର ବିଜେଡି ସଭାପତି ତଥା ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ପ୍ରତିନିଧି ବିଷ୍ଣୁ ଚରଣ ପରିଡ଼ା ମଙ୍ଗଳବାର ନିଜ ପଦବୀରୁ ଇସ୍ତଫା ଦେବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ହେଲେ ଇସ୍ତଫା ଦେବାର କାରଣ ଜଣାପଡିନାହିଁ। ଏ ନେଇ ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ କଳାପ୍ରକାଶିନୀ କ୍ଲବ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପରିଡ଼ା କହିଛନ୍ତି, ମୁଁ ନଗର ବିଜେଡି ସଭାପତି ଓ ବିଧାୟକଙ୍କ ପ୍ରତିନିଧି ପଦରୁ ଇସ୍ତଫା ଦେଇଛି। ହେଲେ ଦଳର ଜଣେ ଶୃଙ୍ଖଳିତ ସଦସ୍ୟ ଭାବେ ସମସ୍ତ ଦାୟିତ୍ୱ ତୁଲାଇବି। ଇସ୍ତଫାପତ୍ରକୁ ଦଳର ପଦାଧିକାରୀମାନଙ୍କୁ ପ୍ରଦାନ କରିବି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ପରିଡ଼ା ବିଭିନ୍ନ ଛକରେ ଲଗାଇଥିବା ନବବର୍ଷର ସ୍ୱାଗତ ହୋର୍ଡିଂକୁ ମଙ୍ଗଳବାର ଖୋଲି ନିଆଯାଉଥିବା ଦେଖିବାକୁ ମିଳିଥିଲା।





କଟକ କଳାବିକାଶ କେନ୍ଦ୍ର ଅଡିଟୋରିୟମ୍‌ରେ ଥିଏଟର ମୁଭ୍‌ମେଣ୍ଟ ପକ୍ଷରୁ ଗ୍ଲୋବାଲ ଥିଏଟର ଫେଷ୍ଟିଭାଲର ମଙ୍ଗଳବାର ଉଦ୍‌ଘାଟନୀ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ଆଦିବାସୀ ନୃତ୍ୟ।

# ଅରୁଣୋଦୟ ନଗର ମହିଳା ପରିଷଦର ବାର୍ଷିକ ଉତ୍ସବ

କଟକ,୧୬।୧ (କାର୍ତ୍ତିକ ସାହୁ)

ଅରୁଣୋଦୟ ନଗର ମହିଳା ପରିଷଦର ବାର୍ଷିକ ଉତ୍ସବ ଅରୁଣୋଦୟନଗରଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାନେତ୍ରୀ ଜ୍ୟୋତ୍ସ୍ନା ପରିଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା, ସମ୍ବାଦର ସମ୍ପାଦକ ତନୟା ପଟ୍ଟନାୟକ, ଗାୟିକା ଛନ୍ଦା ମିଶ୍ର, ସ୍ଥାନୀୟ କର୍ପୋରେଟର ଗୋପାଳ ଚନ୍ଦ୍ର ବେହେରା ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ବିଜ୍ଞାନ ଲେଖିକା କବିତା ପାଟସାହାଣୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ମୁଖ୍ୟପତ୍ର ଅରୁଣ ପ୍ରଭା ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦିକା ରାଜଲକ୍ଷ୍ମୀ ପଣ୍ଡା ବିବରଣୀ ପାଠ, ଚିନ୍ମୟୀ ରାଉତ କାର୍ଯ୍ୟକ୍ରମ ସଂଯୋଜନା ଓ ଉପସଭାନେତ୍ରୀ ନଳିନୀ ଦାସ ଧନ୍ୟବାଦ ଦେଇଥିଲେ।

# ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

କଟକ,୧୬।୧ (କାର୍ତ୍ତିକ ସାହୁ)

କଟକ ଜିଲାପାଳଙ୍କ କାର୍ଯ୍ୟାଳୟରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ମଙ୍ଗଳବାର ହୋଇଯାଇଛି। ଜିଲାପାଳ ନରହରି ସେଠୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ରାୟ ଅଧ୍ୟକ୍ଷତା ବୈଠକରେ କରିଥିଲେ। ଏଥିରେ ମୋଟ ୩୩ ଅଭିଯୋଗରୁ ୧୬ଟି ଶୁଣାଣି ହୋଇଥିଲା। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କୃଷ୍ଣପ୍ରସାଦ ପଟ୍ଟନାୟକ, ଏଡିସିପି ଏସ୍. କେ. ସରିଫୁଦ୍ଦିନ, ଜିଲା ମୁଖ୍ୟ କୃଷି ଅଧିକାରୀ ଅଶୋକ କୁମାର କର, ଜିଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ବିଭୂ ରଞ୍ଜନ ଦାସ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସନ୍ତୋଷ କୁମାର ରାଉତ, କଟକ ବନଖଣ୍ଡ ଏସିଏଫ୍ ସୌଭାଗ୍ୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ହୋର୍ଡିଂ ଚିରାକୁ ନେଇ ଥାନାରେ ଏତଲା

ମଙ୍ଗୁଳି-ଜଗତପୁର,୧୬।୧ (ମାନସ ସାମଲ)

ଚୌଦ୍ୱାର ଥାନା ଅଧୀନ ଶଙ୍କରପୁର ଗ୍ରାମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ଥିବା ହୋର୍ଡିଂ ଚିରିବାକୁ ନେଇ ଭାଜପା ସଙ୍ଗଠକ ବଡପଦା ଗ୍ରାମର ଅଭୟ କୁମାର ବାରିକ ଓ ତାଙ୍କ ସମର୍ଥକଙ୍କ ନାମରେ ଶଙ୍କରପୁର ଗ୍ରାମର ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ରର ବିକ୍ରେତା ନିତ୍ୟାନନ୍ଦ ବେହେରା ମଙ୍ଗଳବାର ଥାନାରେ ଏତଲା ଦେଇଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ.୨୩/୨୪)ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ସୋମବାର ସକାଳ ସାଢେ ୯ଟାରେ ଅଭୟ ଓ ତାଙ୍କ ସମର୍ଥକମାନେ ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ରରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥିବା ହୋର୍ଡିଂ ଖୋଲିବା ପାଇଁ ନିତ୍ୟାନନ୍ଦଙ୍କୁ ଧମକ ଦେଇଥିଲେ। ହେଲେ ସେ ନଶୁଣି ଗ୍ରାହକମାନଙ୍କୁ ଚାଉଳ ଦେଉଥିଲେ। ଫଳରେ ଅଭୟ ଓ ତାଙ୍କ ସମର୍ଥକ ନିତ୍ୟାନନ୍ଦଙ୍କୁ ଗାଳିଗୁଲଜ କରିବା ସହ ଜୋର୍ ଜବରଦସ୍ତ ହୋର୍ଡିଂ ଚିରି ଫୋପାଡି ଦେଇଥିଲେ। ଏହି ଘଟଣାର ଭିଡିଓ ଉତ୍ତୋଳନ କରାଯାଇଥିଲା। ମଙ୍ଗଳବାର କୃଷିମନ୍ତ୍ରୀଙ୍କ ପ୍ରତିନିଧି ସେକ୍ ସାହାଜାନ ଶତାଧିକ ବିଜେଡି କର୍ମୀ ଓ ଉପଭୋକ୍ତାଙ୍କ ସହିତ ଚୌଦ୍ୱାର ଥାନାରେ ପହଞ୍ଚି ଅଭୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଥାନା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏ ସଂକ୍ରାନ୍ତରେ ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅପରପକ୍ଷରେ ଅଭୟଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

# ଏସ୍‌ଭି ନିର୍‌ତାରରେ ଜନଔଷଧୀ କେନ୍ଦ୍ର ଉଦ୍‌ଘାଟିତ

କଣ୍ଟାପଡା, ୧୬।୧ (ସୁରନାରାୟଣ ସାହୁ)

ଓଲଟପୁରସ୍ଥିତ ଏସ୍‌ଭି ନିର୍‌ତାର ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା କେନ୍ଦ୍ର ପରିସରରେ ପ୍ରଧାନମନ୍ତ୍ରୀ ଜନଔଷଧୀ କେନ୍ଦ୍ର ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟିତ ହୋଇଯାଇଛି। ଡା. ପତିତପାବନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ ମୋଡ୍‌ରେ ଆୟୋଜିତ ଉତ୍ସବରେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ସଚିବ ରାଜଶେ ଅଗ୍ରୱାଲ ଯୋଗଦେଇ ନିର୍‌ତାରକୁ ଚିକିତ୍ସା ପାଇଁ ଆସୁଥିବା ଗରିବ ଦିବ୍ୟାଙ୍ଗମାନେ ଯେପରି ଏହି ସୁବିଧାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ କେନ୍ଦ୍ର ଯୁଗ୍ମସଚିବ ରାଜୀବ ଶର୍ମା, ଉପ ନିର୍ଦ୍ଦେଶକ ସତ୍ୟଜିତ୍ ପଟ୍ଟନାୟକ, ଡା. ପବିତ୍ର ସାହୁ, ଡା. ପ୍ରମୋଦ ପରିଡା, କୋ-ଅର୍ଡିନେଟର ରଶ୍ମିରଞ୍ଜନ ସ୍ୱାଇଁ, ଫିଜିଓ ଥେରାପିଷ୍ଟ ମୁଖ୍ୟ ମୋନାଲିସା ପଟ୍ଟନାୟକ, ପ୍ରସ୍ଥେଟିକ ଓ ଅର୍ଥୋଟିକ ବିଭାଗ ମୁଖ୍ୟ ଶ୍ରୀକାନ୍ତ ମହାରଣା, ଅକ୍ୟୁପେସନାଲ ଥେରାପି ବିଭାଗ ମୁଖ୍ୟ ଅନୁରୂପା ସେନାପତି, କଣ୍ଟାପଡା ସରପଞ୍ଚ ନିର୍ମଳ ସାହୁ, ସମିତିସଭ୍ୟ ପବିତ୍ର ସ୍ୱାଇଁ, ଜନଔଷଧୀ କେନ୍ଦ୍ର ମୁଖ୍ୟ ପରିଚାଳକ ଜୟନ୍ତ କୁମାର ପରିଡା ଉପସ୍ଥିତ ଥିଲେ।

# ଧାନଗଦାରେ ନିଆଁ

ସାଲେପୁର, ୧୬।୧ (ଅରବିନ୍ଦ ଭୂୟାଁ)

ସାଲେପୁର ଥାନା ଜପକୁଦ ଫାଣ୍ଡି ଅନ୍ତର୍ଗତ ହୁରା ଗ୍ରାମରେ ସୋମବାର ରାତିରେ ଚାଷୀ ଅନାମ ଭୋଇଙ୍କ ଧାନ ଗଦାରେ କୌଣସି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ଫଳରେ ଭାଗ ଚାଷ କରି ୨ ଏକର ଚାଷ ଜମିରୁ ଅମଳ କରାଯାଇଥିବା ଧାନ ଜଳିଯାଇଛି। ଅଗ୍ନିକାଣ୍ଡରେ ତାଙ୍କର ପ୍ରାୟ ୧ ଲକ୍ଷ ଟଙ୍କାର ମୂଲ୍ୟର ଧାନ ଜଳିଯାଇଛି ବୋଲି ସେ ଫାଣ୍ଡିରେ ଅଭିଯୋଗ କରିଛନ୍ତି।

# ୩୫ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ

ମଙ୍ଗୁଳି-ଜଗତପୁର,୧୬।୧ (ମାନସ ସାମଲ)

ଟାଙ୍ଗୀ-ସାଲେପୁର ନିର୍ବାଚନ ମଣ୍ଡଳୀ ଅଧୀନ ୯ ପଞ୍ଚାୟତରେ ମଙ୍ଗଳବାର ୩୫ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଛି। ଇସ୍ପାତ ଓ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏବଂ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିଲେ। ସେମାନେ କରଞ୍ଜି, ସଫା, ଗରୁଡ ଗାଁ, କନ୍ହେଇପୁର, କୋଟସାହି, ହରିଅନ୍ତା, ନପଙ୍ଗ, ଗୋବିନ୍ଦପୁର ଓ ମଗୁରା ପଞ୍ଚାୟତ ଗସ୍ତ କରି ୪୦ କୋଟି ବ୍ୟୟରେ ପ୍ରକଳ୍ପର ଉଦ୍‌ଘାଟନ ଓ ୪୨କୋଟି ବ୍ୟୟରେ ଶିଳାନ୍ୟାସ କରିଥିଲେ। ଆଗାମୀ ଦିନରେ ପ୍ରତି ପଞ୍ଚାୟତରେ ଅନ୍ୟ ସମସ୍ୟା ଦୂର କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ମିନାକ୍ଷୀ ଦାସ, ଆତ୍ମା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ଯୁବ ସଂଗଠକ ଜନ୍ମେଜୟ ଖିଲାର, କୃଷ୍ଣଚନ୍ଦ୍ର ଦାସ, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ସରପଞ୍ଚ ନିବାସ ପାଣ୍ଡବ, ଭରତ ବେହେରା, ଦୀପ୍ତିମୟୀ ବେହେରା, ତାପସି ସାହୁ, ଶିକ୍ଷାବିତ୍ ଧୀରେନ୍ଦ୍ର ଜେଠିଙ୍କ ସମେତ ସମସ୍ତ ପଞ୍ଚାୟତର ବିଜେଡି ସଭାପତି, ଉପସଭାପତି ଓ କର୍ମୀମାନେ ଉପସ୍ଥିତ ରହିଥିଲେ।

# ଗୁରୁ ରାମହରି ଦାସଙ୍କୁ ଗୀତଗୋବିନ୍ଦ ସମ୍ମାନ

କଟକ,୧୬।୧ (କାର୍ତ୍ତିକ ସାହୁ)





କାର୍ଯ୍ୟକ୍ରମରେ ଗୁରୁ ରାମହରି ଦାସଙ୍କୁ ଗୀତଗୋବିନ୍ଦ ସମ୍ମାନ ପ୍ରଦାନ କରାଯାଉଛି।

**ନିଖିଳ ଉତ୍କଳ ସଙ୍ଗୀତ ଶିଳ୍ପୀ ପରିଷଦର ଅଖଣ୍ଡ ଭଜନ ସମାରୋହ**

ନିଖିଳ ଉତ୍କଳ ସଙ୍ଗୀତ ଶିଳ୍ପୀ ପରିଷଦର ବାର୍ଷିକ ଅଖଣ୍ଡ ଭଜନ ସମାରୋହ ଓ ସମ୍ମାନ ପ୍ରଦାନ ଉତ୍ସବ ଦୋଳମୁଣ୍ଡାଇସ୍ଥିତ ପତିତପାବନ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆୟକର ବିଭାଗର ଡେପୁଟି କମିଶନର ଦୁର୍ଗାପ୍ରସାଦ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଏ. ମହେଶ୍ୱର ରାଓ, ନିରାମୟ ଉପଦେଷ୍ଟା ରଞ୍ଜନ କୁମାର ବିଶ୍ୱାଳ, ହରିପୁର ସାହି ଅଧିକାରୀ ହରେକୃଷ୍ଣ ପ୍ରଧାନ, ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ବ୍ରଜକିଶୋର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗୁରୁ ରାମହରି ଦାସଙ୍କୁ ଗୀତଗୋବିନ୍ଦ ସମ୍ମାନ, ସଙ୍ଗୀତ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାମ, ଗୀତିକାର ରାଧାନାଥ ଦାସ ଓ ପୀତାମ୍ବର ମିଶ୍ରଙ୍କୁ ଶ୍ରୀଗୀତଗୋବିନ୍ଦ ସମ୍ମାନ, କଣ୍ଠଶିଳ୍ପୀ ବାଦଲ କୁମାର ଆଚାର୍ଯ୍ୟ ଓ ବାଦ୍ୟଶିଳ୍ପୀ ରବିଶଙ୍କର ପ୍ରଧାନଙ୍କୁ ଶ୍ରୀଜଗନ୍ନାଥ ସମ୍ମାନ ପ୍ରଦାନ କରାଯାଇଥିଲା। ଲିଙ୍ଗରାଜ ହାତୀଙ୍କ ସଂଯୋଜନାରେ ପରିଷଦର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ବାର୍ଷିକ ମୁଖପତ୍ର ସପ୍ତକ ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଗୌର ପଟ୍ଟନାୟକ ଓ ନୀରଦ ଆର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରତ୍ୟୁଷରୁ ଅନୁଷ୍ଠାନର ସଭାପତି ସୁବାସ ଚନ୍ଦ୍ର ଦାଶ ଶ୍ରୀଜଗନ୍ନାଥାଷ୍ଟକମ୍ ଓ ସାଧାରଣ ସମ୍ପାଦକ ସୁରେନ୍ଦ୍ର ନାଥ ସାହୁ ଭକ୍ତି ସଙ୍ଗୀତ ଗାନ କରିଥିଲେ।

# ସିଂହନାଥଙ୍କ ପୀଠରେ ସରିଲା ମକର ମେଳା



ମକର ମେଳାରେ ଲୋକଙ୍କ ଭିଡ଼।

ବଡ଼ମ୍ବା,୧୬।୧ (ମାୟାଧର ମଲ୍ଲିକ)

ବଡ଼ମ୍ବାର ପ୍ରସିଦ୍ଧ ଶୈବ ପୀଠ ପ୍ରଭୁ ସିଂହନାଥ ଦେବଙ୍କ ୨ ଦିନିଆ ପ୍ରସିଦ୍ଧ ମକର ମେଳା ମଙ୍ଗଳବାର ଶାନ୍ତି ଶୃଙ୍ଖଳା ସହ ଶେଷ ହୋଇଛି। ପ୍ରଶାସନ ତରଫରୁ କଡା ସୁରକ୍ଷା ଭିତରେ ଠାକୁର ଦର୍ଶନ ଓ ମେଳା ଆୟୋଜନ କରାଯାଇଥିଲା। ମକର ମେଳା ପରିଚାଳନା କମିଟିର ତତ୍ତ୍ୱାବଧାନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶାଶ୍ୱତ ରଞ୍ଜନ ଦାଶଙ୍କ ସମେତ ପୋଲିସ ଅଧିକାରୀ ଉପସ୍ଥିତ ରହି ସମସ୍ତ ଘଟଣା ଉପରେ ନଜର ରଖିଥିଲେ। ଏହି ଅବସରରେ ଭାଜପା ନେତା ସମ୍ବିତ ତ୍ରିପାଠୀ କର୍ମୀଙ୍କ ସହ ମେଳା ବୁଲି ସିଂହନାଥ ଦେବଙ୍କ ଆଶିଷ ଲାଭ କରିଥିଲେ। ସେ ମେଳା ଓ ମନ୍ଦିର ସମ୍ପର୍କରେ ଉପସ୍ଥିତ ସେବାୟତମାନଙ୍କ ସହ ଆଲୋଚନା କରିଥିଲେ।

# ଗମନାଗମନ ସୁବିଧା ପାଇଁ ଦ୍ୱୀପାଞ୍ଚଳ ବିକଶିତ ହୋଇଛି

ନିଶ୍ଚିନ୍ତକୋଇଲି/ନେମାଳ, ୧୬।୧ (ଅଶୋକ କୁମାର ମହାପାତ୍ର/ କିରଣ ଶଙ୍କର ନାୟକ)

**ବଳରାମପୁର-ମହମଦପୁର ରାସ୍ତାର ଶିଳାନ୍ୟାସ ଉତ୍ସବ**

କଟକ ସଦର ନିର୍ବାଚନ ମଣ୍ଡଳୀର ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନରେ ୧୪ ପଞ୍ଚାୟତ ରହିଛି। ଏସବୁ ପଞ୍ଚାୟତ ମହାନଦୀ-ଲୁଣା-ଚିତ୍ରୋତ୍ପଳା ତିନି ନଦୀର ମଧ୍ୟଭାଗରେ ରହିଛି। ଏହି ଅଞ୍ଚଳରେ ଗମନାଗମନ ପାଇଁ ସୁବିଧା ନ ଥିଲା। ନଦୀରେ ପୋଲ ନ ଥିଲା କି ପକ୍କା କିମ୍ବା ପିଚୁ ରାସ୍ତା ନ ଥିଲା। ଫଳରେ ଦ୍ୱୀପାଞ୍ଚଳ ଲୋକେ କୂପ ମଣ୍ଡୁକ ହୋଇ ରହୁଥିଲେ। ଏବେ ଗମନାଗମନର ସୁବିଧା ହେତୁ ଦୀପାଞ୍ଚଳ ଲୋକଙ୍କ ଆର୍ଥିକ ଓ ସାମାଜିକ ବିକାଶ ହୋଇଛି ବୋଲି କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଏକ ସଡ଼କର ଶିଳାନ୍ୟାସ ଉତ୍ସବରେ ଯୋଗଦେଇ କହିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ଶାନ୍ତପୁରୁ ପୋଲ ନିକଟରେ ୪୯କୋଟି ୪୨ ଲକ୍ଷ ଟଙ୍କା ଅନୁଦାନରେ ବଳରାମପୁର-ମହମଦପୁର ରାସ୍ତାର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପରିଷଦ ସଭ୍ୟ ବିଳାସ ଭୋଇ ସଭାପତିତ୍ୱ କରିଥିଲେ। ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଅନୁପ ବେହେରା ଯୋଗ ଦେଇ ରାସ୍ତା ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିସିବିର ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ଦାସ, ଜିଲାପରିଷଦ ସଭ୍ୟ ଶୁଭଶ୍ରୀ ମହାନ୍ତି, ସାମାଜିକ କର୍ମୀ ନରସିଂହ ମୁଦୁଲି, ସରୋଜ ବେହେରା ଓ ସରପଞ୍ଚ ମିଳନ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ଚର୍ଚ୍ଚିକା ମନ୍ଦିର ପୂଜା କମିଟି ସଭ୍ୟଙ୍କ ପରଲୋକ

ବାଙ୍କୀ,୧୬।୧ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ମା'ଚର୍ଚ୍ଚିକା ମନ୍ଦିର ପୂଜା କମିଟି ସଭ୍ୟ ପ୍ରଦୀପ କୁମାର ସାହୁ(୫୫)ଙ୍କ ପରଲୋକ ଘଟିଛି। ସେ ମନ୍ଦିର ନିକଟରେ ଗୋଟିଏ ଅଳଙ୍କାର ଦୋକାନ କରିଥିଲେ। ଚର୍ଚ୍ଚିକା ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠପୁତ୍ର ରୁଦ୍ର ନାରାୟଣ ସାହୁ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ମା'ଚର୍ଚ୍ଚିକା ପୂଜା କମିଟି ପକ୍ଷରୁ ଏକ ଶୋକସଭା କରାଯାଇଥିଲା। ମା'ଚର୍ଚ୍ଚିକା ପୂଜା କମିଟି ସଭାପତି ପ୍ରତାପ ଚନ୍ଦ୍ର ମହାପାତ୍ର, ସମ୍ପାଦକ ଅଶୋକ କୁମାର ରଣା,ସଭ୍ୟ ନୀଳମଣି ମହାପାତ୍ର, ସନ୍ତୋଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# 'ବସନ୍ତ କୁମାରୀଙ୍କ ଲେଖା ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି'

କଟକ,୧୬।୧ (କାର୍ତ୍ତିକ ସାହୁ)





ଆଲୋଚନାଚକ୍ରରେ ବିଭୂତି ପଟ୍ଟନାୟକ ବକ୍ତବ୍ୟ ଦେଉଛନ୍ତି।

କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଉତ୍କଳ ସାହିତ୍ୟ ସମାଜର ମିଳିତ ସହଯୋଗରେ କଥାଶିଳ୍ପୀ ବସନ୍ତ କୁମାରୀ ପଟ୍ଟନାୟକ ଜନ୍ମଶତବାର୍ଷିକ ଆଲୋଚନାଚକ୍ର କଟକ ଶତାବ୍ଦୀ ଭବନରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଥାକାର ଡ. ବିଭୂତି ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ବସନ୍ତ କୁମାରୀଙ୍କ ଅମଡ଼ା ବାଟ ଉପନ୍ୟାସ ଓଡ଼ିଆ ସାହିତ୍ୟର କ୍ଲାସିକ୍ ସୃଷ୍ଟି। ମୁଖ୍ୟ ଅତିଥି କେନ୍ଦ୍ର ସାହିତ୍ୟ ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର କହିଛନ୍ତି, ବସନ୍ତ କୁମାରୀ ପଟ୍ଟନାୟକ ଓଡ଼ିଆ ସାହିତ୍ୟରେ ଜଣେ ପ୍ରଭାବଶାଳୀ ଲେଖିକା। ତାଙ୍କର ପ୍ରତିଟି ଲେଖା ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ କହିଛନ୍ତି, ସର୍ଜନଶୀଳ ସାହିତ୍ୟଠାରୁ ଅନୁବାଦ ସାହିତ୍ୟ ପର୍ଯ୍ୟନ୍ତ ବସନ୍ତ କୁମାରୀଙ୍କ ସୃଷ୍ଟି ଥିଲା ନିଆରା। ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ଗୌରହରି ଦାସ ଅଧ୍ୟକ୍ଷତା କରି କହିଛନ୍ତି, ବସନ୍ତ କୁମାରୀଙ୍କ ଅମଡ଼ାବାଟ ଓ ଚୋରାବାଲି ଉପନ୍ୟାସ ଓଡ଼ିଆ ସାହିତ୍ୟକୁ ପୁଷ୍ପିତ କରିଛି। ସାହିତ୍ୟ ଏକାଡେମୀର ସଚିବ ଡ. କେ. ଶ୍ରୀନିବାସ ରାଓ କହିଛନ୍ତି, ବସନ୍ତ କୁମାରୀ ପଟ୍ଟନାୟକ ତାଙ୍କ ଝରକା ବାଟ ଦେଇ ସମାଜର ଯେଉଁ ଚିତ୍ର ଦେଖିଥିଲେ ତାହା ହିଁ ତାଙ୍କ ସୃଷ୍ଟିରେ ରୂପାୟିତ ହୋଇଛି। ପ୍ରଥମ ବୈଷୟିକ ଅଧିବେଶନରେ ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ସଦସ୍ୟ ପ୍ରଫେସର ବିଜୟ କୁମାର ଶତପଥୀ ଓ ଦ୍ୱିତୀୟ ବୈଷୟିକ ଅଧିବେଶନରେ ନରେନ୍ଦ୍ର ପ୍ରସାଦ ଦାସ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ବିଷ୍ଣୁପ୍ରିୟା ଓତା, ଡ. ଶତ୍ରୁଘ୍ନ ପାଣ୍ଡବ, ରଘୁନାଥ ମହାପାତ୍ର, ଡ. ବୈଜୟନ୍ତୀ ମିଶ୍ର ଓ ଡ. ଜ୍ଞାନୀ ଦେବାଶିଷ ମିଶ୍ର ଯୋଗଦେଇଥିଲେ। ସାହିତ୍ୟ ଏକାଡେମୀ ଆଞ୍ଚଳିକ କାର୍ଯ୍ୟାଳୟର ସହକାରୀ ସମ୍ପାଦକ କ୍ଷେତ୍ରବାସୀ ନାଏକ, ଉତ୍କଳ ସାହିତ୍ୟ ସମାଜର ଉପସଭାପତି ଜୀବନାନନ୍ଦ ଅଧିକାରୀ ଓ କୋଷାଧ୍ୟକ୍ଷ ଶିବାଶିଷ କର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଧନ୍ୟବାଦ ଦେଇଥିଲେ।

## ଚିନାବାଦାମରେ ଘାସ ବଛା



ଚିନାବାଦମ ବୁଣିବାର ୨/୩ ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ। ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ଦୁଇପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ । ୧୨ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ । ଲାଲ୍ ଶଁବାଲୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ । ଜଉପୋକ ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ୧୨୫ ଗ୍ରାମ୍ ଥାୟୋମେଥୋକ୍ସାମ୍ ୫୦୦ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ପତ୍ରଦାଗ ରୋଗ (ଟିକା) ଦେଖାଦେଲେ ହେକ୍ଟର ପ୍ରତି ୫୦୦ ମି.ଲି. ଟେବୁକୋନାଜୋଲ୍/ହେକ୍ସାକୋନାଜଲ୍ କିମ୍ବା କ୍ଲୋରୋଥାଲୋନିଲ୍ ୨ ଗ୍ରାମ୍ / ଲିଟର ପାଣି ସିଞ୍ଚନ କରନ୍ତୁ।

## ଖରିଫ ଧାନ ଅମଳ ପରେ



ଖରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣଖରାରେ ଶୁଖାଇ ଦେବା ଉଚିତ। ଧାନ ସାଇତିବା ପୂର୍ବରୁ ଅମାର ଘର ସଫାକରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ । ଅମାର ଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ । ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହ ୫ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ। ଡାଲୁଅ ଧାନ ତଳି ପ୍ରସ୍ତୁତି (୧ ହେକ୍ଟର ଚାଷ ପାଇଁ ୨୫ ଡେସିମିଲି ଜମିରେ ତଳି ପଡ଼େ) ପାଇଁ ତଳି କିଆରିକୁ କାଦୁଅକରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବରଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ । ୧୨-୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ ।

# ବୈଜ୍ଞାନିକ ଉପାୟରେ ଲାଭଜନକ ଛେଳି ପାଳନ



ଡା. ନିରାକାର ଜେନା

"ଛେଳି ମୃତ୍ୟୁହାର ରୋକିବା ପାଇଁ ସେମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥାକୁ ଟିକିନିକି ଭାବରେ ନିୟମିତ ବୈଜ୍ଞାନିକ ଉପାୟରେ ପରିଚାଳନା କରିବା ଆବଶ୍ୟକ। ପ୍ରତି ୩ ମାସ ବ୍ୟବଧାନରେ ଡାକ୍ତରୀ ପରାମର୍ଶକରି ଛେଳିମାନଙ୍କୁ ନିୟମିତ କୃମିନାଶକ ଔଷଧ ଦେବା ଉଚିତ। ନିୟମିତ ପିପିଆର୍, ବସନ୍ତ, ଇଏନ୍‌ଟି ରୋଗ ପାଇଁ ଛେଳିମାନଙ୍କୁ ଟିକାକରଣ କରନ୍ତୁ। ଛେଳିମାନଙ୍କର ଟିକା ଓ କୃମି ଉପଚାର ପାଇଁ ଚିଠା ପ୍ରସ୍ତୁତ କରିବା ଉଚିତ। ଛେଳିମାନଙ୍କର ସ୍ୱାସ୍ଥ୍ୟର ଅବନତି ଘଟିଲେ କିମ୍ବା ଦେହ ଖରାପ ହେଲେ ନିକଟସ୍ଥ ପ୍ରାଣୀ ଚିକିତ୍ସାଳୟରେ ଥିବା ଅଭିଜ୍ଞ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଇବା ଉଚିତ।"

ଛେଳିପାଳନ ଏକ ସହଜ ଏବଂ ସରଳ ଚାଷ। ଏହାକୁ ସମସ୍ତ ବର୍ଗର, ସବୁ ବୟସର, ସବୁ ଧର୍ମର ଲୋକେ ସହଜରେ ପାଳନ କରିପାରନ୍ତି। ଏହାର ମାଂସକୁ ପ୍ରାୟ ସମସ୍ତେ ଖାଇଥାଆନ୍ତି ଏବଂ ଏହାର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ଚାଷ ଆରମ୍ଭ କରିବା ପାଇଁ କମ୍ ପୁଞ୍ଜିର ଆବଶ୍ୟକ ହୋଇଥାଏ। ତେଣୁ ଦିନକୁ ଦିନ ଆମ ରାଜ୍ୟର ଅନେକ ଯୁବତୀଯୁବକ, କ୍ଷୁଦ୍ର ନାମମାତ୍ର ଚାଷୀ ଏହି ଚାଷକୁ ଆଦରି ନେଇଛନ୍ତି। ଅନେକେ ମଧ୍ୟ ଛେଳିଚାଷ ପାଇଁ ଆଗଭର ହେଉଥିବାର ଦେଖିବାକୁ ମିଳୁଛି। ମାତ୍ର ଏହି ଚାଷ କରିବାରେ ସେମାନେ ବୈଜ୍ଞାନିକ ଜ୍ଞାନକୌଶଳ ଅବଲମ୍ବନ ନ କରି ପାରମ୍ପରିକ ଭିତ୍ତିରେ କରୁଛନ୍ତି। ଫଳରେ ଅଧିକ ଲାଭ ପାଇପାରୁନାହାନ୍ତି।

ଛେଳି ପାଳନ ପାଇଁ ଯଦି ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରାଯାଏ, ତା'ହେଲେ ଚାଷୀମାନେ ଅଧିକ ଲାଭବାନ୍ ହୋଇପାରିବେ। ଏହି ଉପାୟରେ ଛେଳିଚାଷ ପାଇଁ ଚାରୋଟି ଦିଗ ପ୍ରତି ଧ୍ୟାନଦେବା ଦରକାର। ସେଗୁଡ଼ିକ ହେଲା- (୧) ନିଜ ପାଖରେ ମହଜୁଦ ଥିବା ଛେଳି ପ୍ରଜାତିର ଉନ୍ନତୀକରଣ, (୨) ବୈଜ୍ଞାନିକ ପଦ୍ଧତିରେ ସ୍ୱାସ୍ଥ୍ୟ ପରଚାଳନା ଏବଂ (୩) ଅନ୍ୟାନ୍ୟ ରକ୍ଷଣାବେକ୍ଷଣ।

**ମହଜୁଦ ଥିବା ଛେଳି ପ୍ରଜାତିର ଉନ୍ନତୀକରଣ :** ସାଧାରଣତଃ ଚାଷୀମାନଙ୍କ ପାଖରେ ଦେଶୀ ପ୍ରଜାତିର ଛେଳି ଥାଆନ୍ତି। ସେମାନଙ୍କର ଓଜନ, ଗଠନ ଆଦିର ବୃଦ୍ଧି ତଥା ବିକାଶ କରିବା ଲାଗି ବିଶେଷଭାବରେ ଧ୍ୟାନଦେବା ଉଚିତ। ତେଣୁ ଏଥିପାଇଁ ସେମାନଙ୍କର ପ୍ରଜନନ ଉପରେ ଗୁରୁତ୍ୱ ଦେବା ଦରକାର। ନିଜ ପାଖରେ ଥିବା ଛେଳିଛୁଆଙ୍କୁ ପ୍ରଜନନ ପାଇଁ ବୋଦା ଛାଡ଼ନ୍ତୁ ନାହିଁ। ଭିନ୍ନ ଏକ ପଲର ଛେଳିଛୁଆମାନଙ୍କ ମଧ୍ୟରୁ ପ୍ରଜନନ ନିମନ୍ତେ ବୋଦା ଚୟନକରି ବ୍ୟବହାର କରନ୍ତୁ। ପ୍ରତି ୨-୩ ବର୍ଷରେ ବୋଦା ବଦଳ କରିବା ଆବଶ୍ୟକ। ନିଜ ପାଖରେ ଥିବା ଦେଶୀ ପ୍ରଜାତିର ବ୍ଲାକ୍‌ବେଙ୍ଗଲ ଛେଳିମାନଙ୍କର ଉନ୍ନତୀକରଣ ତଥା ସଙ୍କରୀକରଣ ପାଇଁ ଶିରୋହୀ, ବରବୋରୀ, ଏବାଏର, ବିଟଲ୍, ଯମୁନାପାରୀ ଭଳି ଉନ୍ନତ ଧରଣର ପ୍ରଜାତିର ବୋଦାମାନଙ୍କ ଦ୍ୱାରା ପ୍ରଜନନ ବା ସଙ୍ଗମ କରାଇବା ଉଚିତ। ଏହାବ୍ୟତୀତ ଅଯଥାରେ ବୋଦା ପାଳି ଖର୍ଚ୍ଚାନ୍ତ ହୁଅନ୍ତୁ ନାହିଁ। ଉନ୍ନତ ପ୍ରଜାତିର ଛେଳିଛୁଆ ପାଇବା ପାଇଁ କୃତ୍ରିମ ପ୍ରଜନନ ପଦ୍ଧତି ମଧ୍ୟ ଆପଣେଇପାରିବେ। ତେଣୁ ଏହି ସମସ୍ତ ବୈଜ୍ଞାନିକ ପଦ୍ଧତିରେ ଛେଳିଛୁଆମାନଙ୍କର କୃତ୍ରିମ ପ୍ରଜନନ କରାଇ ଛେଳିପଲର ବଂଶାନୁକ୍ରମିକ ଗୁଣବତ୍ତାର ଉନ୍ନତି ହେବା ସହ ଉନ୍ନତ ପ୍ରଜାତିର ଛେଳି ପାଇଁ ଓଡ଼ିଶାର ଛେଳି ଚାଷୀଭାଇ ଏବଂ ଭଉଣୀମାନେ ଲାଭବାନ ହୋଇପାରିବେ।



**ବୈଜ୍ଞାନିକ ପ୍ରଣାଳୀରେ ସ୍ୱାସ୍ଥ୍ୟରକ୍ଷା:** ଛେଳିମାନଙ୍କର ଅକାଳ ମୃତ୍ୟୁହାର ରୋକି ପାରିଲେ ଛେଳିପାଳନରେ ଲାଭ ମିଳିଥାଏ। ତେଣୁ ଛେଳି ମୃତ୍ୟୁହାର ରୋକିବା ପାଇଁ ସେମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥାକୁ ଟିକିନିକି ଭାବରେ ନିୟମିତ ବୈଜ୍ଞାନିକ ଉପାୟରେ ପରିଚାଳନା କରିବା ଆବଶ୍ୟକ। ପ୍ରତି ୩ ମାସ ବ୍ୟବଧାନରେ ଡାକ୍ତରୀ ପରାମର୍ଶ କରି ଛେଳିମାନଙ୍କୁ ନିୟମିତ କୃମିନାଶକ ଔଷଧ ଦେବା ଉଚିତ। ନିୟମିତ ପିପିଆର୍, ବସନ୍ତ, ଇଏନ୍‌ଟି ରୋଗ ପାଇଁ ଛେଳିମାନଙ୍କୁ ଟିକାକରଣ କରନ୍ତୁ। ଛେଳିମାନଙ୍କର ଟିକା ଓ କୃମି ଉପଚାର ପାଇଁ ଚିଠା ପ୍ରସ୍ତୁତ କରିବା ଉଚିତ। ଛେଳିମାନଙ୍କର ସ୍ୱାସ୍ଥ୍ୟର ଅବନତି ଘଟିଲେ କିମ୍ବା ଦେହ ଖରାପ ହେଲେ ନିକଟସ୍ଥ ପ୍ରାଣୀ ଚିକିତ୍ସାଳୟରେ ଥିବା ଅଭିଜ୍ଞ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଇବା ଉଚିତ।

**ବୈଜ୍ଞାନିକ ଉପାୟରେ ଖାଦ୍ୟ ଉପଚାର:** ଛେଳିମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ବୃଦ୍ଧି ପାଇଁ ଉପଯୁକ୍ତ ଖାଦ୍ୟ ବା ପୋଷଣ ଆବଶ୍ୟକ। ପ୍ରଜନନକ୍ଷମ ବୟସ୍କ ଛେଳିମାନଙ୍କୁ ଚରିବା ସହ ଦୈନିକ ୧୦୦-୩୫୦ ଗ୍ରାମ ମିଶ୍ରିତ ଦାନା ଦେବା ଉଚିତ। ଗର୍ଭ ଅବସ୍ଥାରେ ଥିବା ଛେଳିମାନଙ୍କୁ ଗର୍ଭଧାରଣର ପ୍ରଥମ ୪ମାସ ୩-୫ ଘଣ୍ଟା ଚରିବାକୁ ଛାଡ଼ିବା ସହ ୧୦ କି.ଗ୍ରା. ସବୁଜ ଘାସ ଖାଇବାକୁ ଦେବା ଉଚିତ। ମାତ୍ର ଗର୍ଭଧାରଣର ଶେଷ ମାସରେ ଛେଳି ୪-୫ ମାସ ଚରିବା ସହ ତାକୁ ୨୫୦ ଗ୍ରାମ ମିଶ୍ରିତ ଦାନା ଖାଇବାକୁ ଦେବା ଦରକାର। ଛୁଆ ଜନ୍ମ କରିବା ସମୟରେ କିମ୍ବା ଛୁଆ ଜନ୍ମକରିବା ସଙ୍ଗେ ସଙ୍ଗେ ଛେଳିମାନଙ୍କୁ ଦାନା ଖାଇବାକୁ ଦେବା ଅନୁଚିତ। ସେମାନଙ୍କୁ ଉକ୍ତ ସମୟରେ ଶୁଖିଲା କୁଟା, ଘାସ, ପତ୍ର ସହ ଉଷୁମପାଣି ପ୍ରଚୁର ପରିମାଣରେ ପିଇବାକୁ ଦେବା ଉଚିତ। ଛୁଆ ଜନ୍ମ କରିବାର ୭ଦିନ ପର୍ଯ୍ୟନ୍ତ ମାଈ ଛେଳିମାନଙ୍କୁ ସମୁଦାୟ ଖାଦ୍ୟକୁ ଭାଗକରି ଖାଇବାକୁ ଦିଅନ୍ତୁ। ସେହିପରି ଦୁଗ୍ଧ ପ୍ରଦାନ କରୁଥିବା ଛେଳିମାନଙ୍କୁ ୬-୮ ଘଣ୍ଟା ଦୈନିକ ଚରିବାକୁ ଛାଡ଼ିବା ସହ ସବୁଜଘାସ କିମ୍ବା ୪୦୦ ଗ୍ରାମ ମିଶ୍ରିତ ଦାନା ଖାଇବାକୁ ଦିଅନ୍ତୁ। ଫଳରେ ସେମାନଙ୍କର ଦୁଗ୍ଧ ଉତ୍ପାଦନ କ୍ଷମତା ଠିକ୍ ରହିବ।

ଅନ୍ୟପକ୍ଷରେ ପ୍ରଜନନକ୍ଷମ ବୋଦାମାନଙ୍କୁ ମାଈଛେଳିମାନଙ୍କ ସହ ୬-୮ଘଣ୍ଟା ଚରିବା ସହିତ ୫୦୦ ଗ୍ରାମ ମିଶ୍ରିତ ଦାନା ଖାଇବାକୁ ଦିଅନ୍ତୁ। ଏହାଦ୍ୱାରା ସେମାନଙ୍କର ପ୍ରଜନନ କ୍ଷମତା ଠିକ୍ ରହିବ। ସେହିପରି ଛେଳି ଚାଷର ଭବିଷ୍ୟତ ହେଉଛନ୍ତି ଛେଳିଛୁଆ। ତେଣୁ ସେମାନଙ୍କୁ ଜନ୍ମହେବା ସଙ୍ଗେ ସଙ୍ଗେ କ୍ଷୀର ପିଇବାକୁ ଦିଅନ୍ତୁ। ତା' ସହ ୩ଦିନ ପର୍ଯ୍ୟନ୍ତ ମା' ସହ ରଖି କଷକ୍ଷୀର ପିଇବାକୁ ଛାଡ଼ିବା ଉଚିତ। ଜନ୍ମର ୧୪ ଦିନ ପରେ ଛେଳିଛୁଆମାନଙ୍କୁ ସବୁଜଘାସ ଖାଇବା ଶିଖାଇବା ଉଚିତ। ୧ମାସରୁ୩ ମାସ ପର୍ଯ୍ୟନ୍ତ ୫୦-୧୦୦ ଗ୍ରାମ କ୍ରିପ୍ ଦାନା ଏବଂ ୩ରୁ ୧ବର୍ଷ ପର୍ଯ୍ୟନ୍ତ ଛେଳିଛୁଆମାନଙ୍କୁ ୮ ଘଣ୍ଟା ଚରିବାକୁ ଛାଡ଼ିବା ସହ ୧୦୦-୨୦୦ ଗ୍ରାମ ଦାନା ଖାଇବାକୁ ଦେବା ଉଚିତ। ଏହାଦ୍ୱାରା ଛେଳିଛୁଆମାନଙ୍କର ମୃତ୍ୟୁହାର କମିବା ସହ ଭବିଷ୍ୟତରେ ସୁସ୍ଥ ସବଳ ଛେଳି ମିଳିଥାଏ। (କ୍ରମଶଃ..)

-ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ, ତିହିଡ଼ି, ଭଦ୍ରକ, ମୋ : ୯୪୩୯୮୯୦୦୨୬

## ରାଶି ଚାଷ



ଜାନୁୟାରୀ ଶେଷରୁ ଫେବୃଆରୀ ୧୫ସୁଦ୍ଧା ରାଶି ବୁଣାବୁଣି ଶେଷ କରନ୍ତୁ। ଏପରି କଲେ ଅମଳ ବେଳେ ଅଦିନିଆ ବର୍ଷା ଯୋଗୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ରାଶିର ଉନ୍ନତ କିସମ ବିହନ ଯଥା ଉମା, କାଳିକା ଆଦି ସଂଗ୍ରହ କରନ୍ତୁ। ଜମିକୁ ପଟାଳିରେ ବିଭକ୍ତକଲେ ଖରାଦିନିଆ ରାଶି ଚାଷ ପାଇଁ ପାଣି ମଡ଼ାଇବା ସୁବିଧାଜନକ ହେବ। ଏକର ପ୍ରତି ୨ରୁ ୨.୫କେଜି ବିହନ ଆବଶ୍ୟକ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ତଳିମରା ବା ମୂଳଶଢ଼ା ରୋଗର ଦମନ ପାଇଁ ବିହନ ବୁଣିବାର ୨ଦିନ ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୩ଗ୍ରାମ୍ ଥିରାମ୍ ସହ ବିଶୋଧନ କରନ୍ତୁ। ଏକର ପ୍ରତି ୮ଗାଡ଼ି ଗୋବରଖତ ଶେଷ ଓଡ଼ଚାଷ ସମୟରେ ଜମିରେ ପ୍ରୟୋଗ କରନ୍ତୁ। ଏକର ପ୍ରତି ଅନୁମୋଦିତ ଖାଦ୍ୟସାରକୁ (୧୨:୮:୮) ଓ ୧୦କେଜି ସଲ୍‌ଫର ମଧ୍ୟରୁ ଅଧା ଯବକ୍ଷାରଜାନ (୬କି.ଗ୍ରା.), ସବୁତକ ଫସ୍‌ଫରସ୍ (୮କି.ଗ୍ରା.),ପଟାସ(୮କି.ଗ୍ରା.) ଓ ସଲ୍‌ଫର(୧୦କି.ଗ୍ରା.) ବୁଣିଲାବେଳେ ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୨୫ରୁ ୩୦ସେ.ମି. ଓ ଗଛକୁ ଗଛ ୫ରୁ ୧୦ସେ.ମି. ଦୂରତାରେ ବିହନ ବୁଣନ୍ତୁ। ରାଶି ମଞ୍ଜି ଅତି ଛୋଟ ହୋଇଥିବାରୁ ବିହନ ବୁଣିବା ସମୟରେ ଏହାକୁ ଶୁଖିଲା ବାଲି,ମାଟି କିମ୍ବା କରତଗୁଣ୍ଡରେ ଭଲଭାବରେ ମିଶାଇ ବୁଣିଲେ, କମ୍ ବିହନ ଦରକାର ହେବା ସଙ୍ଗେ ସଙ୍ଗେ ସମାନ ଭାବରେ ଧାଡ଼ିରେ ପଡ଼େ।

## ଚାଷୀଙ୍କ ପାଇଁ...



ଲଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ। ଶୀତ ସହ ମେଘୁଆ ପାଗର ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉପୋକ ଲାଗିଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ୧ ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ। କୋବିଜାତୀୟ ଫସଲରେ ଜଉପୋକ,ଠିକିରି ପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବା ଆଶଙ୍କା ଅଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମିଲି ଏଣ୍ଡୋସଲ୍‌ଫାନ୍ କିମ୍ବା ୫୦୦ ମିଲି ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲ୍‌ଟରନାରିଆ ଜନିତ ପତ୍ରପୋଡା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ।

## ଅଳ୍ପରେ..



- ଲିଚୁ ଓ ସପେଟା ଗଛରେ ଫଳ ଧରି ଆସିବାର ଦେଖିଲେ ଜଳସେଚନ କରନ୍ତୁ ଓ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ସିଞ୍ଚନ କରନ୍ତୁ । ଫୁଲ ବା ବଉଳ ଆସିବା ପୂର୍ବରୁ ଗଛରେ ପାଣି ଦିଅନ୍ତୁ ନାହିଁ ।
- ଫୁଲଚାଷ ପାଇଁ ପଟାଳି ପ୍ରସ୍ତୁତ କରନ୍ତୁ ଓ ସେରାକୋଲ୍ କିସମର ଗେଣ୍ଡୁ ଚାରା ଲଗାନ୍ତୁ । ଧାଡ଼ିକୁ ଧାଡ଼ି ୩୦ ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।
- ଗାଈମାନଙ୍କଠାରେ ପ୍ରସୂତି ସମସ୍ୟା ତଥା ଭୂତାଣୁଜନିତ ଫାଟୁଆ ରୋଗ ଦେଖାଦେଲେ, ଏହାର ପ୍ରତିକାର ପାଇଁ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।
- କୁକୁଡ଼ା ପାଳନ କରୁଥିଲେ ଥଣ୍ଡାଜନିତ ଅସୁବିଧାରୁ ରକ୍ଷାପାଇବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରନ୍ତୁ। ଭୂତାଣୁଜନିତ ରୋଗ ପ୍ରତିଷେଧକ ବ୍ୟବସ୍ଥା ପାଇଁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।
- ଆମ୍ବ ବଉଳ ପୂରା ମାତ୍ରାରେ ଥିବାବେଳେ କୁହୁଡ଼ିଆ ପାଗ ହେଲେ ବଗିଚାରେ ଅନାବନା ଘାସ, କାଠିକୁଟା ଆଦି ପୋଡ଼ି ବଗିଚାକୁ ଧୂଆଁ ଦିଅନ୍ତୁ ଓ ଡିଥେନ୍ ଏମ୍-୪୫ ଏକ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ । ସଲ୍‌ଫେକ୍ସ ୧ ଲିଟର ପାଣିରେ ୪ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ ।

# ସଫଳ କୃଷିର ମୁଖ୍ୟ ଦିଗ

(ଶେଷ ଭାଗ)

ରୋଗ ଓ ପୋକ ପରି ଘାସ, ଫସଲର ଏକ ବଡ଼ ଶତ୍ରୁ। କ୍ଷେତରେ ଚାଷ ହୋଇଥିବା ମୁଖ୍ୟ ଫସଲକୁ ଛାଡ଼ି ଅନ୍ୟ ଅଦରକାରୀ ତଥା ଅନାବଶ୍ୟକ ଗୁଳ୍ମ ଆଦିକୁ ଘାସ ସହ ତୁଳନା କରାଯାଇପାରେ । ଘାସ ଖାଦ୍ୟସାର, ଜଳ ଏବଂ ଆଲୋକ ପାଇଁ ମୁଖ୍ୟ ଫସଲ ସହ ପ୍ରତିଯୋଗିତା କରି ମୁଖ୍ୟ ଫସଲର ଅମଳ କମାଇବା ସଙ୍ଗେ ସଙ୍ଗେ ମାଟିର ଉର୍ବରତା କମାଇଥାଏ । ତେଣୁ କ୍ଷେତରୁ ଘାସ ଦମନ ପାଇଁ ଯାନ୍ତ୍ରିକ, ରାସାୟନିକ ଅବା ସମନ୍ୱୟ ଉପାୟରେ ଦୂରକରିବା ଉଚିତ୍ । ଯାନ୍ତ୍ରିକ ପଦ୍ଧତି ମାଧ୍ୟମରେ କୋଡ଼ାଖୁସା କିମ୍ବା ନିଜ ହାତରେ ଘାସ ନିୟନ୍ତ୍ରଣ କରାଯାଇପାରିବ । ବର୍ତ୍ତମାନ ଅନେକ ପ୍ରକାର ଘାସମରା ରାସାୟନିକ ଦ୍ରବ୍ୟ ବଜାରରେ ବିକ୍ରି ହେଉଛି । ଚାଷୀ ଏଥିରୁ ମାତ୍ର ଗୋଟିଏ ଔଷଧ କିଣି ବିଶେଷଜ୍ଞଙ୍କ ସହ ପରାମର୍ଶ କରି ଠିକ୍ ମାତ୍ରା, ପ୍ରଣାଳୀ ଏବଂ ଉପଯୁକ୍ତ ସମୟରେ ପ୍ରୟୋଗକଲେ ଘାସ ନିୟନ୍ତ୍ରଣ ହୋଇପାରିବ ।

**ଜଳ ପରିଚାଳନା:** ମରୁଡ଼ି ପରିସ୍ଥିତିର ମୁକାବିଲା ପାଇଁ ସୀମିତ ବର୍ଷାଜଳକୁ ସଂରକ୍ଷଣ କରି ଆବଶ୍ୟକ ବେଳେ ବ୍ୟବହାର କରାଯାଇପାରିବ। ଗଡ଼ାଣିଆ ଜମିକୁ ସମତଳ କଲେ, ମାଟିକୁ ଓଲଟପାଲଟ ଏବଂ କୋଡ଼ାଖୁସା କଲେ ବର୍ଷାଜଳ ସଂରକ୍ଷିତ ହୁଏ। ମାଟିର ଜଳଧାରଣ ଶକ୍ତି ବଢ଼ାଇବା ପାଇଁ ଯଥେଷ୍ଟ ଶଢ଼ା ଗୋବରଖତ ପ୍ରୟୋଗର ଆବଶ୍ୟକତା ଅଛି । ମଧ୍ୟମ ଏବଂ ଖାଲ ଜମିରେ ସୀମିତ ବର୍ଷାଜଳକୁ ବାନ୍ଧି ରଖି ଛୋଟ କିସମ ଧାନ ଏବଂ ଡାଲିଜାତୀୟ ଫସଲ ଚାଷ କରାଯାଇପାରିବ ।

ବାଲିଆ କିସମ ମାଟିରେ ଜଳ ନିମ୍ନଗାମୀ ହୋଇ ଅଧିକ ନଷ୍ଟହୁଏ । ତେଣୁ ଏ ପ୍ରକାର ମାଟିରେ ହୋଇଥିବା ଫସଲ ପାଇଁ ସ୍ୱଳ୍ପ ପରିମାଣର ଜଳକୁ ଅଧିକ ଥର ସେଚନ କରିବା ସହ ଅଧିକ ଶଢା ଗୋବରଖତ ପ୍ରୟୋଗକରିବା ଉଚିତ । ମାଟି ଉପରେ ବୋହି ଯାଉଥିବା ଜଳକୁ ଅଟକାଇବା ପାଇଁ ବୃହତ୍ କିସମ କ୍ଷେତକୁ ଛୋଟ ଛୋଟ ପଟାଳିରେ ପରିଣତ କରି ମାଟିକୁ ସମତୁଳ କରିବାର ଆବଶ୍ୟକତା ଅଛି । ମାଟି ଶୁଖିଗଲେ ଗଛ ଝାଉଁଲେ, ଜଳସେଚନ କଲେ ଗଛ ସତେଜ ରହେ। କ୍ଷେତ୍ର ବୈଜ୍ଞାନିକମାନେ ପ୍ରତ୍ୟେକ ଫସଲ ପାଇଁ ଜଳର ଠିକ୍ ପରିମାଣ, ଠିକ୍ ସମୟ ଏବଂ ଠିକ୍ ପ୍ରଣାଳୀରେ ଜଳସେଚନ ପଦ୍ଧତିମାନ ନିର୍ଣ୍ଣୟ କରିଛନ୍ତି। ଉକ୍ତ ପଦ୍ଧତିରେ ଫସଲରେ ଜଳସେଚନ କଲେ ଫସଲରୁ ଅଧିକ ଅମଳ ମିଳିବା ସହ ଜଳ ପରି ମୂଲ୍ୟବାନ୍ ବସ୍ତୁର ସଦ୍ ବ୍ୟବହାର ହୋଇପାରିବ ।



**ଅନୁକୂଳ ଜଳବାୟୁ :** ଜଳବାୟୁ, ପ୍ରକୃତିତତ୍ତ୍ୱ ବର୍ଷା, ଉତ୍ତାପ, ଆର୍ଦ୍ରତା ଏବଂ ବାୟୁ ପ୍ରବାହକୁ ବୁଝାଏ । ଜଳବାୟୁର ଉକ୍ତ ଚାରିଗୋଟି ଉପାଦାନ ସନ୍ତୁଳିତ ହେଲେ କୃଷି କାର୍ଯ୍ୟ ସୁଚାରୁ ରୂପେ ହୋଇ ଅଧିକ ଫସଲ ଅମଳ ମିଳିଥାଏ। ବର୍ଷାର ବିତରଣ ଠିକ୍ ସମୟ ଏବଂ ଠିକ୍ ପରିମାଣରେ ହେଲେ କୃଷି କାର୍ଯ୍ୟରେ କୌଣସି ବିଘ୍ନ ହୁଏନାହିଁ। ଜମି କର୍ଷଣ, ବିହନ ବୁଣା ଏବଂ ଫସଲ ଅମଳ ସମୟରେ ସ୍ୱଳ୍ପ ବର୍ଷା ଏବଂ ଫସଲ ବର୍ଦ୍ଧନ ସମୟରେ ଅଧିକ ବର୍ଷା ହେଲେ ଫସଲ ଅମଳ ଆଶାନୁରୂପ ହୁଏ । କିନ୍ତୁ ବର୍ଷାର ଅନିୟମିତତା ଯୋଗୁ ମରୁଡ଼ି ଏବଂ ବନ୍ୟା ପରିସ୍ଥିତି ସୃଷ୍ଟିହୋଇ ଫସଲ ଅମଳ କମୁଛି। ଉତ୍ତାପ, ମୁଖ୍ୟତଃ ସୂର୍ଯ୍ୟାଲୋକ ଏବଂ ବାଦଲ ସ୍ଥିତି ଉପରେ ନିର୍ଭରକରେ। ଫସଲର ଅଭିବୃଦ୍ଧି, ରୋଗପୋକ ଆକ୍ରମଣ ଏବଂ ଅମଳ ସମୟ ଠିକ୍ ଉତ୍ତାପ ଉପରେ ନିର୍ଭରକରେ। ଖରିଫ ଋତୁରେ ଉତ୍ତାପ ୩୦ରୁ ୩୫ ସେଲ୍‌ସିୟସ ମଧ୍ୟରେ ରହିଲେ ଅନେକ ଫସଲର ଅଭିବୃଦ୍ଧି ଉନ୍ନତ ମାନର ରହି ଅମଳ ବଢ଼େ। ଶୀତଦିନିଆ ଫସଲ ପାଇଁ ଅନୁକୂଳ ଉତ୍ତାପ ପ୍ରାୟ ୧୫ ରୁ ୨୦° ସେଲ୍‌ସିୟସ ମଧ୍ୟରେ ରହିଲେ ଭଲ ଅମଳ ମିଳେ । କିନ୍ତୁ ବର୍ତ୍ତମାନ ଜଳବାୟୁର ପରିବର୍ତ୍ତନ ଯୋଗୁ ଖରିଫ ଏବଂ ଶୀତଋତୁର ନିର୍ଦ୍ଧାରିତ ଉତ୍ତାପଠାରୁ ଅଧିକ ହେଉଛି। ସେହିପରି ବାୟୁମଣ୍ଡଳର ଆର୍ଦ୍ରତା ୬୫ ରୁ ୭୦ ଶତକଡ଼ା ମଧ୍ୟରେ ରହିଲେ ଫସଲରେ ରୋଗପୋକ ଆକ୍ରମଣ କମ୍ ଏବଂ ଫସଲର ଅଭିବୃଦ୍ଧି ଭଲ ହୁଏ । ପ୍ରବାହିତ ବାୟୁ ଅମଳ ସମୟ ଏବଂ ଖଳାରେ ସାଇତା ଫସଲ ଉପରେ ସାମୟିକ ପ୍ରଭାବ ପକାଏ। ସ୍ଥିର ବାୟୁ ପ୍ରବାହ ଅର୍ଥାତ୍ ଘଣ୍ଟା ପ୍ରତି ୨ ରୁ ୩ କି.ମି ବେଗ ଫସଲ ଉପରେ କୌଣସି ପ୍ରତିକୂଳ ପ୍ରବାହ ନ ଥିବା ବେଳେ ଏହା ଠାରୁ ଅଧିକ ବେଗରେ ପବନ ପ୍ରବାହ ଫସଲ ଉପରେ ବିପରୀତ ପ୍ରବାହ ଅର୍ଥାତ୍ ଘୂର୍ଣ୍ଣିବାୟୁ ଦ୍ୱାରା ଖଳାରେ ସାଇତା ଫସଲ ସ୍ଥାନାନ୍ତରିତ ଆଦି ହୁଏ ।

ଜଳବାୟୁ ପରିବର୍ତ୍ତନ ମୁଖ୍ୟତଃ ମନୁଷ୍ୟକୃତ। ଜଙ୍ଗଲ ଧ୍ୱଂସ, ଖଣିଜ ତୈଳ ଚାଳିତ ଅଧିକ ଯାନବାହନର ବ୍ୟବହାର, ଅଧିକରୁ ଅଧିକ କଳକାରଖାନା ପ୍ରତିଷ୍ଠା, କୋଇଲାଭିତ୍ତିକ ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା ଏବଂ ଜନସଂଖ୍ୟା ବୃଦ୍ଧି ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ ହୋଇ ଅଧିକ ଉତ୍ତାପ, ମରୁଡ଼ି ଅବା ବର୍ଷା ସୃଷ୍ଟି କରୁଛି। ତେଣୁ ଆମେ ମନୁଷ୍ୟ ଏହାର ପ୍ରତିକାର ନିଜେ କରିବା ଉଚିତ । ଏହାବ୍ୟତୀତ ଚାଷୀ ପ୍ରତିଦିନ ଜଳବାୟୁର ସ୍ଥିତି ବେତାର, ଦୂରଦର୍ଶନ, ସମ୍ବାଦପତ୍ରଗୁଡ଼ିକରୁ ସଂଗ୍ରହକରି କୃଷି କାର୍ଯ୍ୟ ପ୍ରତି ସତର୍କ ହୋଇପାରିବେ ।

-ପ୍ର. ସୁବୋଧ କୁମାର ସାହୁ
ମୋ :୯୫୫୬୨୬୬୦୮୫

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ....................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କେଜ୍‌ରିୱାଲଙ୍କୁ ହନୁମାନ ଭରସା

ନୂଆଦିଲ୍ଲୀ,୧୬।୧

## ଦିଲ୍ଲୀର ୭୦ ଆସନରେ ଏଏପିର ହନୁମାନ ଚାଳିଶା ପାଠ

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ମଙ୍ଗଳବାର ସୁନ୍ଦରାକାଣ୍ଡ ଓ ହନୁମାନ ଚାଳିଶା ପାଠ କରିଛନ୍ତି। ନୂଆଦିଲ୍ଲୀସ୍ଥିତ ରୋହିଣୀ ଅଞ୍ଚଳର ଏକ ମନ୍ଦିରରେ ଏଏପି ପକ୍ଷରୁ ଏହି ଦେଢ଼ ଘଣ୍ଟିଆ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ କେଜ୍‌ରିୱାଲ ତାଙ୍କ ସ୍ତ୍ରୀ ସୁନୀତା କେଜ୍‌ରିୱାଲ ରାମଚରିତମାନସର ସୁନ୍ଦରାକାଣ୍ଡ ବୋଲିବା ସହ ହନୁମାନ ଚାଳିଶା ପାଠ କରିଥିଲେ। ଏଥିସହ ହୋମଯଜ୍ଞ ମଧ୍ୟ କରିଥିଲେ। କେଜ୍‌ରିୱାଲ କହିଛନ୍ତି, ସେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଭଗବାନଙ୍କ ନିକଟରେ ଜନସାଧାରଣଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧି ପାଇଁ ପ୍ରାର୍ଥନା କରିଛନ୍ତି। ଦିଲ୍ଲୀର ୭୦ ନିର୍ବାଚନମଣ୍ଡଳୀରେ ସ୍ଥାନୀୟ ଲୋକଙ୍କୁ ନେଇ ପ୍ରତି ମଙ୍ଗଳବାର ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ଏଏପି ପକ୍ଷରୁ ସୋମବାର ଘୋଷଣା କରାଯାଇଥିଲା। ଉତ୍ତର ପ୍ରଦେଶର ଅଯୋଧ୍ୟାରେ ରାମମନ୍ଦିର ପ୍ରତିଷ୍ଠା କରି ରାଜନୈତିକ ମାଇଲେଜ୍ ଉଠାଇବା ପାଇଁ ଭାଜପା ଉଦ୍ୟମ ଚଳାଇଥିବାବେଳେ ବିରୋଧୀ ଦଳଗୁଡ଼ିକର ନେତାମାନେ ସେଥିରେ ଯୋଗଦେବେ ନାହିଁ ବୋଲି ଘୋଷଣା କରିଛନ୍ତି। ଏପରି ସ୍ଥଳେ ଏଏପି ହନୁମାନଙ୍କ ଶରଣାପନ୍ନ ହେବା ଏହାର ଡ୍ୟାମେଜ୍ କଣ୍ଟ୍ରୋଲ ରଣନୀତି ବୋଲି କୁହାଯାଉଛି।


ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସହ ସ୍ତ୍ରୀ ସୁନୀତା ଦେବୀ।

## କଂଗ୍ରେସର ସଂଯୋଜକ ତାଲିକାକୁ ଅନୁମୋଦନ କଲେ ଅଜୟ କୁମାର

ଭୁବନେଶ୍ୱର, ୧୬।୧(ସୁନିତ୍ ମିଶ୍ର)

ଆସନ୍ତା ସାଧାରଣ ନିର୍ବାଚନ ୨୦୨୪ ନିମନ୍ତେ ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ସଭାପତି ଶରତ ପଟ୍ଟନାୟକ ପ୍ରସ୍ତାବ ଦେଇଥିବା ୧୪୭ ନିର୍ବାଚନମଣ୍ଡଳୀ ସଂଯୋଜକମାନଙ୍କ ନାମ ତାଲିକାକୁ ଦଳର ପ୍ରଭାରୀ ଅଜୟ କୁମାର ଅନୁମୋଦନ କରିଛନ୍ତି। ସମସ୍ତ ସଂଯୋଜକ ଖୁବ୍‌ଶୀଘ୍ର ନିଜ ଦାୟିତ୍ୱରେ ଥିବା ନିର୍ବାଚନମଣ୍ଡଳୀରେ ନିର୍ବାଚନ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି କଂଗ୍ରେସ ସଙ୍ଗଠନକୁ ସୁଦୃଢ଼ କରିବା ସହ ଦଳର ପ୍ରାର୍ଥୀମାନଙ୍କୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତୁ ବୋଲି ପିସିସି ସଭାପତି ନିର୍ଦ୍ଦେଶ ଦେଇଛନ୍ତି।


# Classified Everyday 0674-2580101, 2549949


MATRIMONIAL

GROOM WANTED

Beautiful Khandayat Girls 1991, 5'2" Serving OAS/1994 5'2" Serving OJS "SUNASANSAR". 9937512659, 8249969649. D-75295





REAL ESTATE

SALE

**Ready to move luxurious flat for sale at Acharya Vihar. Contact- 9437307086, 7978209277.** D-2286

ଭୁବନେଶ୍ୱର ଖୋର୍ଦ୍ଧା ପିତାପଲ୍ଲି ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ **30'** ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **7504861292.** D-75292

Duplex sale at Bhubaneswar @ 57 lakhs only. Contact: 9777433701. D-75294

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable pricecall- 9439856856, 7008982279, 6371097442, 9040116788.** D-2271


CONSTRUCTION

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2272

Newly open SPA positively health benefits (expert therapist). Contact: 9124527170. D-75188

Newly open health benefits SPA special offer @ 799 Bapuji Nagar. 8018429809. D-75183

Refreshments Rejuvenation body massage therapy with experience therapists, Ashirvad Panchakarma Herbal Spa, Keshari Mall, Bhubaneswar, 8926173473. D-2235

Newly health benefited SPA expert therapist at Mastercanteen. Contact: 7749034655. D-75185

Spa Kerala body Massage best Therapist @699/- Bhubaneswar. kajal-9337672475. D-2252

Newly open Jyoti SPA positively health benefits (expert therapist). 8458067955. D-75182

**Relax, Refresh your Body, Mind at Saikrupa Spa with best therapies. 8984068077.** D-2209

Newly open health benefits SPA special offer @ 999 Bapujinagar. 8018429809. D-75189

AFFIDAVIT

By virtue of an affidavit sworn before the Executive Magistrate, Bhubaneswar date-12.01.2024, I Smt. Kusum Kumari Dhir, W/o Late Gatikrushna Dhir, resident of Plot No. M-49, Rajiv Nagar, At/ PO-Aiginia, Bhubaneswar, Odisha-751019 declare that I have changed my name from Ratanmani Dhir to Kusum Kumari Dhir. Henceforth I shall be known as Kusum Kumari Dhir for all purposes. D-75701

By virtue of an affidavit sworn before the Executive Magistrate, Bhubaneswar on 11th January 2024, I, Niranjan Sahoo, aged about 59 Years, Son of Late Bhramarbar Sahoo, resident of Plot No.1388, Sastri Nagar, Unit No.-4, P.O.-GPO, Bhubaneswar, Dist.-Khurda, Odisha, PIN-751001, do hereby solemnly affirm and declare as under: 1. That, I am the deponent of this affidavit. 2. That, I am serving as Club Operator in the Police Department (Home), Odisha and I am presently posted at Commissionerate of Police, Bhubaneswar. 3. That, my surname is as is mentioned in the Aadhaar Card and the PAN card as "Sahoo" is correct and true. 4. That, my surname has been wrongly mentioned as "Sahu" in my service book. 5. That, I state that "Niranjan Sahoo" and "Niranjan Sahu" is the name of one and the same person and that is myself. That, there is no other person in our locality named as "Niranjan Sahoo S/o- Late Bhramarbar Sahoo". 6. That, I shall be held responsible if my above statements are proved to be false in future. 7. That, this affidavit is required to be produced before the concerned authority for taking necessary action. I hereby state that whatever is stated herein above are true to the best of my knowledge and belief.
Niranjan Sahoo D-2292

I Sabeha Saheen, D/o Moniruddin Sekha, W/o Syed Safat Hossain resident of plot No.71, Jadupur, Near Football Ground Khandagiri, Bhubaneswar Urban, PIN-751019, Odisha, declared by this affidavit that now onwards I shall be known as Sabeha Sahin for all future purposes. D-2290

I Annapurna Das alias Anusaya Das (38), W/o Late Panchanan Das, Vill/P.O- Haladia, P.S- Bansada, Dist.- Bhadrak. My husband have an LIC Policy bearing No 585917645, where in I am the nominee and my name is wrongly mentioned Annapurna Das. By this affidavit I declare that Annapurna Das and Anusaya Das is same and one person. D-2291

By virtue of an affidavit vide No. 68AA 608583 dtd. 15.1.24, I, Debanshu Das, Son of Goutam Das, 744, Saheed Nagar, Bhubaneswar- 751007 declare that Debanshu and Debanshu Das are one and same person that is myself & henceforth, I shall be known as Debanshu Das for all future purposes. D-71699

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


### LEGAL NOTICE

ମାନ୍ୟବର, ଶ୍ରୀଯୁକ୍ତ ଅତିରିକ୍ତ ଆୟୁକ୍ତ, ଅତିରିକ୍ତ ରିଭିଜନ କୋର୍ଟ ନଂ.-୩ ଭୁବନେଶ୍ୱର, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା।
ଓ.ଏସ୍.ଏସ୍.କେଶ୍ ନଂ.- ୧୦୨୦/୨୦୧୮
ଶ୍ରୀମତୀ ରାଜ କୁମାରୀ ବେହେରା ......ବାଦିନୀ
ବନାମ
ଶ୍ରୀଯୁକ୍ତ ଅରକ୍ଷିତ ଦାସ ଓଗେର ......ପ୍ରତିବାଦୀମାନେ
ନୋଟିସ୍ ଅର୍ଡର-୫, ରୁଲ୍-୨୦ ସି.ପି.ସି. ମୁତାବକ

(ପ୍ରତିବାଦୀ ନଂ.-୩) ଅରକ୍ଷିତ ଦାସ, ପିତା: ମାର୍କଣ୍ଡ ଦାସ, (ପ୍ରତିବାଦୀ ନଂ.-୬) ପ୍ରଭାକର ବେହେରା, ପିତା: ନଟବର ବେହେରା, (ପ୍ରତିବାଦୀ ନଂ.-୭) ଯୋଗୀ ବେହେରା, ପିତା: ନରୋତ୍ତମ ବେହେରା, (ପ୍ରତିବାଦୀ ନଂ.୮) ରତ୍ନାକର ମହାପାତ୍ର, ପିତା: ଚନ୍ଦ୍ର ମହାପାତ୍ର, (ପ୍ରତିବାଦୀ ନଂ.-୯) ଗୋଲେଖ ବେହେରା, ପିତା: ହରି ବେହେରା, (ପ୍ରତିବାଦୀ ନଂ.-୧୦) ଚନ୍ଦ୍ର ବେହେରା, ପିତା: ହରି ବେହେରା ଉପରୋକ୍ତ ପ୍ରତିବାଦୀମାନଙ୍କର ଠିକଣା: ଗ୍ରାମ: ପଥରଗାଡ଼ିଆ, ଥାନା: ଚନ୍ଦକା (ଥାନା ନଂ.୪୦), ପୋ: ଦାରୁଠେଙ୍ଗ, ଜିଲ୍ଲା: ଖୋର୍ଦ୍ଧା, ଭୁବନେଶ୍ୱର, ଓଡ଼ିଶା ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆପଣଙ୍କୁ ଉପରୋକ୍ତ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଯୋଗେ ନୋଟିସ୍ ପଠାଯାଇଥିଲା। କିନ୍ତୁ ଏହି ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପର ବର୍ଣ୍ଣିତ ମୋକଦ୍ଦମା ବାଦିନୀ ଦାୟର କରିଛନ୍ତି। ଯାହା ଜମିର ତଫସିଲ ନିମ୍ନରେ ଦର୍ଶାଯାଇଛି।

ଜମିର ତଫସିଲ

ମୌଜା: ପଥରଗାଡ଼ିଆ, ଥାନା: ଚନ୍ଦକା (ଥାନା ନଂ.-୪୦) ତହସିଲ: ଭୁବନେଶ୍ୱର, ହାଲ୍ ଖାତା ନଂ.- ୧୧୮, ହାଲ୍ ପ୍ଲଟ୍ ନଂ.-୫୨୦୨, ରକବା: ଏ୦.୦୫୪ ଡିସିମିଲ୍ ସମ୍ବନ୍ଧ ଏ୦.୩୨୬ ଡିସିମିଲ୍। ସାବକ: ମୌଜା: ପଥରଗାଡ଼ିଆ, ସାବକ ଖାତା ନଂ.-୩୨୫/୧୫୩, ସାବକ ପ୍ଲଟ୍ ନଂ.-୧୨୫୨, ରକବା ଏ୦.୦୫୪ ଡିସିମିଲ୍ ସମ୍ବନ୍ଧ ଏ୦.୧୦୮ ଡିସିମିଲ୍ ସମ୍ବନ୍ଧ ଏ୦.୩୮୦ ଡିସିମିଲ୍ ସମ୍ବନ୍ଧ ଏ୨.୨୬୬୦ ଡିସିମିଲ୍।

ଉପରୋକ୍ତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଓ ଅତିରିକ୍ତ ରିଭିଜନ୍ ବନ୍ଦୋବସ୍ତ ନ୍ୟାୟାଳୟ, ଓଡ଼ିଶା ଭୁବନେଶ୍ୱର, ମୁଖ୍ୟ ନିର୍ଦ୍ଦେଶାଳୟ, ୯ମହଲା ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତା୨୭।୦୨।୨୦୨୪ରିଖ ଦିବା ଘ୩.୦୦ ସମୟରେ ଶୁଣାଣି ହେବା ନିମନ୍ତେ ସ୍ଥିର କରାଯାଇଅଛି। ଏଣୁ ଉପରୋକ୍ତ ପ୍ରତିବାଦୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଏବଂ ଯଦି ପ୍ରତିବାଦୀ ମୃତ ଥିବେ ତାଙ୍କର ଉତ୍ତରାଧିକାରୀ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମା ତଦବିର କରିବେ। ଅନ୍ୟଥା ଆଇନାନୁମୋଦିତ ପନ୍ଥାରେ ମୋକଦ୍ଦମା ଫଇସଲା କରାଯିବ।
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୨୨୮୫

## ରାଜ୍ୟବାସୀଙ୍କୁ ଦିନରେ ଲଣ୍ଠନ ଦେଖାଉଛନ୍ତି ସରକାର: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୬।୧(ସୁନିତ୍ ମିଶ୍ର)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରରେ ଭାରତ ବିକଶିତ ରାଷ୍ଟ୍ର ଦିଗରେ ଅଗ୍ରସର ହେଉଛି। ହେଲେ ଓଡ଼ିଶାରେ ଦୀର୍ଘ ୨୫ ବର୍ଷ ଶାସନରେ କେବଳ ମିଛ ରୂପାନ୍ତରଣର କଥା କୁହାଯାଉଛି। ଓଡ଼ିଶାରେ ରୂପାନ୍ତରଣ ହୋଇନାହିଁ ବରଂ ପ୍ରତାରଣା ଓ ଛଳନା କରାଯାଇଛି। ରାଜ୍ୟ ସରକାର ଓଡ଼ିଶାବାସୀଙ୍କୁ ଦିନରେ ଲଣ୍ଠନ ଦେଖାଉଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ମଙ୍ଗଳବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଏକ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ବର୍ତ୍ତମାନ ଓଡ଼ିଶାରେ ଶିକ୍ଷା, ସ୍ୱାସ୍ଥ୍ୟ, ମୌଳିକ ସୁବିଧା, ମହିଳା ସୁରକ୍ଷା ଓ ରୋଜଗାରର ଅବସ୍ଥା କ'ଣ ଅଛି। ରାଜ୍ୟରେ ସ୍ୱାସ୍ଥ୍ୟସେବା କେବଳ ପ୍ରଚାରରେ ସୀମିତ। ନବଜାତ ଶିଶୁଙ୍କ ଓଜନ ଅନୁସାରେ ଉଚ୍ଚତା ଓ ଉଚ୍ଚତାନୁଯାୟୀ ଓଜନ ହ୍ରାସ ହୋଇଛି। ଶିଶୁମାନେ ଅପପୁଷ୍ଟି ଓ ମହିଳା ରକ୍ତହୀନତାର ଶିକାର ହେଉଛନ୍ତି, ଯାହା ଚିନ୍ତାଜନକ। କେବଳ ବଡ଼ ବଡ଼ ଡାକ୍ତରଖାନା ପ୍ରତିଷ୍ଠା କରାଯିବା କଥା କୁହାଯାଉଥିବା ବେଳେ ମେଡିକାଲରେ ଡାକ୍ତର ନାହାନ୍ତି। କଟକ, ସମ୍ବଲପୁର ଓ ବ୍ରହ୍ମପୁରରେ ଥିବା ମେଡିକାଲ କଲେଜର ଅବସ୍ଥା ଶୋଚନୀୟ। ରାଜ୍ୟରେ ବେସରକାରୀ ଡାକ୍ତରଖାନାରେ କେବଳ ବିଲ୍ କରାଯାଇ ଲୋକଙ୍କୁ ଲୁଟିବାର ଷଡ଼ଯନ୍ତ୍ର କରାଯାଉଛି। ଓଡ଼ିଆ ଲୋକଙ୍କୁ ଲୁଟିବାକୁ ସରକାରୀ ଅଧିକାରୀ ଜାଲ ବିଛାଇଛନ୍ତି। ଏକଥା ପ୍ରଶ୍ନ କଲେ ରାଜ୍ୟ ସରକାର କହୁଛନ୍ତି ବିରୋଧୀ ସହିପାରୁନାହାନ୍ତି। ରାଜ୍ୟର ୫୩ ଲକ୍ଷ ମହିଳାଙ୍କୁ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ୍ ଯୋଗାଯାଇଛି। ଉଜ୍ଜ୍ୱଳା ଯୋଜନାକୁ ନେଇ ଏଠି ପ୍ରଶ୍ନ କରାଯାଉଛି। ଓଡ଼ିଶାର ମାଆ ଓ ମହିଳାମାନେ ଏହାର ବିଚାର କରିବେ। ପାନୀୟ ଜଳ ପାଇଁ ରାଜ୍ୟ ସରକାରଙ୍କ ଅସହଯୋଗ ଯୋଗୁ ସବୁ ଘରେ ପିଇବା ପାଣି ପହଞ୍ଚି ପାରିନାହିଁ। ଠିକାଦାରଙ୍କ ପ୍ରିୟାପ୍ରୀତି ତୋଷଣ ମନୋଭାବ ଯୋଗୁ ଏହି ଅବସ୍ଥା। ଦୀର୍ଘ ୨୫ ବର୍ଷ ଶାସନରେ ରହିବା ସତ୍ତ୍ୱେ ରାଜ୍ୟରେ ରୋଜଗାର ନାହିଁ। ନୀଳବର୍ଣ୍ଣମାନଙ୍କ ଦ୍ୱାରା ପରିଚାଳିତ ସରକାର ମାସକୁ ପ୍ରାୟ ୨୫୦ କୋଟି ଟଙ୍କା ବେସରକାରୀ ହସ୍ପିଟାଲକୁ ଟେକିଦେଇ କେବଳ ପ୍ରଚାରରେ ସ୍ୱାସ୍ଥ୍ୟସେବା କରୁଛନ୍ତି। ଓଡ଼ିଶାରେ ଦୀର୍ଘ ବର୍ଷ ଧରି ସ୍ଥିର ସରକାର ଥିବା ସତ୍ତ୍ୱେ ପ୍ରାୟ ୫୦% ପିଲା ମାଟ୍ରିକ ଅଧାରୁ ପାଠ ଛାଡୁଛନ୍ତି। ଚଳିତବର୍ଷ ପ୍ରାୟ ୧୫ ହଜାର ପିଲା ମାଟ୍ରିକ୍ ପରୀକ୍ଷା ପାଇଁ ଫର୍ମ ପୂରଣକରି ପରୀକ୍ଷା ଦେବାକୁ ଯାଇନାହାନ୍ତି। ଏହା କ'ଣ ରୂପାନ୍ତରଣ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଢେଙ୍କାନାଳର କାମାକ୍ଷାନଗର ଏବଂ ଅନୁଗୋଳ ବଅଁରପାଳରେ କେନାଲରେ ପାଣି ନ ମାଡ଼ିବା କ'ଣ ରୂପାନ୍ତରଣ। ଓଡ଼ିଆ ଲୋକଙ୍କ ମୁଣ୍ଡ ପିଛା ହଜାର ହଜାର କୋଟି ଟଙ୍କା ଋଣ ଭାର କରାଯାଇଛି। ଧର୍ମେନ୍ଦ୍ର ଆହୁରି କହିଛନ୍ତି, ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାୟୀ ମହିଳା ଅତ୍ୟାଚାର କ୍ଷେତ୍ରରେ ସବୁଠାରୁ ଖରାପ ୩ ରାଜ୍ୟ ଭିତରେ ଓଡ଼ିଶା ରହିଛି। ମମିତା ମେହେର ହତ୍ୟାକାଣ୍ଡର କୌଣସି ଉତ୍ତର ମିଳିଲା ନାହିଁ। ସରକାରଙ୍କ ବଡ଼ପଣ୍ଡାମାନେ ମାରି ପୋତିଦେଲେ। ଅଭିଯୁକ୍ତର ଜେଲରେ ମୃତ୍ୟୁ ଘଟିଲା। ଭଞ୍ଜଲି ଅଞ୍ଚଳରେ ଥାନାରେ ପଶି ପୋଲିସକୁ ମାଡ଼ ହେଲା। ଏସବୁ ସତ୍ତ୍ୱେ ବିରୋଧୀ ଅନ୍ଧପୁଟୁଳି ବାନ୍ଧିଛନ୍ତି କହିଲେ ଲୋକେ ଜବାବ ଦେବେ। ପ୍ରଜାତନ୍ତ୍ରରେ ଲୋକେ ଅହଂକାରକୁ ବରଦାସ୍ତ କରିବେ ନାହିଁ। ଧୃତରାଷ୍ଟ୍ର କିଏ, ଆଗାମୀ ନିର୍ବାଚନରେ ଲୋକମାନେ ତାହାର ଜବାବ ଦେବେ ବୋଲି ସେ କହିଛନ୍ତି।

## ଧର୍ମେନ୍ଦ୍ରଙ୍କୁ କଡ଼ା ଜବାବ ଦେଲେ ପ୍ରଣବ

ଭୁବନେଶ୍ୱର,୧୬।୧(ଅନିଲ ଦାସ)

### ସତ ଆଇନା ଦେଖାଇଲେ ରାଗି ଯାଉଛନ୍ତି କେନ୍ଦ୍ରମନ୍ତ୍ରୀ

ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଡ଼ା ଜବାବ ଦେଇଛନ୍ତି। ସମାଜିକ ଗଣମାଧ୍ୟମ 'ଏକ୍ସ'ରେ ପ୍ରଣବ ସିଧାସଳଖ ଧର୍ମେନ୍ଦ୍ରଙ୍କୁ ନିଶାଣ କରିବା ସହିତ ତାଙ୍କ ଅପାରଗତା ନେଇ ଆଇନା ବି ଦେଖାଇଛନ୍ତି। ପ୍ରଣବ ସିଧାସଳଖ କହିଛନ୍ତି ଯେ, ପ୍ରଧାନଙ୍କୁ ତାଙ୍କ ଅପାରଗତାର ଆଇନା ଦେଖାଇଲେ ସେ ଚିଡ଼ି ଯାଉଛନ୍ତି । ପ୍ରଶ୍ନ ପଚାରିଲେ ସେ ଜୋରରେ ରାଗିଯିବା ସହିତ ତାଙ୍କ ରକ୍ତଚାପ ବଢ଼ିଯାଉଛି। ତେଣୁ ଚିଡ଼ିଚିଡ଼ା ହୋଇ ବଢୁଥିବା ରକ୍ତଚାପକୁ କମାଇବା ପାଇଁ ପୂର୍ବ ଭଳି ନିୟମିତ ଯୋଗକରିବାକୁ ପ୍ରଣବ ବି ଧର୍ମେନ୍ଦ୍ରଙ୍କୁ ପରାମର୍ଶ ଦେଇଛନ୍ତି। ଟୁଇଟ୍ କରି ପ୍ରଣବ କହିଛନ୍ତି ଯେ, ପ୍ରଧାନ କେନ୍ଦ୍ରରେ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି । ହେଲେ ନିଜ ମାଟି ପାଇଁ ଗୋଟେ ନୂଆ ବିଶ୍ୱବିଦ୍ୟାଳୟ କରିବା ତ ଦୂରର କଥା, ନିଜ ଜିଲା ଅନୁଗୋଳ କିମ୍ବା ପଡ଼ୋଶୀ ଢେଙ୍କାନାଳ ଓ ସମ୍ବଲପୁରରେ ଗୋଟିଏ ନୂଆ କେନ୍ଦ୍ରୀୟ ବିଦ୍ୟାଳୟ କିମ୍ବା ଜବାହର ନବୋଦୟ ବିଦ୍ୟାଳୟଟିଏ କରିପାରିନାହାନ୍ତି । ସେହିଭଳି ଦକ୍ଷତା ବିକାଶ କେନ୍ଦ୍ରଟିଏ ବି ସ୍ଥାପନ କରିପାରି ନାହାନ୍ତି । କେବଳ ସେତିକି ନୁହେଁ, ନିଜ ଟୁଇଟ୍‌ରେ ପ୍ରଣବ ୫୫ ନମ୍ବର ଜାତୀୟ ରାଜପଥର ଦୁରବସ୍ଥା ସଂକ୍ରାନ୍ତରେ ଧର୍ମେନ୍ଦ୍ରଙ୍କୁ ମନେପକାଇ ଦେଇଛନ୍ତି । ସେ କହିଛନ୍ତି ଯେ, ଏହି ରାଜପଥ କାର୍ଯ୍ୟ ୧୦ ବର୍ଷ ହେଲା ସରି ପାରୁନାହିଁ। ଯାହା ଖବର ମିଳୁଛି ପ୍ରଧାନ ଏବେ ଖାଲଖମା ଯୋଗୁ ଜାତୀୟ ରାଜପଥ ବଦଳରେ ରାଜ୍ୟ ରାଜପଥରେ ଯିବାକୁ ଅଧିକ ଭରସା କରୁଛନ୍ତି ।

ସେହିଭଳି କାମାକ୍ଷା ପ୍ରସାଦ ସିଂହଦେଓ କେନ୍ଦ୍ରରେ ମନ୍ତ୍ରୀ ଥିବାବେଳେ ନିଜ ଜିଲା ପାଇଁ ଆଇଆଇଏମ୍‌ସି ସହ ଅନ୍ୟ କେନ୍ଦ୍ରୀୟ ପ୍ରକଳ୍ପ କିଭଳି କାର୍ଯ୍ୟକାରୀ କରାଇଥିଲେ ସେ ସଂକ୍ରାନ୍ତରେ ପ୍ରଣବ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମନେପକାଇ ଦେଇଛନ୍ତି । ଏଥିସହିତ ଏଭଳି ପ୍ରଶ୍ନ ଶୁଣି ରାଗିବା ଯୋଗୁ କିଭଳି ଧର୍ମେନ୍ଦ୍ରଙ୍କ ରକ୍ତଚାପ ବଢ଼ିଯାଇଛି ତାହା ଉଲ୍ଲେଖ କରିବା ସହିତ ଅନ୍ତର୍ଜାତୀୟ ଯୋଗ ଦିବସରେ ଯେଭଳି ଯୋଗ କରୁଥିଲେ ଅନୁରୂପ ଭାବେ ନିୟମିତ ଯୋଗ ଜାରି ରଖିବାକୁ ପ୍ରଣବ ପରାମର୍ଶ ଦେଇଛନ୍ତି ।

# ଛାତ୍ରୀ ମୃତ୍ୟୁ ଘଟଣାର ତଦନ୍ତ କଲେ ଏସ୍‌ପି

ଭୁବନ,୧୬।୧(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟଣାର ଆରମ୍ଭ ହୋଇଛି ତଦନ୍ତ। ମଙ୍ଗଳବାର ଏସ୍‌ପି ମନୋରଞ୍ଜନ ମହାପାତ୍ର ଘଟଣାସ୍ଥଳରେ ଛାନଭିନ୍ କରିଛନ୍ତି। ସୋମବାର ହୋଇଥିବା ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଥିଲା। ଏହି ଅବସରରେ ଏକ ସାଇଣ୍ଟିଫିକ ଟିମ୍ ବିଭିନ୍ନ ନମୁନା ସଂଗ୍ରହ କରିଥିଲା। ପରେ ଛାତ୍ରୀଙ୍କ ମାମୁ ଘରକୁ ଏସ୍‌ପି ଓ ସାଇଣ୍ଟିଫିକ ଟିମ୍ ଯାଇ ତଦନ୍ତ କରିଥିଲେ। ତଦନ୍ତ ସମୟରେ କିଛି ତଥ୍ୟ ମିଳିଥିବାବେଳେ ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ କରାଯିବ ବୋଲି ଏସ୍‌ପି ପ୍ରକାଶ କରିଥିଲେ।

# ସେଲ୍ସମ୍ୟାନ୍‌ଙ୍କଠାରୁ ୧ ଲକ୍ଷ ୬୨ ହଜାର ଲୁଟ୍

କାମାକ୍ଷାନଗର,୧୬।୧(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମୁକ୍ତାପଶି ଡାକ୍ତରଖାନା ଛକ ନିକଟରୁ ମଙ୍ଗଳବାର ଅପରାହ୍ନରେ ଜଣେ ମେଡିସିନ ସେଲ୍ସମ୍ୟାନଙ୍କଠାରୁ ଲୁଟ୍ ହୋଇଛି। ୪ ଜଣ ଦୁର୍ବୃତ୍ତ ତାଙ୍କଠାରୁ ୧ଲକ୍ଷ ୬୨ ହଜାର ଟଙ୍କା ଲୁଟି ନେଇଛନ୍ତି। ଢେଙ୍କାନାଳର ଆର୍‌ଏସ୍ ଟ୍ରେଡର୍ସ ଓ ବି.କେ ଏଣ୍ଟର ପ୍ରାଇଜେସର ସେଲ୍ସମ୍ୟାନ ପ୍ରକାଶ ଚନ୍ଦ୍ର ବେହେରା ବିଭିନ୍ନ ମେଡିସିନ ଷ୍ଟୋର ଏବଂ ମୁକ୍ତାପଶିସ୍ଥିତ ଏକ ଔଷଧ ଦୋକାନରୁ ଅର୍ଥ ଆଦାୟ କରି ଫେରୁଥିବା ସମୟରେ ୨ଟି ବାଇକରେ ୪ ଜଣ ଦୁର୍ବୃତ୍ତ ଆସି ତାଙ୍କୁ ଅଟକାଇଥିଲେ। ପରେ ୨ ଜଣ ଦୁର୍ବୃତ୍ତ ପ୍ରକାଶଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ତାଙ୍କଠାରୁ ଟଙ୍କା ଓ ମୋବାଇଲ ଫୋନ ନେଇ ଫେରାର ହୋଇଯାଇଥିଲେ। ପ୍ରକାଶଙ୍କ ଅଭିଯୋଗକ୍ରମେ କାମାକ୍ଷାନଗର ପୋଲିସ୍ ନଂ.୩୦/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ସିଧା ପ୍ରସାରଣ ଦେଖିବାକୁ ଅନୁରୋଧ କଲେ ମୁଖ୍ୟ ଶାସନ ସଚିବ

## ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ

ଭୁବନେଶ୍ୱର, ୧୬।୧(ସୁନିତ୍ ମିଶ୍ର)

ପୁରୀଠାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ବୁଧବାର ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବିଭିନ୍ନ ରାଜ୍ୟରୁ ଅତିଥିମାନଙ୍କୁ ନିମନ୍ତ୍ରଣ କରାଯାଇଛି। ଉତ୍ସବରେ ଭକ୍ତ ତଥା ଜନସାଧାରଣ ଯେପରି ସାମିଲ ହୋଇ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତି ନିବେଦନ କରିପାରିବେ ତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାରକୁ ସରକାରୀ ଛୁଟି ଭାବେ ଘୋଷଣା କରିଛନ୍ତି। ତଦନୁଯାୟୀ ରାଜ୍ୟ ସରକାରଙ୍କ ପରିଚାଳନାଧୀନ ସମସ୍ତ ସରକାରୀ ଦପ୍ତର, ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ନିମନ୍ତେ ଛୁଟି ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କୁ ସାମାଜିକ ଗଣମାଧ୍ୟମ ଓ ବିଭିନ୍ନ ମାଧ୍ୟମରୁ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଏବଂ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ଲାଗି ଅନୁରୋଧ କରାଯାଇଛି। ଏ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ମଙ୍ଗଳବାର କହିଛନ୍ତି, ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କାର୍ଯ୍ୟକ୍ରମ ବିଭିନ୍ନ ବୈଦ୍ୟୁତିକ ଗଣମାଧ୍ୟମରେ ସିଧାପ୍ରସାରଣ ହେବ। ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ନିଜ ସ୍ତରରେ ମଧ୍ୟାହ୍ନ ୧୨ ଟାରୁ ଅପରାହ୍ନ ୩ ଘଣ୍ଟା ପର୍ଯ୍ୟନ୍ତ ନିଜ ଅନୁଷ୍ଠାନରେ ସିଧାପ୍ରସାରଣ ପ୍ରଦର୍ଶନର ସୁବ୍ୟବସ୍ଥା କରିବାକୁ ମୁଖ୍ୟ ଶାସନ ସଚିବ ଅନୁରୋଧ କରିଛନ୍ତି। ଏହାଦ୍ୱାରା ଅନୁଷ୍ଠାନଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀ, ଶିକ୍ଷକ, ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିବା ସହ ଏଥିରେ ନିଜକୁ ସାମିଲ କରିପାରିବେ। ସେହିପରି ମୁଖ୍ୟ ଶାସନ ସଚିବ ମଧ୍ୟ ଓଡ଼ିଶାର ସମସ୍ତ ଜନସାଧାରଣଙ୍କୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣର ସିଧା ପ୍ରସାରଣ କାର୍ଯ୍ୟକ୍ରମ ଦେଖି ପରୋକ୍ଷରେ ଏଥିରେ ସାମିଲହେବାକୁ ଅନୁରୋଧ କରିଛନ୍ତି।

# ପାହାଡ଼ରୁ ପଥର ଖସି ଶ୍ରମିକ ମୃତ

ଲକ୍ଷ୍ମୀପୁର, ୧୬।୧ (ଅନନ୍ତ ନାୟକ)

## କ୍ଷତିପୂରଣ ଦାବିକରି ପରିବାର ଲୋକଙ୍କ ପାଟିତୁଣ୍ଡ

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଲକ୍ଷ୍ମୀପୁର ପଞ୍ଚାୟତର ପଣସପୁଟ ଗ୍ରାମ ନିକଟରେ ମଙ୍ଗଳବାର ଏକ ଅଘଟଣ ଘଟିଛି। ବନ ବିଭାଗ ପକ୍ଷରୁ ଚାଲିଥିବା କାର୍ଯ୍ୟରେ ନିୟୋଜିତ ଜଣେ ଶ୍ରମିକ କାମ କରୁଥିବା ବେଳେ ପାହାଡ଼ରୁ ପଥର ଖସି ତାଙ୍କ ଉପରେ ପଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଛି। ସେ ହେଲେ ବିଟୁ ହିଡ୍ରେକା (୫୫)।

ଖବରରୁ ଜଣାପଡ଼ିଛି, ବିଟୁ ଲକ୍ଷ୍ମୀପୁର ବନାଞ୍ଚଳ ଅଧୀନରେ ଜଣେ ୱାଚର ରୂପେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ବିଭାଗ ପକ୍ଷରୁ ଏକ ଚେକ୍ ଡ୍ୟାମ୍ କାର୍ଯ୍ୟ ଚାଲିଥିଲା। ଏଥିରେ ବିଟୁଙ୍କ ସମେତ ଅନ୍ୟ ଶ୍ରମିକମାନେ କାମ କରୁଥିଲେ। ଚେକ୍‌ଡ୍ୟାମ୍‌ରେ ବ୍ୟବହାର କରିବାକୁ ପଥର ସଂଗ୍ରହ କରିବା ପାଇଁ ଶ୍ରମିକମାନେ ନିକଟସ୍ଥ ପାହାଡ଼କୁ ଯାଇଥିଲେ। ପାହାଡ଼ ଉପରୁ ପଥର ତଳକୁ ଗଡ଼େଇବା ସମୟରେ ପାହାଡ଼ ତଳେ ଥିବା ବିଟୁଙ୍କ ଉପରେ ପଥର ପଡ଼ିଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ତୁରନ୍ତ ତାଙ୍କୁ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରେଞ୍ଜର କୁମର ଖରା, ଫରେଷ୍ଟର ପୂର୍ଣ୍ଣଚନ୍ଦ୍ର କଲେକା ଓ ଗାର୍ଡ ତିରୁପତି ବାଲାଜୀ ଖରା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ବିଟୁଙ୍କ ପରିବାର ଲୋକେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ବିଭାଗୀୟ ଅଧିକାରୀଙ୍କ ନିକଟରେ କ୍ଷତିପୂରଣ ଦାବିକରି ପାଟିତୁଣ୍ଡ କରିଥିଲେ। ବିଭାଗ ପକ୍ଷରୁ ୨ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାକୁ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ପରେ ପରିବାର ଲୋକଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଫଳରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଲକ୍ଷ୍ମୀପୁର ପୋଲିସ ମୃତଦେହ ଜବତକରି ୨/୨୪ରେ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ରକ୍ତରଞ୍ଜିତ ହେଲା ଶୁଳିଆ ପୀଠ

## ପାରମ୍ପରିକ ରୀତିନୀତିରେ ସମ୍ପନ୍ନ ହେଲା ଶୁଳିଆ ପୂଜା



ଶୁଳିଆ ପୀଠରେ ପୂଜାର୍ଚ୍ଚନା ଚାଲିଛି।

ବଲାଙ୍ଗୀର/ଦେଓଗାଁ, ୧୬।୧
(ବୀରେନ୍ଦ୍ର କୁମାର ଝାଙ୍କର/କୃଷ୍ଣପ୍ରସାଦ ପାଣିଗ୍ରାହୀ)

ପୌଷଶୁକ୍ଳ ପ୍ରଥମ ମଙ୍ଗଳବାର ପ୍ରସିଦ୍ଧ ଶୁଳିଆ ଯାତ୍ରା ଅବସରରେ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଖଇରଗୁଡାସ୍ଥିତ ମୁଖ୍ୟ ଶୁଳିଆ ପୀଠ ବଡଖଳା, କୁମୁରିଆସ୍ଥିତ ସାନଖଳା ଓ ନୂଆଖଳାରେ ସହସ୍ରାଧିକ ସଂଖ୍ୟାରେ କୁକୁଡା, ଛେଳିମେଣ୍ଢା, ବତକ, ପାରା ଓ ପୋଢ଼ ବଳି ପଡିଛି। ସହସ୍ରାଧିକ ପଶୁପକ୍ଷୀଙ୍କ ରକ୍ତରେ ଭିଜିଛି ଶୁଳିଆ ପୀଠ। ସୋମବାର ରାତିରେ ନିଶିପୂଜା ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ସକାଳେ ବଡଖଳାଠାରେ ପାରମ୍ପରିକ ଶୁଳିଆ ପୂଜା ଆରମ୍ଭ ହୋଇଥିଲା। ଖଇରଗୁଡା ଗାଁରୁ ବରୁଆମାନେ ପାରମ୍ପରିକ ଢ଼ୋଲ, ନିଶାନ ବାଜା ସହ ପାଟବୁକା, ପାଟଟାଙ୍ଗି ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ଧରି ମୁଖ୍ୟପୀଠ ବଡଖଳାକୁ ଆସିଥିଲେ। ମୁଖ୍ୟ ପୂଜକ ସୋମନାଥ ଦେହେରିଆ ଦେବ ନିମନ୍ତ୍ରଣ ପରେ ସିଆଲପତ୍ର ପିନ୍ଧି ପାରମ୍ପରିକ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ସେହିପରି ସାନଖଳାରେ ମଧ୍ୟ ପୂଜା କାର୍ଯ୍ୟ ଅନୁରୂପ ଭାବେ ସମ୍ପନ୍ନ ହୋଇଥିଲା। ପରେ ବଡଖଳା, ସାନଖଳା ଓ ନୂଆଖଳାରେ ପାରମ୍ପରିକ ବଳି ଆରମ୍ଭ ହୋଇଥିଲା। ଅନେକ ଶ୍ରଦ୍ଧାଳୁ ନଡିଆ ଭୋଗ ଧରି ଉଭୟ ଖଳାରେ ଶୁଳିଆ ବୁଢ଼ାଙ୍କୁ ଦର୍ଶନ କରିଥିଲେ। ବଡଖଳା ପୀଠରେ ମୁଖ୍ୟ ପୂଜକ ସୋମନାଥ ଦେହେରିଆଙ୍କ ସମେତ ବରୁଆ ଅନନ୍ତ କୁଅଁର, ମଧୁବନ ଭୋଇ, ଜଗଦୀଶ କୁଅଁର, ନିରଞ୍ଜନ କୁଅଁର, ସ୍ୱପ୍ନ ମାଝି ଓ ସାନଖଳାରେ ମୁଖ୍ୟ ପୂଜକ ହରିହର ଝାଙ୍କର, ମାନଧାତା କୁଅଁର, ବରୁଆ ସମାରୁ ମାଝି, ଲଳିତ କୁଅଁର, ତପନ କୁଅଁର ସହଯୋଗ କରିଥିଲେ। ମିଳିତ ଶୁଳିଆ ଯାତ୍ରା ପୂଜା କମିଟି ସଭାପତି ମୟ ପ୍ରଧାନୀ, ସମ୍ପାଦକ ପ୍ରଭାତ କୁମାର ପାତ୍ର, ଉପସଭାପତି ଅନନ୍ତ ଚୌହାନ, ପ୍ରଫୁଲ୍ଲ ଦାସ, ସହସମ୍ପାଦକ ରାଜେନ୍ଦ୍ର ପାଣ ଓ ମହୋତ୍ସବ କମିଟି ସଦସ୍ୟ ସହଯୋଗ କରିଥିଲେ। ବଡଖଳାରେ ଦେଓଗାଁ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ ଓ ସାନଖଳାରେ ତୁଷୁରା ତହସିଲଦାର କର୍ଣ୍ଣ ମଲ୍ଲିକ ଏବଂ ନୂଆଖଳାରେ ପୁଇଁତଳା ଅତିରିକ୍ତ ତହସିଲଦାର ଦିଲ୍ଲୀପ ପାତ୍ର ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିଲେ।


## ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
## ଓଡ଼ିଶା ମଡ଼େଲ ଟ୍ରାଇବାଲ ଏଜୁକେଶନ ସୋସାଇଟି (OMTES), ଭୁବନେଶ୍ୱର
## KALINGA MODEL RESIDENTIAL SCHOOL (KMRS) AND BIJU PATTANAIK ADARSHA VIDYALAYA (BPAV) ନିମନ୍ତେ ଛାତ୍ରଛାତ୍ରୀଙ୍କର ନାମଲେଖା ଆବେଦନ ବିଜ୍ଞାପନ

No. CAD-3604: ଓଡ଼ିଶା ସରକାରଙ୍କର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ ୫ ଗୋଟି କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ (KMRS) ଏବଂ ଗୋଟିଏ ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ (BPAV) ପାଇଁ ଶିକ୍ଷା ବର୍ଷ ୨୦୨୪-୨୫ରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ନିମନ୍ତେ ପ୍ରବେଶିକା ପରୀକ୍ଷା ପାଇଁ ମେଧାବୀ ଛାତ୍ରଛାତ୍ରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଯୋଗ୍ୟ ତାଲିକା ଭିତ୍ତିରେ ପ୍ରତ୍ୟେକ ବିଦ୍ୟାଳୟରେ ୩୦ଜଣ ଛାତ୍ର ଓ ୩୦ଜଣ ଛାତ୍ରୀଙ୍କୁ ଗ୍ରହଣ କରାଯିବ। ସରକାରୀ ନିୟମ ଅନୁଯାୟୀ ଭିନ୍ନକ୍ଷମ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ସ୍ଥାନ ସଂରକ୍ଷିତ ରହିବ। ଯଦି ଭିନ୍ନକ୍ଷମ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ଆବେଦନ କରିନଥାନ୍ତି ତେବେ ଉକ୍ତ ସ୍ଥାନଗୁଡ଼ିକ ଅନ୍ୟ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ପୂରଣ କରାଯିବ।

ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୩୧।୦୧।୨୦୨୪। ଉପରୋକ୍ତ ବର୍ଗର ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ଦିଆଯାଇଥିବା ଆବେଦନ ପତ୍ରକୁ ସାଦା କାଗଜରେ ପୂରଣ କରି ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ନିକଟକୁ ପଠାଇବା ଆବଶ୍ୟକ। ନିର୍ଦ୍ଧାରିତ ତାରିଖ ପରେ ମିଳିଥିବା ଦରଖାସ୍ତ ବିଚାରକୁ ନିଆଯିବ ନାହିଁ। ଆବେଦନ ପତ୍ର ତଥା ତତ୍‌ସମ୍ବନ୍ଧୀୟ ସବିଶେଷ ବିବରଣୀ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ୱେବସାଇଟ୍: **www.stscodisha.gov.in/** ଓଡ଼ିଶା ମଡ଼େଲ ଟ୍ରାଇବାଲ ଏଜୁକେଶନ ସୋସାଇଟି (OMTES)ର ୱେବସାଇଟ୍ **www.omtes.org**ରୁ ପାଇପାରିବେ। ଚୟନ ପ୍ରକ୍ରିୟା ସମ୍ବନ୍ଧରେ ଆବେଦନକାରୀଙ୍କୁ ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯିବ।

| କ୍ରମିକ ସଂଖ୍ୟା | ବିଦ୍ୟାଳୟଗୁଡ଼ିକର ନାମ ଏବଂ ଠିକଣା | ବିଭିନ୍ନ ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନ ସଂଖ୍ୟା | | ଦରଖାସ୍ତ ଜମା କରିବା ସ୍ଥାନ ଏବଂ ଠିକଣା |
|---|---|---|---|---|
| | | ବାଳକ | ବାଳିକା | |
| ୧ | କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ, ବାଲିମେଳା, କୋରକୁଣ୍ଡା, ମାଲକାନଗିରି | ଅନୁସୂଚିତ ଜନଜାତି – ୨୫<br>ଆଦିମ ଜନଜାତି – ୦୨<br>ଅନୁସୂଚିତ ଜାତି – ୦୩ | ଅନୁସୂଚିତ ଜନଜାତି – ୨୫<br>ଆଦିମ ଜନଜାତି – ୦୨<br>ଅନୁସୂଚିତ ଜାତି – ୦୩ | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ମାଲକାନଗିରି |
| ୨ | କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ, ରାଇକିଆ, କନ୍ଧମାଳ | ଅନୁସୂଚିତ ଜନଜାତି – ୨୫<br>ଆଦିମ ଜନଜାତି – ୦୨<br>ଅନୁସୂଚିତ ଜାତି – ୦୩ | ଅନୁସୂଚିତ ଜନଜାତି – ୨୫<br>ଆଦିମ ଜନଜାତି – ୦୨<br>ଅନୁସୂଚିତ ଜାତି – ୦୩ | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, କନ୍ଧମାଳ |
| ୩ | କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ, ଖଜୁରୀପଡ଼ା, କନ୍ଧମାଳ | ଅନୁସୂଚିତ ଜନଜାତି – ୨୫<br>ଆଦିମ ଜନଜାତି – ୦୨<br>ଅନୁସୂଚିତ ଜାତି – ୦୩ | ଅନୁସୂଚିତ ଜନଜାତି – ୨୫<br>ଆଦିମ ଜନଜାତି – ୦୨<br>ଅନୁସୂଚିତ ଜାତି – ୦୩ | |
| ୪ | କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ, ଉମରକୋଟ, ନବରଙ୍ଗପୁର | ଅନୁସୂଚିତ ଜନଜାତି – ୨୫<br>ଆଦିମ ଜନଜାତି – ୦୨<br>ଅନୁସୂଚିତ ଜାତି – ୦୩ | ଅନୁସୂଚିତ ଜନଜାତି – ୨୫<br>ଆଦିମ ଜନଜାତି – ୦୨<br>ଅନୁସୂଚିତ ଜାତି – ୦୩ | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ନବରଙ୍ଗପୁର |
| ୫ | କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ, ମହେନ୍ଦ୍ରଗଡ଼, ଗଜପତି | ଅନୁସୂଚିତ ଜନଜାତି – ୨୫<br>ଆଦିମ ଜନଜାତି – ୦୨<br>ଅନୁସୂଚିତ ଜାତି – ୦୩ | ଅନୁସୂଚିତ ଜନଜାତି – ୨୫<br>ଆଦିମ ଜନଜାତି – ୦୨<br>ଅନୁସୂଚିତ ଜାତି – ୦୩ | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ଗଜପତି |
| ୬ | ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ, କନିସି, ବରହମପୁର, ଗଞ୍ଜାମ | ଅନୁସୂଚିତ ଜନଜାତି – ୫୦<br>ଆଦିମ ଜନଜାତି – ୦୪<br>ଅନୁସୂଚିତ ଜାତି – ୦୬ | ଅନୁସୂଚିତ ଜନଜାତି – ୫୦<br>ଆଦିମ ଜନଜାତି – ୦୪<br>ଅନୁସୂଚିତ ଜାତି – ୦୬ | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ଛତ୍ରପୁର, ଗଞ୍ଜାମ |

**ବିଶେଷ ଦ୍ରଷ୍ଟବ୍ୟ:** (୧) ଏଠାରେ ସୂଚାଇ ଦିଆଯାଉଛି ଯେ, ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀମାନେ ସେମାନଙ୍କର ଜାତିଗତ ପ୍ରମାଣପତ୍ରର ନକଲ ଦରଖାସ୍ତରେ ସଂଲଗ୍ନ କରି ଆବେଦନ କରିବେ।

Sd./- ନିର୍ଦ୍ଦେଶକ (ଅନୁସୂଚିତ ଜନଜାତି)
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

OIPR-26009/11/0006/2324


# ଭାଜପାରେ ଯୋଗଦେଲେ ଢେଙ୍କାନାଳ, ଅନୁଗୋଳର ବିଜେଡି, କଂଗ୍ରେସ ନେତା

ଭୁବନେଶ୍ୱର, ୧୬।୧(ସୁନିତ୍ ମିଶ୍ର)

ଢେଙ୍କାନାଳ ଜିଲା କାମାକ୍ଷାନଗର ନିର୍ବାଚନମଣ୍ଡଳୀର ପୂର୍ବତନ ବ୍ଲକ୍ ସଭାପତି ଲଳିତ ସାହୁଙ୍କ ନେତୃତ୍ୱରେ ବିଜେଡି ନେତା ତଥା ସରପଞ୍ଚ ଶିଶିରକାନ୍ତ ବେହେରା, ଧଳା ବରାଳ, ରାଜେନ୍ଦ୍ର ବରାଳ, ଦିଲୀପ କୁମାର ସାହୁ, ପୂର୍ବତନ କାଉନସିଲର ଅରୁଣ କୁମାର ସାହୁ, ଭୀମସେନ ମହନ୍ତ, ତାରକେଶ୍ୱର ଜେନା ପ୍ରମୁଖ ମଙ୍ଗଳବାର ଆନୁଷ୍ଠାନିକଭାବେ ଭାଜପାରେ ଯୋଗଦେଇଛନ୍ତି। ସେହିପରି ଅନୁଗୋଳ ଜିଲାର ବିଜେଡି ନେତା ହାଡ଼ିବନ୍ଧୁ ଦେହୁରୀଙ୍କ ନେତୃତ୍ୱରେ ଅବନିକାନ୍ତ ପ୍ରଧାନ, ସସ୍ମିତ ସ୍ୱାଇଁ, ଗୌରାଙ୍ଗ ସାହୁ, ରାଜକିଶୋର ସାହୁ, ମାୟାଧର ଦାସ ଏବଂ ବଅଁରପାଳ ବ୍ଲକର ବରିଷ୍ଠ କଂଗ୍ରେସ ନେତା ଦିଲୀପ କୁମାର ରାଉତ, ବିଜେଡି ନେତା ବତ୍ସଳ ସାମଲ, ଜୟନ୍ତ ସାମଲ, ଜ୍ୟୋତିରଞ୍ଜନ ସାମଲ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ଏଥିସହିତ ଢେଙ୍କାନାଳ ଜିଲାର ଚିକିତ୍ସକ ବିଶ୍ୱଜିତ ନନ୍ଦ ଏବଂ ଅନୁଗୋଳ ଜିଲା ବାସିନ୍ଦା ସାମାଜିକ କର୍ମୀ ସୁକୁମାର ସାହୁ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ଏମାନେ ଭାଜପାରେ ଯୋଗଦେଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାତମୁଠାକୁ ଟାଣ କରିବା ପାଇଁ ବିଭିନ୍ନ ଦଳର କାର୍ଯ୍ୟକର୍ତ୍ତାମାନେ ଭାଜପାରେ ଯୋଗଦେଉଥିବା ଧର୍ମେନ୍ଦ୍ର କହିଛନ୍ତି।

# ୨୨ତାରିଖକୁ ସର୍ବସାଧାରଣ ଛୁଟି ଘୋଷଣା କରାଯାଉ

ଭୁବନେଶ୍ୱର, ୧୬।୧(ସୁନିତ୍ ମିଶ୍ର)

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିରୋଧୀ ଦଳ ନେତା

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବକୁ ଅଧିକ ଉତ୍ସବମୁଖର କରିବା ଲାଗି ରାଜ୍ୟ ସରକାର ବୁଧବାର ସବୁ ସରକାରୀ କାର୍ଯ୍ୟାଳୟ, ସ୍କୁଲ ଓ କଲେଜକୁ ଛୁଟି ଘୋଷଣା କରିଛନ୍ତି। ହଜାର ହଜାର ସଂଖ୍ୟାରେ ଜନସାଧାରଣ ଯେପରି ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେବେ ସେଥିନେଇ ସରକାରଙ୍କ ପକ୍ଷରୁ ବହୁ ପ୍ରକାର ବ୍ୟବସ୍ଥା କରାଯାଉଛି। ତେବେ ଏସବୁ ଭିତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଙ୍ଗଳବାର ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଚିଠି ଲେଖିଛନ୍ତି। ସେ ତାଙ୍କ ଚିଠିରେ ଆସନ୍ତା ୨୨ ତାରିଖକୁ ସର୍ବସାଧାରଣ ଛୁଟି ଘୋଷଣା କରିବା ଲାଗି ଅନୁରୋଧ କରିଛନ୍ତି। ସେ ଆହୁରି ଉଲ୍ଲେଖ କରିଛନ୍ତି, ଆସନ୍ତା ୨୨ରେ ରାମମନ୍ଦିର ପ୍ରତିଷ୍ଠା ସାଙ୍ଗକୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ରହିଛି। ଶ୍ରୀରାମ ହେଉଛନ୍ତି ହିନ୍ଦୁମାନଙ୍କ ଆସ୍ଥାର ପ୍ରତୀକ। ଦେଶର ପ୍ରତ୍ୟେକ ବ୍ୟକ୍ତି ଏହି କାର୍ଯ୍ୟକ୍ରମର ଜଣେ ଜଣେ ଅଂଶୀଦାର। ଏହି ଦିନଟି ଓଡ଼ିଶା ଲୋକଙ୍କ ପାଇଁ ଉତ୍ସାହ ଓ ଉତ୍ସବର ଦିନ। ତେଣୁ ୨୨ ତାରିଖକୁ ସର୍ବସାଧାରଣ ଛୁଟି ଘୋଷଣା କରାଗଲେ ଶ୍ରୀରାମଙ୍କ ଭକ୍ତମାନେ କାର୍ଯ୍ୟକ୍ରମରେ ଭାଗନେଇପାରିବେ।

# ୩ ବର୍ଷ ଗୋଟିଏ ସ୍ଥାନରେ ଥିବା ଅଧିକାରୀଙ୍କୁ ତୁରନ୍ତ ବଦଳି କର: ଭାଜପା

ଭୁବନେଶ୍ୱର, ୧୬।୧(ସୁନିତ୍ ମିଶ୍ର)

୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଗୋଟିଏ ସ୍ଥାନରେ ଅବସ୍ଥାପିତ ଥିବା ଜିଲାପାଳ, ଏସ୍‌ପି, ସିଡିପିଓ, ବିଡିଓ, ତହସିଲଦାରଙ୍କ ଭଳି ସରକାରୀ ଅଧିକାରୀଙ୍କୁ ତୁରନ୍ତ ସ୍ଥାନାନ୍ତର କରାଯାଉ। ଏପରିକି ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ସରକାରୀ ଅଧିକାରୀମାନେ ନିଜ ଜିଲାରେ ମଧ୍ୟ ଅବସ୍ଥାପିତ ହୋଇପାରିବେ ନାହିଁ। ଏହି ପରିପ୍ରେକ୍ଷୀରେ ଗତ ଡିସେମ୍ବର ୨୧ରେ ଜାତୀୟ ମୁଖ୍ୟ ନିର୍ବାଚନ କମିଶନ ଏକ ନିର୍ଦ୍ଦେଶନାମା ଜାରିକରି ଆସନ୍ତା ଜାନୁଆରୀ ୩୧ ସୁଦ୍ଧା ସେମାନଙ୍କୁ ବଦଳିକରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ଜାରି ହେବାର ପାଖାପାଖି ମାସେ ବିତିବାକୁ ବସିଥିବାବେଳେ ଏ ପର୍ଯ୍ୟନ୍ତ ପ୍ରକ୍ରିୟା ଆରମ୍ଭ କରିନାହାନ୍ତି।। ତେଣୁ ଯଥାଶୀଘ୍ର ଯେଉଁମାନେ ୩ ବର୍ଷରୁ ଅଧିକ ଦିନ ରହିଲେଣି ସେମାନଙ୍କୁ ତୁରନ୍ତ ବଦଳି କରାଯାଉ ବୋଲି ଭାଜପା ରାଜ୍ୟ ଉପସଭାପତି ଲେଖାଶ୍ରୀ ସାମନ୍ତସିଂହାର ଦାବି କରିଛନ୍ତି। ଏହା ସହ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ ନ କଲେ ଖୁବ୍‌ଶୀଘ୍ର 'ଦୀର୍ଘବର୍ଷ ଧରି ଅବସ୍ଥାପିତ ଥିବା ଅଧିକାରୀଙ୍କ ତାଲିକା' ସହ ଧାରଣା ଦଳ ପକ୍ଷରୁ ଦିଆଯିବ ବୋଲି ଲେଖାଶ୍ରୀ କହିଛନ୍ତି। ଭାଜପା ଅଭିଯୋଗ କରି କହିଛି, ନିର୍ବାଚନ ସମୟରେ ସରକାରୀ କଳ, ପୋଲିସ ପ୍ରଶାସନ, ସାମ୍ବିଧାନିକ ବିଧି ବ୍ୟବସ୍ଥା ଏବଂ ଅନୁଷ୍ଠାନଗୁଡ଼ିକୁ ବ୍ୟବହାରକରି ଶାସକ ବିଜେଡି ନିଜ ସପକ୍ଷରେ ଜନମତ ବିଭ୍ରାନ୍ତ କରିବାର ବହୁ ପ୍ରମାଣ ରହିଛି। ଆଗକୁ ୨୦୨୪ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ନିର୍ବାଚନ କମିଶନଙ୍କ ଦାୟିତ୍ୱ ନିର୍ବାଚନ ପରିଚାଳନାକୁ ଅବାଧ ଓ ନିରପେକ୍ଷ କରାଇବା। ରାଜ୍ୟ ସରକରଙ୍କ ଦାୟିତ୍ୱ ହେଉଛି ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପାଳନ କରିବା। ଗୋଟିଏ ସ୍ଥାନରେ ଏବଂ ଗୋଟିଏ ପଦରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଆସୁଥିବା କେତେକ ଅଧିକାରୀଙ୍କୁ ଶାସକ ଦଳ ଜାଣିଶୁଣି ସେମାନଙ୍କୁ ବଦଳି କରୁନାହିଁ। ଏହାଦ୍ୱାରା ଅବାଧ ଓ ନିରପେକ୍ଷ ନିର୍ବାଚନ ଅସମ୍ଭବ ବୋଲି ଭାଜପା କହିଛି।


## ପୂର୍ବତଟ ରେଳପଥ

Tender Notice No.: 46-SBP-TRD-OT-2023-24
ତା.29.12.2023

**କାର୍ଯ୍ୟର ନାମ:** ୨ ବର୍ଷର ଅବଧି ନିମନ୍ତେ, ସମ୍ବଲପୁର ମଣ୍ଡଳର ଖରିଆର ରୋଡ଼ ଡିପୋ (ବାଗବାହରା-ହରିଶଙ୍କର ରୋଡ଼ (Ex), ରେଢ଼ାଖୋଲ ଡିପୋ (ଯୁଯୁମୁରା (Ex)- ସରଗିପାଲି (Ex) ଏବଂ ଭବାନୀପାଟଣା ଡିପୋ (ଲାଞ୍ଜିଗଡ଼ ରୋଡ଼ (Ex) - କୁନାଗଡ଼ ରୋଡ଼) ସେକ୍ସନ୍‌ରେ OHE ରକ୍ଷଣାବେକ୍ଷଣ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ଟ.1,64,56,560.74
EMD: ଟ.2,32,300/-
ଟେଣ୍ଡର କାଗଜାତ ମୂଲ୍ୟ : 5,900/-
କାର୍ଯ୍ୟ ସମାପ୍ତିର ଅବଧି : 24 (ଚବିଶ) ମାସ
**ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :**
ତା.22.01.2024 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍: www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୫ ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ୱେବ୍‌ସାଇଟ୍ : www.ireps.gov.in

ବରିଷ୍ଠ ମଣ୍ଡଳ ଇଲେକ୍ଟ୍ରିକାଲ ଇଞ୍ଜିନିୟର (TRD)
ସମ୍ବଲପୁର
PR-990/O/23-24

## ପୂର୍ବ ତଟ ରେଳପଥ

(1) ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2024-T-190
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଲଖୋଲୀ-ଟିଟିଲାଗଡ଼ ସେକ୍ସନରେ ଲେଭଲ୍ କ୍ରସିଙ୍ଗ ନଂ. RV-34 ଠାରେ ପଦଯାତ୍ରୀ ଏବଂ ଦୁଇ ଚକିଆ ଗାଡ଼ି ନିମନ୍ତେ 6 ମିଟର ପ୍ରସ୍ଥ ବିଶିଷ୍ଟ ର୍‍ୟାମ୍ପ ସହିତ ଫୁଟ ଓଭର ବ୍ରିଜ୍/ଲାଇଟ୍ ରୋଡ଼ ଓଭର ବ୍ରିଜ୍‌ର ନିର୍ମାଣ ସମ୍ବନ୍ଧୀୟ ବୈଦ୍ୟୁତିକ କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 3,89,192.21, EMD : ₹ 7,800/-

(2) ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2024-T-191
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଆୟଦୋଳା ଷ୍ଟେସନରେ 04 ୟୁନିଟ୍ ଟାଇପ୍-II ଷ୍ଟାଫ୍ କ୍ୱାର୍ଟରଗୁଡ଼ିକର ନିର୍ମାଣ ସମ୍ବନ୍ଧୀୟ ବୈଦ୍ୟୁତିକ କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 6,79,396.64, EMD : ₹ 13,600/-

(3) ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2024-T-192
**କାର୍ଯ୍ୟର ନାମ :** ସମ୍ବଲପୁର କୋଚିଙ୍ଗ୍ ଠାରେ LHB କୋଚ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ନିମନ୍ତେ ଭିତ୍ତିଭୂମିର ଉନ୍ନୟନ ସମ୍ବନ୍ଧୀୟ ବୈଦ୍ୟୁତିକ କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 3,91,860.70, EMD : ₹ 7,800/-

କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ 6 (ଛଅ) ମାସ (ସମସ୍ତ କ୍ରମ ସଂ. ପାଇଁ)

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.12.02.2024ରିଖ 1500 ଘଟିକାରେ (କ୍ରମ ସଂ. 1 ନିମନ୍ତେ), ତା.26.02.2024ରିଖ 1500 ଘଟିକାରେ (କ୍ରମ ସଂ. 2 ନିମନ୍ତେ) ଏବଂ ତା.19.02.2024ରିଖ 1500 ଘଟିକାରେ (କ୍ରମ ସଂ. 3 ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/
ସମ୍ବଲପୁର
PR-982/O/23-24



## ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ

ଶିକ୍ଷା ସୌଧ, ୟୁନିଟ୍-୫, ଭୁବନେଶ୍ୱର-୭୫୧୦୦୧

ସଂଖ୍ୟା : ୯୨୭ ତାରିଖ: ୧୬।୦୧।୨୪

DSPL-548

**କନିଷ୍ଠ ଶିକ୍ଷକ (Schematic)-2023 ପାଇଁ ଆବେଦନ କରି Computer Based Test(CBT) ପରୀକ୍ଷାରେ ସଫଳ ହୋଇଥିବା ପ୍ରାର୍ଥୀ ଓ ପ୍ରାର୍ଥିନୀ ମାନଙ୍କ ନିମନ୍ତେ ବିଶେଷ ସୂଚନା !**

ରାଜ୍ୟ ସରକାରଙ୍କର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର Resolution No.20336 dtd.22.08.2023 ଅନୁଯାୟୀ ୨୦,୦୦୦ କନିଷ୍ଠ ଶିକ୍ଷକ (Schematic)-2023 ନିଯୁକ୍ତ ନିମନ୍ତେ ତା. ୧୫.୦୧.୨୦୨୪ରିଖରେ କନିଷ୍ଠ ଶିକ୍ଷକ (Schematic)-2023 ପାଇଁ Computer Based Test(CBT) ପରୀକ୍ଷା ହୋଇଥିବାର ଫଳାଫଳ (Provisional Draft Merit List) ଓସେପା ୱେବ ସାଇଟ୍ osepa.odisha.gov.in ରେ ପ୍ରକାଶିତ ହୋଇଯାଇଛି ।

- ସମସ୍ତ Computer Based Test(CBT) ପରୀକ୍ଷା ଦେଇଥିବା ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କୁ ଅବଗତି ନିମନ୍ତେ ଜଣାଇଦିଆଯାଉଛି କି ସେମାନେ ସେମାନଙ୍କର Roll Number ଓ Application ID ଦେଇ ଓସେପା ୱେବ ସାଇଟ୍ osepa.odisha.gov.in ରେ ନିଜନିଜର Result Search କରନ୍ତୁ ଏବଂ ଆବଣ୍ଟିତ ହୋଇଥିବା ଜିଲ୍ଲାର ନାମକୁ ପରଖି ନିଅନ୍ତୁ ।
- Original document verification ପ୍ରାର୍ଥୀ ଏବଂ ପ୍ରାର୍ଥିନୀମାନଙ୍କ ଆବଣ୍ଟିତ ଜିଲ୍ଲାସ୍ତରରେ ଅନୁଷ୍ଠିତ ହେବ । Category-I ର ସମସ୍ତ ବର୍ଗର ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କ ନିମନ୍ତେ ତା୨୦.୦୧.୨୦୨୪ରିଖରେ Original document verification କରାଯିବ ଓ ସେହିଭଳି Category-II ର ସମସ୍ତ ବର୍ଗର ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କ ନିମନ୍ତେ ତା ୨୧.୦୧.୨୦୨୪ରିଖରେ Original document verification କରାଯିବ ।
- ଏ ସମ୍ବନ୍ଧୀୟ ସବିଶେଷ ସୂଚନା ଓସେପା ୱେବ ସାଇଟ୍ osepa.odisha.gov.in ରେ ଦିଆଯାଇଅଛି । ଆଗକୁ ଯେଉଁ ସବୁ ସୂଚନା ଦିଆଯିବ ତାହା ବି ଓସେପା ୱେବ ସାଇଟ୍‌ରେ ଉପଲବ୍ଧ ହେବ ।
- Document verification ସମୟରେ ଆପଣମାନେ ଆପଣଙ୍କର ବୈଧ ପ୍ରମାଣପତ୍ର ଗୁଡ଼ିକୁ ଯାଞ୍ଚ ଅଧିକାରୀଙ୍କୁ ଦେଖାଇବେ ଏବଂ ସମସ୍ତ ପ୍ରମାଣପତ୍ରର ଏକ ସେଟ୍ Xerox copy self-attested କରି ଯାଞ୍ଚ ଅଧିକାରୀଙ୍କୁ ପ୍ରଦାନ କରିବେ । ଏତଦ୍ବ୍ୟତୀତ ୨ ଗୋଟି recent passport size photo ମଧ୍ୟ ପ୍ରଦାନ କରିବେ ।
- ନିର୍ଦ୍ଧାରିତ ଦିନମାନଙ୍କରେ ସମସ୍ତେ ନିଜ ନିଜର Original Certificate ଗୁଡ଼ିକୁ ଯାଞ୍ଚ କରାଇ ନେବେ । ଧାର୍ଯ୍ୟ ଦିବସରେ ଯଦି କୌଣସି ପ୍ରାର୍ଥୀ ଓ ପ୍ରାର୍ଥିନୀ ଅନୁପସ୍ଥିତ ରହନ୍ତି, ତେବେ ତାଙ୍କର ପ୍ରାର୍ଥୀତ୍ୱକୁ ବିଚାରକୁ ନିଆଯିବ ନାହିଁ ଓ ତାଙ୍କର ନାମକୁ Provisional Draft Merit List ରୁ ବାଦ ଦିଆଯିବ । ଏଥିପାଇଁ ଅନ୍ୟ କୌଣସି ଦିନ ଧାର୍ଯ୍ୟ କରାଯିବ ନାହିଁ ।
- Original Document verification ସମ୍ବନ୍ଧୀୟ ସବିଶେଷ ତଥ୍ୟ ପାଇଁ ଓସେପା ୱେବ ସାଇଟ୍ osepa.odisha.gov.in ରେ ଦିଆଯାଇଥିବା Link Recruitment of Junior Teacher (Schematic)-2023 କୁ click କରନ୍ତୁ ।
- ଉପରୋକ୍ତ ପ୍ରକ୍ରିୟା ନିମନ୍ତେ କୌଣସି ପତ୍ର ବିନିମୟ ହେବ ନାହିଁ କିମ୍ବା ଯଦି କୌଣସି ପ୍ରାର୍ଥୀ ଓ ପ୍ରାର୍ଥିନୀ ଧାର୍ଯ୍ୟ ଦିବସ ପରେ ଯାଞ୍ଚ ପାଇଁ ଅନୁରୋଧ କରନ୍ତି, ତେବେ ତାଙ୍କର ଅନୁରୋଧକୁ ଗ୍ରହଣ କରାଯିବ ନାହିଁ ।
- ଏହି ନିଯୁକ୍ତି ପ୍ରକ୍ରିୟା ସ୍ୱଚ୍ଛ ଓ ସମ୍ପୂର୍ଣ୍ଣ ରୂପେ ନିରପେକ୍ଷ ଭାବରେ ସଂପାଦନ ହେଉଅଛି ।
- ଯଦି ଆପଣମାନଙ୍କୁ କୌଣସି ବ୍ୟକ୍ତି ବିଶେଷ ମିଥ୍ୟା ପ୍ରଲୋଭନ, ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦିଅନ୍ତି ଓ ଏଥିପାଇଁ ଟଙ୍କା ଦାବୀ କରନ୍ତି କିମ୍ବା ପ୍ରବର୍ତ୍ତାଇଥାନ୍ତି, ତାହା ହେଲେ ଆପଣମାନେ ତୁରନ୍ତ ନିକଟସ୍ଥ ପୋଲିସ୍ ଷ୍ଟେସନ ସହିତ ଯୋଗାଯୋଗ କରନ୍ତୁ । ଏ ସମ୍ବନ୍ଧରେ ସମସ୍ତ ପୋଲିସ୍ ଷ୍ଟେସନକୁ ସୂଚିତ କରାଯାଇଛି ।
- ତେଣୁ ସମସ୍ତଙ୍କୁ ବିଶେଷ ଅନୁରୋଧ କରାଯାଉଅଛି କି ଯେ, ଓସେପା ୱେବ ସାଇଟ୍ osepa.odisha.gov.in ରେ ଉପଲବ୍ଧ Draft Provisional Merit List କୁ ଭଲ ଭାବରେ Search କରାଇ ନିଅନ୍ତୁ ଓ ଧାର୍ଯ୍ୟ ଦିବସରେ ଉପସ୍ଥିତ ରହି ନିଜ ନିଜର Original Certificate ଯାଞ୍ଚ କରାଇ ନିଅନ୍ତୁ ।

ଆସନ୍ତୁ, ଆମେ ସାବଧାନ ହେବା, ଏକ ସ୍ୱଚ୍ଛ ଓ ନିରପେକ୍ଷ ନିଯୁକ୍ତି ପ୍ରକ୍ରିୟାରେ ଅଂଶୀଦାର ହେବା ଓ ସବିଶେଷ ସୂଚନା ପାଇଁ ଅବିରତ ଭାବେ OSEPA website କୁ ସଦାସର୍ବଦା login କରିବା ।

ସ୍ୱା/-
ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ
ଓସେପା

OIPR-27068/13/0048/2324





ପରିକ୍ରମା ପ୍ରକଳ୍ପ ନିମନ୍ତେ ପୁରୀ ବଡ଼ଦାଣ୍ଡକୁ ମଙ୍ଗଳବାର ରଙ୍ଗିନ୍ ଆଲୋକରେ ସଜାଯାଇଛି।

## ପରିକ୍ରମା ପ୍ରକଳ୍ପର ମିନି ମଡେଲ ପ୍ରସ୍ତୁତ

**ପୁରୀ,୧୬।୧(ଅଜିତ୍ ମହାନ୍ତି):** ଭକ୍ତମାନେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଛୋଟ କଳାକୃତିକୁ ଦେଖିପାରିବେ। ଏଥିନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଶ୍ରୀଜଗନ୍ନାଥ ବଲ୍ଲଭ ପରିସରରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଏକ ଛୋଟ କଳାକୃତି ସ୍ଥାପିତ କରାଯାଇଛି। ଏହି କଳାକୃତି ପ୍ରାୟ ୧୫ ଫୁଟ ବ୍ୟାସାର୍ଦ୍ଧରେ ସ୍ଥାନ ପାଇଛି। ମୁମ୍ବାଇରୁ ଆସିଥିବା କାରିଗରମାନେ ଏହି କଳାକୃତିକୁ କାର୍ଡ ବୋର୍ଡ ସାହାଯ୍ୟରେ ପ୍ରସ୍ତୁତ କରିଛନ୍ତି। ସେହିପରି ଶଙ୍ଖ ନିର୍ମାଣ କରାଯାଇଛି। ଉକ୍ତ ଶଙ୍ଖଗୁଡ଼ିକରେ ଶ୍ରୀବିଗ୍ରହମାନଙ୍କ ସହ ବିଭିନ୍ନ ଦେବଦେବୀ ଓ ଭିନ୍ନ ଭିନ୍ନ କଳା ସ୍ଥାପତ୍ୟକୁ ସ୍ଥାପିତ କରାଯାଇଛି।

# ପୋଲିସ ପକ୍ଷରୁ କାର୍‌କେଡ୍ ରିହର୍ସାଲ୍



**ପୁରୀ,୧୬।୧(ଅଜିତ୍ ମହାନ୍ତି)**

ଆଉ କିଛି ଘଣ୍ଟା ପରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଉତ୍ସବରେ ଯୋଗଦେଇ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରକଳ୍ପକୁ ଲୋକାର୍ପଣ କରିବେ। ଏହାପୂର୍ବରୁ ମଙ୍ଗଳବାର ପୋଲିସ ପକ୍ଷରୁ କାର୍‌କେଡ୍ ରିହର୍ସାଲ୍ କରାଯାଇଛି। ହେଲିପ୍ୟାଡ୍‌ଠାରୁ ଆରମ୍ଭ କରି ଶ୍ରୀସେତୁ, ଶ୍ରୀଜଗନ୍ନାଥ ବଲ୍ଲଭ ପିଲିଗ୍ରୀମ୍ ସେଣ୍ଟର ଏବଂ ଶ୍ରୀମାର୍ଗ ରାସ୍ତା ସହ ଯଜ୍ଞମଣ୍ଡପ, ଫଳକ ଉନ୍ମୋଚନ ସ୍ଥାନରେ ଏହି ରିହର୍ସାଲ୍ କରାଯାଇଛି। ମୁଖ୍ୟମନ୍ତ୍ରୀ ଜଗନ୍ନାଥ ବଲ୍ଲଭ ପିଲିଗ୍ରୀମ୍ ସେଣ୍ଟରଠାରେ ପହଞ୍ଚିବା ପରେ ବ୍ୟାଟେରିଚାଳିତ ଗାଡ଼ି ଯୋଗେ ଯଜ୍ଞସ୍ଥଳକୁ ଆସିବେ। ତେଣୁ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ, ଏସ୍‌ପି ଡ. କନୱର ବିଶାଳ ସିଂ, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀମାନଙ୍କ ଉପସ୍ଥିତିରେ କାରିକେଡ ରିହର୍ସାଲ୍ କରାଯାଇଛି। ଶ୍ରୀକ୍ଷେତ୍ରରେ ବ୍ଲାଙ୍କେଟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୮୦ ପ୍ଲାଟୁନ ପୋଲିସ ଫୋର୍ସ ସହ ଫେସ୍ ରିଡିଂ କ୍ୟାମେରା, କେ-୯ ସିକ୍ୟୁରିଟି ସହ ବଛା ବଛା ବରିଷ୍ଠ ପୋଲିସ ଅଧିକାରୀମାନେ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ସେହିପରି ବୋମା ନିଷ୍କ୍ରିୟ ଟିମ୍ ମଧ୍ୟ ସଜାଗ ରହିବେ। କେନ୍ଦ୍ରାଞ୍ଚଳ ଆଇଜି ଆଶିଷ କୁମାର ସିଂହ କହିଛନ୍ତି, ୪ ଥାକିଆ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ବାହ୍ୟ ସ୍ଥାନ, ଶ୍ରୀମାର୍ଗ, ଶ୍ରୀସେତୁ ଆଦିକୁ ୪ଟି ଭାଗରେ ବିଭକ୍ତ କରାଯାଇଛି।

# ପରିକ୍ରମା ଲୋକାର୍ପଣର ନୀତି ନିର୍ଘଣ୍ଟ

**ପୁରୀ,୧୬।୧(ଅଜିତ୍ ମହାନ୍ତି)**

ମୁଖ୍ୟମନ୍ତ୍ରୀଙ୍କ ଡ୍ରିମ୍ ପ୍ରେଜେକ୍ଟ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବାକୁ ଯାଉଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗଜପତି ମହାରାଜା ଯଜ୍ଞରେ ପୂର୍ଣ୍ଣାହୁତି ଦେବାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରକଳ୍ପକୁ ଲୋକାର୍ପଣ କରିବେ। ଏନେଇ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ କରାଯାଇଛି। ସକାଳ ୭ଟା ୩୦ରୁ ଅପରାହ୍ଣ ୧ଟା ମଧ୍ୟରେ ସୂର୍ଯ୍ୟପୂଜା, ଧରିତ୍ରୀପୂଜା, ଗୋପୂଜା, ଶାଳା ପ୍ରବେଶ, ପଞ୍ଚକର୍ମ, ମଣ୍ଡଳପୂଜା, ହବନ, ଆରତି, ପୁଷ୍ପାଞ୍ଜଳି, ପ୍ରଦକ୍ଷିଣ ସହ ଦିନତମାମ ଶ୍ରୀମନ୍ଦିର ଚାରିଦ୍ୱାରରେ ବେଦ ପାରାୟଣ, ନାମ ସଂକୀର୍ତ୍ତନ କରାଯିବ। ସେହିପରି ଦିନ ୧ଟା ୧୫ରୁ ୧ଟା ୩୦ ମଧ୍ୟରେ ପ୍ରକଳ୍ପ ଲୋକାର୍ପଣ ହେବ। ୧ଟା ୩୦ରୁ ୨ଟା ମଧ୍ୟରେ ଗଜପତି ମହାରାଜାଙ୍କ ଦ୍ୱାରା ଯଜ୍ଞ ପୂର୍ଣ୍ଣାହୁତି ଓ ଆରତି ସହ ପୁଷ୍ପାଞ୍ଜଳି। ଅପରାହ୍ଣ ୨ଟାରୁ ୨ଟା ୩୦ ଅନ୍ତଃ ପ୍ରଦକ୍ଷଣ ପଥରେ ନାମ ସଂକୀର୍ତ୍ତନ ସହ ଶୋଭାଯାତ୍ରା ହେବ। ୨ଟା ୩୦ରୁ ୩ଟା ପର୍ଯ୍ୟନ୍ତ ସଭା ମଞ୍ଚରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବ। ସେହିପରି ମୁଖ୍ୟମନ୍ତ୍ରୀ ଗସ୍ତ ନେଇ ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ହେଲିକ୍ୟାପ୍ଟର ଯୋଗେ ଆସି ପ୍ରଶାସନ ପକ୍ଷରୁ ମାଟିତୋଟା ନିକଟରେ ନିର୍ମାଣ କରାଯାଇଥିବା ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣକରି ୧ଟା ୧୫ରେ ଶ୍ରୀମନ୍ଦିର ଅଭିମୁଖେ ଆସିବେ। ୧ଟା ୨୦ରେ ପରିକ୍ରମା ପ୍ରକଳ୍ପ ସ୍ଥାନକୁ ଆସି ୧ଟା ୩୦ରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଯୋଗଦେବେ। ୧ଟା ୫୦ରେ ପରିକ୍ରମାକୁ ପ୍ରଦକ୍ଷିଣ କରିବେ। ସାଥିରେ ବେଦପାଠୀଙ୍କ ସହ ଗଜପତି ଓ ସେବାୟତମାନେ ଉପସ୍ଥିତ ରହିବେ। ପରେ ସମ୍ମାନିତ କାର୍ଯ୍ୟକ୍ରମ ପରେ ଏଲ୍‌ଇଡି ମାଧ୍ୟମରେ ପରିକ୍ରମା ପ୍ରୋଜେକ୍ଟ ପ୍ରଦର୍ଶିତ ହେବ।

# ସାହିଯାତର ଆକର୍ଷଣ







## ଫୁରସତ୍

# ୭ ବର୍ଷୀୟା ବଡିବିଲ୍ଡର



**ୱାଶିଂଟନ:** ବଡି କରିବାକୁ ବଡ଼ ବଡ଼ ଲୋକ ଘଣ୍ଟା ଘଣ୍ଟା ଧରି ପରିଶ୍ରମ କରିବା ସହ ଖାଦ୍ୟପେୟର ବିଶେଷ ଧ୍ୟାନ ରଖିବାକୁ ପଡ଼ିଥାଏ। ହେଲେ ଜଣେ ଛୋଟ ଝିଅ ଖେଳ ଖେଳରେ ଏପରି ବଡି କରିଦେଇଛନ୍ତି। ଆମେରିକାର ଲସ୍ ଏଞ୍ଜେଲସ୍‌ରେ ରହୁଥିବା କାଇନଲି ହାଇମୈନଙ୍କ ବୟସ ୭ ବର୍ଷ ହୋଇଥିବାବେଳେ ତାଙ୍କ ସ୍ୱପ୍ନ ବହୁତ ବଡ଼। ସେ ତାଙ୍କ ସ୍ୱପ୍ନ ପାଇଁ ନିଜ ମନକୁ ନିୟନ୍ତ୍ରଣ କରିପାରି ଏପରି ବଡି ହାସଲ କରିପାରିଛନ୍ତି। ସେ ଜିମ୍ ଯାଇ ୱେଟ୍ ଟ୍ରେନିଂ କରି ଫୋକସ୍ ପାଇଁ ଏକ୍ସରସାଇଜ କରନ୍ତି। କାଇନଲିଙ୍କ ସୋସିଆଲ ମିଡିଆରେ ୭ ଲକ୍ଷରୁ ଅଧିକ ଫଲୋଅର୍ସ ଅଛନ୍ତି। ସେ ୩ ବର୍ଷ ବୟସରୁ ଏକ୍ସରସାଇଜ ଆରମ୍ଭ କରିଥିଲେ। ସେ ଲସ୍ ଏଞ୍ଜେଲସ୍‌ରେ ହେଉଥିବା ବ୍ୟୁଟି କଣ୍ଟେଷ୍ଟରେ ଭାଗ ନେବା ସହ ଗ୍ଲାମରସ୍ ଜୀବନ ବିତାଉଛନ୍ତି। ତାଙ୍କ କସ୍‌ମେଟିକ ଜିନିଷରେ ମଧ୍ୟ ସଉକ ରହିଛି। ସେ ସୁନ୍ଦର ମେକ୍‌ଅପ ମଧ୍ୟ କରନ୍ତି। କାଇନଲିଙ୍କ ମା’ ଏଞ୍ଜଲ ତାଙ୍କୁ ଏ ସବୁ କାମ ପାଇଁ ପୂରା ସମର୍ଥନ କରନ୍ତି। ଏଞ୍ଜଲଙ୍କ କହିବା କଥା, କସରତ କରି କାଇନଲିଙ୍କ ଶରୀର ପଥର ପରି ମଜଭୁତ ହୋଇଗଲାଣି। ସେ ୨ ବର୍ଷ ବୟସରୁ ହିଁ ବ୍ୟୁଟି କଣ୍ଟେଷ୍ଟରେ ଭାଗ ନେବା ଆରମ୍ଭ କରିଦେଇଥିଲେ। ଏହା ବ୍ୟତୀତ ସେ ଜିମ୍ନାଷ୍ଟିକ୍‌ରେ ମଧ୍ୟ ୧ ନମ୍ବର। ମହାମାରୀ ସମୟରେ ହିଁ ସେ ଘରେ ଜିମ୍ନାଷ୍ଟିକ୍ ଆରମ୍ଭ କରିଥିଲେ। ହେଲେ ସେ ଏବେ ଛୋଟ ଥିବାରୁ ପ୍ରତିଯୋଗିତାରେ ଭାଗ ନେଇପାରିବେନି।

# ମାର୍ଚ୍ଚ ୧୫ରେ ଅଦାଙ୍କ ‘ବସ୍ତର: ଦ ନକ୍ସଲ ଷ୍ଟୋରି’



**ମୁମ୍ବାଇ:** ଅଭିନେତ୍ରୀ ଅଦା ଶର୍ମାଙ୍କ ଅଭିନୀତ ‘ଦ କେରଳ ଷ୍ଟୋରି’ ବିଦେଶରେ ହିଟ୍ ସାବ୍ୟସ୍ତ ହୋଇଥିବାବେଳ ତାଙ୍କ କ୍ୟାରିୟର ପାଇଁ ଏକ ମାଇଲଖୁଣ୍ଟ ପାଲଟିଥିଲା। ଫିଲ୍ମ ମାତ୍ର ୩୦ କୋଟି ଟଙ୍କାରେ ପ୍ରସ୍ତୁତ ହୋଇ ୩୩୦ କୋଟି ଟଙ୍କା ରୋଜଗାର କରିଥିଲା। ବର୍ତ୍ତମାନ ଅଦା ଏଭଳି ଆଉ ଏକ ଫିଲ୍ମରେ ନଜରକୁ ଆସିବେ। ଯାହାର ରିଲିଜ୍ ଡେଟ୍ ଘୋଷଣା ହୋଇଛି। ନିକଟରେ ଅଭିନେତ୍ରୀ ତାଙ୍କ ଆଗାମୀ ଚଳଚ୍ଚିତ୍ର ‘ବସ୍ତର: ଦ ନକ୍ସଲ ଷ୍ଟୋରି’ର ପୋଷ୍ଟ ଶେୟାର କରିଛନ୍ତି। ନିର୍ମାତା ବିପୁଲ ଅମୃତଲାଲ ଶାହା, ନିର୍ଦ୍ଦେଶକ ସୁଦୀପ୍ତୋ ସେନ୍ ଆଉ ଏକ ଆକର୍ଷଣୀୟ ସତ୍ୟ କାହାଣୀକୁ ଦର୍ଶକଙ୍କ ସାମ୍ନାକୁ ଆଣିବାକୁ ପୂରା ପ୍ରସ୍ତୁତ ଅଛନ୍ତି। ଫିଲ୍ମର ରିଲିଜ୍ ତାରିଖ ଘୋଷଣା ପରେ ଦର୍ଶକ ଏହାକୁ ଅପେକ୍ଷା କରିଛନ୍ତି। ଟିମ୍ ଫିଲ୍ମର ଫାଷ୍ଟଲୁକ୍ ପୋଷ୍ଟର ଜାରି କରିଛି। ଫିଲ୍ମର ପୋଷ୍ଟର ଶେୟାର କରି ଅଦା ଲେଖିଛନ୍ତି, ‘ଦ କେରଳ ଷ୍ଟୋରି’ର ସାହସୀ କାହାଣୀକାରଙ୍କଠାରୁ ‘ବସ୍ତର: ଦ ନକ୍ସଲ ଷ୍ଟୋରି’ କାହାଣୀ ଆସିଛି। ପୋଷ୍ଟରରେ ଏକ ମୃତଦେହକୁ ଟାଙ୍ଗିବାର ଦୃଶ୍ୟ ସହ ଫିଲ୍ମର ଝଲକ ଦେଖିବାକୁ ମିଳିଥିଲା। ଫିଲ୍ମ ମାର୍ଚ୍ଚ ୧୫ରେ ସାରା ବିଶ୍ୱ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ଏହା ଏକ ଅସଲ କାହାଣୀ ଉପରେ ଆଧାରିତ। ଯେଉଁଥିରେ ଦେଶରେ ନକ୍ସଲବାଦକୁ ଚିତ୍ରଣ କରାଯାଇଛି। ଫିଲ୍ମ ମାତ୍ର ୫୦ କୋଟି ଟଙ୍କାରେ ତିଆରି ହୋଇଛି।

# ବିଲେଇ ପାଇଁ ପ୍ରତିବର୍ଷ ଖର୍ଚ୍ଚ କରନ୍ତି ୧୧ ଲକ୍ଷ



**କୋପେନହାଗେନ**

ସମସ୍ତେ ନିଜ ପୋଷା ପ୍ରାଣୀକୁ ବେଶ୍ ଭଲ ପାଇଥାନ୍ତି। ହେଲେ ଡେନ୍‌ମାର୍କ କୋପେନହାଗେନର ୩୯ ବର୍ଷୀୟା ଯୁବତୀ ଫନଜାହ ମୋଗେନ୍ସନ ତାଙ୍କ ପୋଷା ପ୍ରାଣୀ ପାଇଁ ଯାହା କରନ୍ତି, ତାହା କ୍ୱଚିତ୍ କେହି କରୁଥିବେ କି ନାହିଁ। ମହିଳା ଜଣଙ୍କ ତାଙ୍କ ପୋଷା ବିଲେଇ ପ୍ରତି ବର୍ଷରେ ୧୧ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ଫନଜାହ ପିଲାବେଳୁ ବିଲେଇକୁ ବେଶ୍ ଭଲ ପାଉଥିଲେ। ସେଥିପାଇଁ ସେ ୧୦ ବର୍ଷ ପୂର୍ବେ ମୋଣ୍ଟି ଏବଂ ମୌଲି ନାମକ ୨ଟି ବିଲେଇକୁ ପାଳିଥିଲେ। ଫନଜାହ ୨ ବିଲେଇକୁ ନିଜ ପିଲା ଭଳି ଲାଳନପାଳନ କରନ୍ତି। ମହିଳା ନିକଟରେ ଟିକ୍‌ଟକ୍‌ରେ ତାଙ୍କ ୨ ବିଲେଇଙ୍କ କାହାଣୀ କହିଛନ୍ତି। ୨୦୧୩ରେ ସେ ବିଲେଇ ରଖିବା ନେଇ ଚିନ୍ତା କରୁଥିବାବେଳେ ପରେ ସେ ଏକ ଅନ୍‌ଲାଇନରେ ବିଲେଇ ମଗାଇ ପାଳିଥିଲେ। ଦିନେ ବିଲେଇର ଦେହ ଖରାପ ହେବାରୁ ସେ ତାକୁ ନେଇ ଡାକ୍ତରଙ୍କ ପାଖକୁ ଯାଇଥିଲେ। ସେଠାରେ ଡାକ୍ତର ମୋଣ୍ଟିକୁ ବଂଶଗତ ରୋଗ ଥିବା କହିଥିଲେ। ତା’ର ଗୁଣସୂତ୍ର ଅସାମାନ୍ୟ। ଫଳରେ ତାକୁ ଠିକ୍‌ରେ ଶୁଣାଯାଉନି। ତା’ର ଜୀବନକାଳ ବେଶି ସମୟ ନୁହେଁ। ସେଥିପାଇଁ ସେ ଡାକ୍ତରଙ୍କ ସହ ପରାମର୍ଶ କରିବାରୁ ଚିକିତ୍ସା ପାଇଁ ପ୍ରତି ବର୍ଷ ୧୧ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ ବୋଲି କହିଥିଲେ। ମୋଣ୍ଟି ୪ ବର୍ଷ ହୋଇଥିବାବେଳେ ଫନଜାହ ତାକୁ ପାଳିଥିଲେ। ଏବେ ତାକୁ ୧୪ ବର୍ଷ ହେଲାଣି। ସେ ସେବେଠାରୁ ତା’ ପାଇଁ ପ୍ରତି ବର୍ଷ ୧୧ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ସେ ବିଲେଇ ପାଇଁ ବୀମା କରିଛନ୍ତି। ସେଥିପାଇଁ ଚିକିତ୍ସା ହେଉଥିବା ଖର୍ଚ୍ଚର ୨୦ ପ୍ରତିଶତ ସେ ଦେଉଛନ୍ତି।



ରାଞ୍ଚିରେ ଚାଲିଥିବା ଅଲିମ୍ପିକ କ୍ୱାଲିଫାୟର୍ସରେ ମଙ୍ଗଳବାର ଇଟାଲୀ ବିପକ୍ଷରେ ଗୋଲ୍ ଦେବା ପରେ ଉଲ୍ଲସିତ ଭାରତୀୟ ଖେଳାଳି।

# ଭାରତ-ଜର୍ମାନୀ ସେମିଫାଇନାଲ

**ରାଞ୍ଚି, ୧୬।୧ (ପି.ଟି.)**

ଭାରତୀୟ ମହିଳା ହକି ଦଳ ଏଫ୍ଆଇଏଚ୍ ଅଲିମ୍ପିକ କ୍ୱାଲିଫାୟର ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଦଳ ମଙ୍ଗଳବାର ଇଟାଲୀକୁ ୫-୧ ଗୋଲ୍‌ରେ ପରାସ୍ତ କରିଛି। ଭାରତ ପକ୍ଷରୁ ଉଦିତା ଦୁହାନ (୧ମ ଓ ୫୫ତମ ମିନିଟ) ବ୍ୟକ୍ତିଗତ ଦୁଇଟି ଗୋଲ ସ୍କୋର କରିଥିବା ବେଳେ ଦୀପିକା (୪୧ତମ)ସଲିମା

**ଏଫ୍ଆଇଏଚ୍ ଅଲିମ୍ପିକ କ୍ୱାଲିଫାୟର**

ଟେଟେ (୪୫ତମ) ଓ ନବନୀତ କୌର (୫୩ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ।

ଖେଳର ଅନ୍ତିମ କ୍ଷଣରେ ଇଟାଲୀର କାମିଲା ମ୍ୟାଚିନ ଦଳ ପକ୍ଷରୁ ଏକମାତ୍ର ଗୋଲ ସ୍କୋର କରିଥିଲେ।

ଇଦିତାଙ୍କର ଏହା ଥିଲା ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ। ମଙ୍ଗଳବାର ଏହି ବିଜୟ ଦ୍ୱାରା ପୁଲ୍ 'ବି'ରେ ତିନୋଟି ଗେମ୍‌ରୁ ୨ଟିରେ ବିଜୟ ଲାଭ କରି ଅପରାଜିତ ରହିଥିବା ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍ଏ) ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି।





ନିଜ ୧୦୦ତମ ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ପୁରସ୍କାର ସହ ଉଦିତା।

ଏଥିସହିତ ଦଳ ପ୍ୟାରିସ ଗେମ୍ସ ଟିକେଟ ନିକଟତର ହୋଇଛି। ଗୁରୁବାର ଖେଳାଯିବାକୁ ଥିବା ସେମିଫାଇନାଲରେ ଭାରତ ପୁଲ୍ 'ଏ' ଟପର ଜର୍ମାନୀ ସହିତ ମୁକାବିଲା କରିବାକୁ ଥିବା ବେଳେ ୟୁଏସ୍ଏ ଜାପାନକୁ ଭେଟିବ। ଶ୍ରେଷ୍ଠ ୩ ଦଳ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ।

ୟୁଏସ୍ଏ, ଜାପାନ ଓ ଜର୍ମାନୀ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକା ଅଲ୍ ୱିନ ରେକର୍ଡ ସହ ଏହି ପର୍ଯ୍ୟାୟରେ ପହଞ୍ଚିଛି। ମଙ୍ଗଳବାର ଏହି ଦଳ ୧-୦ ଗୋଲ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଖେଳର ୧୭ତମ ମିନିଟ୍‌ରେ ଏଲିଜାବେ୍ ୟିଆଗର ଏକ ପେନାଲ୍‌ଟି କର୍ନରକୁ ଗୋଲ୍‌ରେ ପରିଣତ କରି ତାଙ୍କ ଦଳକୁ ଜିତାଇଥିଲେ। ସେହିପରି ଚିଲି ବିପକ୍ଷରେ ୨-୦ ଗୋଲ୍‌ରେ ବିଜୟ ହାସଲ କରି ଜାପାନ ଅନ୍ୟତମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ପୁଲ୍ 'ଏ'ରେ ଜାପାନ ୩ଟି ଗେମ୍‌ରୁ ୭ ପଏଣ୍ଟ ଅର୍ଜନ କରି ଦ୍ୱିତୀୟ ସ୍ଥାନରେ ରହିଥିଲା। ବିଶ୍ୱର ୫ ନମ୍ବର ଦଳ ଜର୍ମାନୀ ଯଦିଓ ସମାନ ୭ ପଏଣ୍ଟ ଅର୍ଜନ କରିଥିଲା ଗୋଲ୍ ବ୍ୟବଧାନ ଦୃଷ୍ଟିରୁ ଦଳ ପୁଲ୍ ଏ'ର ଶୀର୍ଷ ସ୍ଥାନ ଅଧିକାର କରିଥିଲା। ଅନ୍ୟପକ୍ଷରେ ସୋଞ୍ଜା ଜିମରମାନଙ୍କ ହ୍ୟାଟ୍ରିକ୍ ଗୋଲ୍ ସହାୟତାରେ ଜର୍ମାନୀ ୧୦-୦ ଗୋଲ୍‌ରେ ଚେକ୍ ରିପବ୍ଲିକକୁ ପରାସ୍ତ କରି ସେମିଫାଇନାଲକୁ ଉନ୍ନୀତ ହୋଇଛି। ଜେଟ୍ ଫ୍ଲେସ୍‌କଜ୍ ଓ ଚାର୍ଲୋଟ ଷ୍ଟାପେନ୍ ହର୍ଷ୍ଟ ଦୁଇଟି ଲେଖାଏଁ ଗୋଲ୍ ଦେଇଥିଲେ। ନାଇକ ଲୋରେଞ୍ଜୋ, ପଲିନ୍ ହିଞ୍ଜୀ ଓ ସେଲିନ୍ ଓରୁଜ୍ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ।

# ୧୧ କ୍ରୀଡ଼ାବିତ୍‌ଙ୍କ ବାସନ୍ଦ ଦଣ୍ଡ ହ୍ରାସ

**ନୂଆଦିଲ୍ଲୀ, ୧୬।୧ (ପି.ଟି.)**

ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା) ଗତବର୍ଷ ଗୋଆ ନ୍ୟାଶନାଲ ଗେମ୍ସରେ ଅଂଶଗ୍ରହଣ କରିଥିବା ୩ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟଙ୍କ ସମେତ ୧୧ଜଣ କ୍ରୀଡ଼ାବିତ୍‌ଙ୍କ ବାସନ୍ଦ ଦଣ୍ଡ ୩ବର୍ଷକୁ ହ୍ରାସ କରିଛି। ସେମାନଙ୍କ ବିରୋଧରେ ଅଣାଯାଇଥିବା ଡୋପିଂ ଅଭିଯୋଗକୁ ଶୀଘ୍ର ମାନି ନେଇଥିବାରୁ ସେମାନଙ୍କୁ ଏହି ଫାଇଦା ମିଳିଛି। ଗୋଆ ନ୍ୟାଶନାଲ ଗେମ୍ସ ଅକ୍ଟୋବର ୨୫ରୁ ନଭେମ୍ବର ୯ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଗ ନେଇଥିବା ଏବଂ ଡୋପିଙ୍ଗ ପାଇଁ ବାସନ୍ଦ ଦଣ୍ଡ ଭୋଗୁଥିବା ୩ ଆଥଲେଟ ହେଲେ କମଲଜିତ କୌର (୧୦୦ମିଟର ଓ ୨୦୦ମିଟର), ଅଜୟ କୁମାର (୫,୦୦୦ ମିଟର ଓ ୧୦,୦୦୦ ମିଟର) ଓ ହରଯୋଧବୀର ସିଂ (୫,୦୦୦ ମିଟର ଓ ୧୦,୦୦୦ ମିଟର)। ନାଡା ନିୟମାବଳୀର ଧାରା ୧୦.୮ ଅନୁସାରେ ଏମାନଙ୍କୁ ୪ ବର୍ଷ ବାସନ୍ଦ ଦଣ୍ଡ ପ୍ରଦାନ କରାଯାଇଥିଲା। ଯେଉଁମାନଙ୍କ ଦଣ୍ଡ ୩ ବର୍ଷକୁ ହ୍ରାସ କରାଯାଇଛି ନାଡା ପକ୍ଷରୁ ପ୍ରକାଶ କରାଯାଇଥିବା ଏକ ତାଲିକାରେ ଉକ୍ତ ୩ ଆଥ୍‌ଲେଟଙ୍କ ନାମ ସ୍ଥାନ ପାଇଛି। ପଞ୍ଜାବର କମଲଜିତ୍ ମହିଳା ୨୦୦ମିଟର (୨୩.୮୪ ସେକେଣ୍ଡ)ରେ ରୌପ୍ୟ ଜିତିଥିଲେ। ୧୦୦ମିଟରର ଦୌଡ଼ରେ ସେ ୬ଷ୍ଠ (୧୧.୭୩ ସେକେଣ୍ଡ) ସ୍ଥାନ ଅଧିକାର କରିଥିଲେ। ଏକ ପ୍ରକାର ସିନ୍ଥେଟିକ୍ ଆନାବୋଲିକ୍ ଷ୍ଟେରଏଡ୍ ଡ୍ରଷ୍ଟାନୋଲୋନ ପାଇଁ ସେ ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ। ଡାର୍ବେପୋଟିନ୍ ଓ ମର୍ଫିନ ପାଇଁ ଡୋପ୍ ଟେଷ୍ଟରେ ଧରାପଡ଼ିଥିବା ଅଜୟ କୁମାର ନ୍ୟାଶନାଲ ଗେମ୍ସ ପୁରୁଷ ୫,୦୦୦ ମିଟର ବ୍ରୋଞ୍ଜ (୧୪:୧୩.୩୩) ଏବଂ ୧୦,୦୦୦ ମିଟର (୩୦:୩୯.୯୧)ରେ ୬ଷ୍ଠ ସ୍ଥାନ ଅଧିକାର କରିଥିଲେ। ଅନ୍ୟପକ୍ଷରେ ଡାର୍ବେପୋଟିନ୍ ଓ ମର୍ଫିନ ସାମ୍ପଲ ପାଇଁ ଡୋପ୍ ଟେଷ୍ଟରେ ଧରାପଡ଼ିଥିବା ପଞ୍ଜାବର ହାରଯୋଧବୀର ପୁରୁଷ ୫୦୦୦ ମିଟର (୧୪: ୧୮.୨୦) ଏବଂ ୧୦,୦୦୦ ମିଟର ରେସ୍ ଶେଷ କରିପାରି ନ ଥିଲେ। ଉପରୋକ୍ତ ସମସ୍ତ ୩ ଦୌଡ଼କୁଦ ଆଥ୍‌ଲେଟଙ୍କ ବାସନ୍ଦ ଦଣ୍ଡ ୨୦୨୩ ଡିସେମ୍ବର ୬ରୁ ଲାଗୁ ହୋଇଛି। ନାଡା ଆଣ୍ଟି ଡୋପିଙ୍ଗ ରୁଲ୍‌ର ଧାରା ୧୦.୮.୧ ଅନୁସାରେ ଯେଉଁମାନଙ୍କୁ ୪ବର୍ଷ ବାସନ୍ଦ ଦଣ୍ଡ ହୋଇଥିବ ଯଦି ସେମାନେ ସେମାନଙ୍କ ଭୁଲ୍‌କୁ ୨୦ ଦିନ ମଧ୍ୟରେ ଶୀଘ୍ର ସ୍ୱୀକାର କରନ୍ତି ଏବଂ ଦଣ୍ଡକୁ ଗ୍ରହଣ କରି ନିଅନ୍ତି ତେବେ ମିଆଦକୁ ୧ ବର୍ଷ ହ୍ରାସ କରିଦିଆଯିବାର ବ୍ୟବସ୍ଥା ରହିଛି।

**ଓଡ଼ିଶା ରୋଲ ବଲ୍ ଲିଗ୍ ସିଜନ-୨**

# ବ୍ରହ୍ମପୁର ବ୍ଲେଜର୍ସ ଚାମ୍ପିୟନ

**ଭୁବନେଶ୍ୱର, ୧୬।୧**
**(ତପନ ସ୍ୱାଇଁ)**

ସ୍ଥାନୀୟ ବୁଦ୍ଧ ପାର୍କ ପରିସରରେ ଅନୁଷ୍ଠିତ ଓଡ଼ିଶା ରୋଲ ବଲ୍ ଲିଗ୍ ସିଜନ-୨ରେ ବ୍ରହ୍ମପୁର ବ୍ଲେଜର୍ସ ଚାମ୍ପିୟନ ହୋଇଛି। ଫାଇନାଲରେ ବ୍ରହ୍ମପୁର ଦଳ ୧୪-୨ ଗୋଲରେ ବାଲେଶ୍ୱର ବିମର୍ସକୁ ପରାସ୍ତ କରିଛି। ଭୁବନେଶ୍ୱର ବୁଲ୍ସକୁ ୯-୪ ଗୋଲରେ ପରାସ୍ତ କରି ପୁରୀ ପେସର୍ସ ଦ୍ୱିତୀୟ ରନର୍‌ଅପ୍ ହୋଇଛି। ପ୍ରୀତିଶ ଆର୍ଯ୍ୟନ ଜେନା, ଗୁଞ୍ଜନ ରାଉତ, କମଲ କ୍ରିଷ୍ଣା, ଅଥିବ ଚନ୍ଦୁକା, ଅନିକେତ ପତି, ଅନିଶ ତ୍ରିପାଠୀ, ଦେବ କୁମାର ନାୟକ, ନଫିସା ନାଜ୍, ଏସ.ପି. ଅର୍ନଭ ମହନ୍ତ, ସେୟାସି ଆଦି ଇକାରି ବ୍ରହ୍ମପୁର ବ୍ଲେଜର୍ସ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଦଳର ଆଇକନ୍ ପ୍ଲେୟର ପ୍ରୀତିଶ ଆର୍ଯ୍ୟନ ଜେନା ଫାଇନାଲରେ ଏକାକୀ ୧୧ଟି ଗୋଲ ଦେଇଥିଲେ। ଏଥିସହ ସେ ଟୁର୍ନାମେଣ୍ଟର ସର୍ବାଧିକ ଗୋଲ ସ୍କୋରର (୫୧ ଗୋଲ) ବିବେଚିତ ହୋଇଥିଲେ। ଉଦ୍‌ଘାଟନୀ ସମାରୋହରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା, ଅର୍ଜୁନ ପୁରସ୍କାରପ୍ରାପ୍ତ ଅଲିମ୍ପିଆନ କେ. ରବି କୁମାର ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ତର୍ଜାତୀୟ ମହିଳା ଗଲ୍ଫ ଖେଳାଳି ରଖି ସ୍ୱାଇଁ ଓ ଶୈଳେନ୍ଦ୍ର ଜେନା ଉଦ୍‌ଯାପନୀ ଉତ୍ସବରେ ପୁରସ୍କାର ବିତରଣ କରିଥିଲେ। ରାଜ୍ୟରେ ରୋଲ ବଲ୍ କ୍ରୀଡ଼ାକୁ ଲୋକପ୍ରିୟ କରିବା ଏହି ଲିଗ୍ ଆୟୋଜନର ମୁଖ୍ୟ ଲକ୍ଷ୍ୟ। ଏହି କ୍ରୀଡ଼ା ଶତପ୍ରତିଶତ ଭାରତୀୟ ଅରିଜିନ ବୋଲି ସଚେତନତା ସୃଷ୍ଟି କରିବା ମଧ୍ୟ ଆମର ଉଦ୍ଦେଶ୍ୟ। ରୋଲ ବଲ୍ ଏସ୍‌ଜେଏଫ୍‌ଆଇ, ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଓ ଜାତୀୟ କ୍ରୀଡ଼ାର ଅଂଶବିଶେଷ ହୋଇ ସାରିଛି ବୋଲି ଓଡ଼ିଶା ରୋଲ ବଲ୍ ଆସୋସିଏଶନ ପ୍ରତିଷ୍ଠାତା ପାର୍ଥ ସାରଥି ଜେନା ପ୍ରକାଶ କରିଛନ୍ତି।





ଓଡ଼ିଶା ରୋଲ୍‌ବଲ୍ ଲିଗ୍ ଚାମ୍ପିୟନ ବ୍ରହ୍ମପୁର ବ୍ଲେଜର୍ସ ଦଳର ପ୍ରତିଯୋଗୀମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ମେସି, ବୋନମାଟି ଫିଫା ପ୍ଲେୟର ଅଫ୍ ଦ ଇୟର

**ଲଣ୍ଡନ, ୧୬।୧ (ପି.ଟି.)**

ଆଉ ଏକ ସମ୍ମାନଜନକ ପୁରସ୍କାର ବିଜୟୀ ହୋଇଛନ୍ତି ଲିଓନେଲ୍ ମେସି ଓ ଆଇଟାନା ବୋନମାଟି। ସୋମବାର ଫିଫା ପକ୍ଷରୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଛନ୍ତି ଉଭୟ ଖେଳାଳି। ପୂର୍ବରୁ ମେସି ରେକର୍ଡ ଅଷ୍ଟମ ଥର ପାଇଁ ବାଲନ୍ ଡି ଅର୍ ହାସଲ କରିଥିବା ବେଳେ ବୋନମାଟିଙ୍କୁ ମିଳିଥିଲା ବାଲନ୍ ଡି ଅର୍ ଫେମିନିନ ପୁରସ୍କାର। ମେସିଙ୍କୁ ଶ୍ରେଷ୍ଠ ପୁରୁଷ ଖେଳାଳି ପୁରସ୍କାର ମିଳିଥିବା ବେଳେ ଏର୍ଲିଙ୍ଗ ହାଲାଣ୍ଡ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଉଭୟ ସମାନ ସଂଖ୍ୟକ ୪୮ ପଏଣ୍ଟ ପାଇଥିବା ବେଳେ ଟାଇବ୍ରେକରରେ ମେସି ବାଜି ମାରି ନେଇଥିଲେ। ଉଭୟ ମେସି ଓ ହାଲାଣ୍ଡ ପୁରସ୍କାର ପ୍ରଦାନ ଉତ୍ସବରେ ଅନୁପସ୍ଥିତ ରହିଥିଲେ। ମହିଳା ଖେଳାଳିଙ୍କ ମଧ୍ୟରେ ସ୍ପେନ୍‌ର ବିଶ୍ୱ କପ୍ ବିଜେତା ଖେଳାଳି ଆଇଟାନା ବୋନମାଟିଙ୍କୁ ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା। ସ୍ପେନ୍ ଦଳର ଅନ୍ୟତମ ସଦସ୍ୟ ଜେନି ହର୍ମୋସୋ ଓ କଲମ୍ବିଆର ଲିଣ୍ଡା କାଇସେଡୋଙ୍କୁ ପଛରେ ପକାଇଥିଲେ।

## ପୁରସ୍କାର ତାଲିକା

ଫିଫା ଶ୍ରେଷ୍ଠ ପୁରୁଷ ଖେଳାଳି: ଲିଓନେଲ୍ ମେସି (ଆର୍ଜେଣ୍ଟିନା/ଇଣ୍ଟର ମାୟାମି)। ଫିଫା ଶ୍ରେଷ୍ଠ ମହିଳା ଖେଳାଳି: ଆଇଟାନା ବୋନମାଟି (ସ୍ପେନ୍/ଏଫ୍‌ସି ବାସିଲୋନା)। ଫିଫା ଶ୍ରେଷ୍ଠ ପୁରୁଷ ଗୋଲକିପର: ଏଡେରସନ୍(ବ୍ରାଜିଲ୍/ମାଞ୍ଚେଷ୍ଟର ସିଟି)। ଫିଫା ଶ୍ରେଷ୍ଠ ମହିଳା ଗୋଲକିପର: ମେରୀ ଅର୍ପସ (ଇଂଲଣ୍ଡ/ମାଞ୍ଚେଷ୍ଟର ୟୁନାଇଟେଡ୍)। ଫିଫା ଶ୍ରେଷ୍ଠ



ଆଇଟାନା ବୋନମାଟି

ପୁରୁଷ କୋଚ୍: ପେପ୍ ଗର୍ଡିଓଲା (ସ୍ପେନ୍/ମାଞ୍ଚେଷ୍ଟର ସିଟି)। ଫିଫା ଶ୍ରେଷ୍ଠ ମହିଳା କୋଚ୍: ସରିନା ୱିଗମ୍ୟାନ(ନେଦରଲାଣ୍ଡ୍ସ/ଇଂଲଣ୍ଡ ଜାତୀୟ ଦଳ)। ଫିଫା ପୁସ୍‌କାସ୍ ଆୱାର୍ଡ: ଗୁଇଲହେରମେ ମାଡ୍ରୁଗା (ବ୍ରାଜିଲ/ ବୋଟାଫୋଗୋ)। ଫିଫା ସ୍ୱତନ୍ତ୍ର ପୁରସ୍କାର: ମାର୍ଟା। ଫିଫା ଫେୟାର ପ୍ଲେ ପୁରସ୍କାର: ବ୍ରାଜିଲ ପୁରୁଷ ଦଳ। ଫିଫା ଫ୍ୟାନ୍ ପୁରସ୍କାର: ହ୍ୟୁଗୋ ଡାନିଏଲ ଟୋଟୋ ଇନିଗୁଏଜ୍।

# କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଭାରତ

**ବେଙ୍ଗାଲୁରୁ, ୧୬।୧ (ପି.ଟି.)**

ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଖେଳା ଯାଉଥିବା ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ର ଅନ୍ତିମ ମ୍ୟାଚ୍ ବୁଧବାର ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ। ପୂର୍ବରୁ ସିରିଜ୍ ଜିତି ସାରିଥିବା ବେଳେ ଭାରତ ଏହି ମ୍ୟାଚ୍ ଜିତି କ୍ଲିନ୍ ସୁଇପ୍ କରିବାକୁ ପ୍ରୟାସ କରିବ। ଏହାସହିତ ସଞ୍ଜୁ ସାମସନ୍, କୁଲଦୀପ୍ ଯାଦବ ଓ ଆଭେଶ୍ ଖାନ୍‌ଙ୍କ ପରି ଖେଳାଳିଙ୍କୁ ଏହି ମ୍ୟାଚ୍‌ରେ ସୁଯୋଗ ମିଳିବାର ସମ୍ଭାବନା ରହିଛି। ଜୁନ୍‌ରେ ଟି୨୦ ବିଶ୍ୱକପ୍ ପୂର୍ବରୁ ଏହା ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ରହିଥିବା ବେଳେ ଭାରତ ନିଜର ବେଞ୍ଚ ଷ୍ଟ୍ରେଙ୍ଗ୍ଥ ପରୀକ୍ଷା ନିଶ୍ଚୟ କରିବାକୁ ଚାହିଁବ। ଦୁଇଟି ଯାକ ମ୍ୟାଚ୍‌ରେ ଖାତା ଖୋଲିବାରେ ବିଫଳ ହୋଇଥିବା ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କ ବ୍ୟାଟରୁ ଏକ ବଡ ଇନିଂସ ଆଶା କରିବେ ଭାରତୀୟ ସମର୍ଥକ। ସେହିପରି ୧୪ ମାସ ପରେ ପ୍ରତ୍ୟାବର୍ତ୍ତନ କରିଥିବା ବିରାଟ କୋହଲି ଏକ ଚମତ୍କାର ୨୯ ରନ୍‌ର ଇନିଂସ ଖେଳିଥିଲେ। ଏହି ଇନିଂସରେ କୋହଲିଙ୍କ

**ଆଜି ତୃତୀୟ ଟି୨୦**



କୁଲଦୀପ୍ ଯାଦବ

ଷ୍ଟ୍ରାଇକ ରେଟ୍ ୧୮୧ ରହିଥିଲା। ଏହା ଭାରତୀୟ ମ୍ୟାନେଜ୍‌ମେଣ୍ଟ ପାଇଁ ଏକ ସବୁଜ ସଙ୍କେତ।

ତେବେ ଭାରତ ପାଇଁ ଏହି ସିରିଜ୍‌ରେ ସବୁଠାରୁ ଭଲ ପ୍ରଦର୍ଶନ କରିଛନ୍ତି ଅଲରାଉଣ୍ଡର ଶିବମ ଦୁବେ। ଆୟର୍ଲାଣ୍ଡ ଓ ଏସିଆନ୍ ଗେମ୍ସ ପରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ସିରିଜ୍ ପାଇଁ ଦୁବେଙ୍କୁ ଅଣଦେଖା କରାଯାଇଥିଲା। ତେବେ ସୁଯୋଗ ମିଳିବା ମାତ୍ରକେ ଏହାର ଭରପୂର ଫାଇଦା ଉଠାଇଥିଲେ। ଦୁଇଟି ଯାକ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିବା ସହିତ ଦୁଇଟି ଉଇକେଟ ମଧ୍ୟ ନେଇଥିଲେ। ଓପନର ଯଶସ୍ୱୀ ଜୟସ୍ୱାଲ ଦ୍ୱିତୀୟ ଟି୨୦ରେ ଚମତ୍କାର ବ୍ୟାଟିଂ କରିବା ପରେ ସମାନ ଫର୍ମ ଜାରି ରଖିବାକୁ ପ୍ରୟାସ କରିବେ। ବୋଲିଂରେ ଭାରତ ଏହି ମ୍ୟାଚ୍‌ରେ ଜଣେ ସ୍ପିନରଙ୍କୁ ବିଶ୍ରାମ ଦେଇପାରେ। ୱାଶିଂଟନ୍ ସୁନ୍ଦର ବଲ୍ ଜରିଆରେ ପ୍ରଭାବୀ ପ୍ରଦର୍ଶନ ଦେବାରେ ବିଫଳ ହୋଇଥିବା ବେଳେ ତାଙ୍କ ସ୍ଥାନରେ କୁଲଦୀପ୍ ଯାଦବଙ୍କୁ ସାମିଲ କରାଯାଇପାରେ। ସେହିପରି ମୁକେଶ କୁମାରଙ୍କ ସ୍ଥାନରେ ଆଭେଶ ଖାନ୍‌ଙ୍କୁ ସାମିଲ କରିପାରେ ଭାରତ।

**ମ୍ୟାଚ୍ ସ୍ଥାନ: ଏମ୍ ଚିନ୍ନାସ୍ୱାମୀ**
**ସମୟ : ସନ୍ଧ୍ୟା ୭.୦୦**
**ପ୍ରସାରଣ : ସ୍ପୋର୍ଟ୍ସ ୧୮**

# ଥାଲାଇଭାସ୍‌ର ବୃହତ୍ ବିଜୟ

**ଅଜିଙ୍କ୍ୟ ପାୱାରଙ୍କ ସୁପର୍ ୧୦**

**ଜୟପୁର, ୧୬।୧ (ପି.ଟି.)**

ଅଜିଙ୍କ୍ୟ ପାୱାରଙ୍କ ସୁପର୍ ୧୦ ବଳରେ ବୁଧବାର ପ୍ରୋ କବାଡି ଲିଗ୍‌ରେ ପାଟନା ପାଇରେଟ୍ସ ବିପକ୍ଷରେ ବୃହତ ବିଜୟ ହାସଲ କରିଛି ତାମିଲ ଥାଲାଇଭାସ୍। ଥାଲାଇଭାସ୍ ପକ୍ଷରୁ ଅଜିଙ୍କ୍ୟ ପାୱାର ୧୦ ଓ ରେଡରର ନରେନ୍ଦର ୬ ପଏଣ୍ଟ ସ୍କୋର କରିଥିବା ବେଳେ ଦଳ ୪୧-୨୫ରେ ବିଜୟ ହାସଲ କରିଥିଲା। ମ୍ୟାଚ୍ ଆରମ୍ଭରୁ ଉଭୟ ଦଳ ଆକ୍ରମଣାତ୍ମକ ଢଙ୍ଗରେ ଆରମ୍ଭ କରିଥିଲେ। ପାଇରେଟ୍ସ ପ୍ରଥମରୁ ୪-୨ରେ ଆଗୁଆ ରହିଥିବା ବେଳେ ଅଜିଙ୍କ୍ୟ ଓ ସାଗର ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ତେବେ ପାଇରେଟ୍ସକୁ ଅଲଆଉଟ କରି ଥାଲାଇଭାସ୍ ଅଗ୍ରଣୀକୁ ୧୨-୬ରେ ପହଞ୍ଚାଇଥିଲେ। ୧୪ତମ ମିନିଟ ସୁଦ୍ଧା ଅଗ୍ରଣୀ ୧୬-୮ରେ ପହଞ୍ଚିଥିବା ବେଳେ ପ୍ରଥମାର୍ଦ୍ଧ ବେଳକୁ ଏହା ୨୦-୧୧ରେ ରହିଥିଲା।

ଦ୍ୱିତୀୟାର୍ଦ୍ଧର ଆରମ୍ଭରୁ ଅଜିଙ୍କ୍ୟ ପାୱାର ଏକ ସୁପର ରେଡ୍ କରିବା ସହିତ ଦଳକୁ ୨୫-୧୧ରେ ଆଗୁଆ ରଖିଥିଲେ। ୨୯ ତମ ମିନିଟରେ ପାଇରେଟ୍ସ ପକ୍ଷରୁ ଅଙ୍କିତ ଏକ ଚମତ୍କାର ଟ୍ୟାକେଲ୍ କରିଥିଲେ। ତେବେ ଥାଲାଇଭାସ୍ ୪୧-୨୫ରେ ମ୍ୟାଚ୍‌କୁ ଜିତି ନେଇଥିଲା। ବୁଧବାର ଦବଙ୍ଗ ଦିଲ୍ଲୀ-ଗୁଜରାଟ ଜାଏଣ୍ଟ୍ସ, ଜୟପୁର ପିଙ୍କ ପାନ୍ଥର୍ସ-ହରିଆଣା ଷ୍ଟିଲର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ।



ପ୍ରୋ କବାଡ଼ି ଲିଗ୍‌ରେ ମଙ୍ଗଳବାର ପାଟନା ପାଇରେଟ୍ସ ଓ ତାମିଲ ଥାଲାଇଭାସ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।



କ୍ୟାପିଟାଲ ଆରେନାରେ ମଙ୍ଗଳବାର ସ୍ପୋର୍ଟ୍ସ ଓଡ଼ିଶା ଓ ହୋପ୍ସ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ଇଣ୍ଡିଆନ ଓମେନ୍ସ ଲିଗ୍ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

# ମନୀଷାଙ୍କ ଗୋଲରେ ସ୍ପୋର୍ଟ୍ସ ଓଡ଼ିଶାକୁ ପ୍ରଥମ ପଏଣ୍ଟ

**ଇଣ୍ଡିଆନ ଓମେନ୍ସ ଲିଗ୍**

ଭୁବନେଶ୍ୱର, ୧୬।୧
(ତପନ ସ୍ୱାଇଁ)

ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ର କ୍ୟାପିଟାଲ ଫୁଟବଲ ଆରେନାରେ ମଙ୍ଗଳବାର ଅନୁଷ୍ଠିତ ସ୍ପୋର୍ଟ୍ସ ଓଡ଼ିଶା ଓ ଦିଲ୍ଲୀ ଭିତ୍ତିକ ଦଳ ହୋପ୍ସ ଏଫ୍‌ସି ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ସ୍ପୋର୍ଟ୍ସ ଓଡ଼ିଶା ୮ ଥର ଏବଂ ହୋପ୍ସ ଏଫ୍‌ସି ଏକାଧିକବାର ଗୋଲପୋଷ୍ଟକୁ ବଲ୍ ଶୁଟ୍ କରିଥିଲେ ହେଁ ଟାର୍ଗେଟ ମିସ୍ କରିଥିଲେ। ଫଳରେ ଦ୍ୱିତୀୟାର୍ଦ୍ଧ ଅଧିକ ରୋମାଞ୍ଚକ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଅର୍ଥାତ୍ ୬୭ତମ ମିନିଟରେ ଫ୍ରେଡରିକା ହେଡ୍ ଜରିଆରେ ଏକ ଗୋଲ ଦେଇ ହୋପ୍ସ ଏଫ୍‌ସିକୁ ଅଗ୍ରଣୀ କରିଥିଲେ। ମ୍ୟାଚର ଶେଷ ଭାଗରେ ୮୪ତମ ମିନିଟରେ ସ୍ପୋର୍ଟ୍ସ ଓଡ଼ିଶାର ମନୀଷା ନାଏକ ଗୋଲଟିକୁ ପରିଶୋଧ କରି ଦେଇଥିଲେ। ବକ୍ସ ବାହାରୁ ଶୁଭଦ୍ରା ଶଟ୍ ପ୍ରତିପକ୍ଷ ଗୋଲପୋଷ୍ଟକୁ ଶଟ୍ ମାରିଥିଲେ। ବଲ୍‌ଟି ଗୋଲକିପରଙ୍କ ଦେହରେ ବାଜି ଫେରି ଆସୁଥିବାବେଳେ ମନୀଷା ରିବାଉଣ୍ଡ ଶଟ୍ ଜରିଆରେ ଏହାକୁ ଗୋଲରେ ପରିଣତ କରିଥିଲେ। ଫଳରେ ମ୍ୟାଚ ୧-୧ ଗୋଲରେ ବରାବର ରହିଥିଲା ଏବଂ ଚଳିତ ସିଜନରେ ସ୍ପୋର୍ଟ୍ସ ଓଡ଼ିଶା ପ୍ରଥମଥର ଏକ ପଏଣ୍ଟ ଅର୍ଜନ କରିଥିଲା। ଏହା ପୂର୍ବରୁ ସ୍ପୋର୍ଟ୍ସ ଓଡ଼ିଶା ୫ଟି ମ୍ୟାଚ ଖେଳିଥିଲେ ହେଁ ପଏଣ୍ଟ ଶୂନ୍ୟ ରହିଥିଲା। ମ୍ୟାଚ ଡ୍ର ରହିବାରୁ ହୋପ୍ସ ଏଫ୍‌ସି ୫ ମ୍ୟାଚରୁ ୪ ପଏଣ୍ଟରେ ପହଞ୍ଚିଛି।

## ପ୍ରଥମ ରାଉଣ୍ଡରୁ ବିଦାୟ ନେଲେ ଭାମ୍ବ୍ରି-ହାସେ ଯୋଡ଼ି

**ମେଲବୋର୍ନ, ୧୬।୧ (ପି.ଟି.):** ଭାରତର ୟୁକି ଭାମ୍ବ୍ରି ଓ ତାଙ୍କ ଡଚ୍ ପାର୍ଟନର ରବିନ ହାସେ ଅଷ୍ଟ୍ରେଲିଆନ ଓପନ ପୁରୁଷ ଡବଲ୍ସ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଅଣସିଡ୍ ଇଣ୍ଡୋ-ଡଚ୍ ଯୋଡ଼ି ଲଢୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ସେମାନଙ୍କ ଓପନିଂ ରାଉଣ୍ଡ ମ୍ୟାଚରେ କଲମ୍ବିଆର ନିକୋଲାସ ବାରିଣ୍ଟସ ଏବଂ ବ୍ରାଜିଲର ରାଫେଲ ମାଟୋସଙ୍କଠାରୁ ୬-୧, ୬--୭ (୮-୧୦) ୬-୭ (୭-୧୦)ରେ ହାରି ଯାଇଛନ୍ତି। ଏହି ମ୍ୟାଚ ୨ ଘଣ୍ଟା ୨୬ ମିନିଟ ଧରି ଚାଲିଥିଲା। ଭାମ୍ବ୍ରି ଗତବର୍ଷ ଦକ୍ଷିଣ ଆଫ୍ରିକାର ଲୟଡ ହାରିସଙ୍କୁ ସାଥୀ କରି ମାଲୋର୍କା ଡବଲ୍ସ ପ୍ରତିଯୋଗିତାରେ ତାଙ୍କର ପ୍ରଥମ ଏଟିପି ଟାଇଟଲ ହାସଲ କରିଥିଲେ।

## ବାଂଲାଦେଶ କ୍ରିକେଟରଙ୍କୁ ଆଇସିସିର ବାସନ୍ଦ

ଡର୍ବାନ, ୧୬।୧ (ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦୁର୍ନୀତି ଅଭିଯୋଗରେ ବାଂଲାଦେଶ ଅଲରାଉଣ୍ଡର ନାସିର ହୋସେନଙ୍କୁ ୨ ବର୍ଷ ବାସନ୍ଦ କରିଛି। ଏମିରେଟ୍ସ କ୍ରିକେଟ ବୋର୍ଡ (ଇସିବି) ଦୁର୍ନୀତି ନିବାରଣ ସଂହିତାର ସେ ୩ଟି ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା। ତାଙ୍କ ବିରୋଧରେ ଅଣାଯାଇଥିବା ସମସ୍ତ ଅଭିଯୋଗକୁ ସେ ସ୍ୱୀକାର କରିଛନ୍ତି। ଆଚରଣ ସଂହିତାର ଧାରା ୨.୩.୪ ଅନୁସାରେ ତାଙ୍କ ବିରୋଧରେ ଅଣାଯାଇଥିବା ପ୍ରଥମ ଅଭିଯୋଗ ହେଲା ସେ ୭୫୦ ଆମେରିକୀୟ ଡଲାରରୁ ଊର୍ଦ୍ଧ୍ୱ ମୂଲ୍ୟର ଏକ ଆଇ-ଫୋନ୍‌ର ରସିଦ୍ ଉପହାର ଆକାରରେ ପାଇଥିଲେ। ଦୁର୍ନୀତି ନିବାରଣ ଅଫିସିଆଲକୁ ଏନେଇ ଆବଶ୍ୟକ ତଥ୍ୟ ପ୍ରଦାନରେ ସେ ଅଯଥା ବିଳମ୍ବ ଘଟାଇଥିଲେ। ଦ୍ୱିତୀୟତଃ ତାଙ୍କୁ କାହିଁକି ଏହି ଅଫର ଦିଆଯାଇଥିଲା ସେ ସମ୍ପର୍କିତ ପୂର୍ଣ୍ଣାଙ୍ଗ ବିବରଣୀ ସେ ଦେଇ ନ ଥିଲେ। ତୃତୀୟତଃ ତାଙ୍କୁ ମିଳିଥିବା ଉପହାର ସମ୍ପର୍କରେ ସେ ସମ୍ପୃକ୍ତ ଦୁର୍ନୀତି ନିବାରଣ ଅଧିକାରୀଙ୍କୁ ଅବଗତ କରି ନ ଥିଲେ। ୩୨ ବର୍ଷୀୟ ଏହି କ୍ରିକେଟର ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗଗୁଡ଼ିକୁ ସ୍ୱୀକାର କରିବା ସହ ଦଣ୍ଡକୁ ମାନି ନେଇଥିଲେ।

# ୩୫ ବର୍ଷ ପରେ ଇତିହାସ ରଚିଲେ ନାଗାଲ

ମେଲବର୍ନ, ୧୬।୧ (ପି.ଟି.)




**ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ**

ଟେନିସ୍ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନରେ ଇତିହାସ ରଚିଛନ୍ତି ଭାରତୀୟ ଟେନିସ୍ ତାରକା ସୁମିତ୍ ନାଗାଲ୍। କ୍ୱାଲିଫାଇଂ ରାଉଣ୍ଡରୁ ମୁଖ୍ୟ ଡ୍ରରେ ସାମିଲ ହୋଇଥିବା ନାଗାଲ ପ୍ରଥମ ରାଉଣ୍ଡରେ ଏକ ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି। ବିଶ୍ୱ ମାନ୍ୟତାର ୨୭ ନମ୍ବର ସ୍ଥାନରେ ଥିବା କାଜାଖସ୍ତାନର ଆଲେକ୍‌ଜାଣ୍ଡର ବବ୍‌ଲିକ୍‌ଙ୍କୁ ପରାସ୍ତ କରିବା ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ନାଗାଲ ୬-୪, ୬-୨ ଓ ୭-୬(୫) ସେଟ୍‌ରେ ଏହି ମ୍ୟାଚ୍‌କୁ ଜିତି ନେଇଛନ୍ତି। ଏହି ମ୍ୟାଚ୍‌ଟି ୨ ଘଣ୍ଟା ୩୮ ମିନିଟ ଧରି ଚାଲିଥିଲା। ୨୦୨୧ ପରେ ନାଗାଲ ପ୍ରଥମ ଥର ପାଇଁ ଏକ ଗ୍ରାଣ୍ଡସ୍ଲାମ ଖେଳୁଥିବା ବେଳେ ବିଜୟୀ ହୋଇଛନ୍ତି। ଏହା ସହ ଦୀର୍ଘ ୩୫ ବର୍ଷର ବ୍ୟବଧାନରେ ଏକ ଗ୍ରାଣ୍ଡସ୍ଲାମରେ ସିଡେଡ ଖେଳାଳିଙ୍କ ବିପକ୍ଷରେ ଜଣେ ଭାରତୀୟ ଭାବରେ ବିଜୟୀ ହୋଇଛନ୍ତି ନାଗାଲ। ପୂର୍ବରୁ ୧୯୮୯ରେ ତତ୍କାଳୀନ ୧ ନମ୍ବର ଖେଳାଳି ତଥା ଅଷ୍ଟ୍ରେଲିଆନ୍ ଓପନର ଡିଫେଣ୍ଡିଂ ଚାମ୍ପିୟନ ସ୍ୱିଡ୍ ମାଟ୍ସ ୱିଲାଣ୍ଡରଙ୍କୁ ପରାସ୍ତ କରିଥିଲେ ରମେଶ କ୍ରିଷ୍ଣନ। ଡେଭିସ୍ ଖେଳିବା ପାଇଁ ରାଜି ନ ହେବା କାରଣରୁ ଏଆଇଟିଏ ପକ୍ଷରୁ ନାଗାଲଙ୍କୁ ୱାଇଲ୍ଡ କାର୍ଡ ମିଳି ନ ଥିଲା। ଫଳରେ ସେ କ୍ୱାଲିଫାଇଂ ରାଉଣ୍ଡ ଖେଳି ମୁଖ୍ୟ ଡ୍ର'ରେ ସାମିଲ ହୋଇଥିଲେ। ମଙ୍ଗଳବାର ପ୍ରଥମ ୨ ରାଉଣ୍ଡ ମୁକାବିଲାରେ ବବ୍‌ଲିକଙ୍କୁ ହରାଇବା ପରେ ତୃତୀୟ ସେଟ୍‌ଟି ଟାଇବ୍ରେକ୍‌ରେ ଫଇସଲା ହୋଇଥିଲା। ପ୍ରଥମ ସେଟ୍ ୪୨ ଓ ଦ୍ୱିତୀୟ ସେଟ୍‌କୁ ୪୩ ମିନିଟରେ ଜିତିଥିଲେ ନାଗାଲ। ତୃତୀୟ ସେଟ୍ ଟାଇବ୍ରେକରକୁ ଯାଇଥିବା ବେଳେ ଏହା ୧ ଘଣ୍ଟା ୧୮ ମିନିଟ୍ ଧରି ଚାଲିଥିଲା। ୨୬ ବର୍ଷୀୟ ନାଗାଲ ପରବର୍ତ୍ତୀ ରାଉଣ୍ଡରେ ବିଶ୍ୱ ମାନ୍ୟତାର ୧୪୦ ନମ୍ବର ସ୍ଥାନରେ ଥିବା ଜୁନଚେଙ୍ଗ ସାଙ୍ଗଙ୍କୁ ଭେଟିବେ। ଏହି ମ୍ୟାଚ୍ ଜିତିଲେ ସେ ପରବର୍ତ୍ତୀ ରାଉଣ୍ଡରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା କାର୍ଲୋସ୍ ଅଲକାରାଜଙ୍କୁ ଭେଟିବାର ସମ୍ଭାବନା ରହିଛି। ପ୍ରଥମ ରାଉଣ୍ଡ ବିଜୟ ପାଇଁ ନାଗାଲଙ୍କୁ ୧ ଲକ୍ଷ ୨୦ ହଜାର ଅଷ୍ଟ୍ରେଲୀୟ ଡଲାର ଓ କ୍ୱାଲିଫାଇଂ ରାଉଣ୍ଡ ବିଜୟ ପାଇଁ ୬୫ ହଜାର ଡଲାର ପୁରସ୍କାର ମିଳିବ।

# ବିଜୟରୁ ସ୍ୱିଟେକ୍, ଅଲ୍‌କାରାଜଙ୍କ ଅଭିଯାନ

ମେଲବର୍ନ, ୧୬।୧ (ପି.ଟି.)

ଅଷ୍ଟ୍ରେଲିଆନ୍ ଓପନ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ଇଗା ସ୍ୱିଟେକ୍ ଓ କାର୍ଲୋସ୍ ଅଲ୍‌କାରାଜ ଗାର୍ଫିଆ। ପୁରୁଷ ସିଙ୍ଗଲ୍ସ ବର୍ଗରେ ଗାର୍ଫିଆ ୭-୬(୭), ୬-୧ ଓ ୬-୨ ରିଚାର୍ଡ ଗାସ୍କେଟ୍‌ଙ୍କୁ ପରାସ୍ତ କରି ନିଜର ଅଭିଯାନ ଆରମ୍ଭ କରିଛନ୍ତି। ଅନ୍ୟ ସିଡେଡ୍ ଖେଳାଳିଙ୍କ ମଧ୍ୟରେ ଆଲେକ୍‌ଜାଣ୍ଡାର ଜେଭରେଭ ୪-୬, ୬-୩, ୭-୬(୭) ଓ ୬-୩ରେ ଡୋମିନିକ୍ କୋପଫରଙ୍କୁ, ଟମି ପଲ୍ ୬-୨, ୬-୩ ଓ ୬-୩ରେ ଗ୍ରେଗୋରୀ ବାରେରେଙ୍କୁ, ହୋଲଗର ରୁନ୍ ୬-୨, ୪-୬, ୭-୬(୭) ଓ ୬-୪ରେ ୟୋଶିହିତା ନିଶିକୋଇଙ୍କୁ, କାସ୍ପର ରୁଡ୍ ୬-୧, ୬-୩ ଓ ୬-୧ ସେଟ୍‌ରେ ଆଲବର୍ଟ ରାମୋସ୍ ଭିନୋଲାସଙ୍କୁ ଏବଂ ଗ୍ରୀଗୋର ଦିମିତ୍ରୋଭ ୪-୬, ୬-୩, ୭-୬(୭) ଓ ୬-୨ ରେ ମାର୍ଟନ ଫୁକସୋଭିସଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।

ମହିଳା ଖେଳାଳିଙ୍କ ମଧ୍ୟରେ ଟପ୍‌ସିଡ୍ ଇଗା ସ୍ୱିଟେକ୍ ୭-୬(୭-୨) ଓ ୬-୨ ସେଟ୍‌ରେ ସୋଫିଆ କେନିନଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପ୍ରଥମ ରାଉଣ୍ଡଟି ଟାଇବ୍ରେକରରେ ଫଇସଲା ହୋଇଥିବା ବେଳେ ଦ୍ୱିତୀୟ ରାଉଣ୍ଡକୁ ସହଜରେ ଜିତି ନେଇଥିଲେ ସ୍ୱିଟେକ୍। ଅନ୍ୟ ସିଡେଡ ଖେଳାଳିଙ୍କ ମଧ୍ୟରେ ଏଲିନା ରିବାକିନା ୭-୬(୮), ୬-୪ରେ କାରୋଲିନା ପ୍ଲିସକୋଭାଙ୍କୁ, ଜେସିକା ପେଗୁଲା ୬-୨, ୬-୪ରେ ରେବେକା ମାରିନୋଙ୍କୁ, ଏମା ରାଡୁକାନୁ ୬-୩, ୬-୨ରେ ସେଲ୍‌ବି ରୋଜର୍ସଙ୍କୁ ଏବଂ ଜେଲେନା ଓଷ୍ଟାପେଙ୍କୋ ୭-୬(୭) ଓ ୬-୧ରେ କିମ୍ବରଲି ବିରେଲଙ୍କୁ ପରାସ୍ତ କରିଛନ୍ତି।




# ଗୋକୁଲମ୍‌କୁ ହରାଇଲା ଚେନ୍ନାଇନ୍

**କଳିଙ୍ଗ ସୁପର କପ୍**

ଭୁବନେଶ୍ୱର, ୧୬।୧
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ବିଜୟ ହାସଲ କରିଛି ଚେନ୍ନାଇନ୍ ଏଫ୍‌ସି। ପିଚ୍-୧ରେ ଆୟୋଜିତ ଗ୍ରୁପ୍ 'ସି' ମୁକାବିଲାରେ ଚେନ୍ନାଇନ୍ ୨-୦ ଗୋଲରେ ଗୋକୁଲମ୍ କେରଳକୁ ପରାସ୍ତ କରିଛି। ମ୍ୟାଚ୍ ଆରମ୍ଭରୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା ଗୋକୁଲମ୍। ୨୫ତମ ମିନିଟରେ କୋନୋର ଜନ୍ ଶିଲ୍ଡସ ଗୋଲ ଦେଇ ଚେନ୍ନାଇନ୍‌କୁ ଅଗ୍ରଣୀ କରିଥିଲେ। ଗୋଲ ପରିଶୋଧ ପାଇଁ ବିପକ୍ଷ ଦଳ ଜୋରଦାର ଉଦ୍ୟମ କରିଥିଲେ ମଧ୍ୟ ପ୍ରଥମାର୍ଦ୍ଧ ସୁଦ୍ଧା ଚେନ୍ନାଇନ୍ ୧-୦ରେ ଆଗୁଆ ରହିଥିଲା। ୬୪ତମ ମିନିଟରେ ଇରଫାନ ୟାଦୱାଦ ଆଉ ଏକ ଗୋଲ ଦେଇ ଦଳର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ବିପଜ୍ଜନକ ଖେଳ ପାଇଁ ରଶିଦ ୬୯ତମ ମିନିଟରେ ରେଡ୍ କାର୍ଡ ପାଇବାରୁ ଗୋକୁଲମ୍ ୧୦ ଜଣିଆରେ ପରିଣତ ହୋଇଥିଲା। ତେବେ ଏହି ଦଳ ଶେଷ ପର୍ଯ୍ୟନ୍ତ ଲଢ଼େଇ ଜାରିରଖି ଚେନ୍ନାଇନ୍‌କୁ ଅଧିକ ଗୋଲ ଦେବାରୁ ଦୂରେଇ ରଖିଥିଲା। ଚେନ୍ନାଇନ୍‌ର ଜଣେ ଓ ଗୋକୁଲମ୍‌ର ୩ ଖେଳାଳି ଏହି ମ୍ୟାଚରେ ୟେଲୋ କାର୍ଡ ପାଇଥିଲେ। ଉତ୍ତମ ଖେଳ ପ୍ରଦର୍ଶନ ପାଇଁ କୋନୋର ଜନ୍ ଶିଲ୍ଡସ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଚେନ୍ନାଇନ୍ ୨ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ଡ୍ର ସହ ୪ ପଏଣ୍ଟରେ ପହଞ୍ଚିଛି। ଅନ୍ୟପକ୍ଷରେ ଗୋକୁଲମ୍ ୨ ମ୍ୟାଚରୁ ଡବଲ ପରାଜୟ ବରଣ କରିଛି।



କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଚେନ୍ନାଇନ୍ ଏଫ୍‌ସି ଓ ଗୋକୁଲମ୍ କେରଳ ମଧ୍ୟରେ ଅନୁଷ୍ଠିତ ସୁପର କପ୍ ଫୁଟ୍‌ବଲ ମ୍ୟାଚ।

## ମୁମ୍ବାଇ ସିଟିର ରୋମାଞ୍ଚକ ବିଜୟ

ଭୁବନେଶ୍ୱର, ୧୬।୧
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ମୁମ୍ବାଇ ସିଟି ଏଫ୍‌ସି ୩-୨ ଗୋଲରେ ପଞ୍ଜାବ ଏଫ୍‌ସିକୁ ପରାସ୍ତ କରିଛି। ୨ ମ୍ୟାଚରୁ କ୍ରମାଗତ ଦ୍ୱିତୀୟ ବିଜୟ ସହ ୬ ପଏଣ୍ଟ ପାଇ ମୁମ୍ବାଇ ଦଳ ଟେବୁଲର ଶୀର୍ଷସ୍ଥାନ ଦଖଲ କରିଛି। ଆରମ୍ଭରୁ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା ପଞ୍ଜାବ ଏଫ୍‌ସି। ୨୮ତମ ମିନିଟରେ ଲୁକା ମାଜସେନଙ୍କ ଗୋଲ ବଳରେ ଏହିଦଳ ଅଗ୍ରଣୀ ହାସଲ କରିଥିଲା। ଗୋଲ ପରିଶୋଧ ପାଇଁ ମୁମ୍ବାଇ ଦଳ ଆକ୍ରମଣକୁ ଜୋରଦାର କରିଥିଲା। ୩୭ତମ ମିନିଟରେ ଆୟୁଷ ଚିକାରା ଗୋଲଟିକୁ ପରିଶୋଧ କରି ମ୍ୟାଚକୁ ସମାନ ସ୍ଥିତିକୁ ନେଇ ଆସିଥିଲେ। ପ୍ରଥମାର୍ଦ୍ଧ ୧-୧ ସ୍ଥିତିରେ ରହିବାପରେ ଦ୍ୱିତୀୟାର୍ଦ୍ଧ ପ୍ରାରମ୍ଭରେ ଅର୍ଥାତ୍ ୫୬ତମ ମିନିଟରେ ବ୍ୟକ୍ତିଗତ ଏବଂ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ଦେଇ ମୁମ୍ବାଇକୁ ଅଗ୍ରଣୀ ଦେଇଥିଲେ ଚିକାରା। ୮୭ତମ ମିନିଟରେ ମାଜସେନ ଗୋଲଟିକୁ ପରିଶୋଧ କରିଦେବାରୁ ମ୍ୟାଚ ପୁଣି ୨-୨ ହୋଇ ଯାଇଥିଲା। ନିର୍ଦ୍ଧାରିତ ୯୦ ମିନିଟରେ ଗୋଲ ହୋଇ ନ ଥିଲା। ତେବେ ଇଞ୍ଜୁରି ଟାଇମ୍ ୯୦+୩ ମିନିଟରେ ସିଲେନଥାଙ୍ଗ ଲୋଟଜେମ ଏକ ଗୋଲ ଦେଇ ମୁମ୍ବାଇକୁ ରୋମାଞ୍ଚକ ବିଜୟ ଦେଇଥିଲେ। ଆୟୁଷ ଚିକାରା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ